# ନିତିଦିନ NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

TUESDAY
17 JUNE 2025
ମଙ୍ଗଳବାର
୧୭ ଜୁନ୍ ୨୦୨୫

NEW AGE MEDIA & PUBLICATIONS PVT. LTD. | PRINTED AT BHUBANESWAR | VOLUME 11 • ISSUE 33 | BHUBANESWAR I BERHAMPUR I SAMBALPUR I BALASORE I JAJPUR | ବର୍ଷ ୧୧ • ସଂଖ୍ୟା ୩୩ | ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର



DSPL-125

ଓଡ଼ିଶା ଶାସନ

# କୃଷକ ଶକ୍ତି ସମାବେଶ



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

## ବର୍ଷ ଏକ ଉପଲବ୍ଧି ଅନେକ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପଥରଚେପା ପଡ଼ିଆ, ବଲାଙ୍ଗିର | ୧୭ ଜୁନ୍ ୨୦୨୫

### ମୁଖ୍ୟ ଅତିଥି

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

### ଗରିମାମୟ ଉପସ୍ଥିତି

**ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ**
ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି

**ଶ୍ରୀ ମୁକେଶ ମହାଲିଙ୍ଗ**
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

**ଶ୍ରୀ ରବି ନାରାୟଣ ନାଏକ**
ମନ୍ତ୍ରୀ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ

**ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ**
ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣିସଂପଦ ବିକାଶ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ

**ସାଂସଦ ଏବଂ ବିଧାୟକଗଣ, ବଲାଙ୍ଗିର ଜିଲ୍ଲା**

**ଓଡ଼ିଶା ସରକାର**

OIPR-01510/13/0054/2526

# ସିପିଏଡ୍ ପରୀକ୍ଷା ଫଳ ପ୍ରକାଶିତ

**କଟକ,୧୬|୬/ଏନ୍ଏନ୍ଏସ୍:** ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ଼) ଦ୍ୱାରା ପରିଚାଳିତ ସିପିଏଡ଼ ପରୀକ୍ଷା-୨୦୨୫ ର ଫଳ ଆଜି ପ୍ରକାଶ ପାଇଛି । ଚଳିତ ବର୍ଷ ପାସ ହାର ୧୦୦ପ୍ରତିଶତ ରହିଛି ବୋଲି ବୋର୍ଡ଼ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ, ସିପିଏଡ଼ ପରୀକ୍ଷା-୨୦୨୫ ଗତ ୫ ମେ ରୁ ୯ ମେ ଯାଏ ଅନୁଷ୍ଠିତ ହୋଇଥିଲା । ରାଜ୍ୟର ୨ଟି ପରୀକ୍ଷା କେନ୍ଦ୍ରରେ ମୋଟ ୧୧୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ପରୀକ୍ଷା ଦେଇଥିବା ସମସ୍ତ ୧୧୪ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ପାସ କରିଛନ୍ତି ବୋଲି ବୋର୍ଡ଼ ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି ।

# ୧୮ରେ କଟକ ମହାନଗର ଶାନ୍ତି କମିଟିର ବୈଠକ

**କଟକ,୧୬|୬/ଏନ୍ଏନ୍ଏସ୍:** ଆସନ୍ତା୧୮ ତାରିଖ ବୁଧବାର ଅପରାହ୍ନ ୫ଟାରେ ସ୍ଥାନୀୟ ବାରବାଟୀ ଷ୍ଟାଡିୟମସ୍ଥିତ ଓ.ସି.ଏ. ସମ୍ମିଳନୀ କକ୍ଷଠାରେ କଟକ ମହାନଗର ଶାନ୍ତି କମିଟିର ପୂର୍ଣ୍ଣାଙ୍ଗ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ । ଏଥିରେ ମୁଖ୍ୟତଃ ଚଳିତ ବର୍ଷ ଦୁର୍ଗାପୂଜା ସମୟରେ ଅସୁବିଧା ସୃଷ୍ଟି କରିବାକୁ ଯାଉଥିବା ରାସ୍ତାଘାଟର ଆବଶ୍ୟକସ୍ଥଳେ ମରାମତି କିମ୍ବା ପୁନଃନିର୍ମାଣ କରିବା, ମେଢ଼ ଶୋଭାଯାତ୍ରାରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ବିଦ୍ୟୁତ, ଟେଲିଫୋନ ଓ କେବୁଲ ତାରର ଅପସାରଣ କରିବା ସହ ଗଛ-ଡାଳଗୁଡିକ କାଟିବା ଏବଂ ରାସ୍ତାର ଡେକୋରେସନ ଓ ତୋରଣଗୁଡିକର ବାଉଁଶ ଫିଟେଇବା ସମ୍ପର୍କରେ ଆଲୋଚନା କରାଯିବ । ଏଥି ସହିତ ଏନେଇ ବିହିତ ପଦକ୍ଷେପ ଗ୍ରହଣ କରାଯିବା ସଙ୍ଗେ ସଙ୍ଗେ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ମଧ୍ୟ ଆଲୋଚନା କରାଯିବ । ଏହି ବୈଠକରେ କମିଟିର ସଭାପତି ଦେବେନ୍ଦ୍ରନାଥ ସାହୁ ଅଧ୍ୟକ୍ଷତା କରିବେ । ଏହାର ଗୁରୁତ୍ୱ ଉପଲବ୍ଧି କରି ଉପଦେଷ୍ଟା ମଣ୍ଡଳୀ, କର୍ମକର୍ତ୍ତା ଓ କାର୍ଯ୍ୟକାରୀ କମିଟି ସଦସ୍ୟମାନେ ନିଶ୍ଚିତ ଭାବରେ ଉପସ୍ଥିତ ରହିବାକୁ କମିଟିର ସାଧାରଣ ସମ୍ପାଦକ ଭିକାରୀ ଦାସ ଅନୁରୋଧ କରିଛନ୍ତି ।

## ଏସ୍‌ସିବି ଡାଇରିଆ ୱାର୍ଡ ପରିଦର୍ଶନ କଲେ କେନ୍ଦ୍ରୀୟ ପ୍ରତିନିଧି ଦଳ

# ୧୪୬ ରୋଗୀଙ୍କ ମଧ୍ୟରୁ ଆରୋଗ୍ୟ ହେଲେଣି ୧୧୫

**କଟକ,୧୬|୬/ଏନ୍ଏନ୍ଏସ୍:** କେନ୍ଦ୍ରୀୟ ଟିମର ତିନିଜଣିଆ ପ୍ରତିନିଧିଦଳ ଆଜି ଏସସିବି ମେଡିକାଲ କଲେଜ ହସ୍ପିଟାଲର ଡ଼ାଇରିଆ ୱାର୍ଡ ପରିଦର୍ଶନ କରି ରୋଗୀମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି । ଗତ ୧୦ ତାରିଖଠାରୁ ଆଜି ପର୍ଯ୍ୟନ୍ତ ଡ଼ାଇରିଆ ୱାର୍ଡରେ ୧୪୬ ଜଣ ରୋଗୀ ଚିକିତ୍ସିତ ହୋଇ ୧୧୫ ଜଣ ଆରୋଗ୍ୟ ଲାଭ କରିଛନ୍ତି । ଏହି ସମୟରେ ମଧ୍ୟରେ ୪ ଜଣଙ୍କ ମୃତ୍ୟୁ ଘଟିଛି । ବର୍ତ୍ତମାନ ୱାର୍ଡରେ ୨୭ ଜଣ ଡ଼ାଇରିଆ ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଛି । ପ୍ରତିନିଧି ଦଳ ରୋଗୀମାନଙ୍କ ନିକଟକୁ ଯାଇ ସବିଶେଷ ତଥ୍ୟ ନେବା ସହ ଚିକିତ୍ସା କରୁଥିବା ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ । ଡ଼ାଇରିଆ ଆକ୍ରାନ୍ତ ରୋଗୀମାନେ ଧୀରେଧୀରେ



ସୁସ୍ଥ ହୋଇ ଘରକୁ ଫେରୁଛନ୍ତି ଓ ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇ ଦିଆଯାଉଥିବା ଉପରେ କେନ୍ଦ୍ରୀୟ ଦଳ ସନ୍ତୋଷ ବ୍ୟକ୍ତ କରିଛନ୍ତି । ପ୍ରତିନିଧି ଦଳରେ ଡାକ୍ତର ନିଲମ ସୋମଲକର, ଡାକ୍ତର ପ୍ରମିତ ଘୋଷ,ମାଇକ୍ରୋଲୋଜିଷ୍ଟ ଡାକ୍ତର ସୃଜନା ମହାନ୍ତି ଏବଂ ଖାଦ୍ୟ ନିରାପତ୍ତା ଅଧିକାରୀ ଶଶିକାନ୍ତ ଭୂୟାଁ ପ୍ରମୁଖ ସାମିଲ ଥିବାବେଳେ ଏସସିବି ମେଡିକାଲ ଅଧ୍ୟକ୍ଷ ଡା.ଗୌତମ କୁମାର ଶତପଥି ସବିଶେଷ ବିବରଣୀ ପ୍ରଦାନ କରିଥିଲେ ।

# ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନଅଭିଯୋଗ ଶୁଣାଣି



**କଟକ,୧୬|୬/ଏନ୍ଏନ୍ଏସ୍:** କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ କଟକ ଡିସିପି ଖୀଲାରି ଋଷିକେଶ ଦ୍ୟାନଦେଓ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଆଜିର ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୫୪ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୫୧ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୦୩ ଗୋଟି ସାମୁହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୫ ଗୋଟି ଅଭିଯୋଗର ଦ୍ରୁତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ପ୍ରାଣୀସମ୍ପଦ ଅଧିକାରୀ, ଅବକାରୀ ସୁପରିଟେଣ୍ଡେଣ୍ଟ, ଜିଲ୍ଲା ନିଯୋଜନ ଅଧିକାରୀ, ଜିଲ୍ଲା ଜନମଙ୍ଗଳ ଅଧିକାରୀ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରମୁଖ ଅଭିଯୋଗ ଶୁଣାଣି ଶିବିରରେ ଯୋଗ ଦେଇଥିଲେ ।

# ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାରରୁ ଶିଶୁ ମୃତ୍ୟୁ ଅଭିଯୋଗ

**କଟକ,୧୬|୬/ଏନ୍ଏନ୍ଏସ୍:** ଏକ ଘରୋଇ ହସପିଟାଲରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାରର କିଛି ସମୟପରେ ଜଣେ ଶିଶୁ ରୋଗୀଙ୍କ ମୃତ୍ୟୁ ଘଟିଥିବା ନେଇ ଲାଲବାଗ ଥାନାରେ ଅଭିଯୋଗ ହୋଇଛି । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ଢ଼େଙ୍କାନାଳ ଜିଲ୍ଲା ରାସୋଲଥାନା ଫାଶୀ ଗ୍ରାମର ସୁଜାତା ନାୟକଙ୍କ ସାନ ପୁଅ ଉମେଶର ହାରନିଆ ଥିବାରୁ ଗତ ମାସ ୨୮ ତାରିଖରେ ତାକୁ ଆଣି ଶିଶୁ ଭବନରେ ଭର୍ତ୍ତି କରିଥିଲେ । କୌଣସି କାରଣରୁ ଗତ ୯ ତାରିଖରେ ସୁଜାତା ଶିଶୁକୁ ଆଣି ଚାନ୍ଦିନୀଚୌକରେ ଥିବା ଏକ ଘରୋଇ ହସପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ଅସ୍ତ୍ରୋପଚାର କରାଯାଇଥିଲା । ଏହାପରେ ତାକୁ ଆଇସିୟୁରେ ରଖାଯାଇଥିଲା । ସ୍ୱାସ୍ଥ୍ୟ ଅଧିକ ଖରାପ ହୋଇଥିବା ଦର୍ଶାଇ ମଙ୍ଗଳାବାଗ ଅଞ୍ଚଳରେ ଥିବା ଆଉ ଏକ ଘରୋଇ ହସପିଟାଲକୁ ତାଙ୍କୁ ସ୍ଥାନାନ୍ତର କରାଯାଇଥିଲା । ତେବେ ରବିବାର ସକାଳ ସାଢ଼େ ୧୦ଟାରେ ଉମେଶର ମୃତ୍ୟୁ ଘଟିଥିବା ଡାକ୍ତର କହିଥିଲେ । ମଙ୍ଗଳବାର ଠାରୁ ରବିବାର ପର୍ଯ୍ୟନ୍ତ ପରିବାର ଲୋକଙ୍କୁ ରୋଗୀକୁ ଦେଖାଇ ଦିଆଯାଇନଥିଲା । ସୁଜାତାଙ୍କ ଅଭିଯୋଗ ଅନୁଯାୟୀ ପୁଅର ତ୍ରୁଟପୂର୍ଣ୍ଣ ଅସ୍ତ୍ରପଚାର ସହିତ ସ୍ୱାସ୍ଥ୍ୟବୀମା କାର୍ଡ଼ରୁ ସମସ୍ତ ଟଙ୍କା ନେଇଯିବା ପରେ ତାର ମୃତ୍ୟୁ ଘଟିଥିବା ନେଇ ଡାକ୍ତର ଜଣାଇଥିଲେ। ଏନେଇ ସୁଜାତା ସଂପୃକ୍ତ ଡାକ୍ତରଙ୍କ ବିରୁଦ୍ଧରେ ଥାନାରେ ଏତଲା ଦେଇଛନ୍ତି । ପୁଲିସ ଉକ୍ତ ଘରୋଇ ହସପିଟାଲର ଯାଞ୍ଚ କରିଛି । ପୀଡ଼ିତାଙ୍କ ସ୍ୱାସ୍ଥ୍ୟବୀମା କାର୍ଡ଼ରୁ ବିଭିନ୍ନ ମିଥ୍ୟା ବିଲ କରି ଟଙ୍କା ଆତ୍ମସାତ ହୋଇଥିବା ନେଇ ସୁଜାତା ଅଭିଯୋଗ କରିଛନ୍ତି । ସିଡ଼ିଏମଓଙ୍କୁ ମଗା ଯାଇଥିବା ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି ।

# 'ସୁନାଦୂବ'ର ରଜ ଉତ୍ସବ ଉଦ୍‌ଯାପିତ



**କଟକ,୧୬|୬/ଏନ୍ଏନ୍ଏସ୍:** ଭଗତପୁର,ବଗଲା ଲେନ୍‌ସ୍ଥିତ ଶାରଦା ଶିକ୍ଷା ନିକେତନ ଠାରେ ସାମାଜିକ ଅନୁଷ୍ଠାନ 'ସୁନାଦୂବ' ପକ୍ଷରୁ ୩ ଦିନ ଧରି ଚାଲିଥିବା ରଜ ଉତ୍ସବ ଉଦ୍‌ଯାପିତ ହୋଇଯାଇଅଛି । ସହରର ଝିଅ ଓ ବୋହୂମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କାରାଯାଇଥିବା ବେଳେ ଆଜି ଶେଷ ଦିନରେ ଅନୁଷ୍ଠାନ ତରଫରୁ ପାରମ୍ପରିକ ପୋଷାକ, ମ୍ୟୁଜିକ୍ ଚେୟାର୍ ଓ ରଜ କୁଇନ୍-୨୦୨୫ ପ୍ରଭୃତି ପ୍ରତିଯୋଗିତା କରାଯାଇଥିଲା । ପ୍ରତିଯୋଗିତାଗୁଡିକୁ ଶୁଭ୍ରାଂଶୁ ମିଶ୍ର ପରିଚାଳନା କରିଥିଲେ । ଅପରାହ୍ନରେ ସଭାପତି ସନ୍ୟାସିନୀ ବିଦ୍ୟୁତ୍ କୁମାରୀ ଲାଲାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଡାକ୍ତର ରବି ରଂଜନ ସାହୁ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବଲା ବେଳେ ମଧୁସ୍ମୃତି ସଂସ୍ଥାନର ଚେୟାରମ୍ୟାନ୍ ବିଶ୍ୱଜିତ୍ ସୂର୍ଯ୍ୟବଂଶୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ପ୍ରଚେଷ୍ଟାକୁ ଅତିଥିମାନେ ପ୍ରଶଂସା କରିଥିଲେ । ବବିତା ଦାସମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମଞ୍ଜୁଲତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ରଜ କୁଇନ୍-୨୦୨୫ର ରୋମାଲିନ୍ ମହାନ୍ତି ବିଜେତା ହୋଇଥିଲା ବେଳେ କୁମାରୀ ପାୟଲ୍ ଅଗ୍ରୱାଲ୍ ୨ୟ ଓ ରନର୍ସ ଅପ୍ କୁମାରୀ ସାକ୍ଷୀ ଶତାବ୍ଦୀ ଦାସ ୩ୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଛନ୍ତି ।

# କଲ୍ୟାଣୀନଗର ରଜମହୋତ୍ସବ ଉଦ୍‌ଯାପିତ

**କଟକ,୧୬|୬/ଏନ୍ଏନ୍ଏସ୍:** ମୁଣ୍ଡଳୀ ଅନ୍ତର୍ଗତ କଲ୍ୟାଣୀନଗର ବେଣ୍ଟୁଆ ଗ୍ରାମ ରେ ଓଁ ମା'ଆଦିଦେବୀ ଆଦିବାସୀ କ୍ଲବ ଦ୍ୱାରା ସପ୍ତମ ବାର୍ଷିକ ରଜ ମହୋତ୍ସବ ଉଦଯାପିତ ହୋଇଯାଇଛି । ଏଥିରେ ଉଦଘାଟକ ଓ ମୁଖ୍ୟଅତିଥି ରୁପେ ବରିଷ୍ଠ ରେଳ ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ ଯୋଗ ଦେଇଥିଲେ । କଲ୍ୟାଣୀନଗର ସମାଜସେବୀ ସୁନୀଲ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କଟକ ଜିଲ୍ଲା ବିଜେପି ଯୁବ-ମୋର୍ଚ୍ଚାର ସଭାପତି ନଳିନୀ କୁମାର ରାୟ, ଉପସଭାପତି ବିଭୁତି ଭୂଷଣ ବେହେରା,ଚିତ୍ର ଶିଳ୍ପୀ ନକୁଳ ଚନ୍ଦ୍ର ମହାରଣା, ମୁଣ୍ଡଳୀ ଗ୍ରାମ ସଭାପତି ପ୍ରଶାନ୍ତ ଜେନା, ବେଣ୍ଟୁଆ ଗ୍ରାମ ମୁରବୀ ରାମ ସିଙ୍କୁ,ସାଗର ମୁଣ୍ଡା, ୱାର୍ଡ ସଭ୍ୟ ଶ୍ରୀନାଥ ଗେଇଗୋଇ ପ୍ରମୁଖ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ । ଯୁବ ସମାଜସେବୀ ଇଂ.ଅଶ୍ୱିନୀ ସାହୁ ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ ।

# ମହେନ୍ଦ୍ରପ୍ରସାଦ ମହାପାତ୍ର ପାଇବେ ଗଙ୍ଗାଧର ସ୍ମୃତି ସମ୍ମାନ

**କଟକ,୧୬|୬/ଏନ୍ଏନ୍ଏସ୍:** ଚିତ୍ରଶିଳ୍ପୀ ମହେନ୍ଦ୍ରପ୍ରସାଦ ମହାପାତ୍ରଙ୍କୁ ଜୀବନବ୍ୟାପୀ ସାଧନାକୁ ସ୍ୱୀକୃତି ଜଣାଇ ଚଳିତବର୍ଷର ସମ୍ମାନଜନକ 'ସଂଗ୍ରାମୀ ଗଙ୍ଗାଧର ସ୍ମୃତି ସମ୍ମାନ-୨୦୨୫ ପ୍ରଦାନ କରାଯିବ । ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଓଡ଼ିଆ ଭାଷା-ସାହିତ୍ୟ-ସଂସ୍କୃତି ସୁରକ୍ଷା ସଂସ୍ଥା ଉତ୍କଳସନ୍ତାନ ପକ୍ଷରୁ ମାଳିକାପୁରୁଷ ସଂଗ୍ରାମୀ ଗଙ୍ଗାଧର ଦାସଙ୍କ ୯୪ତମ ଜନ୍ମବାର୍ଷିକୀ ଉପଲକ୍ଷେ ଚଳିତବର୍ଷର ସମ୍ମାନଜନକ 'ସଂଗ୍ରାମୀ ଗଙ୍ଗାଧର ସ୍ମୃତି ସମ୍ମାନ-୨୦୨୫ ପ୍ରଦାନ କରାଯିବ । ଆସନ୍ତା ୧୯ ତାରିଖ ଅପରାହ୍ନ ୫ ଘଟିକା ସମୟରେ ପ୍ରସିଦ୍ଧ ଶୈବକ୍ଷେତ୍ର ଶ୍ରୀ ଗଡ଼ଗଡ଼େଶ୍ୱର ମନ୍ଦିର ପରିସରରେ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହେବ ବୋଲି ସଂଗଠନର ମହାସଚିବ ଡାକ୍ତର ଅନିନ୍ଦିତା ମହାପାତ୍ର ଓ ସଂଗଠନ ସଂପାଦକ ନିବାସଚନ୍ଦ୍ର ମିଶ୍ର ଜଣାଇଛନ୍ତି ।

# ବ୍ୟାସକବି ଫକୀରମୋହନ ସେନାପତିଙ୍କ ଶ୍ରାଦ୍ଧବାର୍ଷିକୀ

**କଟକ,୧୬|୬/ଏନ୍ଏନ୍ଏସ୍:** ଓଡ଼ିଆ ଭାଷାର ସାର୍ଥକ ସଂରକ୍ଷକ ଫକୀର ମୋହନ ସେନାପତିଙ୍କ ୧୦୭ତମ ଶ୍ରାଦ୍ଧ ବାର୍ଷିକୀ ଓ ରଜ ମହୋତ୍ସବ କଟକ ଲେଖକ ସହଯୋଗ ସମିତି ଆନୁକୂଲ୍ୟରେ ପାଳିତ ହୋଇଯାଇଅଛି । ଖାନନଗରସ୍ଥ ସମିତିର ସଭାଗୃହରେ ଅନୁଷ୍ଠାନର ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସଂପାଦକ ରଘୁନାଥ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଡ଼ଃ. ଗୋବିନ୍ଦ ଚାନ୍ଦ, ସମ୍ମାନୀତ ଅତିଥି ଭାବେ କବୟିତ୍ରୀ ସନ୍ଧ୍ୟା ମହାପାତ୍ର



ଯୋଗ ଦେଇଥିଲେ । ଏହି ଅବସରରେ ଫକୀର ମୋହନ ସେନାପତିଙ୍କ ରଚିତ ଶ୍ରୀମତୀ ସମାର୍ଜନା ନୃତ୍ୟନାଟିକା ପ୍ରଯୁକ୍ତା ପ୍ରିୟଦର୍ଶିନୀ ସାହୁ, ସାଇଶ୍ରୀ ଚନ୍ଦନ ଦଳାଇ, ଦୀପିକା ବେହେରା, ଅନନ୍ୟା ସନଭ୍ରରିକାଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା । ବିଦ୍ୟୁତ ଲାଲା, ଡ଼ଃ.ନିମାଇଁ ପରିଜା, ବିଶ୍ୱମିତ୍ରା ମିଶ୍ର, ଶ୍ୟାମସୁନ୍ଦର ସାହୁ, ତରୁଣ ସାହୁ, ପ୍ରଶାନ୍ତ ଦାସ, ମୈତ୍ରୀ ଖୁଣ୍ଟିଆ, ସମରେନ୍ଦ୍ର ଘୋଷ, ସୁଷମା ବାରିକ, ଅଶ୍ୱିନୀ ସେଠୀ, ସନ୍ଧ୍ୟା ଶତପଥୀ, ବିମଳ ଦାଶ, ଅକ୍ଷୟ ନାୟକ, ସଚ୍ଚିଦାନନ୍ଦ କର, ସୁନୀତା ଦାସ, ସୁରେନ୍ଦ୍ର ମହାପାତ୍ର, ରାଜକିଶୋର ସ୍ୱାଇଁ, ବିଜୟ ପାତ୍ର,ମାନସୀ ପାତ୍ର,ଅକ୍ଷୟ ସାହୁ, ନିବାସ ଚନ୍ଦ୍ର ମିଶ୍ର, ମୁକେଶ ସୋନୀ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ସଂଗଠନ ସଂପାଦକ ନରସିଂହ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଦ୍ୟାଧରପୁର ରଜମହୋତ୍ସବ

**କଟକ,୧୬|୬/ଏନ୍ଏନ୍ଏସ୍:** ବିଦ୍ୟାଧରପୁରସ୍ଥିତ ଗୋଲଡେନ ଛକ ଠାରେ କର୍ପୋରେଟର ବିଶ୍ୱବନ୍ଦିତା ପଣ୍ଡାଙ୍କ ନେତୃତ୍ୱରେ ତିନିଦିନ ବ୍ୟାପୀ ପଞ୍ଚମ ରଜମହୋତ୍ସବ ପାଳିତ ହୋଇଯାଇଛି । ଏହି ରଜ ମହୋତ୍ସବରେ ଶଙ୍ଖ, ହୁଳହୁଳୀ, ନୃତ୍ୟ, ମ୍ୟୁଜିକ ଚେୟାର ପ୍ରତିଯୋଗୀତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବରେ ଅତିଥି ଭାବେ ନଗର ବିଜେଡି କାର୍ଯ୍ୟକାରୀ ସଭାପତି ଇଂ.ସୁବ୍ରତ ଘଡାଇ, ସାଧାରଣ ସମ୍ପାଦକ ତାପସ ମହାନ୍ତି, ମହିଳା ସଭାନେତ୍ରୀ ସୌଭାଗିନୀ ଜେନା, ଏମଡିଏର ସଭାପତି ସଞ୍ଜୟ ଜେନା, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ୱାର୍ଡ ସଭାପତି ଅଭୟ ଲେଙ୍କା, ଦେବଦତ୍ତ ପଣ୍ଡା, ନିରାକାର୍ ନନ୍ଦ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମଟି ବିଦ୍ୟାଧରପୁର, କହ୍ନେଇପୁର, ଭଦିମୂଳର ସମସ୍ତ ମୁରବୀବୃନ୍ଦ, ୱାର୍ଡର ସମସ୍ତ ଏସଏଚଜି ଗ୍ରୁପ୍ ଏବଂ ଯୁବବର୍ଗଙ୍କ ମିଳିତ ସହଯୋଗରେ ଉତ୍ସବଟି ବେଶ ସଫଳ ହୋଇଛି ।

# ଅନ୍ନଦା ପ୍ରସାଦ ରାୟଙ୍କ ସ୍ମୃତିସଭା

**କଟକ,୧୬|୬/ଏନ୍ଏନ୍ଏସ୍:** ବିଶିଷ୍ଟ ସାରସ୍ୱତ ସାଧକ ଅନ୍ନଦା ପ୍ରସାଦ ରାୟଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସ୍ଥାନୀୟ ବଂଗାଳୀସାହି ସ୍ଥିତ ରାମକୃଷ୍ଣ କୁଟୀର ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରରେ ବରିଷ୍ଠ ରାଜନୀତିଜ୍ଞ ପଞ୍ଚାନନ କାନୁନଗୋ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ କେନ୍ଦ୍ର ପ୍ରଶାସନିକ ଟ୍ରିବୁନାଲର ଅବସରପ୍ରାପ୍ତ ଉପାଧ୍ୟକ୍ଷ ମନୋରଂଜନ ମହାନ୍ତି ଓ ବିଶିଷ୍ଟ ଚିକିତ୍ସକ ଡାକ୍ତର ନିରଞ୍ଜନ ତ୍ରିପାଠୀ ଯୋଗ ଦେଇ ସ୍ୱର୍ଗତ ରାୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସଂସଦର ସଭାପତି ଡ.ସତ୍ୟ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଦିଲ୍ଲୀପ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇଂ କେ.କେ ଦାସବର୍ମା, ଗୋକୁଳାନନ୍ଦ ପଟ୍ଟନାୟକ, ଉତ୍କଳ ଭୂଷଣ ରାଉତରାୟ, ପ୍ରିୟରଂଜନ ମହାପାତ୍ର, ସୁବାସ ଚନ୍ଦ୍ର ସାହୁ, ଡ.ଓମକାର ରାଉତ, କିଶୋର ଚନ୍ଦ୍ର ଦାସ,ବ୍ରହ୍ମାନନ୍ଦ ବିଶ୍ୱାଳ ,ରାଜୀବ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ । ଭୁବନାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ବିକାଶ ମେଳାରେ ଶିଳ୍ପଭିତ୍ତିକ ବିଭିନ୍ନ ଯୋଜନା ଉପରେ ସଚେତନତା କର୍ମଶାଳା

**କଟକ,୧୬|୬/ଏନ୍ଏନ୍ଏସ୍:** କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ଶିଳ୍ପଭିତ୍ତିକ ଯୋଜନା ଗୁଡିକ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ଆଜି ବାଲିଯାତ୍ରା ତଳ ପଡିଆରେ ଅନୁଷ୍ଠିତ ବିକାଶ ମେଳାରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପିଏମ



ବିଶ୍ୱକର୍ମା ଯୋଜନା, ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ ସୂକ୍ଷ୍ମ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍‌ଯୋଗ ଯୋଜନା, ଗୁରୁ ଶିଷ୍ୟ ପରମ୍ପରା ତାଲିମ, ନିପୁଣ ଶିଳ୍ପୀଙ୍କ ମାଧ୍ୟମରେ ତାଲିମ, ଶିଳ୍ପୀ ଗ୍ରାମ ଯୋଜନା, ହସ୍ତଶିଳ୍ପ କାରିଗରଙ୍କ କର୍ମଶାଳା ନିର୍ମାଣ ଯୋଜନା, ଶିଳ୍ପୀ ଉନ୍ନତି ଯୋଜନା, ନମୁନା ବିକାଶ କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିସହ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡିକୁ ପ୍ରୋତ୍ସାହନ ଦେବା ଦିଗରେ ବ୍ୟାଙ୍କଗୁଡିକର ଭୂମିକା ଉପରେ ମଧ୍ୟ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ତରୁଣକାନ୍ତ ମହାନ୍ତି, ଦୀପାର ଟିମ ଲିଡ ସୁସ୍ମିତା ମହାନ୍ତି, ଏଲଡିଏମ ୟୁକୋ ବ୍ୟାଙ୍କ ରମଣ ମଲିକ ପ୍ରମୁଖ ଉପସ୍ଥିତ ଥିଲେ । ସଫଳ ଉଦ୍ୟୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

TUESDAY
17 JUNE 2025
ମଙ୍ଗଳବାର
୧୭ ଜୁନ୍ ୨୦୨୫

NEW AGE MEDIA & PUBLICATIONS PVT. LTD. | PRINTED AT BHUBANESWAR | VOLUME 11 • ISSUE 33 | BHUBANESWAR I BERHAMPUR I SAMBALPUR I BALASORE I JAJPUR | ବର୍ଷ ୧୧ • ସଂଖ୍ୟା ୩୩ | ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର







## ମୋଦୀଙ୍କୁ ସାଇପ୍ରସ୍‌ର ସର୍ବୋଚ୍ଚ ନାଗରିକ ସମ୍ମାନ

**ନୂଆଦିଲ୍ଲୀ,୧୬।୬/ଏନ୍‌ଏନ୍‌ଏସ୍‌:**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାଇପ୍ରସ୍ ସରକାର ସର୍ବୋଚ୍ଚ ନାଗରିକ ସମ୍ମାନ ପ୍ରଦାନ କରିଛନ୍ତି। ସାଇପ୍ରସ୍‌ର ରାଷ୍ଟ୍ରପତି ନିକୋସ୍ ଫ୍ରିଷ୍ଟୋଡୌଲିଡେସ୍ ମୋଦୀଙ୍କୁ 'ଗ୍ରାଣ୍ଡ କ୍ରସ୍ ଅଫ୍ ଦ ଅର୍ଡର ଅଫ୍ ମକାରିଓ୍ୱସ୍- ୩' ରେ ସମ୍ମାନିତ କରିଛନ୍ତି। ଏହାପରେ ରାଷ୍ଟ୍ରପତି ପିଏମ୍ ମୋଦୀଙ୍କ ସହ ଗଣମାଧ୍ୟମକୁ ସମ୍ବୋଧିତ କରି ଆତଙ୍କବାଦ ବିରୋଧରେ ଭାରତର ଲଢ଼େଇରେ ଖୋଲା ସମର୍ଥନ କରିବାର ଘୋଷଣା କରିଥିଲେ। ସମ୍ମାନ ମିଳିବା ପରେ ମୋଦୀ କହିଛନ୍ତି ଯେ ଏହା କେବଳ ନରେନ୍ଦ୍ର ମୋଦୀଙ୍କ ନୁହେଁ ବରଂ ୧୪୦ କୋଟି ଭାରତୀୟଙ୍କ ସମ୍ମାନ। ଏହା ଆମ ଭାରତୀୟଙ୍କ କ୍ଷମତା ଓ ଆକାଂକ୍ଷାର ସମ୍ମାନ। ଏହା ଆମର ସଂସ୍କୃତି, ବନ୍ଧୁତ୍ୱ ଓ ବସୁଧୈବ କୁଟୁମ୍ବକମ୍‌ର ବିଚାରଧାରାର ସମ୍ମାନ।' ସେ ଆହୁରି

▶▶ ୫

## ମହିଳାଙ୍କୁ ଟାଣିନେଲା କୁମ୍ଭୀର

**ଆଳି,୧୬।୬/ଏନ୍‌ଏନ୍‌ଏସ୍‌:**



କେନ୍ଦ୍ରାପଡ଼ାରେ ପୁଣି କୁମ୍ଭୀର ଆତଙ୍କ। ସୋମବାର ଗାଧୋଇବା ସମୟରେ ଜଣେ ମହିଳାଙ୍କୁ କୁମ୍ଭୀର ଟାଣି ନେଇଛି। ଘଟଣା ଘଟିଛି ଆଳି ଥାନା କୋଳିଡ଼ିହ ତଅଁଳାଡିହା ଗ୍ରାମରେ। ମହିଳା ଜଣଙ୍କ ହେଲେ କୈଳାଶ ମହାନ୍ତିଙ୍କ ପତ୍ନୀ କାଜଲ ମହାନ୍ତି (୪୦)। କାଜଲ ଆଜି ଖରସ୍ରୋତା ନଦୀ ସହିତ ସଂଲଗ୍ନ ପାନିଆଁ ଜୋରକୁ ଦୁଇ ଝିଅଙ୍କ ସହ ଗାଧୋଇବାକୁ ଯାଇଥିଲେ। ଦୁଇ ଝିଅଙ୍କୁ ଗାଧୋଇବା ଦେବା ପରେ ନିଜେ ଗାଧୋଇବା ବେଳେ କୁମ୍ଭୀର ତାଙ୍କୁ ଝମ୍ପି ନେଇଥିଲା। ମା'ଙ୍କୁ କୁମ୍ଭୀର ଟାଣି ନେଉଥିବା ଦୁଇ ଝିଅ ଠିଆ ହୋଇ ଦେଖିଥିଲେ ମଧ୍ୟ କିଛି କରିପାରି ନଥିଲେ। ସହାୟତା ପାଇଁ ଲୋକେ ଆସିବା ପୂର୍ବରୁ ସବୁ ଶେଷ ହୋଇଯାଇଥିଲା। କୁମ୍ଭୀର ମହିଳାଙ୍କୁ ଟାଣି ନେଉଥିବାର ଦେଖି ତାଙ୍କ ଝିଅ ଗାଁ

▶▶ ୫

## ମିଳିଲା ଦ୍ୱିତୀୟ ବ୍ଲାକ୍‌ବକ୍ସ

**ନୂଆଦିଲ୍ଲୀ,୧୬।୬/ଏଜେନ୍ସି:**




ଅହମ୍ମଦାବାଦ ବିମାନ ଦୁର୍ଘଟଣାର ପ୍ରକୃତ କାରଣ କ'ଣ ? କେଉଁ ପରିସ୍ଥିତିରେ ଟେକ ଅଫ୍ କରୁ କରୁ ଘଟିଗଲା ଏମିତି ଦୁର୍ଘଟଣା ? ତା'ର କାରଣ ଖୋଜା ଚାଲିଥିବା ବେଳେ ମିଳିଛି ଦୁର୍ଘଟଣାଗ୍ରସ୍ତ ବିମାନର ଦ୍ୱିତୀୟ ବ୍ଲାକବକ୍ସ।

ବ୍ଲାକ ବକ୍ସ ଉଦ୍ଧାର କରିଛନ୍ତି ତଦନ୍ତକାରୀ ଟିମ୍ । କକପିଟ୍ ଭଏସ ରେକଡର ବା ସିଭିଆର ବ୍ଲାକ ବକ୍ସ ମିଳିଥିବା ସୂଚନା ମିଳିଛି । ଏହାଦ୍ୱାରା ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡ଼ିବ ବୋଲି କୁହାଯାଉଛି । ବ୍ଲାକବକ୍ସ ଜବତ ହୋଇଥିବା ନେଇ ତଦନ୍ତକାରୀ ଅଧିକାରୀ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପିକେ ମିଶ୍ରଙ୍କୁ ଅବଗତ କରିଛନ୍ତି। ପୂର୍ବରୁ ବିମାନ ଦୁର୍ଘଟଣାର ତଦନ୍ତରକାରୀ ଟିମ୍ ବିମାନ ଡାଟା ରେକର୍ଡର ଜବତ କରିଥିଲା। ଆଉ

▶▶ ୫

● ୪୧ତମ ଏଚ୍‌ଏଲ୍‌ସିଏ ବୈଠକ

## ୮ ମେଗା ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ

**ଭୁବନେଶ୍ୱର,୧୬।୬/ଏନ୍‌ଏନ୍‌ଏସ୍‌:**

ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ୪୧ତମ ଉଚ୍ଚ ସ୍ତରୀୟ କ୍ଲିୟରାନ୍ସ ଅଥରିଟି (ଏଚ୍‌ଏଲ୍‌ସିଏ) ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୧,୫୧,୨୩୯.୫୦ କୋଟି ଟଙ୍କା ବିନିଯୋଗରେ ୮ଟି ପରିବର୍ତ୍ତନଶୀଳ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏହାଦ୍ୱାରା ୬୦,୨୦୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ବୈଠକରେ ବହୁ ଐତିହାସିକ ନିଷ୍ପତ୍ତି ନିଆଯାଇଛି। ଦ୍ରୁତ ଶିଳ୍ପ ଅଭିବୃଦ୍ଧି, ମେଗା ନିବେଶ ଆକର୍ଷିତ କରିବା ଓ ଓଡ଼ିଶାର ଯୁବପିଢ଼ିଙ୍କ ପାଇଁ ବଡ଼ ନିଯୁକ୍ତି ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ଅଧିକ ଫୋକସ୍ କରିଛନ୍ତି। ଢେଙ୍କାନାଳ, ଗଞ୍ଜାମ, ଯାଜପୁର, କେଉଁଝର, ଖୋର୍ଦ୍ଧା ଓ ସମ୍ବଲପୁର ଭଳି ଛଅଟି ଜିଲ୍ଲାରେ ୧.୫ ଲକ୍ଷ କୋଟି ଟଙ୍କା ବିନିଯୋଗ ହେବ। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ଆଲୁମିନିୟମ, ରସାୟନ, ଇସ୍ପାତ, ବୟନଶିଳ୍ପ ଓ ଧାତୁ କ୍ଷେତ୍ରରେ ସହାୟକ ଏବଂ ଡାଉନଷ୍ଟ୍ରିମ୍ ସମେତ ଆନୁସଂଗିକ କ୍ଷେତ୍ରଗୁଡ଼ିକ ଅନ୍ତର୍ଭୁକ୍ତ।

> **ବିନିଯୋଗ ହେବ ୧.୫ ଲକ୍ଷ କୋଟି**
> **ସୃଷ୍ଟି ହେବ ୬୦,୨୦୦ ନିଯୁକ୍ତି**

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ଅବସରରେ କହିଛନ୍ତି ଯେ ତାଙ୍କ ସରକାର ଆସିବା ପରେ ଏହି ବୈଠକକୁ ମିଶାଇ ବର୍ତ୍ତମାନସୁଦ୍ଧା ୬ଟି ଏଚ୍‌ଏଲ୍‌ସିଏ ବୈଠକ ବସିଛି। ମୋଟ୍ ୫.୬୭ ଲକ୍ଷ ନିବେଶ ସୁଯୋଗ ପ୍ରସ୍ତାବ ସହିତ ୬୨ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି। ପ୍ରାୟ ୨.୪୨ ଲକ୍ଷ ନିଯୁକ୍ତି ସୃଷ୍ଟି ହେବ। '୨୦୪୭ ସୁଦ୍ଧା ବିକାଶ ଭାରତ'ର ଜାତୀୟ ଲକ୍ଷ୍ୟ ଏବଂ '୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା'ର ରାଜ୍ୟର ଦୃଷ୍ଟିକୋଣ ନେଇ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ହୋଇଛି। ଓଡ଼ିଶା ଭାରତରେ ଏକ ଅଗ୍ରଣୀ ଶିଳ୍ପ ଓ ନିବେଶ କେନ୍ଦ୍ର ହେବା ଦିଗରେ ଆତ୍ମବିଶ୍ୱାସର ସହିତ ଆଗକୁ ବଢୁଛି ବୋଲି ସେ ପ୍ରକାଶ କରିଛନ୍ତି।

୪୧ତମ ଏଚ୍‌ଏଲ୍‌ସିଏ ବୈଠକରେ ୮ଟି ଶିଳ୍ପ ପ୍ରକଳ୍ପରେ

▶▶ ୫

### ୫ ବିଭାଗର ୯୬୪ଙ୍କୁ ନିଯୁକ୍ତିପତ୍ର ବାଣ୍ଟିଲେ ମୁଖ୍ୟମନ୍ତ୍ରୀ

# 'ରାଜ୍ୟର ବିକାଶ ରଥର ସାରଥୀ ଯୁବ ଶକ୍ତି'

**ଭୁବନେଶ୍ୱର,୧୬।୬/ଏନ୍‌ଏନ୍‌ଏସ୍‌:**




ଯୁବ ଶକ୍ତି ହେଉଛନ୍ତି ଆମ ରାଜ୍ୟର ବିକାଶ ରଥର ସାରଥୀ। ଯୁବ ଶକ୍ତିଙ୍କ ଭିତରେ ଥିବା ଶକ୍ତି, ସାମର୍ଥ୍ୟ ଓ ଉତ୍ସାହକୁ ରାଜ୍ୟର ବିକାଶ ସହିତ ସମାଜ କଲ୍ୟାଣରେ ଉପଯୋଗ କରିବା ପାଇଁ ଆମେ ପ୍ରାଧାନ୍ୟ ଦେଉଛୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୋମବାର ଭୁବନେଶ୍ୱର ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନଠାରେ ୫ଟି ବିଭାଗରେ ୯୬୪ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରି ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି।

ଏନେଇ ଆୟୋଜିତ ନିଯୁକ୍ତି ମେଳାରେ ପୂର୍ତ୍ତ ବିଭାଗର ୫୬୩ଟି, ଜଳ ସମ୍ପଦ ବିଭାଗର ୬୨ଟି, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ୧୧୭ଟି, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୨୦୪ଟି ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୧୮ଟି ପଦବୀରେ ନିଯୁକ୍ତି ଦିଆଯାଇଛି। ଏହି ସବୁ ପଦବୀଗୁଡିକ ମଧ୍ୟରେ କନିଷ୍ଠ ଯନ୍ତ୍ରୀ, କନିଷ୍ଠ ପ୍ରବର୍ତ୍ତନ ଅଧିକାରୀ, ଟ୍ରେସର, ବୈଧ ମାପ ବିଜ୍ଞାନ ନିରୀକ୍ଷକ, ଜୁନିଅର ଆକାଉଣ୍ଟାଣ୍ଟ ପଦବୀ ରହିଛି।

ମୁଖ୍ୟମନ୍ତ୍ରୀ ନବନିଯୁକ୍ତଙ୍କୁ ଉଦବୋଧନ ଦେଇ କହିଥିଲେ ଯେ ସରକାରୀ ଚାକିରି ସର୍ବଦା ଜନସେବା ପାଇଁ ଉତ୍ସର୍ଗୀକୃତ। ତେଣୁ ନିଜକୁ ଜନସାଧାରଣଙ୍କ ସେବକ ଭାବି ସାଧାରଣ ଲୋକଙ୍କ ଆଶା, ଆକାଂକ୍ଷା ପୂରଣ କରିବା ଏବଂ ସେମାନଙ୍କ ସମସ୍ୟାର ସମାଧାନ ଦିଗରେ ପ୍ରତିଶ୍ରୁତିବଦ୍ଧ ହୋଇ ଆପଣ ମାନେ କାମ କରିବେ ବୋଲି ମୋର ଆଶା ଓ ବିଶ୍ୱାସ। ସରକାରୀ ସ୍ତରରେ ଆପଣଙ୍କ ଦ୍ୱାରା ନିଆଯାଉଥିବା ପ୍ରତ୍ୟେକ ନିଷ୍ପତ୍ତି ଓ କାର୍ଯ୍ୟ ଜନ ମଙ୍ଗଳ ଉପରେ ଯେପରି ଆଧାରିତ ହେବ ସେଥପ୍ରତି ଆପଣ ମାନେ ଯତ୍ନବାନ ହେବେ। ସେ ପୁଣି କହିଥିଲେ, ବିଗତ କିଛି ବର୍ଷ ଧରି ସରକାରୀ କ୍ଷେତ୍ରରେ ନିଯୁକ୍ତି ପ୍ରକ୍ରିୟା ମନ୍ଥର ଗତିରେ ଚାଲିଥିଲା। ଆମ ସରକାର ଆସିବା ପରେ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ଯୁବ ଶକ୍ତିଙ୍କ ନିୟୋଜନକୁ ଗୁରୁତ୍ୱଦେଇ ଅପାର ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛୁ। ଆମ ସରକାର ୫ ବର୍ଷରେ ଦେଢ଼ ଲକ୍ଷ ସରକାରୀ ପଦବୀ ପୂରଣ କରିବା ପାଇଁ ନିଷ୍ପତ୍ତି ନେଇଛି। ପ୍ରଥମ ଦୁଇ ବର୍ଷରେ ୬୫ ହଜାର ପଦବୀ ପୂରଣ ହେବ। ଆଜି ସୁଦ୍ଧା ୨୮,୩୪୬ ସରକାରୀ ନିଯୁକ୍ତି ଦିଆଗଲାଣି। ଏହା ଆମ ପାଇଁ ଏକ ଐତିହାସିକ ଉପଲବ୍ଧି। ୨୦୨୬ ଜୁନ ସୁଦ୍ଧା ଆମେ ଆମର ଧାର୍ଯ୍ୟ ଲକ୍ଷ୍ୟ ୬୫ ହଜାର ଅତିକ୍ରମ କରିଯାଇଥିବୁ। କେବଳ ସରକାରୀ ସ୍ତରରେ ନୁହେଁ, ବେସରକାରୀ ସ୍ତରରେ ପ୍ରଥମ ବର୍ଷରେ ଆମେ ୪୫ ହଜାର ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେଇଛୁ। ଗୋଟିଏ ବର୍ଷ ମଧ୍ୟରେ ଆମେ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ୭୩,୩୪୬ ଜଣଙ୍କୁ ନିଯୁକ୍ତି ଦେଇଛୁ।

> **ଆଜି ସୁଦ୍ଧା ଦିଆଗଲାଣି ୨୮,୩୪୬ ସରକାରୀ ନିଯୁକ୍ତି**
> **ବେସରକାରୀସ୍ତରରେ ୪୫ ହଜାରଙ୍କୁ ମିଳିଛି ନିଯୁକ୍ତି**

ସେ ଆହୁରି କହିଥିଲେ, ଯୁବ ଶକ୍ତିକୁ ନିଯୁକ୍ତି ଦେବା ଓ ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଅଭିଯାନ ଆମ ସରକାରଙ୍କ ଦ୍ୱାରା କ୍ରମାଗତ ଭାବେ ଆଗେଇ ଚାଲିଛି। ଯୁବ ଗୋଷ୍ଠୀଙ୍କ ପାଇଁ ନିଯୁକ୍ତି ବୟସ ସୀମାକୁ ୪୨ ବର୍ଷକୁ ବୃଦ୍ଧି କରାଯାଇଛି। ଶିଳ୍ପାୟନ ମାଧ୍ୟମରେ ମଧ୍ୟ ଆମେ ଯୁବ ଶକ୍ତିଙ୍କ ପାଇଁ ଆଣିଛୁ


▶▶ ୫

ଝାଡ଼ାବାନ୍ତି ସ୍ଥିତି ପରଖିଲେ ସ୍ୱାସ୍ଥ୍ୟସଚିବ

## ଡାକ୍ତରଙ୍କ ବିନା ଅନୁମତିରେ ଡିସ୍‌ଚାର୍ଜ ମନା

**ଯାଜପୁର, ଧର୍ମଶାଳା,୧୬।୬/ଏନ୍‌ଏନ୍‌ଏସ୍‌:**

**ଯାଜପୁରରେ ବ୍ୟାପିଛି କଲେରା: କେନ୍ଦ୍ରୀୟ ଟିମ୍**



ଯାଜପୁରରେ ଭୟ ବଢ଼ାଉଛି ଝାଡ଼ାବାନ୍ତି ପରିସ୍ଥିତି। ପୁଣି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ଏହାରି ଭିତରେ ସୋମବାର ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ୍ ଏବଂ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଡ଼ା. ବିଜୟ କୁମାର ମହାପାତ୍ର ଯାଜପୁର ଜିଲ୍ଲାର ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗସ୍ତକରି ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ଏବଂ ସେଠାକାର ପରିସ୍ଥିତି କିପରି ଅଛି ଅନୁଧ୍ୟାନ

▶▶ ୫

## 'ଅତିଥି ଭବନ' ନିର୍ମାଣକୁ ମଞ୍ଜୁରୀ

**ଭୁବନେଶ୍ୱର,୧୬।୬/ଏନ୍‌ଏନ୍‌ଏସ୍‌:**

ରାଜଧାନୀ ଭୁବନେଶ୍ୱରରେ 'ଅତିଥି ଭବନ' ନିର୍ମାଣକୁ ରାଜ୍ୟ ସରକାର ମଞ୍ଜୁରୀ ଦେଇଛନ୍ତି। ୟୁନିଟ-୨ ଅଶୋକନଗରରେ ଏହି ଅତିଥିଭବନ ନିର୍ମାଣ ହେବ। ଅତିଥିଭବନ ନିର୍ମାଣ ନେଇ ନିର୍ଦ୍ଦିଷ୍ଟ ଜମି ମଧ୍ୟ ଚିହ୍ନଟ ହୋଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସୋମବାର ଏନେଇ ନିର୍ଦ୍ଦେଶନାମା ଜାରି ହୋଇଛି। ଏହି ଅତିଥି ଭବନ ୟୁନିଟ୍-୨ର ଅଶୋକ ନଗର ଅଞ୍ଚଳରେ ପ୍ରାୟ ତିନି ଏକର ଜମିରେ ତିଆରି କରାଯିବ। ଏହା ପୂର୍ବରୁ ରାଜସ୍ୱ ଏବଂ ବିପର୍ଯ୍ୟୟ

▶▶ ୫

## ଜନଗଣନା ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି

**ନୂଆଦିଲ୍ଲୀ,୧୬।୬/ଏଜେନ୍ସି:**

● ଓଡ଼ିଶାରେ ବ୍ୟବହାର ହେବ ଏଆଇ
● ନିୟୋଜିତ କରାଯିବ ଅତିରିକ୍ତ ମାନବସମ୍ବଳ

କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୨୭ ଜନଗଣନା ପାଇଁ ସୋମବାର ବିଧିବଦ୍ଧ ଭାବେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁସାରେ ଦେଶର ଜନଗଣନା ସମୟରେ ଜାତି ଭିତ୍ତିକ କାଉଣ୍ଟିଂ ମଧ୍ୟ ଅନୁଷ୍ଠିତ ହେବ। ମୋଟ ୨ଟି ପର୍ଯ୍ୟାୟରେ ଜନଗଣନା ହେବ। ପ୍ରଥମ ପର୍ଯ୍ୟାୟ ଅର୍ଥାତ ୨୦୨୬ ଅକ୍ଟୋବର ୧ରୁ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ସମେତ କେନ୍ଦ୍ରଶାସିତ ଲଦାଖ ଓ ଜମ୍ମୁ-କଶ୍ମୀରରେ ଜନଗଣନା କରାଯିବ। ଏଠାରେ ତୁଷାରପାତର ଆଶଙ୍କା ଥିବାରୁ ଏହି ସବୁ ସ୍ଥାନରେ ଆଗୁଆ ଜନଗଣନା କରାଯିବ। ଏହାପରେ ଦେଶର ବାକି ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୨୦୨୭ ମସିହା ମାର୍ଚ୍ଚ ୧ରୁ ଜନଗଣନା

▶▶ ୫

# ୧୮ ନୁହେଁ, ୨୦ରେ ଖୋଲିବ ସ୍କୁଲ୍

**ଭୁବନେଶ୍ୱର,୧୬।୬/ଏନ୍‌ଏନ୍‌ଏସ୍‌:**



● ଡିଇଓଙ୍କୁ ଚିଠି ଲେଖିଲା ଗଣଶିକ୍ଷା ବିଭାଗ
● ପ୍ରଥମ ଦିନରୁ ମିଳିବ ମଧ୍ୟାହ୍ନଭୋଜନ
● ସୁରକ୍ଷା ପଦକ୍ଷେପ ନେବାକୁ ନିର୍ଦ୍ଦେଶ

ଜୁନ୍ ୧୮ ନୁହେଁ,୨୦ ତାରିଖରେ ରାଜ୍ୟର ସମସ୍ତ ସ୍କୁଲ୍ ଖୋଲିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ସବୁ ଜିଲ୍ଲାର ଶିକ୍ଷାଧିକାରୀଙ୍କୁ ଚିଠି କରାଯାଇଛି। ପୂର୍ବଭଳି ପୂର୍ବାହ୍ଣ ୧୦ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ସ୍କୁଲ ଚାଲିବ। ଶିକ୍ଷୟିତ୍ରୀ ଶିକ୍ଷକ ସକାଳ ୯ଟା ୩୦ ସୁଦ୍ଧା ସ୍କୁଲରେ ପହଞ୍ଚିବେ ଏବଂ ଅପରାହ୍ଣ ସାଢ଼େ ୪ଟା ଯାଏ କ୍ୟାମ୍ପସରେ ଉପସ୍ଥିତ ରହିବେ। ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବାବେଳେ ପିଲାଙ୍କ ପାଠପଢ଼ା ପାଇଁ ସ୍କୁଲଗୁଡ଼ିକୁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।ଅତ୍ୟଧିକ ଖରା ଓ ଗରମ ଯୋଗୁ ରାଜ୍ୟ ସରକାର ଏପ୍ରିଲ ୨୨ରୁ ବିଦ୍ୟାଳୟଗୁଡ଼ିକ ପାଇଁ ଖରାଛୁଟି ଘୋଷଣା କରିଥିଲେ। ୨୩ ତାରିଖରୁ ସ୍କୁଲ ବନ୍ଦ ରହିଥିଲା। ତେବେ ସ୍କୁଲ ଖୋଲିବା ପରେ ପିଲାଙ୍କ ପାଠପଢ଼ା ଯେପରି ସ୍ୱାଭାବିକ ହେବ ଓ ୨୦୨୫-୨୬ ଶିକ୍ଷାବର୍ଷ ଠିକ୍ ଭାବେ ପରିଚାଳିତ ହୋଇପାରିବ ସେନେଇ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ/ପ୍ରଧାନଶିକ୍ଷକଙ୍କ ଉପରେ ଅଧିକ ଦାୟିତ୍ୱ ନ୍ୟସ୍ତ କରାଯାଇଛି।

ଅନ୍ୟପକ୍ଷରେ ସ୍କୁଲ ଖୋଲିବା ପରେ ପୁଣି ମିଳିବ ମଧ୍ୟାହ୍ନଭୋଜନ। ଯେମିତି ସ୍ୱାସ୍ଥ୍ୟକର ପରିବେଶ ଭିତରେ ଉତ୍ତମ ଖାଦ୍ୟ ମିଳିବ ତା ଉପରେ ଗୁରୁତ୍ୱ ଦେଇଛନ୍ତି ସରକାର। ସ୍କୁଲ ଖୋଲିବା ପୂର୍ବରୁ ରୋଷେଇ ସ୍ଥାନ ପରିଷ୍କାର କରିବା ସହ ମାନ ପରୀକ୍ଷଣ ପାଇଁ ରେଜିଷ୍ଟର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶିଶୁବାଟିକାରୁ ଦଶମ ଶ୍ରେଣୀ ଯାଏ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯିବ। ତେଣୁ ନିୟମିତ ଭାବରେ ଅଭିଭାବକମାନେ ଏହାର ମାନ ଯାଞ୍ଚ କରିବେ। ସ୍କୁଲରେ ମଧ୍ୟାହ୍ନ ଭୋଜନ ଖାଇ ମାନ ପରଖିବେ ଅଭିଭାବକ। ଯେପରି ପିଲାଙ୍କ ମଧ୍ୟାହ୍ନ ଭୋଜନର ଗୁଣବତ୍ତାରେ ହ୍ରାସ ନ ହୁଏ ସେନେଇ ଧ୍ୟାନ ଦିଆଯିବ। ତେବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଅନେକ ସମୟରେ ମଧ୍ୟାହ୍ନ ଭୋଜନ ରୋଷେଇରେ ଅସାବଧାନତା ଅବଲମ୍ବନ କରାଯାଉଥିବା ନଜରକୁ ଆସୁଛି। ଯାହା ଅନେକ ସମୟରେ ଏହାର ପ୍ରୋଟୋକଲ

▶▶ ୫

## ଲଜ୍ଜା: ବେଳାଭୂମିରେ ଯୁବତୀଙ୍କୁ ଗଣଦୁଷ୍କର୍ମ

**ବ୍ରହ୍ମପୁର,୧୬।୬/ଏନ୍‌ଏନ୍‌ଏସ୍‌:**

ବ୍ରହ୍ମପୁର ପୁଲିସ୍ ଜିଲ୍ଲା ଅନ୍ତର୍ଗତ ଗୋପାଳପୁର ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଗୋପାଳପୁର ବେଳାଭୂମିରେ ଜନୈକ ଯୁବତୀଙ୍କୁ ଗଣଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ଘଟଣାରେ ପୁଲିସ୍ ୭ ଜଣକଙ୍କୁ ଅଟକ ରଖି ପଚରାଉଚରା କରୁଥିବା ବେଳେ ୩ଜଣ ଯୁବକ ଫେରାର ଥିବା ସୂଚନା ମିଳିଛି। ଗତକାଲି ସନ୍ଧ୍ୟାରେ ଗୋପାଳପୁର ବେଳାଭୂମିକୁ ବୁଲିବାକୁ ଜନୈକ ଯୁବତୀ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ଆସିଥିଲେ। ବେଳାଭୂମିରେ ବୁଲୁଥିବା ବେଳେ କେତେକ ଯୁବକ ତାଙ୍କୁ ଜୋରଜୋବରଦସ୍ତ ନେଇ ଗଣଦୁଷ୍କର୍ମ କରିଥିବା ଥାନାରେ ଅଭିଯୋଗ ହୋଇଛି। ପୀଡ଼ିତା ଯୁବତୀ ଜଣକ ଗୋପାଳପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି। ଯୁବତୀ ଜଣକ ଯୁକ୍ତ ତିନି ଶେଷ ବର୍ଷର ଛାତ୍ରୀ ବୋଲି କୁହାଯାଉଛି। ତେବେ ବେଳାଭୂମିରେ ପର୍ଯ୍ୟଟକଙ୍କ ଭିଡ଼ ବଢୁଥିବା ବେଳେ ଏଠାରେ ଲୋକଙ୍କ ସୁରକ୍ଷା ପାଇଁ ସୁରକ୍ଷା କର୍ମୀ ମଧ୍ୟ ନିୟୋଜିତ ରହିଥାନ୍ତି। ତେବେ ଗତକାଲି ଏତେବଡ଼ ଘଟଣା ଘଟିଯାଇଥିବା ବେଳେ ସୁରକ୍ଷା କର୍ମଚାରୀଙ୍କ ନଜରକୁ କିଭଳି ଆସିପାରିଲା ନାହିଁ, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

> **୭ ଅଟକ, ୩ ଫେରାର୍**


ସୋମବାର ଲୋକସେବା ଭବନରେ ଅନୁଷ୍ଠିତ ୪୧ତମ ଉଚ୍ଚସ୍ତରୀୟ କ୍ଲିୟରାନ୍ସ ଅଥରିଟି (ଏଚ୍‌ଏଲ୍‌ସିଏ) ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଉପସ୍ଥିତ ଅନ୍ୟମାନେ

## ବିଶ୍ୱବିଦ୍ୟାଳୟରେ ପାଠପଢ଼ା ବ୍ୟାହତ

# ୬୦ ପ୍ରତିଶତରୁ ଅଧିକ ଶିକ୍ଷକ ପଦବୀ ଖାଲି

**ଭୁବନେଶ୍ୱର,୧୬।୬/ଏନ୍‌ଏନ୍‌ଏସ୍:** ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ନିୟନ୍ତ୍ରଣରେ ଥିବା ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ୬୦ ପ୍ରତିଶତରୁ ଅଧିକ ଶିକ୍ଷକ ପଦବୀ ଖାଲିପଡ଼ିବା ଏବଂ ଅନେକ ବିଶ୍ୱବିଦ୍ୟାଳୟରେ ଜଣେ ହେଲେ ପ୍ରଫେସର ନଥିବାରୁ ପାଠପଢ଼ା ଓ ଗବେଷଣା କାର୍ଯ୍ୟ ଗୁରୁତର ଭାବେ ବ୍ୟାହତ ହେଉଛି। ତେଣୁ ସଚେତନ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଏଭଳି ସ୍ଥିତିରେ ବେସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକୁ ପସନ୍ଦ କରୁଛନ୍ତି ଏବଂ ଆଉ ଅନେକ କୃତୀ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ପାଇଁ ରାଜ୍ୟ ବାହାରର ବିଶ୍ୱବିଦ୍ୟାଳୟଗୁଡ଼ିକୁ ପଳାଉଛନ୍ତି।

ବର୍ଷ ବର୍ଷ ଧରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି କରାଯାଉନଥିବାବେଳେ ପ୍ରତିବର୍ଷ ଅନେକ ବିଶ୍ୱବିଦ୍ୟାଳୟର ଶିକ୍ଷକ ଅବସର ଗ୍ରହଣ କରୁଛନ୍ତି। ଏହି ୧୭ଟି ଯାକ ବିଶ୍ୱବିଦ୍ୟାଳୟ ଲାଗି ୧୯୧୧ଟି ମଞ୍ଜୁରୀପ୍ରାପ୍ତ ଶିକ୍ଷକ ପଦବୀ ଥିବାବେଳେ ସେଥିରୁ ପ୍ରାୟ ୧୨୦୦ ପଦବୀ ଖାଲି ପଡିଛି। ପ୍ରାୟ ୭୦୦ ନିୟମିତ ଅଧ୍ୟାପକ ଏହି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅଧ୍ୟାପନା, ଗବେଷଣା, ପରୀକ୍ଷା ପରିଚାଳନା ଓ ଅନ୍ୟାନ୍ୟ ପ୍ରଶାସନିକ କାର୍ଯ୍ୟ ବ୍ୟାପକ ଚାପରେ ତୁଲାଉଛନ୍ତି।

ଶିକ୍ଷକ ଅଭାବ ଲାଗି ରହିଥିବାବେଳେ ନିୟମିତ ନିଯୁକ୍ତି ନ କରି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବିଶ୍ୱବିଦ୍ୟାଳୟଗୁଡ଼ିକ ଠିକାରେ ଅତିଥି ଅଧ୍ୟାପକ ନିଯୁକ୍ତ କରୁଛନ୍ତି। ତେବେ ଏହି ଅତିଥି ଅଧ୍ୟାପକମାନେ କେବଳ ସୀମିତ ସଂଖ୍ୟକ ପିରିୟଡ୍ ପାଠ ପଢ଼ାଇ ଠିକାରେ ପାରିଶ୍ରମିକ ନେଉଛନ୍ତି। ଏବେ ଏହି ୧୭ଟି ଯାକ ସରକାରୀ ବିଶ୍ୱବିଦ୍ୟାଳୟରେ ୯୦୦ରୁ ଅଧିକ ଅତିଥି ଅଧ୍ୟାପକ ରହିଛନ୍ତି। ଏମାନଙ୍କୁ ଗତ ଫେବୃୟାରୀ ମାସରେ ଠିକା ନିଯୁକ୍ତି ଦିଆଯାଇଥିଲା। ଗ୍ରୀଷ୍ମ ଅବକାଶ ପୂର୍ବରୁ ଏମାନଙ୍କ କାର୍ଯ୍ୟକାଳ ପୂରିଯାଇଥିବାରୁ ପୁଣି ନୂଆ ଠିକା ନିଯୁକ୍ତି ନକରି ସେହି ଅଧ୍ୟାପକମାନଙ୍କୁ ନେଇ କାମ ଚଳାଇବାକୁ ସାନି ନିର୍ଦ୍ଦେଶ ଆସିଛି। ନିୟମିତ ଅଧ୍ୟାପକ ନିଯୁକ୍ତି ପର୍ଯ୍ୟନ୍ତ ଏମାନେ ଅତିଥି ଅଧ୍ୟାପକ ଭାବେ ଠିକାରେ ପାଠ ପଢ଼ାଇବେ। ଉଚ୍ଚଶିକ୍ଷା ବିଭାଗ ଅଧିନରେ ଥିବା୧୭ଟି ବିଶ୍ୱବିଦ୍ୟାଳୟରୁ ୮ଟିରେ ଜଣେ ହେଲେ ପ୍ରଫେସର ନାହାନ୍ତି। ଆଉ ୬ଟିରେ ୨ରୁ ୫ଜଣ ପର୍ଯ୍ୟନ୍ତ ପ୍ରଫେସର ଅଛନ୍ତି। ସର୍ବ ପୁରାତନ ଉତ୍କଳ ବିଶ୍ୱବିଦ୍ୟାଳୟ ପାଇଁ ୨୪୪ଟି ମଞ୍ଜୁରୀପ୍ରାପ୍ତ ଶିକ୍ଷକ ପଦବୀ ଥିବାବେଳେ ଏବେ ସେଥିରୁ ପ୍ରାୟ ୧୩୦ଟି ପଦବୀ ଖାଲିପଡ଼ିଛି। ରେଭେନ୍ସାରେ ୧୬୦ରୁ ଅଧିକ ନିୟମିତ ଶିକ୍ଷକ ପଦବୀ ଖାଲି ପଡ଼ିଥିବାବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପାଖାପାଖି ୧୦୦ ଓ ସମ୍ବଲପୁରରେ ୭୫ରୁ ଅଧିକ ଶିକ୍ଷକ ପଦବୀ ଖାଲି ଅଛି। ଖଲ୍ଲିକୋଟ, ରାଜେନ୍ଦ୍ର ଓ ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ୩୦୦ରୁ ଅଧିକ ଶିକ୍ଷକ ପଦବୀ ଖାଲିପଡ଼ିଛି। ରାଜ୍ୟରେ ଏକମାତ୍ର ମହିଳା ବିଶ୍ୱବିଦ୍ୟାଳୟ ରମାଦେବୀରେ ପ୍ରାୟ ୮୦ଟି ଶିକ୍ଷକ ପଦବୀ ଖାଲି। ଉଚ୍ଚଶିକ୍ଷା ବିଭାଗ ନିୟନ୍ତ୍ରଣରେ ଥିବା ଏହି ୧୭ଟି ବିଶ୍ୱବିଦ୍ୟାଳୟ ଭିତରୁ ୧୨ଟିରେ ନିୟମିତ କୁଳପତି ନାହାନ୍ତି। ଆଉ କେତେକ ବିଶ୍ୱବିଦ୍ୟାଳୟର କୁଳପତି ପଦବୀ ବି ଏବର୍ଷ ଖାଲି ହେବାକୁ ଯାଉଛି।

ଏ ପରିପ୍ରେକ୍ଷୀରେ ଅନ୍ୟୁନ ୧୫ଟି ବିଶ୍ୱବିଦ୍ୟାଳୟର କୁଳପତି ପଦବୀ ପୂରଣ ପାଇଁ ଏବେ ଯେଉଁ ପ୍ରକ୍ରିୟା ଆରମ୍ଭ ହୋଇଛି ତାହା ଶେଷ ହେବା ବେଳକୁ ଆଉ ୨ମାସ ଲାଗିଯାଇପାରେ। ନୂଆ କୁଳପତି ନିଯୁକ୍ତି ପରେ ବିଭିନ୍ନ ସରକାରୀ ବିଶ୍ୱବିଦ୍ୟାଳୟର ଶିକ୍ଷକ ପଦବୀଗୁଡିକୁ 'ରେସନାଲାଇଜେସନ୍' ମାଧ୍ୟମରେ କାଷ୍ଟଛାଣ୍ଟ କରି ଅବଶିଷ୍ଟ ପଦବୀ ଭିତରୁ କେଉଁ ବିଷୟ ଲାଗି ସର୍ବନିମ୍ନ କେତେ ସଂଖ୍ୟକ ପ୍ରଫେସର, ସହଯୋଗୀ ପ୍ରଫେସର ଓ ସହକାରୀ ପ୍ରଫେସର ନିଯୁକ୍ତି ହେବେ ସେନେଇ ବିଶ୍ୱବିଦ୍ୟାଳୟଓ୍ୱାରୀ ପ୍ରକ୍ରିୟା ଆରମ୍ଭ ହେବ। ଏହି ପ୍ରକ୍ରିୟା ଶେଷହେବା ବେଳକୁ ନୂଆ ଶିକ୍ଷାବର୍ଷ ଶେଷ ହୋଇଯିବାର ଆଶଙ୍କା ରହିଛି।

# ରାଜଧାନୀକୁ ବ୍ୟାପିଲା ଡାଇରିଆ

## ବିଏମ୍‌ସିର ଚଢ଼ଉ ଜୋର୍‌ଦାର୍

**ଭୁବନେଶ୍ୱର,୧୬।୬/ଏନ୍‌ଏନ୍‌ଏସ୍:** ରାଜ୍ୟର ବିଭିନ୍ନ ଜିଲ୍ଲାରେ ଡାଇରିଆ ମାମଲା ବୃଦ୍ଧି ପାଇବା ପରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ରାଜଧାନୀରେ ହୋଟେଲରେ ଓ ଫଳ ଷ୍ଟଲଗୁଡ଼ିକରେ ନିରୀକ୍ଷଣ ଆରମ୍ଭ କରିଛି। ସମ୍ ହସ୍ପିଟାଲ ଅଞ୍ଚଳ ନିକଟସ୍ଥ ହୋଟେଲ୍‌ଗୁଡ଼ିକୁ ବିଶେଷ ଭାବେ ପରୀକ୍ଷା କରାଯାଇଥିଲା, ଯେଉଁଠାରେ ଜନସାଧାରଣଙ୍କୁ ପରିବେଷିତ ଖାଦ୍ୟର ଗୁଣବତ୍ତା ଓ ପରିଚ୍ଛନ୍ନତା ଯାଞ୍ଚ କରାଯାଇଛି। ଚଢ଼ଉ ସମୟରେ ବିଏମ୍‌ସି ଟିମ୍ ଦୁଇଟି ସ୍ଥାନୀୟ ହୋଟେଲରୁ ବାସି ଖାଦ୍ୟ ଓ ଅନଧିକୃତ ଖାଦ୍ୟ ରଙ୍ଗ ଜବତ କରିଛି। ଖାଦ୍ୟ ସୁରକ୍ଷା ଓ ମାନକ ଆଇନ ଉଲ୍ଲଙ୍ଘନ କରିଥିବା ଅଭିଯୋଗରେ ଏହି ପ୍ରତିଷ୍ଠାନଗୁଡ଼ିକୁ ୭,୦୦୦ ଟଙ୍କା ଜରିମାନା କରାଯାଇଛି। ଏହି କ୍ରମରେ କଳିଙ୍ଗନଗରରେ ଏକ ଆପାର୍ଟମେଣ୍ଟରୁ ଡାଇରିଆ ମାମଲା ରିପୋର୍ଟ ହେବା ପରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଘାଟିକିଆ ଅଞ୍ଚଳ ପରିଦର୍ଶନ କରିଛନ୍ତି। ତାଙ୍କ ସହ ବିଏମ୍‌ସି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, ସ୍ଥାନୀୟ କର୍ପୋରେଟର, ଓଡ଼ିଶା ଜଳ ନିଗମର ଅଧିକାରୀ ଏବଂ ଜୋନାଲ ଡେପୁଟି କମିଶନର ଉପସ୍ଥିତ ଥିଲେ। ଆମେ ଡ୍ରେନ୍ ପାଣି ପାନୀୟ ଜଳରେ ମିଶୁଥିବା ପ୍ରମାଣ ପାଇଛୁ। ଜଳ ନମୁନାକୁ ପରୀକ୍ଷାଗାର ପରୀକ୍ଷଣ ପାଇଁ ପଠାଯାଇଛି ବୋଲି ମେୟର ଶ୍ରୀମତୀ ଦାସ କହିଛନ୍ତି। ମେୟର ଶ୍ରୀମତୀ ଦାସ କହିଛନ୍ତି ଯେ ଏ ପର୍ଯ୍ୟନ୍ତ ଆପାର୍ଟମେଣ୍ଟର ୬୨ ଜଣ ବାସିନ୍ଦା ପ୍ରଭାବିତ ହୋଇଛନ୍ତି ଏବଂ ବିଭିନ୍ନ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଏହି ଆପାର୍ଟମେଣ୍ଟରେ ପାଇପ ସପ୍ଲାଏ ପାଣି ନାହିଁ। ବାସିନ୍ଦାମାନେ କେବଳ ଭୂତଳ ଜଳ ଉପରେ ନିର୍ଭର କରୁଛନ୍ତି। ସେ ଆହୁରି ଜଣାଇଛନ୍ତି ଯେ ବିଏମ୍‌ସି ଆପାର୍ଟମେଣ୍ଟ ନିର୍ମାଣକାରୀଙ୍କୁ ଏକ ନୋଟିସ୍ ଜାରି କରିଛି। ନିର୍ମାଣକାରୀ ଭୁବନେଶ୍ୱର ବିକାଶ ପ୍ରାଧିକରଣ (ବିଡିଏ)ର ନିୟମାବଳୀ ପାଳନ କରିଛନ୍ତି କି ନାହିଁ, ତାହାର ତଦନ୍ତ ଚାଲିଛି।

## ରଘୁନାଥ ନଗର ଉନ୍ନୟନ କ୍ଲବ୍‌ର ବାର୍ଷିକ ପ୍ରତିଷ୍ଠା ଦିବସ

# ବିଧାୟକଙ୍କୁ ସମସ୍ୟା ଜଣାଇଲେ ଲୋକେ



**ଭୁବନେଶ୍ୱର,୧୬।୬/ଏନ୍‌ଏନ୍‌ଏସ୍:** ରଘୁନାଥ ନଗର ଉନ୍ନୟନ କ୍ଲବ ପକ୍ଷରୁ ତୃତୀୟ ବାର୍ଷିକ ପ୍ରତିଷ୍ଠା ଦିବସ ଓ ରଜ ମହୋତ୍ସବ ପାଳିତ ହୋଇଯାଇଛି। ଏହି ସଭାରେ ବିଧାୟକ ବାବୁ ସିଂ, ଶିଶୁପାଳ ପଞ୍ଚାୟତର ସରପଞ୍ଚ ରଶ୍ମୀ ରଞ୍ଜନ ଶ୍ରୀଚନ୍ଦନ, କ୍ଲବର ସଭାପତି କ୍ୟାପ୍‌ଟେନ୍ ସୁନାକର ମହାପାତ୍ର, ସମ୍ପାଦକ ଡକ୍ଟର କ୍ଷେତ୍ରମୋହନ ମିଶ୍ର, ଉପସଭାପତି ଖଟୁଆ ମଲ୍ଲିକ ଉପସ୍ଥିତ ଥିଲେ। ଏହି ମହୋତ୍ସବ ୨ଦିନ ଧରି ପାଳିତ ହୋଇଥିଲା।

ଦୋଳି ଖେଳଠୁ ଆରମ୍ଭ କରି ଓଡିଆ ଅସ୍ମିତାରେ ପର୍ବପର୍ବାଣୀର ଭୂମିକା ଉପରେ ବକ୍ତୃତା ପ୍ରତିଯୋଗିତା ସହିତ ପିଲାମାନଙ୍କ ପାଇଁ ଡ୍ରଇଂ, କୁଇଜ, ସଂଗୀତ, ନୃତ୍ୟ, ପୁଚିଖେଳ, ମ୍ୟୁଜିକ୍‌ଚେୟାର୍ ଓ ପିଠାପଣାର ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଯୋଗ୍ୟ ବିବେଚିତ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। କ୍ଲବର ସଭାପତି କ୍ୟାପ୍‌ଟେନ୍ ସୁନାକର ମହାପାତ୍ର ତାଙ୍କ ଭାଷଣରେ କଲୋନୀବାସୀ ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ବିଧାୟକଙ୍କର ଦୃଷ୍ଟି ଆକର୍ଷଣ କରିବା ସହ ଏହାର ନିରାକରଣ ଦିଗରେ ଶୀଘ୍ର ଏବଂ ସଠିକ୍ ପଦକ୍ଷେପ ନେବା ପାଇଁ ନିବେଦନ କରିଥିଲେ। ଗତ ବର୍ଷ ମଧ୍ୟ ଏହି ଉତ୍ସବ ପାଳନ ସମୟରେ,କଲୋନୀର ବିଭିନ୍ନ ସମସ୍ୟା ଉପରେ ବିଧାୟକଙ୍କର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବିଧାୟକ ବିହିତ ପ୍ରତିକାର ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ମଧ୍ୟ ପ୍ରତିଶ୍ରୁତି ପୂରଣ ହୋଇ ପାରିଲା ନାହିଁ। ଏ ଅଞ୍ଚଳରେ ବସବାସ କରୁଥିବା ଲୋକମାନେ ରାସ୍ତା ଓ ଡ୍ରେନେଜ୍ ପାଇଁ ବହୁ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ପିଇବା ପାଣି ପାଇଁ ନିଜସ୍ୱ ନଳକୂପ ଖନନ କରି ତାହା ଉପରେ ଲୋକମାନେ ନିର୍ଭରଶୀଳ। ଗ୍ରାମଜଳ ଯୋଗାଣ ଯୋଜନା ପ୍ରକଳ୍ପରେ ଶିଶୁପାଳଗଡ଼ ସ୍ଥିତ ରଘୁନାଥ ନଗରକୁ ସାମିଲ କରି ଘରେ ଘରେ ପିଇବା ପାଣି ପହଞ୍ଚାଇବା ନିହାତି ଦରକାର। କଲୋନୀଟି ଭୁବନେଶ୍ୱର ସହରର ଉପକଣ୍ଠରେ ଅବସ୍ଥିତ ଥିଲେ ମଧ୍ୟ ଭୁବନେଶ୍ୱର ମହାନଗର ନିଗମରେ ଅନ୍ତର୍ଭୁକ୍ତ ନ ହୋଇଥିବାରୁ ବର୍ଜ୍ୟବସ୍ତୁର ପରିଚାଳନାର କୌଣସି ପ୍ରଭାବୀ ଯୋଜନା ଅଭାବରୁ କଲୋନୀର ପରିବେଶ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ହୋଇପଡ଼ିଛି ବୋଲି ତାଙ୍କ ଭାଷଣରେ ସଭାପତି ବିଧାୟକଙ୍କୁ ଜଣାଇଥିଲେ। ବିଧାୟକ ତାଙ୍କର ଭାଷଣରେ ସମସ୍ତ ଦାବୀକୁ ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ମହିଳାମାନେ ବିଧାୟକ ବାବୁ ସିଂଙ୍କୁ ରଜର ପୋଡ଼ପିଠା ଖୁଆଇଥିଲେ। ଶ୍ୱେତାପଦ୍ମା ନାୟକ ଧନ୍ୟବାଦ୍ ଦେଇଥିଲେ।

## ନାଟକ 'ରମାଦେବୀ' ମଞ୍ଚସ୍ଥ

**ଭୁବନେଶ୍ୱର,୧୬।୬/ଏନ୍‌ଏନ୍‌ଏସ୍:** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହେଉଥିବା ନାଟକ କାର୍ଯ୍ୟକ୍ରମରେ ଆଜି ନାଟକ 'ରମାଦେବୀ' ମଞ୍ଚସ୍ଥ ହୋଇଯାଇଛି। ଆଜିର ନାଟକ ସ୍ୱାଧୀନତା ସଂଗ୍ରାମୀ ରମାଦେବୀ ଚୌଧୁରୀଙ୍କ ଜୀବନୀ ଉପରେ ଆଧାରିତ ହୋଇଥିଲା। ନାଟ୍ୟକାର ଡ଼. ସଞ୍ଜୟ ହାତୀ ନାଟକ ରଚନା କରିଥିବାବେଳେ ନିର୍ଦ୍ଦେଶନା ଦେଇଥିଲେ ସୁବାସ ଚନ୍ଦ୍ର ପ୍ରଧାନ।

ସେହିପରି ଭାବେ ଭଞ୍ଜକଳା ମଣ୍ଡପରେ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଲୋକ ସଙ୍ଗୀତକୁ ନେଇ ଆଜି ଲୋକ ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଜୟଦେବ ଭବନଠାରେ ଆୟୋଜିତ ହେଉଥିବା ଚଳଚ୍ଚିତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମରେ ଆଜି ଚଳଚ୍ଚିତ୍ର ମଲାଜହ୍ନ ପ୍ରଦର୍ଶିତ ହୋଇଥିଲା। ଉପେନ୍ଦ୍ର କିଶୋର ଦାସଙ୍କ କାହାଣୀ ଏବଂ ନିତାଇ ପାଲିତ୍‌ଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି କ୍ଲାସିକ ଓଡ଼ିଆ ସିନେମାକୁ ଦର୍ଶକମାନେ ବେଶ୍ ଉପଭୋଗ କରିଥିଲେ। ପ୍ରକାଶଯୋଗ୍ୟ ଯେ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ଏହି ସମସ୍ତ କାର୍ଯ୍ୟକ୍ରମ ଆସନ୍ତା ଜୁନ୍ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# ମୃତ୍ୟୁର ତାଣ୍ଡବରେ ମହୋତ୍ସବ ପାଳୁଛନ୍ତି ସରକାର: ଭକ୍ତ ଦାସ

**ଭୁବନେଶ୍ୱର,୧୬।୬/ଏନ୍‌ଏନ୍‌ଏସ୍:** କେନ୍ଦ୍ର ଓ ରାଜ୍ୟ ସରକାର ନିଜର ସଫଳତା ପ୍ରଚାରରେ ମସଗୁଲ ରହିବା ଦେଶବାସୀଙ୍କ ପାଇଁ ପ୍ରତାରଣା ହୋଇଛି। ବିମାନ ଦୁର୍ଘଟଣାରେ ୨୭୨ ଜଣ ପ୍ରାଣ ହରାଇଥିବାବେଳେ ଓଡ଼ିଶାରେ ଝାଡାବାନ୍ତିରେ ୧୨ ଜଣରୁ ଊର୍ଦ୍ଧ୍ୱଲୋକ ମୃତ୍ୟୁବରଣ କଲେଣି। ଏଭଳି ସ୍ଥିତିରେ ସାଧାରଣ ଲୋକଙ୍କ ପ୍ରତି କେନ୍ଦ୍ର ଓ ରାଜ୍ୟ କେତେ ସମ୍ବେଦନଶୀଳ ତାହା ବାରିହୋଇପଡୁଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କ୍ଷୋଭ ପ୍ରକାଶ କରିବା ସହ ତୀବ୍ର ସମାଲୋଚନା କରିଛନ୍ତି।

ନୂଆଦିଲ୍ଲୀର ଇନ୍ଦିରା ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ କହିଛନ୍ତି ଯେ ରାଜ୍ୟ ସରକାର ପ୍ରଥମ ବର୍ଷ ପୂର୍ତ୍ତି ପାଳନ କରୁଛନ୍ତି, ହେଲେ ନିର୍ବାଚନ ପ୍ରତିଶ୍ରୁତି ପାଳନ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ନିକଟରେ ବଲାଙ୍ଗିରରେ ଜଣେ କୋଟିପତି ଇଞ୍ଜିନିଅର ଧରାହେବା ରାଜ୍ୟରେ ଦୁର୍ନୀତି ସ୍ଥିତି ସମ୍ପୂର୍ଣ୍ଣ ରୂପେ ବାରି ହୋଇପଡ଼ିଛି। ମନ୍ତ୍ରୀ-ଅଫିସର ଭ୍ରଷ୍ଟାଚାରରେ ମାତିଛନ୍ତି। ମୁଖ୍ୟଯନ୍ତ୍ରୀ ଧରାପଡୁଛନ୍ତି ସିବିଆଇବାଲା ଇଡି ଅଧିକାରୀଙ୍କୁ ଧରୁଛନ୍ତି, ଯୁବ-ଆଇଏଏସ ବି ଧରାପଡୁଛନ୍ତି। ଏଥିରୁ ଦୁର୍ନୀତି କେଉଁ ସ୍ତରକୁ ଛୁଇଁଛି ତାହା ଜଳଜଳ ଦିଶୁଛି। ରାଜ୍ୟରେ ଆୟୁଷ୍ମାନ ଯୋଜନା ସମ୍ପୂର୍ଣ୍ଣ ଫେଲ୍ ମାରିଛି। ପ୍ରଦୂଷଣରୁ ସଂକ୍ରମିତ ଲୋକେ ହଇଜାରେ ମରୁଛନ୍ତି, ଟଙ୍କାଟିଏ ବି ଅନୁକମ୍ପା ରାଶି ନାହିଁ। ଉତ୍ସବ ମନାଇବା ପାଇଁ ଏପରି ସମୟରେ ପ୍ରଧାନମନ୍ତ୍ରୀ ଆସିବା ଉଚିତ କି ବୋଲି ସେ ପ୍ରଶ୍ନ କରିଛନ୍ତି। କଂଗ୍ରେସର ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ କହିଛନ୍ତି ଯେ ରାଜ୍ୟର ବିଜେପି ଯାହା ପ୍ରତିଶ୍ରୁତି ଦେଇଥୁଲା ତାହା ପାଳନ କରିନାହିଁ। ସାଧାରଣ ଲୋକଙ୍କ ପାଇଁ ସ୍ୱର ଉତ୍ତୋଳନ କଲେ ବିଧାନସଭାରେ କଂଗ୍ରେସ ସଦସ୍ୟମାନଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ନିଲମ୍ବନ କରାଯାଉଛି। ସେହିପରି କୋରାପୁଟ ସାଂସଦ ସପ୍ତଗିରି ଉଲକା କହିଛନ୍ତି ଯେ ପଶ୍ଚିମ ଓଡ଼ିଶାରେ ହସ୍ତତନ୍ତ ପାର୍କ କରିବେ ବୋଲି କହିଥିଲେ କିନ୍ତୁ କୁଆଡ଼େ ଗଲା। ଅନୁରୂପ ଭାବେ ରାଜ୍ୟ ପ୍ରଭାରୀ ଅଜୟ କୁମାର ଲାଲୁ କହିଥିଲେ ଯେ ବର୍ଷ ଏକ, ପ୍ରତାରଣା ଅନେକ। ପ୍ରାକୃତିକ ସମ୍ପଦରେ ସବୁଠୁ ଧନୀ ରାଜ୍ୟର ଲୋକ ସବୁଠୁ ଗରିବ। ୫ମ ସୂଚୀ ଅନୁସାରେ ଆଦିବାସୀଙ୍କୁ ପଟ୍ଟା ଦେଉନାହାନ୍ତି। ଦାଦନ ପଳାୟନ ସବୁଠୁ ବଡ଼ ସମସ୍ୟା। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୨୪ ଶାସନରେ ଗଞ୍ଜାମ ଜିଲ୍ଲାରେ କୌଣସି ଶିଳ୍ପ କଳକାରଖାନା ହୋଇନଥିବାବେଳେ ସେଠିକାର ଜନସାଧାରଣମାନେ ଦାଦନ ଖଟିବାକୁ ବାଧ ହେଉଛନ୍ତି।




# ଅଗ୍ରସର ହେଉଛି ମୌସୁମୀ

**ଭୁବନେଶ୍ୱର,୧୬।୬/ଏନ୍‌ଏନ୍‌ଏସ୍:** ଅଗ୍ରସର ହେଉଛି ମୌସୁମୀ ବାୟୁ। ରାଜ୍ୟର ବଲାଙ୍ଗୀର ସମେତ ବିଭିନ୍ନ ଅଞ୍ଚଳ ଅତିକ୍ରମ କରି ଆଗାମୀ ୫ ଦିନ ଯାଏ ବର୍ଷା ଜାରି ରହିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଏନେଇ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି। ଆଗାମୀ ତିନି ଦିନ ପାଇଁ ରାଜ୍ୟରେ ବିଭିନ୍ନ ଜିଲ୍ଲାକୁ ବଜ୍ରପାତ ଜନିତ ବର୍ଷା ପବନର ଚେତାବନୀ ଦିଆଯାଇଛି। ପାଣିପାଗ ବିଭାଗ ପକ୍ଷରୁ ୧୭ରୁ ୧୮ ତାରିଖ ଯାଏ ବଜ୍ରପାତ ଜନିତ ବର୍ଷା ପବନର ସୂଚନା ଦିଆଯାଇଛି। ଏନେଇ ମତ୍ସ୍ୟଜୀବୀମାନଙ୍କୁ ମଧ୍ୟ ସମୁଦ୍ର ଭିତରକୁ ଆସନ୍ତାକାଲିଠୁ ୧୯ ତାରିଖ ଯାଏଁ ନ ଯିବାକୁ ପରାମର୍ଶ ଦିଆଯାଇଛି। ଆସନ୍ତାକାଲି ମୟୂରଭଞ୍ଜ, କେନ୍ଦୁଝର ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ଝଟକା ପବନର ବେଗ ୩୦-୪୦ କିଲୋମିଟର ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି । ସେହିପରି ଝାରସୁଗୁଡ଼ା, ଦେଓଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, ସମ୍ବଲପୁର, ଅନୁଗୁଳ, ବରଗଡ଼ ଏବଂ ଢେଙ୍କାନାଳ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଓ ଝଟକା ପବନର ବେଗ ୩୦-୪୦ କିଲୋମିଟର ପ୍ରତି ଘଣ୍ଟା ହେବାର ସମ୍ଭାବନା ସହ ୟେଲୋ ଓ୍ୱାର୍ଣ୍ଣିଂ ଦିଆଯାଇଛି। ଅନ୍ୟ ଜିଲ୍ଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ସୁନ୍ଦରଗଡ, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେଓଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ଝଟକା ପବନର ବେଗ ୩୦-୪୦ କିଲୋମିଟର ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି। ସେହିପରି ୧୮ ତାରିଖରେ ମଧ୍ୟ ବଜ୍ରପାତ ଜନିତ ଚେତାବନୀ ସହ ଅରେଞ୍ଜ ଓ୍ୱାର୍ଣ୍ଣିଂ ଥିବା ଜିଲ୍ଲାଗୁଡ଼ିକ ହେଉଛି କେନ୍ଦୁଝର ଏବଂ ସୁନ୍ଦରଗଡ଼। ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ଓ ଝଟକା ପବନର ବେଗ ୩୦-୪୦ କିଲୋମିଟର ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି। ମୟୂରଭଞ୍ଜ, ବାଲେଶ୍ୱର ଏବଂ ଭଦ୍ରକ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଓ ଝଟକା ପବନର ବେଗ ୩୦-୪୦ କିଲୋମିଟର ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି।

# ପଞ୍ଚାନବେ ବର୍ଷ ପରେ ପୁଣି 'ମୁକୁର'



**ଭୁବନେଶ୍ୱର,୧୬।୬/ଏନ୍‌ଏନ୍‌ଏସ୍:** ଭାଷାଭିତ୍ତିକ ଓଡ଼ିଶା ଗଠନ ତଥା ଓଡ଼ିଆ ଭାଷା ଆନ୍ଦୋଳନକୁ ଏକଦା ଶକ୍ତି ଦେଇଥିବା ପତ୍ରିକା 'ମୁକୁର' ର ସ୍ମୃତିକୁ ଆଧାର କରି ପ୍ରକାଶ ପାଇଛି 'ଓଡ଼ିଆ ସାହିତ୍ୟର ମୁକୁର'। କଟକ ସିଡିଏର ଆବାସିକମାନେ ଏକାଠି ହୋଇ ଏହି ସାହିତ୍ୟ ପତ୍ରିକାକୁ ପ୍ରକାଶନ କରିଛନ୍ତି। ପ୍ରଥମ ସଂଖ୍ୟାକୁ ଉନ୍ମୋଚନ କରି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ମୁକୁରକୁ ଏକ ପ୍ରବାହ ବୋଲି କହିଛନ୍ତି। ପୁନଃ ପ୍ରକାଶନର ଆବଶ୍ୟକତା ଅନେକ ଥିଲା ଏବଂ ଓଡ଼ିଆ ସାହିତ୍ୟ ପାଇଁ ଏହା ଏକ ପ୍ରବାହ ସାଜିବ ବୋଲି ସେ ଆଶା ପ୍ରକାଶ କରିଥିଲେ।

ମୁଖ୍ୟବକ୍ତା ଭାବେ ପ୍ରଖ୍ୟାତ ସାହିତ୍ୟିକ ଗୌରହରି ଦାସ ଯୋଗ ଦେଇଥିଲେ। ଆବାସିକ ସଂଘର ଉଦ୍ୟମକୁ ସାଧୁବାଦ ଜଣାଇବା ସହ ଓଡ଼ିଆ ସାହିତ୍ୟ ଓ କାହାଣୀକୁ ସଂରକ୍ଷଣ ଏବଂ ପୁନ ଉତ୍ଥାନ ପାଇଁ ଥିବା ସୁଯୋଗ ସମ୍ପର୍କରେ ବର୍ଣ୍ଣନା କରିଥିଲା। 'ମୁକୁର' ଏକ ସମ୍ଭାବନା ମଞ୍ଚ ସୃଷ୍ଟି କରିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ସଦ୍ୟ ପ୍ରକାଶିତ 'ଓଡ଼ିଆ ସାହିତ୍ୟର ମୁକୁର' ଷାଣ୍ମାସିକ ଭାବେ ପ୍ରକାଶ ପାଇବ ଏବଂ ଓଡ଼ିଆ ସାହିତ୍ୟର କିମ୍ବଦନ୍ତୀଙ୍କ ଲେଖନୀକୁ ପୁଣିଥରେ ପାଠକଙ୍କ ସାମ୍ନାକୁ ଆଣିବାକୁ ପ୍ରୟାସ କରିବ ବୋଲି କହିଛନ୍ତି ସମ୍ପାଦକ ଗୌତମ ସିଦ୍ଦିକ୍। ଖାଲି ସେତିକି ନୁହେଁ, ନୂତନ ପିଢ଼ିକୁ ପ୍ରେରିତ କରି ସେମାନଙ୍କ ମଧ୍ୟରେ ସାହିତ୍ୟ ପ୍ରୀତି ସୃଷ୍ଟି ଓ ସୃଜନଶୀଳ ଲେଖା ମନୋବୃତ୍ତି ଜାଗ୍ରତ କରିବାକୁ ଏ ପତ୍ରିକା ଉତ୍‌ପ୍ରେରକ ହେବ ବୋଲି ଶ୍ରୀ ସିଦ୍ଦିକ୍ ପ୍ରକାଶ କରିଛନ୍ତି।

ଆଜିକୁ ୯୫ ବର୍ଷ ତଳେ ବ୍ରଜସୁନ୍ଦର ଦାସଙ୍କ ଦ୍ୱାରା ପ୍ରକାଶିତ ମୁକୁରର ପ୍ରକାଶନକୁ ବନ୍ଦ କରି ଦିଆଯାଇଥିଲା। ୧୯୦୪ ମସିହାରୁ ୧୯୩୦ ଯାଏଁ ଏହି ପତ୍ରିକା ଓଡ଼ିଶାର ପୁରପଲ୍ଲୀ ତଥା ବୁଦ୍ଧିଜୀବୀ ମହଲରେ ଅନେକ ପରିଚୟ ଓ ପ୍ରଭାବ ହାସଲ କରିଥିଲା। ଏହାରି ପଦାଙ୍କକୁ ଅନୁସରଣ କରି 'ଓଡ଼ିଆ ସାହିତ୍ୟର ମୁକୁର'କୁ କଳ୍ପନା କରାଯାଇଥିବା ଶ୍ରୀ ସିଦ୍ଦିକ୍ କହିଛନ୍ତି। 'ଓଡ଼ିଆ ସାହିତ୍ୟର ମୁକୁର'ର ଏହି ସଂସ୍କରଣରେ ୨୬ ଜଣ ଲେଖକଙ୍କ କୃତୀ ପ୍ରକାଶ ପାଇଛି। ଯେଉଁଥିରେ ୧୦ଟି କିମ୍ବଦନ୍ତୀ କୃତୀକୁ ସାମିଲ କରାଯାଇଛି। ଏହି ଉନ୍ମୋଚନ ଉତ୍ସବରେ ଆବାସିକ ସଂଘର କର୍ମକର୍ତ୍ତା ପ୍ରଫେସର ଅକ୍ଷୟ ଦାସ ସଭାପତିତ୍ୱ କରିଥିଲେ। ଅନ୍ୟତମ ସଦସ୍ୟା ଛବିରାଣୀ ରାଉତ ଧନ୍ୟବାଦ୍ ଦେଇଥିଲେ।

# ଆଇଏମ୍‌ଆଇର ପିଜିଡିଏମ୍ ବ୍ୟାଚ୍ ପାଇଁ ପ୍ରେରଣାଦାୟକ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୬।୬/ଏନ୍‌ଏନ୍‌ଏସ୍:** ଆଇଏମ୍‌ଆଇ ଭୁବନେଶ୍ୱର ୨୦୨୫-୨୭ର ପିଜିଡିଏମ୍ ବ୍ୟାଚ୍ ପାଇଁ ଏହାର ଓରିଏଣ୍ଟେସନ୍ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛି। ଏହା ଦ୍ୱାରା ଭବିଷ୍ୟତର ଆଶାୟୀ ମ୍ୟାନେଜରମାନଙ୍କ ପାଇଁ ଏକ ନୂତନ ଶୈକ୍ଷିକ ଯାତ୍ରାର ଆରମ୍ଭ ହେବ।

କାର୍ଯ୍ୟକ୍ରମର ଆରମ୍ଭ ପ୍ରଫେସର୍ ସୁପ୍ରୀତି ମିଶ୍ର, ଡିନ୍ (ଶିକ୍ଷାବିଦ)ଙ୍କ ସ୍ୱାଗତ ଭାଷଣ ସହିତ ହୋଇଥିଲା। ସେ ଉତ୍କର୍ଷତା, ଶିଳ୍ପ ସମ୍ପର୍କ ଏବଂ ସାମଗ୍ରିକ ଛାତ୍ର ବିକାଶ ପ୍ରତି ପ୍ରତିଷ୍ଠାନର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ଆଇଏମ୍‌ଆଇ ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ପି ସି ବିଶ୍ୱାଳ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଶୈକ୍ଷିକ ଯାତ୍ରାକୁ କେବଳ ନିଯୁକ୍ତିର ପଥ ଭାବରେ ଦେଖିବା ପରିବର୍ତ୍ତେ ଶିକ୍ଷା ଏବଂ ବ୍ୟକ୍ତିଗତ ବିକାଶର ଏକ ନିରନ୍ତର ପ୍ରକ୍ରିୟା ଭାବରେ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ସେ ଶୈକ୍ଷିକ ଶୃଙ୍ଖଳା ବଜାୟ ରଖିବା, ମାନସିକ ଏବଂ ଶାରୀରିକ ସୁସ୍ଥତାକୁ ପୋଷଣ କରିବା ଏବଂ ପାଠ୍ୟକ୍ରମ ବାହାର କାର୍ଯ୍ୟକଳାପରେ ସାମିଲ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ସମାଜରେ ଅର୍ଥପୂର୍ଣ୍ଣ ଅବଦାନ ରଖୁଥିବା ଦୟାଳୁ ବ୍ୟକ୍ତି ହେବାର ଗୁରୁତ୍ୱ ଉପରେ ମଧ୍ୟ ଆଲୋକପାତ କରିଥିଲେ। ସୁରଜ ମଲ୍ଲିକ, ପ୍ରତିଷ୍ଠାତା ଏବଂ ସିଇଓ, ଲିଗାସି ଗ୍ରୋଥ୍, ମୁଖ୍ୟ ଅତିଥି ଛାତ୍ରଛାତ୍ରୀମାନଙ୍କୁ ଉଦ୍ଦେଶ୍ୟର ଏକ ଗଭୀର ଭାବନା ବିକଶିତ କରିବାକୁ ପରାମର୍ଶ ଦେଇଥିଲେ। ସେ ଛାତ୍ରଛାତ୍ରୀମାନଙ୍କୁ ସ୍ମାର୍ଟ କାର୍ଯ୍ୟ ଉପରେ ଧ୍ୟାନ ଦେବାକୁ ଏବଂ ପ୍ରଭାବଶାଳୀ ନିଷ୍ପତ୍ତି ଗ୍ରହଣ କ୍ଷମତା ବିକଶିତ କରିବାକୁ ପ୍ରେରଣା ଦେଇଥିଲେ। ସେ ମୂଲ୍ୟବାନ ଶିଳ୍ପ ଅନ୍ତର୍ଦୃଷ୍ଟି ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ ଏବଂ ଛାତ୍ରଛାତ୍ରୀମାନଙ୍କୁ ସ୍ୱଚ୍ଛତା, ଆତ୍ମବିଶ୍ୱାସ ତଥା ନିଜକୁ ସାମିଲ କରି ମ୍ୟନେଜମେଣ୍ଟକୁ ଆଗକୁ ନେବାକୁ ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମର ଅଧ୍ୟକ୍ଷ ପ୍ରଫେସର୍ ସୌଗତ ରାୟଙ୍କ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ। ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ୨ ସପ୍ତାହ ଧରି ଚାଲିବ। ଏଥିରେ ଛାତ୍ରଛାତ୍ରୀମାନେ ଅନେକ ପ୍ରମୁଖ ଶିଳ୍ପ ଏବଂ ସାମାଜିକ ନେତାଙ୍କ ସହ ଭାବ ବିନିମୟ କରିପାରିବେ। ଯୋଗ ଏବଂ ମାନବ ମୂଲ୍ୟବୋଧ ଉପରେ ଅଧିବେଶନ ସମେତ ବିଶେଷଜ୍ଞଙ୍କ ଦ୍ୱାରା ଶାରୀରିକ ଏବଂ ମାନସିକ ସୁସ୍ଥତା ପାଇଁ ଅଧିବେଶନ ମଧ୍ୟ ହେବ। ଉଦ୍‌ଘାଟନୀ ଅଧିବେଶନ ଆଗାମୀ ଶିକ୍ଷା ଅଧିବେଶନ ପାଇଁ ଏକ ସ୍ପନ୍ଦନଶୀଳ ସ୍ୱର ସ୍ଥାପନ କରିଥିଲା, ଯାହା ସାମାଜିକ ଭାବରେ ଦାୟିତ୍ୱବାନ ଏବଂ ଶିଳ୍ପ ପାଇଁ ପ୍ରସ୍ତୁତ ହେଉଥିବା ବୃତ୍ତିଗତମାନଙ୍କୁ ଗଠନ କରିବାର ଆଇଏମ୍‌ଆଇ ଭୁବନେଶ୍ୱରର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରିଥିଲା।

# କେନାଲବନ୍ଧ ରାସ୍ତା ବିପଦସଂକୁଳ

## ଯାତାୟାତ ପାଇଁ ଭୟ କରୁଛନ୍ତି ଲୋକେ

**କୁଣ୍ଡେଇ,୧୬/୬/ଏନ୍ଏନ୍ଏସ୍:** ଗମନା ଗମନ ଦୃଷ୍ଟି କୋଣରୁ କାକଟପୁର ଲତାହରଣ ମୁଖ୍ୟ ରାସ୍ତାର ଘୋଡାମୁହାଁ ପୋଲଠାରୁ ଧୂର୍ଜ୍ଜଙ୍ଗ ପର୍ଯ୍ୟନ୍ତ ଯାଇଥିବା ଦେଢ଼ କିମି କେନାଲ ବନ୍ଧ ରାସ୍ତା ନିକଟସ୍ଥ ୧୦ଗୋଟି ଗ୍ରାମର ଜନସାଧାରଣଙ୍କ ଦୈନନ୍ଦିନ ଯାତାୟାତ ପାଇଁ ନିର୍ଭର କରିଥାନ୍ତି। ପୂର୍ବରୁ ଏହି କେନାଲବନ୍ଧ ରାସ୍ତାଟି ଲତାହରଣ ଗ୍ରାମପଞ୍ଚାୟତ ଅଧୀନରେ ଥିଲା। ୧୯୯୭ ମସିହାରେ ଏହି କେନାଲ ବନ୍ଧର ମାଟି ରାସ୍ତାକୁ କଂକ୍ରିଟ ଢଳେଇ ରାସ୍ତାରେ ପରିଣତ କରିବାକୁ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି ହେବାରୁ ତତ୍କାଳୀନ ସରପଞ୍ଚ ପ୍ରାଣନାଥ ମଲ୍ଲିକ ତାଙ୍କ କାର୍ଯ୍ୟକାଳ ୫ ବର୍ଷ ମଧ୍ୟରେ ପର୍ଯ୍ୟାୟକ୍ରମେ ଗ୍ରାମପଞ୍ଚାୟତ ପାଣ୍ଠିରୁ ଏହି ରାସ୍ତାକୁ କଂକ୍ରିଟ ଢଳେଇ ରାସ୍ତାରେ ପରିଣତ କରିଥିଲେ। ମାତ୍ର ୨୦୧୨ ମସିହାରେ ଏହି ରାସ୍ତାଟି କାକଟପୁର ଜଳସେଚନ ବିଭାଗ ଅଧୀନକୁ ଚାଲିଯିବାରୁ ଏହି ରାସ୍ତାର ରକ୍ଷଣା ବେକ୍ଷଣ କି ମରାମତି ଦିଗରେ ଆଉ ଲତାହରଣ ଗ୍ରାମପଞ୍ଚାୟତ ହସ୍ତକ୍ଷେପ କରୁନାହିଁ ବୋଲି ସ୍ଥାନୀୟ ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ ଅପାରଗତା, ପ୍ରଶାସନିକ ସ୍ଥାଣୁତା ଓ ରାଜନୈତିକ ଇଚ୍ଛା ଶକ୍ତି ଅଭାବରୁ ଏହି ରାସ୍ତାଟି ଦୀର୍ଘ ୧୨ବର୍ଷ ଧରି କାକଟପୁର ଜଳସେଚନ ବିଭାଗ ମରାମତି କି ନିର୍ମାଣ କରିବାର ନାଁ ଧରୁନଥିବା ବେଳେ ରାସ୍ତାଟି ବର୍ତ୍ତମାନ ଯାତାୟାତ କ୍ଷେତ୍ରରେ ସଂପୂର୍ଣ୍ଣ ଭାବେ ଅନୁପଯୋଗୀ ହୋଇପଡ଼ିଛି। ଯାହାଫଳରେ କି ସ୍ଥାନୀୟ ଜନସାଧାରଣ ରାତିରେ ଯିବା ଆସିବା କଥା ଛାଡ଼ ଦିନରେଏହି ରାସ୍ତା ଉପରେ ଯାତାୟାତ କରିବା ବେଳେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ଦୁଇ ପାର୍ଶ୍ୱରେ ଅନାବନା ଗଛର ଜଙ୍ଗଲ ସୃଷ୍ଟି ହୋଇ ରାସ୍ତା ମଝିକୁ ଗଛଲତା ମାଡ଼ି ଆସିଲାଣି। କେଉଁଠି ରାସ୍ତା ମଝିରେ ବଡ଼ ଫାଟ



ସୃଷ୍ଟି ହେଲାଣି ତ ଆଉ କେଉଁଠି ରାସ୍ତା ଉପରେ ଓ ରାସ୍ତା ପାର୍ଶ୍ୱରେ ଆଣ୍ଠୁଏ ଗଭୀରରେ ଗର୍ତ୍ତ ସୃଷ୍ଟି ହେଲାଣି। ରାସ୍ତା ଉପରକୁ ଅନାବନା ଗଛ ମାଡି ଆସିଥିବାରୁ କେତେବେଳେ ରାସ୍ତା ଉପରେ ବିଷଧର ସର୍ପ ଶୋଇରହୁଛନ୍ତି ତ ଆଉ କେତେବେଳେ ରାସ୍ତାର ଏପଟ ପାର୍ଶ୍ୱରୁ ସେପଟ ପାର୍ଶ୍ୱକୁ ଅତିକ୍ରମ କରୁଛନ୍ତି। ଏହି ରାସ୍ତାରେ ସନ୍ଧ୍ୟା ହେଲେ ପଥଚାରୀ ମାନେ ଯିବା ଆସିବାକୁ ଭୟ କରୁଛନ୍ତି। ରାସ୍ତାର ଅବସ୍ଥା ଏବେ ଏତେ ସଂକୀର୍ଣ୍ଣ ହୋଇଛି ଯେ ଏକ ସମୟରେ ଦୁଇଟି ମୋଟର ସାଇକେଲ ରାସ୍ତା ଅତିକ୍ରମ କଲାବେଳକୁ ବିଭିନ୍ନ ଅନାବନା ଗଛର ଡାଳ ବାଇକ ଆରୋହୀଙ୍କ ଦେହରେ ପିଟି ହୋଇଯାଉଛି। ଫଳରେ ଅଧିକାଂଶ ସମୟରେ ଏହି ରାସ୍ତାରେ ପଥଚାରୀ ଓ ଗାଡି ଚାଳକଙ୍କୁ ଦୁର୍ଘଟଣାର ଶିକାର ହେବାକୁ ପଡୁଛି। ଏହି ରାସ୍ତାର ଦୁଇପାର୍ଶ୍ୱରେ ଏବେ କଟକଣା, ଭଣ୍ଡାଘର, ଲତାହରଣ, ରସୁଲପୁର ଆଦି ବସ୍ତିର ଲୋକ ବସବାସ କରିବାକୁ ଘର ଦ୍ୱାର ନିର୍ମାଣ କରୁଥିବା ବେଳେ ଧୂର୍ଜ୍ଜଙ୍ଗ ଓ ଧୂର୍ଜ୍ଜଙ୍ଗ ହରିଜନ ସାହି ଗାଁ ସହିତ ନିକଟସ୍ଥ ୧୦ଗୋଟି ଗ୍ରାମର ଲୋକ ପ୍ରତିଦିନ ଯାତାୟାତ କ୍ଷେତ୍ରରେ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। କାକଟପୁର ଜଳସେଚନ ବିଭାଗ ସବଡ଼ିଭିଜନ କାର୍ଯ୍ୟାଳୟ ଆବଶ୍ୟକ ନଥାଇ ବହୁ ଅନାବଶ୍ୟକ ସ୍ଥଳେ ଏକାଧିକ କେନାଲରେ ସଂଖ୍ୟାଧିକ ବ୍ରିଜ ନିର୍ମାଣ ସାଙ୍ଗକୁ ବହୁ କେନାଲ ବନ୍ଧ ଓ ନଦୀ ବନ୍ଧରେ ପିଚୁ ଏବଂ ଢଳେଇ ରାସ୍ତା ନିର୍ମାଣ କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ଏହି ରାସ୍ତାକୁ ନିର୍ମାଣ କିମ୍ବା ମରାମତି ନକରିବା ପଛରେ କି ଉଦ୍ଦେଶ୍ୟ ରହିଛି ତାହା ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ଚିନ୍ତା ପ୍ରକଟ କରିଛି। ପୁରୀ ଜିଲ୍ଲାପାଳ, ରାଜ୍ୟ ଜଳସେଚନ ବିଭାଗ ମୁଖ୍ୟଯନ୍ତ୍ରୀ, ସର୍ବୋଚ୍ଚଯନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀ ଏହି ରାସ୍ତା ପ୍ରତି ଦୃଷ୍ଟି ଦେଇ ତୁରନ୍ତ ଏହି ରାସ୍ତାକୁ ନିର୍ମାଣ କରିବାକୁ ଉପରୋକ୍ତ ଗ୍ରାମର ଗ୍ରାମବାସୀଙ୍କ ସମେତ ଲତାହରଣ ଗ୍ରାମପଞ୍ଚାୟତବାସୀଙ୍କ ପକ୍ଷରୁ ଦୃଢ଼ ଦାବି ହେଉଛି।

# ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଯାଞ୍ଚକୁ ନେଇ ଅସାଧୁ ବ୍ୟବସାୟୀ ମହଲରେ ଛନ୍‌କା

**ଜଟଣୀ,୧୬/୬/ଏନ୍ଏନ୍ଏସ୍:** ବର୍ତ୍ତମାନ ରାଜ୍ୟର ଏକ ପ୍ରମୁଖ ଜିଲ୍ଲା ଯାଜପୁରରେ ହଇଜା ଓ ଝାଡାବାନ୍ତି ବ୍ୟାପିବା ସହିତ ଏହାର ପ୍ରଭାବ ପଡ଼ୋଶୀ ଜିଲ୍ଲା ମାନଙ୍କରେ ମଧ୍ୟ ଅନୁଭୂତ ହେଉଛି। ଯାହାକି ରାଜ୍ୟ ସରକାରଙ୍କ ମୁଣ୍ଡ ବ୍ୟଥାର ପ୍ରମୁଖ କାରଣ ସାଜିଛି। ଏହି ପରିପ୍ରେକ୍ଷୀରେ ସୋମବାର ଅଚାନକ ଭାବରେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଜଟଣୀ ସହରରେ ବିଭିନ୍ନ ନାମିଦାମୀ ମିଠା ଦୋକାନ ଓ ଲସି ଦୋକାନ ଉପରେ ଚଢାଉ କରାଯାଇଥିଲା। ତେବେ ଏହି ଚଢାଉ ସମୟରେ କିଛି ଦୋକାନୀ ଆଗୁଆ ସୂଚନା ପାଇ ଦୋକାନ ଭିତର ପଟୁ ତାଲା ପକାଇ ଦେଇଥିବା ଦେଖିବାକୁ ମିଳିଥିଲା। ତେବେ ବିଭାଗ ପକ୍ଷରୁ କିଛି ବାସି ସାମଗ୍ରୀ ନଷ୍ଟ କରାଯାଇଥିବା ବେଳେ ଜଳଖିଆ ଦୋକାନ ଓ ଲସି ଦୋକାନ ମାନଙ୍କରେ ବ୍ୟବହୃତ ପାଣିର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ନିଆଯାଇଥିଲା। ଏହି ଯାଞ୍ଚ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା ଖାଦ୍ୟ ସୁରକ୍ଷା ଓ ନିରାପତ୍ତା ଅଧିକାରୀ ନିବେଦିତା ଭଞ୍ଜ, ଟାଙ୍ଗୀ ଦାୟିତ୍ୱରେ ଥିବା ନିରାପତ୍ତା ଅଧିକାରୀ ଦେବାଶିଷ ବଳ, ଅନିଲ ମାଝୀ ଓ ସୁଶାନ୍ତ ସାମନ୍ତରାୟଙ୍କ ସମେତ ମ୍ୟୁନିସିପାଲଟିର କିଛି କର୍ମଚାରୀ ମାନେ ସାମିଲ ହୋଇଥିଲେ କ୍ଷ ତେବେ ଏଭଳି ଯାଞ୍ଚ ପ୍ରକ୍ରିୟା ଆଗକୁ କଡ଼ାକଡ଼ି କରାଯିବ ବୋଲି ସୂଚନା ମିଳିଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଭାରତୀୟ ଖାଦ୍ୟ ସାମଗ୍ରୀର ଗୁଣବତ୍ତା, ସ୍ୱଚ୍ଛତା ଏବଂ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ଖାଦ୍ୟ ସୁରକ୍ଷା ଏବଂ ମାନବ ଅଧିନିୟମ, ୨୦୦୬ ପ୍ରଣୟନ କରାଯାଇଛି। ଏହି ନିୟମ ଅନୁଯାୟୀ ଯଦି କୌଣସି ବ୍ୟକ୍ତି ଭେଜାଲ ଦ୍ରବ୍ୟ ବିକ୍ରୟ କରୁଥିବା



ଦେଖିବାକୁ ମିଳେ, ତାହା ହେଲେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ। ଯଦି ଜଣେ ବ୍ୟକ୍ତି ଅପମିଶ୍ରଣ ଖାଦ୍ୟ ସାମଗ୍ରୀ ଉତ୍ପାଦନ, ବିକ୍ରି କିମ୍ବା ବିତରଣ କରୁଥିବା ଦେଖିବାକୁ ମିଳେ, ତେବେ ଏହା ଏକ ଗୁରୁତର ଅପରାଧ ଭାବରେ ବିବେଚନା କରାଯାଏ। ଭେଜାଲ ଖାଦ୍ୟ ସାମଗ୍ରୀ ତିଆରି ଏବଂ ବିକ୍ରି ପାଇଁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ହୋଇପାରେ କ୍ଷ ସେହିପରି ଅପରାଧ ଗମ୍ଭୀରତାକୁ ବିଚାର କରି ଏପରି କ୍ଷେତ୍ରରେ ୬ ମାସରୁ ୭ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଏଥି ସହ ଯଦି ଭେଜାଲ ଖାଦ୍ୟ ପଦାର୍ଥ ଖାଇବା ହେତୁ ଜଣେ ବ୍ୟକ୍ତି ମରିଯାଏ, ତେବେ ଭେଜାଲ କରୁଥିବା ବ୍ୟକ୍ତିଙ୍କୁ ଆଜୀବନ କାରାଦଣ୍ଡ କିମ୍ବା ୧୦ ବର୍ଷ ପର୍ଯ୍ୟନ୍ତ ଦଣ୍ଡିତ କରାଯାଇପାରେ।

## ବର୍ଷା ଯୋଗୁଁ ଫିକା ପଡ଼ିଲା ରଜ ମହୋତ୍ସବ

**ଖଣ୍ଡପଡ଼ା,୧୬/୬/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ବର୍ଷାର ପ୍ରଭାବ ଯୋଗୁଁ ରଜ ଉତ୍ସବ ଫିକା ପଡିଯାଇଛି। ପୁରପଲ୍ଲୀରେ ୩ ଦିନ ଧରି ରଜ ଉତ୍ସବ ପାଳନ ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହେବାକୁ ଥିବା ବେଳେ ଲଗାଣ ବର୍ଷା ଯୋଗୁଁ ସବୁ କିଛି ବନ୍ଦ ହୋଇଯାଇଛି। ସେହିପରି ଖଣ୍ଡପଡ଼ା ସହରର ମା ଉମାଦେବୀଙ୍କ ମନ୍ଦିର ପରିସରରେ ୪ ଦିନ ଧରି ଆୟୋଜିତ ହେଉଥିବା ରଜ ମହୋତ୍ସବର ୨ୟ ସନ୍ଧ୍ୟା ଲଗାଣ ବର୍ଷାର ପ୍ରଭାବରେ ଫିକା ପଡିଯାଇଛି। ମହୋତ୍ସବର ଆୟୋଜକମାନେ ଏ ନେଇ ଚିନ୍ତାରେ ପଡିଯାଇଥିବା ଜଣାପଡିଛି। ରଜ ମହୋତ୍ସବ ଫିକା ପଡିବା ଯୋଗୁଁ କୁମାରୀମାନଙ୍କ ମନରେ ନୈରାଶ୍ୟ ଭାବ ସୃଷ୍ଟି ହୋଇଥିବା ଜଣାପଡିଛି। ଆସନ୍ତା ୧୭ ତାରିଖ ସନ୍ଧ୍ୟାରେ ରଜ କୁଇନ ପ୍ରତିଯୋଗିତା ସହ ରଜ ମହୋତ୍ସବ ଶେଷ ହେବ ବୋଲି ଜଣାପଡିଛି।

## ରଜ ମହୋତ୍ସବରେ ଦର୍ଶକଙ୍କ ମନ ମୋହିଲା ସମ୍ବଲପୁରୀ ନୃତ୍ୟ




**ନୟାହାଟ,୧୬/୬/ଏନ୍ଏନ୍ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ନରସିଂହପୁର ହାଟ ଚାଚାଖାଇ ଠାକୁରାଣୀଙ୍କ ନିକଟରେ ରବିବାର ରାତି ୯ଟାରେ ଦ୍ୱିତୀୟ ସଂଧ୍ୟା ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ବଲପୁରୀ ନୃତ୍ୟ ଉପସ୍ଥିତ ଦର୍ଶକମାନଙ୍କ ମନ ମୋହିଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ବାଇଧର ମଲ୍ଲିକ ଯୋଗଦେଇ ଅନୁଷ୍ଠାନର ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ଅତିଥି ମଧ୍ୟରେ ପୂର୍ବତନ ମଣ୍ଡଳ ସଭାପତି ଦୀନକୃଷ୍ଣ ମହାନ୍ତି, ନାରୀନେତ୍ରୀ ଲକି ସାହୁ, ସମ୍ପଦ କୁମାର ମହାନ୍ତି ଓ ଉପେନ୍ଦ୍ର ସୁବୁଦ୍ଧି ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ମୁଖ୍ୟ କର୍ତ୍ତା ବା ଆୟୋଜକ ସମ୍ପଦ ମହାନ୍ତି ଓଡ଼ିଶା ନୁହେଁ, ସାରା ଭାରତବର୍ଷରେ ଯେପରି ଆମ ଅଞ୍ଚଳର ପିଲା ସୁନାମ ଅର୍ଜନ କରିବେ ସେଥିପାଇଁ ସବୁ ପ୍ରକାର ଚେଷ୍ଟା ଜାରିରହିବ। ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିବା କଳାକାରମାନଙ୍କୁ ମୁଖ୍ୟ ଅତିଥି ଶ୍ରୀ ମଲ୍ଲିକ ମାନପତ୍ର ପ୍ରଦାନ କରିଥିଲେ।

## ଖଣ୍ଡପଡ଼ାରେ ଆଗେଇ ଚାଲିଛି ରଥ ନିର୍ମାଣ କାର୍ଯ୍ୟ



**ଖଣ୍ଡପଡ଼ା,୧୬/୬/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ସହର ସମେତ ଖଳିସାହି ମର୍ଦ୍ଦରାଜପୁର ଠାରେ ଶ୍ରୀ ଜିଉଙ୍କ ପବିତ୍ର ଘୋଷଯାତ୍ରା ନିମନ୍ତେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଥିବା ଜଣାପଡିଛି। ଖଣ୍ଡପଡ଼ା ସହରର ରଥଗଡା ଛକରେ ମହାରଣା ସେବକମାନଙ୍କ ମାନଙ୍କ ଦ୍ୱାରା ୨ଟି ରଥ ନିର୍ମାଣ କରାଯାଉଥିବା ଜଣାପଡିଛି। ଖଣ୍ଡପଡ଼ା ରାଜ ପରିବାର ଦ୍ୱାରା ପରିଚାଳିତ ଜଗନ୍ନାଥ ମନ୍ଦିରରେ ପୂଜା ପାଉଥିବା ଏକକ ଜଗନ୍ନାଥଜୀଉଙ୍କ ନିମନ୍ତେ ଗୋଟିଏ ରଥ ନିର୍ମାଣ କରାଯାଉଥିବା ବେଳେ ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ ଶ୍ରୀ ରଘୁନାଥଜୀଉଙ୍କ ମନ୍ଦିରର ପାର୍ଶ୍ୱଦେବତା ଭାବେ ପୂଜା ପାଉଥିବା ପ୍ରଭୁ ପତିତପାବନଙ୍କ ଘୋଷଯାତ୍ରା ନିମନ୍ତେ ଦେବୋତ୍ତର ବିଭାଗ ପକ୍ଷରୁ ଆଉ ଏକ ରଥ ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବା ଜଣାଯାଇଛି। ଆସନ୍ତା ୨୭ ତାରିଖରେ ଶ୍ରୀଜିଉଙ୍କ ପବିତ୍ର ଘୋଷଯାତ୍ରା ଶାନ୍ତିଶୃଙ୍ଖଳାରେ ଶେଷ ନିମନ୍ତେ ସ୍ଥାନୀୟ ତହସିଲ ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଉଥିବା ସୂଚନା ମିଳିଛି।

## ରାସ୍ତା କାମକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ହାତାହାତି

**ନୟାହାଟ,୧୬/୬/ଏନ୍ଏନ୍ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରଭା ପଞ୍ଚାୟତରେ ଏକ ରାସ୍ତା ବାଲି ମୋରମ କାର୍ଯ୍ୟକୁ ନେଇ ରବିବାର ଦିନ ଦୁଇ ଗୋଷ୍ଠୀ ମଧ୍ୟରେ ହାତାହାତି ହୋଇଥିବା ନେଇ ନୟାହାଟରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଛି। ଏ ସଂପର୍କରେ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକଙ୍କୁ ପଚାରିବାରେ ସେ କୁହନ୍ତି ଏଥିରେ କେହି ଆହତ ହୋଇନାହାନ୍ତି, ଘଟଣାର ତଦନ୍ତ ଚାଲିଛି। ଯଦି ପକ୍ଷ ମଧ୍ୟରେ ସମାଧାନ ନ ହୁଏ ତେବେ ଦୁଇଟି ମୋକଦ୍ଦମା ରୁଜୁ କରାଯିବ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି।

## ବନ କର୍ମଚାରୀଙ୍କ ଧାରଣା ଦ୍ୱିତୀୟ ଦିନରେ

**ଖଣ୍ଡପଡ଼ା,୧୬/୬/ଏନ୍ଏନ୍ଏସ୍:** ତିନିଦଫା ଦାବିପୂରଣ ନେଇ ବନ କର୍ମଚାରୀମାନେ କଳାବ୍ୟାଜ ପିନ୍ଧି ଶାନ୍ତିପୂର୍ଣ୍ଣ ଭାବେ ଚଳାଇଥିବା ଧାରଣା ଦ୍ୱିତୀୟ ଦିନରେ ପହଞ୍ଚିଛି। ଖଣ୍ଡପଡ଼ା ବନାଞ୍ଚଳ ଅଧୀନରେ କାର୍ଯ୍ୟରତ ୭ ଜଣ ବନପାଳ ଓ ୮ ଜଣ ବନରକ୍ଷୀ ଏହିପରି ୧୫ ଜଣ କର୍ମଚାରୀ ଆନ୍ଦୋଳନରେ ସାମିଲ ହୋଇଥିବା ଜଣାପଡିଛି। ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଏଭଳି ଧାରଣା ଚାଲୁ ରହିବ ବୋଲି ଧାରଣାରତ କର୍ମଚାରୀଙ୍କ ଠାରୁ ପ୍ରକାଶ। ରାଜ୍ୟ ସରକାର ନାର୍ଯ୍ୟ ଦାବିଗୁଡିକ ପୂରଣ ଦିଗରେ ଧ୍ୟାନ ନଦେଲେ ଆସନ୍ତା ୨୨ତାରିଖରୁ ବନ କର୍ମଚାରୀମାନେ ସମୁହ ଛୁଟିରେ ରହି ଅନଶନ କରିବେ ବୋଲି ରାଜ୍ୟ ସଂଘ ନିଷ୍ପତ୍ତି ନେଇଥିବା ଜଣାପଡିଛି।

## ମା' ତାରାଦେବୀଙ୍କ ପୀଠରେ ରଜ ଉତ୍ସବ

**ଖୋର୍ଦ୍ଧା,୧୬/୬/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୋଳସ୍ଥିତ ମା' ତାରାଦେବୀଙ୍କ ପୀଠରେ ଅନୁଷ୍ଠିତ ରଜ ମଉଜ ୨୦୨୫ର ଦ୍ୱିତୀୟ ସନ୍ଧ୍ୟା ରଜ ସଂକ୍ରାନ୍ତି ଅବସରରେ ବିଜେପି ବରିଷ୍ଠ ନେତ୍ରୀ ବାସନ୍ତୀ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ସରପଞ୍ଚ ବିରେଶ ରାଜଗୁରୁ, ବୁଦ୍ଧଦେବ ବିଷୋଇ, ପ୍ରଭାକର ଜୟସିଂହ ମଞ୍ଚ ମଣ୍ଡନ କରିଥିଲେ। ଏ ମଞ୍ଚ ଆଗକୁ ଆଞ୍ଚଳିକ ରଜ ମହୋତ୍ସବ ଭାବରେ ସୁଶୋଭିତ ହେବାକୁ ହେଲେ ଆମକୁ ସମସ୍ତେ ଏକାଠି ହୋଇ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ଶ୍ରୀମତୀ ମହାପାତ୍ର ମତବ୍ୟକ୍ତ କରିଥିଲେ। ଗନ୍ଧର୍ବ ସେନ ସାହୁ ମଞ୍ଚ ପରିଚାଳନା ଓ ଭାଗିରଥି ବେହେରା ତାସ ଖେଳ ପରିଚାଳନା କରିଥିଲେ। ରାମଲୀଳା ନାଟ୍ୟ ସଂସଦ କଳାକାରମାନେ ମହିରାବଣ ବଧ ପରିବେଷଣ କରିଥିଲେ। ସୋମନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ମାନସ ମନ୍ଥନରେ ଦୁର୍ନୀତି ନିବାରଣ ଅଧିବକ୍ତା ସମ୍ମାନିତ

**କୁଆଁପାଳ,୧୬/୬/ଏନ୍ଏନ୍ଏସ୍:** ସାହା ପକ୍ଷରୁ ରଜସଂକ୍ରାନ୍ତିରେ ଏକ ମାନସମନ୍ଥନ କାର୍ଯ୍ୟକ୍ରମ ଧାରପୁରସ୍ଥିତ ହନୁମାନ ମନ୍ଦିର ପରିସରରେ ମାନବାଧିକାରୀ କର୍ମୀ ଆଇନଜୀବୀ ସତ୍ୟନାରାୟଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶତାଧିକ ଯୁବକ ଏକାଠି ହୋଇ ଗ୍ରାମ୍ୟ ସଂସ୍କୃତିରେ ରଜର ମହତ୍ୱ ଉପରେ ଆଲୋଚନା କରିବା ସହ ଦ୍ରୁତଗତିରେ ଗାଁର ପରିବେଶ ପ୍ରକୃତି ଉଜୁଡୁଥିବାରୁ ଏହାକୁ ବଞ୍ଚାଇ ରଖିବାକୁ ସମସ୍ତେ ଉଦ୍ୟମ କରିବାକୁ ଆଗେଇ ଆସିବା ପାଇଁ ଉଚିତ୍ ବୋଲି ମତ ପ୍ରକାଶ ପାଇଥିଲା। ଦୁର୍ନୀତି ନିବାରଣ ବିଭାଗର ସରକାରୀ ଅଧିବକ୍ତା ପି.ପି. ଜ୍ୟୋତିପ୍ରକାଶ ମହାପାତ୍ର ଯୋଗଦେଇ ଦୁର୍ନୀତି ଦେଶପ୍ରତି ବିପଦ ବୋଲି ମତ ପ୍ରକାଶ କରି ଯୁବ ସମାଜ ଏହାର ବିରୋଧ କରିବାକୁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏହି ମାନସମନ୍ଥନରେ ସ୍ତମ୍ଭକାର ତଥା ସୂଚନାକର୍ମୀ ବିବେକାନନ୍ଦ



ଦାସ, କବି ଗୋବିନ୍ଦ ମହାନ୍ତି, ଯୋଗଗୁରୁ ସ୍ୱୟଂପ୍ରକାଶ ମହାପାତ୍ର, ଶିକ୍ଷାବିତ୍ ଡଃ ଭାବଗ୍ରାହୀ ରାଉତ, ବିଶିଷ୍ଟ ସାମାଜିକ କର୍ମୀ ଦିନବନ୍ଧୁ ନାୟକ, ସରୋଜ ଜେନା, ଶିକ୍ଷାବିତ୍ ଅରୁଣ କୁମାର ବାରିକ, ସାମ୍ବାଦିକ ବିଜୟ ଜେନା, ଧନେଶ୍ୱର ସେଠୀ, ଏଡିଏମ ତନ୍ମୟ ବେହେରା, ଶରତ କୁମାର ନାୟକ, ବିଶ୍ୱନାଥ ସ୍ୱାଇଁ, ରାଜେଶ ସାହୁ, ପ୍ରମୋଦ କୁମାର ଓଝା, ସୁକାନ୍ତ ମାଢ଼େଇ, ରାଜ୍ୟସଚିବାଳୟର ଅଧିକାରୀ ବିକାଶ ସୁତାର, ଅସିତ୍ ଜେନା, ସଚ୍ଚିଦାନନ୍ଦ ବେହେରା, ସିଏ ଜ୍ଞାନ ରଂଜନ ଦାସ, ମନୋରଂଜନ ନାୟକ, ସର୍ବେଶ୍ୱର ବାରିକ, ଭାରତଭୂଷଣ ପଟ୍ଟନାୟକ ପ୍ରମୁଖ ଓଡ଼ିଶାର ଗଣପର୍ବ ରଜପର୍ବକୁ ନେଇ ନିଜର ବିଚାର ରଖିଥିଲେ। ଏହି ଅବସରରେ ଦୁର୍ନୀତି ନିବାରଣ ବିଭାଗରେ ନୂତନ ଭାବେ ଯୋଗଦେଇଥିବା ଯୁବଅଧିବକ୍ତା ଜ୍ୟୋତି ପ୍ରକାଶ ସ୍ୱାଇଁଙ୍କୁ ଡାକ୍ତର ତନ୍ମୟ ବେହେରା ସମ୍ମାନୀତ କରିଥିଲେ। ସେହିଭଳି ସୁପ୍ରିମ୍‌କୋର୍ଟର ଯୁବଅଧିବକ୍ତା ଦେବଦତ୍ତ କାନୁନ୍‌ଗୋଙ୍କୁ ବିଶିଷ୍ଟ ସାମାଜିକ କର୍ମୀ ରବିନ୍ଦ୍ର କୁମାର ମହାନ୍ତି ସମ୍ମାନୀତ କରିଥିଲେ। ଇଂ. ସତ୍ୟବ୍ରତ ମହାନ୍ତି, ଅମରେନ୍ଦ୍ର ଜେନା, ସନ୍ତୋଷ ଓଝା, ପ୍ରଦିପ୍ତ ସୁତାର, ଗୋବିନ୍ଦ ଦାସ, ଅଧ୍ୟାପକ ଅନିଲ ଜେନା,ଫେନ୍ସର ପ୍ରଭାକର ବେହେରା, ଗଛକିଶୋର ଅଜୟ ପଣ୍ଡା, ଦିପକ ସେଠୀ, ହରିହାଟ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରଜ ଉପଲକ୍ଷେ ମନ୍ଦିର ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଅଧ୍ୟାପକ ପ୍ରଦିପ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ହନୁମାନ ମନ୍ଦିର ପରିଚାଳନା ପରିଷଦ ପକ୍ଷରୁ ବିଭୂତିଭୂଷଣ ମହାନ୍ତି, ମହେନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ପ୍ରକାଶ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାହା ଅନୁଷ୍ଠାନର ବହୁ ସଦସ୍ୟ ଅଂଶଗ୍ରହଣ କରିଥିଲେ।

# ରଜରେ ଶିଶୁ ଉଦ୍ୟାନରେ ତାଲାପଡ଼ିବାକୁ ନେଇ ଉତ୍ତେଜନା

**ଆଠଗଡ଼,୧୬/୬/ଏନ୍ଏନ୍ଏସ୍:** ରଜ ପର୍ବରେ ଆଠଗଡ଼ ସହରରେ ଥିବା ବିଜ୍ଞାପିତ ପରିଷଦର ଏକମାତ୍ର ଶିଶୁ ଉଦ୍ୟାନ ବିଜୁ ପଟ୍ଟନାୟକ ଶିଶୁଉଦ୍ୟାନକୁ ପିଲାମାନେ ଆସିବା ସହିତ ଦୋଳି ଏବଂ ଅନ୍ୟାନ୍ୟ ଖେଳ ଖେଳି ହସଖୁସିରେ ଘରକୁ ଫେରିଥିବା ବେଳେ ଆଜି ଅପରାହ୍ନ ୩ଘଟିକା ସମୟରେ ଛୋଟ ଛୋଟ



### ଅଧିକାରୀଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ

ପିଲାମାନେ ନିଜ ନିଜର ଅଭିଭାବକଙ୍କ ସହିତ ଉଦ୍ୟାନକୁ ଆସିଥିଲେ। ମାତ୍ର ଶିଶୁ ଉଦ୍ୟାନର ଫାଟକ ତାଲା ପଡ଼ିଥିବା ଦେଖି ପିଲାମାନଙ୍କ ମଧ୍ୟରେ ନୈରାଶ୍ୟ ଖେଳିଯାଇଥିଲା। ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ଉତ୍ତେଜନା ଦେଖାଯାଇଥିଲା। ଗତ ୩ ବର୍ଷ ତଥା ପୂର୍ବ ସରକାରଙ୍କ ସମୟରେ ଶିଶୁ ଉଦ୍ୟାନର ନବୀକରଣ ପାଇଁ ୭୫ ଲକ୍ଷ ଟଙ୍କା ଆସିଥିଲା ଏବଂ ତାର ଉନ୍ନତି ମୂଳକ କାମ ମଧ୍ୟ ଚାଲିଛି ଏବଂ ଯାହାକି ୭୫ ଶତକଡା କାମ ସରିଛି ହେଲେ ଏହାକୁ ପରିଷଦକୁ ହସ୍ତାନ୍ତର କରିନାହାନ୍ତି ମାତ୍ର ଶିଶୁ ଉଦ୍ୟାନରେ ବୁଲିବା ଏବଂ ଖେଳିବା ପାଇଁ ପିଲାଙ୍କୁ ଛାଡ଼ିଥାନ୍ତି। କିନ୍ତୁ ଆଜି ଶେଷ ରଜରେ ତାଲା ପକାଇବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା ଏବଂ ଉପରିସ୍ଥ ଅଧିକାରୀଙ୍କ ହସ୍ତକ୍ଷେପ ପରେ ପରିଷଦର କର୍ମଚାରୀ ହାତୁଡି ସହାୟତାରେ ତାଲାଭାଙ୍ଗି ପିଲାମାନଙ୍କୁ ଉଦ୍ୟାନକୁ ଛାଡିବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା।

# ସାଲେପୁରରେ ହଇଜା ଆଶଙ୍କା, ଲୋକେ ଆତଙ୍କିତ

**ସାଲେପୁର,୧୬/୬/ଏନ୍ଏନ୍ଏସ୍:** ରାଜ୍ୟରେ ଜିଲ୍ଲା ପରେ ଜିଲ୍ଲା ହଇଜା କାୟା ବିସ୍ତାର କରୁଥିବା ବେଳେ ଏହା କେତେବେଳେ ଯେ ସାଲେପୁର ଅଞ୍ଚଳକୁ ନ ବ୍ୟାପିବ ତାହା କହିବା ସମ୍ଭବ ନୁହେଁ। ବର୍ତ୍ତମାନ ଯାଜପୁର, ଭଦ୍ରକ, ଖୋର୍ଦ୍ଧା, କେନ୍ଦ୍ରାପଡା, କଟକ ଜିଲ୍ଲାର ଚୌଦ୍ୱାର ଆଦି ବହୁ ଅଞ୍ଚଳରେ ବ୍ୟାପି ସାରିଲାଣି। ସାଲେପୁର ବାଟ ଦେଇ ବିଭିନ୍ନ ଅଞ୍ଚଳକୁ ଲୋକମାନେ ଯିବା ଆସିବା କରିଥାନ୍ତି। ଏହି ଅଞ୍ଚଳରେ ଥିବା ହୋଟେଲ, ଫାଷ୍ଟ ଫୁଡ୍ ଦୋକାନ, ଉଠା ଦୋକାନ, ଜଳଖିଆ ଦୋକାନ, ଠେଲା ଗାଡିରେ ମିଳୁଥିବା ଖାଦ୍ୟ ମାନ ନିମ୍ନମାନର ବୋଲି ଅଭିଯୋଗ ହେଉଛି। ଏହା ଉପରେ କାହାରି ଅଙ୍କୁଶ ନଥିଲା ପରି ମନେହେଉଛି। ଏହି ଅପମିଶ୍ରିତ ଖାଦ୍ୟ ଖାଇ ହଇଜାରେ ଆକ୍ରାନ୍ତ ଯେ ନ ହେବ ତାହା କହିହେବ ନାହିଁ। ଖାଦ୍ୟ ନିରାପତ୍ତା ବିଭାଗ ଏହା ଉପରେ କୌଣସି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରୁନାହାନ୍ତି। କୌଣସି ଅଧିକାରୀ ଆସି ଏହି ସବୁ ବ୍ୟବସାୟ ପ୍ରତିଷ୍ଠାନରେ ଖାଦ୍ୟର ମାନ ଯାଞ୍ଚ କଲେ ହୁଏତ ଆଗକୁ ଏହି ରୋଗ ବ୍ୟାପିବାର ଆଶଙ୍କାକୁ କମାଇବାରେ ସହାୟକ ହେବ। ଏଥି ପାଇଁ ପ୍ରଶାସନ ପକ୍ଷରୁ ମଧ୍ୟ କୌଣସି ସଚେତନତା ଅଭିଯାନ ଆରମ୍ଭ ହୋଇନାହିଁ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଓ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟିଦେଇ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଦଣ୍ଡୋର ଜିତୁନ୍ ମେମୋରିଆଲ ଭଲିବଲ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଯାପିତ

**ଓଡ଼ଗାଁ,୧୬/୬/ଏନ୍ଏନ୍ଏସ୍:** ଓଡ଼ିଶାର ଗଣପର୍ବ ରଜପର୍ବ ଉପଲକ୍ଷେ କୁରାଳ ପଞ୍ଚାୟତ ଅଧିନ ଦଣ୍ଡୋର ଗ୍ରାମର ରାଇଜିଙ୍ଗ୍ କ୍ଲବ ଦ୍ୱାରା ଆୟୋଜିତ ଜିତୁନ୍ ମେମୋରିଆଲ ଭଲିବଲ ଟୁର୍ଣ୍ଣାମେଣ୍ଟ ତିନିଦିନ ଧରି ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ଦଣ୍ଡୋର, ନବରଙ୍ଗପୁର, ପାଇକପଣ୍ଡିଖାରୀ ଓ ଗୋଡିପଲ୍ଲୀ ଭଲକାନୋ କ୍ଲବ, ସାଇଲେଣ୍ଟ ସ୍ପିକର,ଟିମ୍ ଆଚିଭର ଓ ସସପେନ୍ସ ବାରିୟର ଚାରୋଟି ଦଳମଧ୍ୟରେ ପ୍ରତିଯୋଗିତା କରାଯାଇ ରମେଶ ବେହେରାଙ୍କ ତତ୍ତ୍ୱାବଧାନରେ ଆଜି ଫାଇନାଲ ମ୍ୟାଚ ଭଲକାନ୍ ଫୋର୍ସ ଓ ସସପେନ୍ସ ବାରିୟର ଦୁଇ ଦଳର କ୍ୟାପଟେନ୍ ସୁଶାନ୍ତ ବେହେରା ଓ ଆଶୀର୍ବାଦ ବେହେରାଙ୍କ ଦଳମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ମ୍ୟାଚରେ ସ୍ଥାନୀୟ ସରପଞ୍ଚ ବିଜନ କୁମାର ପାଇକରାୟ ମୁଖ୍ୟଅତିଥି ରୂପେ ଯୋଗଦେଇଥିବା ବେଳେ ଆଜିର ଉଦଯାପନୀ ମ୍ୟାଚରେ ମୁଖ୍ୟଅତିଥି ରୂପେ ଅବସରପ୍ରାପ୍ତ ଶିକ୍ଷକ ପ୍ରକୃତିବନ୍ଧୁ ପଞ୍ଚାନନ ପଣ୍ଡା ଓ ସ୍ୱତନ୍ତ୍ର ଅତିଥି ରୂପେ ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ରଞ୍ଜନ କୁମାର ଦାଶ ଯୋଗଦେଇ ଥିଲେ। ଆଜିର ଖେଳ ବେଶ୍ ଚିତାକର୍ଷକ ଥିଲା।ବିଜେତା ଦଳ ସସପେନ୍ସ ବାରିୟର ଓ ରନର୍ସ ଅପ୍ ଭଲକାନୋ ଫୋର୍ସ ଦଳକୁ ସିଲ୍,ଟ୍ରଫି ଓ ମ୍ୟାନ ଅଫଦି ମ୍ୟାଚ ଟ୍ରଫି ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ସମୟରେ ମୋବାଇଲ ଫୋନ୍ ର ବ୍ୟବହାର ଅଧିକ




ହେବାରୁ ବିଭିନ୍ନ ରୋଗକୁ ଆମେ ସ୍ୱାଗତ କରୁଛେ। ଆଉ ଗାଁ ଗହଳିରେ ପୂର୍ବପରି ଖେଳ ହେଉନାହିଁ ବର୍ତ୍ତମାନ ପରିସ୍ଥିତିରେ ଭଲିବଲ, ଫୁଟବଲ ଖେଳର ଆବଶ୍ୟକତାକୁ ଗୁରୁତ୍ୱ ଦେବାପାଇଁ ଅତିଥି ମାନେ ନିଜନିଜର ବକ୍ତବ୍ୟ ରଖିଥିଲେ।ରାଇଜିଙ୍ଗ୍ କ୍ଲବର ସଭାପତି ହରେକୃଷ୍ଣ ପଣ୍ଡା ସମ୍ପାଦକ ଯୁଗଳ କିଶୋର ବାଡ଼ତିଆ, ଉପଦେଷ୍ଟା ଆନନ୍ଦ ଚନ୍ଦ୍ର ବାଡ଼ତିଆ, ରଞ୍ଜନ ପରିଡ଼ା, ଆଶୀର୍ବାଦ ବେହେରା, ରମେଶ ବେହେରାଙ୍କ ସହଯୋଗରେ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିବାବେଳେ ସୁମିତ କୁମାର ରାଉତ, ଆଶିଷ ପରିଡ଼ା, ତନ୍ମୟ ପଣ୍ଡା, ସୁଶାନ୍ତ ବେହେରା ସହଯୋଗ କରିଥିବା ଜଣାପଡ଼ିଛି।


**ନିତି ଭାରତୀ**

ପରିବାର ହେଉଛି ଏମିତି ଏକ ସ୍ଥାନ ଯେଉଁଠି ମନ ପରସ୍ପରର ସମ୍ପର୍କରେ ଆସିଥାଏ । - ଗୌତମ ବୁଦ୍ଧ

ନିତିଦିନ NITIDIN
ମଙ୍ଗଳବାର, ୧୭ ଜୁନ୍ ,୨୦୨୫

# କୃଷି ଆତଙ୍କବାଦ

ଚୀନ୍‌ର ୟୁହାନ୍ ଗବେଷଣାଗାରରୁ ଆରମ୍ଭ ହୋଇଥିଲା କୋଭିଡ୍-୧୯ ଭାଇରସ୍ ଓ ଧୀରେ ଧୀରେ ମାଡ଼ି ଯାଇଥିଲା ସମଗ୍ର ବିଶ୍ୱକୁ । ଲକ୍ଷ ଲକ୍ଷ ଲୋକ ପ୍ରାଣ ହରାଇ ଥିଲେ ଏହି ସଂକ୍ରମଣରେ ବିଶ୍ୱବ୍ୟାପି । ଏହା ରୂପ ନେଇଥିଲା ମହାମାରୀର । ଏହା ପୁଣି ଥରେ ମୁଣ୍ଡ ଟେକିଛି ଏବେ । କୁହାଯାଉଛି, ଏହି ଭୂତାଣୁ ସେତେ ବିପଜ୍ଜନକ ନୁହେଁ ଆଗ ଭଳି । ତଥାପି ସତର୍କ ସୂଚନା ଜାରି ହୋଇଛି ଓ ଡାକ୍ତରଖାନାଗୁଡ଼ିକୁ ସଜାଗ ରହିବାକୁ କୁହାଯାଇଛି । ସେଇ ୟୁହାନ୍ ସହରର ଏକ ବିଶ୍ୱବିଦ୍ୟାଳୟ- ହ୍ୟୁଆଜଙ୍ଗ୍ ୟୁନିଭର୍ସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି । ତା'ରି ଅଧୀନରେ ଲାଇଫ୍ ସାଇନ୍ସ ଆଣ୍ଡ



ତପୋଧନ ପଣ୍ଡା

ଟେକ୍ନୋଲୋଜି କଲେଜ । ସେଠାରେ ଗବେଷଣା କରୁଥିବା ହାନ୍ ନିଜ ସାଥୀରେ 'ବାୟୋଲୋଜିକାଲ ମ୍ୟାଟେରିଆଲ୍' ସ୍ମଗ୍ଲିଂ କରି ନେଇ ଯାଇଥିଲେ ଆମେରିକାର ମିଚିଗାନ୍ ୟୁନିଭର୍ସିଟି ଅଧୀନରେ ଏକ ଗବେଷଣାଗାରରେ ରିସର୍ଚ୍ଚ କରିବା ଉଦ୍ଦେଶ୍ୟରେ । କିନ୍ତୁ ନିଜ ଷ୍ଟେଟ୍‌ମେଣ୍ଟରେ ଏପରି ବାୟୋଲୋଜିକାଲ ମ୍ୟାଟେରିଆଲ ନେଉଛନ୍ତି ବୋଲି ଉଲ୍ଲେଖ କରି ନାହାନ୍ତି । ସେ ମିଥ୍ୟା ଷ୍ଟେଟ୍‌ମେଣ୍ଟ ଦେଇ ଆମେରିକାରେ ପ୍ରବେଶ କରି ଧରା ପଡ଼ିଛନ୍ତି । ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ସେ ଦୁଇ ବର୍ଷ ପାଇଁ ଏକ ରିସର୍ଚ୍ଚ ପ୍ରୋଜେକ୍ଟରେ ରିସର୍ଚ୍ଚ କରିବା ପାଇଁ ବଛା ଯାଇଥିଲେ । ଆମେରିକାରେ ଓହ୍ଲାଇବା ପରେ ଏୟାରପୋର୍ଟରେ ପଚରାଉଚରା କଲା ବେଳେ ସେ ମିଥ୍ୟା କହିଥିଲେ । ମାତ୍ର କର୍ତ୍ତୃପକ୍ଷ କହୁଛନ୍ତି- ଗତ ଦୁଇ ବର୍ଷ ଭିତରେ ଏଭଳି ଅନେକ ନିଜିଷ ସେ ଚୀନ୍‌ରୁ ଆମେରିକା ଆଣି ଚାଲିଛନ୍ତି । ଏବେ ଏହି ମ୍ୟାଟେରିଆଲ୍‌କୁ ଗୋଟିଏ ପୁସ୍ତକର ପୃଷ୍ଠା ଭିତରେ ଲୁଚାଇ ରଖି ଆଣିଥିଲେ । ପ୍ରାରମ୍ଭିକ ତଦନ୍ତରୁ ଏଥିରେ ରାଉଣ୍ଡୱାର୍ମ ଥିବାର ସୂଚନା ମିଳିଛି । ଏହା ଅବଶ୍ୟ ସେମିତି କ୍ଷତିକାରକ ନୁହେଁ ବୋଲି ଜଣାପଡୁଛି । କିନ୍ତୁ ସେଗୁଡ଼ିକ କେତେକ କୃଷି ଉତ୍ପାଦନରେ କ୍ଷତି ପହଞ୍ଚାଇ ପାରିବେ । ଏସବୁକୁ ଆମେରିକା ନେବା ପାଇଁ ପରମିଟ୍‌ର ଆବଶ୍ୟକତା ଅଛି, ନହେଲେ ନେବା ଆଇନ୍ ବିରୋଧୀ । ତାଙ୍କର କିନ୍ତୁ ପରମିଟ୍ ନଥିଲା ଓ ଏ ବାବଦରେ ସେ ମିଛ କହିଛନ୍ତି ବୋଲି ଡେଟ୍ରଏଟ୍‌ର କର୍ତ୍ତୃପକ୍ଷ କହୁଛନ୍ତି ।

ଏହା ଏକମାତ୍ର ଘଟଣା ନୁହେଁ । ଗତ ସପ୍ତାହରେ ଚୀନ୍‌ର ଦୁଇଜଣ ନାଗରିକଙ୍କୁ ଆମେରିକା ଆରେଷ୍ଟ କରିଥିଲା । ସେମାନେ ହେଲେ ଜୁନ୍‌ୟୋଙ୍ଗ୍ ଲିଉ ଓ ତାଙ୍କ ପ୍ରେମିକା ୟୁନ୍ କିଂଜିଆନ୍ । ଏଇ ଦୁଇ ଯୁବ ବୈଜ୍ଞାନିକ/ ଗବେଷକ ଏକ ବିପଜ୍ଜନକ ଫଙ୍ଗସ- ଫ୍ୟୁ ଜେରିଅମ୍ ଗ୍ରାମିନେରି ୟମ୍ ନିଜ ସାଥୀରେ ଚୀନ୍‌ରୁ ଆମେରିକା ଆଣି ଧରା ପଡ଼ିଥିଲେ । ଆମେରିକାର ତଦନ୍ତକାରୀ ଏଜେନ୍ସି ଏଫ୍‌ବିଆଇ ଏହାକୁ ଆଗ୍ରୋ ଟେରରିଜମ୍ ବୋଲି ଉଲ୍ଲେଖ କରିଛି, ଅର୍ଥାତ୍ କୃଷି ଆତଙ୍କରାଜ । ଏହି ଫଙ୍ଗସ୍‌କୁ ଜୈବିକ ଅସ୍ତ୍ର ଭାବରେ ବ୍ୟବହାର କରାଯାଇ ପାରିବ । ଏହି ଫଙ୍ଗସ୍‌କୁ ଯଦି କୃଷି କ୍ଷେତ୍ରରେ ଛାଡ଼ି ଦିଆଯି. ତାହା ଫସଲରେ ରୋଗ ସୃଷ୍ଟି କରିବ । ବିଜ୍ଞାନ ଗବେଷଣାରୁ ଜଣାପଡ଼ିଛି- ଏହି ଫଙ୍ଗସ୍ ଧାନ, ଗହମ, ମକା, ବାର୍ଲି, ଯଅ ଭଳି ଫସଲରେ ରୋଗ ସୃଷ୍ଟି କରିବାକୁ ସକ୍ଷମ । ସେହି ରୋଗର ନାଁ ଫ୍ୟୁ ଜେରିୟମ୍ ହେଡ୍ ବ୍ଲାଇଟ୍ । ଏହା ଫସଲରେ ସଂକ୍ରମିତ ହେଲେ ଫସଲ ଅମଳ ହ୍ରାସ ପାଇବ । ଏହା ସେହି କୃଷିଜାତ ଦ୍ରବ୍ୟଗୁଡ଼ିକର ଆମିନୋ ଏସିଡ୍‌କୁ ପ୍ରଭାବିତ କରିବ । ଏହା ଫଳରେ ଦାନାର ଆକୃତି କ୍ଷୁଦ୍ରତର ହେବ, ଦାନାଗୁଡ଼ିକର ରଙ୍ଗ ପରିବର୍ତ୍ତନ କରିଦେବ । ଦାନାଗୁଡ଼ିକ ହାଲ୍‌କା ହେବ, ସେଗୁଡ଼ିକର ପୋଷକ ତତ୍ତ୍ୱ ନଷ୍ଟ ହେବ । ଏହି ଦାନାଗୁଡ଼ିକୁ ଖାଦ୍ୟ ଭାବରେ ଗ୍ରହଣ କଲେ ଶରୀରରେ ତାହା ନାନାଦି ରୋଗ ସୃଷ୍ଟି କରିବ । ବାନ୍ତି ହେବା ସହିତ ଧୀରେ ଧୀରେ କିଡ୍‌ନୀରେ ରୋଗ ସୃଷ୍ଟି କରିବାକୁ ଆରମ୍ଭ କରିବ । କେତେକ କ୍ଷେତ୍ରରେ ପ୍ରଜନନ କ୍ଷମତାକୁ ହ୍ରାସ କରିଦେବ । ତା' ସହିତ ଫସଲ ଅମଳ ହ୍ରାସ ପାଇବା ଯୋଗୁଁ ପ୍ରତି ବର୍ଷ କୋଟି କୋଟି ଡଲାର କ୍ଷତି ସହିବାକୁ ପଡ଼ିବ । ଖାଦ୍ୟ ଶୃଙ୍ଖଳ ପ୍ରଭାବିତ ହେବ । ଅର୍ଥ ବ୍ୟବସ୍ଥାକୁ କ୍ଷତି ପହଞ୍ଚାଇବ । ଅର୍ଥାତ୍ କୃଷି ଆତଙ୍କବାଦର ଏଭଳି ପ୍ରସାର ଆମେରିକାର ଅର୍ଥ ବ୍ୟବସ୍ଥାକୁ ଭୁଶୁଡ଼ାଇ ଦେବ । ଏହାକୁ 'ସିକ୍ରେଟ୍ କନ୍‌ସ୍ପିରେସି' ବା ଗୋପନ ଷଡ଼ଯନ୍ତ୍ର ବୋଲି କୁହାଯାଇଛି । ଚୀନ୍ ବିରୁଦ୍ଧରେ ଆମେରିକା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସଂପର୍କ ଛିନ୍ନ କରିବାକୁ ଅନେକ ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି । ନହେଲେ କରୋନାଠାରୁ ଆହୁରି ଜଟିଳ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ ଆମେରିକାକୁ ବୋଲି ସେମାନେ ଚେତାବନୀ ଦେଇଛନ୍ତି ।

ତେବେ ଏହି ଯେଉଁ କୃଷିଗୁଡ଼ିକ ପ୍ରଭାବିତ ହେବ ବୋଲି କୁହାଯାଉଛି, ଗତ ବର୍ଷ ଆମେରିକାର କୃଷି ବିଭାଗ ୩୨ଟି ରାଜ୍ୟ ଉପରେ ଏହାକୁ ନେଇ ଗବେଷଣା କରିଥିଲା, କାରଣ ଏହି ରୋଗ ଓ ଫଙ୍ଗସ୍‌ର ନିରାକରଣ ସହିତ କୃଷି ବିଭାଗ ଅଭ୍ୟସ୍ତ । ଏହି ଫଙ୍ଗସ୍ ଶୀତଦିନିଆ ଫସଲ ଉପରେ ଆକ୍ରମଣ କରେ ଓ ଅମଳ ହ୍ରାସ କରି ଦିଏ । ଯଦି ଏହି ଫଙ୍ଗସ୍‌ର ବାୟୋଲୋଜିକାଲ ମୋଡିଫିକେସନ୍‌ର ଲକ୍ଷ୍ୟ ନେଇ ସେମାନେ ଗବେଷଣା କରୁଥିଲେ, ତାହା ଅତ୍ୟନ୍ତ ବିପଜ୍ଜନକ ସ୍ଥିତି ଉତ୍ପନ୍ନ କରିଦେବ । ଏହାକୁ ନେଇ ଆମେରିକାର କର୍ତ୍ତୃପକ୍ଷ ବିଶେଷ ଭାବରେ ଅଧିକ ସକ୍ରିୟ ହୋଇ ଉଠିଛନ୍ତି, କାରଣ ଚୀନ୍ ଓ ଆମେରିକା ମଧ୍ୟରେ ଏବେ ଯେଉଁ ଟ୍ରେଡ୍ ୱାର୍ ଚାଲିଛି, ଟ୍ରମ୍ପଙ୍କ ତାରିଫ୍ ଘୋଷଣାକୁ ନେଇ, ସେଥିପାଇଁ ଚୀନ୍ ଏପରି କରି ପାରୁଥାଏ ବୋଲି ସନ୍ଦେହ କରାଯାଉଛି । ଚୀନ୍‌ର ବିଦ୍ୟାର୍ଥୀ ଓ ଗବେଷକମାନଙ୍କ ଭିସାକୁ ଆମେରିକା ରଦ୍ଦ କରିବାକୁ ଚାହୁଁଛି । କାରଣ ସନ୍ଦେହ କରାଯାଉଛି, ସେମାନେ ଆମେରିକାର ସେନ୍‌ସିଟିଭ୍ ଟେକ୍ନୋଲୋଜି, ଟ୍ରେଡ୍ ସିକ୍ରେଟ୍‌ସ୍‌କୁ ଆମେରିକାର ଗବେଷଣାଗାରରୁ ଚୀନ୍‌କୁ ପଠାଉଛନ୍ତି । ଏହାକୁ 'ଗ୍ରେଭେଷ୍ଟ ନ୍ୟାସନାଲ ସିକ୍ୟୁରିଟି କନ୍‌ସର୍ଣ୍ଣ' ବୋଲି ଅଭିହିତ କରାଯାଇଛି । ଅତୀତରେ ଏଭଳି ଅଭିଯୋଗରେ ଅନେକ ଚୀନ୍ ଗବେଷକଙ୍କୁ ଆମେରିକାରେ ଆରେଷ୍ଟ କରାଯାଇଛି । ଏହି ଦୁଇ ଜଣ ଗବେଷକ ପ୍ରେମିକ ପ୍ରେମିକା ଆମେରିକାରୁ କିଛି ଲୁଟି ନାହାନ୍ତି, ବରଂ ଚୀନ୍‌ରୁ ବିପଜ୍ଜନକ ଫଙ୍ଗସ୍ ସାଥୀରେ ଧରି ଆସିଛନ୍ତି । ତଦନ୍ତକାରୀ ସଂସ୍ଥା ଏହା ଅବଶ୍ୟ ପାଇଛନ୍ତି ଯେ ଜିଆନ୍ ଲିଖିତ ଭାବରେ ଚୀନ୍‌ର କମ୍ୟୁନିଷ୍ଟ ପାର୍ଟି ପ୍ରତି ଅନୁଗତ୍ୟକୁ ସ୍ୱୀକାର କରିଛି । ତାଙ୍କ ସେଲ୍ ଫୋନ୍‌ରୁ ଗତ ବର୍ଷର ୱାର୍କ ଆସେସ୍‌ମେଣ୍ଟ ଫର୍ମ ପାଇଛନ୍ତି ସେମାନେ ।

ଏବେ ପ୍ରଶ୍ନ ଉଠୁଛି- ଚୀନ୍‌ର ଗବେଷକମାନେ ଆମେରିକାକୁ ସ୍ମଗ୍ଲିଂ କରି ଏପରି ଟକ୍‌ସିକ୍ ବାୟୋଲୋଜିକାଲ ମ୍ୟାଟେରିଆଲ୍ ଆଣୁଛନ୍ତି କାହିଁକି ? ଏଫ୍‌ବିଆଇର ଚିଫ୍ କାଶ୍ୟପ୍ ପଟେଲ ଏହି ପ୍ରଶ୍ନ ଉଠାଇ କହିଛନ୍ତି- ଚୀନ୍‌ର କମ୍ୟୁନିଷ୍ଟ ପାର୍ଟି ଗବେଷକମାନଙ୍କୁ ନିଯୁକ୍ତ କରିଛି ଆମେରିକା ଆସି ଆମରି ଖାଦ୍ୟ ଯୋଗଣାକୁ ନଷ୍ଟ କରି ଦେବା ପାଇଁ ଏପରି ଏକ ଅସ୍ତ୍ର ମାଧ୍ୟମରେ, ଯାହାକି ଉପରକୁ କିଛି ଜଣା ପଡ଼ିବ ନାହିଁ, ଅଥଚ ଆତଙ୍କ ସୃଷ୍ଟି କରିବ ଆମେରିକାରେ । ଏହି ଆଗ୍ରୋ ଟେରରିଜମ୍ ଏବେ ଏକ ନୂଆ କଥା ନୁହେଁ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ନାଜି ଜର୍ମାନୀ ଇଂଲଣ୍ଡର ସବୁଆଡ଼େ ପଟାଟୋ ବିଟଲ୍‌ସ୍‌କୁ ବିଚ୍ଛୁରଣ କରିବାକୁ ଚାହୁଁଥିଲା । ଉଦ୍ଦେଶ୍ୟ, ସ୍ଥାନୀୟ ଆଳୁ ଚାଷକୁ ନଷ୍ଟ କରିଦେବା । କିନ୍ତୁ ଏହା ଘଟି ପାରି ନଥିଲା । ସେହି ଯୁଦ୍ଧ ସମୟରେ ଜାପାନ୍‌ର ମିଲିଟାରୀ ସେହିଭଳି ଏକ ଯୋଜନା ପ୍ରସ୍ତୁତ କରି ଗ୍ରେନ୍ ରସ୍‌କ ପୋର୍‌ସ୍‌କୁ ଚାହୁଁଥିଲେ ଶତ୍ରୁ ଦେଶର ଶସ୍ୟ କ୍ଷେତ୍ରରେ ବିଛାଡ଼ି ଦେଇ ନଷ୍ଟ କରିଦେବା ପାଇଁ । ଏହିପରି ଗୋଟିଏ ଘଟଣା ଘଟିଥିଲା ଆମେରିକାରେ ୧୯୮୪ ମସିହାରେ । ଗୋଟେ ଧାର୍ମିକ ଗୋଷ୍ଠୀ ସାଲାଡ୍ ବାର୍‌ସ୍‌କୁ ବ୍ୟବହାର କରିଥିଲା ବାୟୋଟେରର ସୃଷ୍ଟି କରିବା ଉଦ୍ଦେଶ୍ୟରେ । ୭୫୧ ଜଣ ଲୋକ ସଂକ୍ରମିତ ହୋଇଥିଲେ ସାଲ୍‌ମୋନେଲୋସିସ୍ ରୋଗରେ । ଏହି ଆଗ୍ରୋ ଟେରରିଜମ୍ ହେଉଛି କଷ୍ଟସାଧ ଖୋଜି ତା'ର ସୂତ୍ର ପାଇବା, କିନ୍ତୁ ଏହି ଅସ୍ତ୍ରକୁ ଅତି ସହଜରେ ବ୍ୟବହାର କରାଯାଇ ପାରିବ ଏବଂ ଏହାର ଫଳାଫଳ ହେବ ଖୁବ୍ ମାରାତ୍ମକ । ଏହି ନିର୍ଦ୍ଦିଷ୍ଟ ଘଟଣାରେ ଏହାର ଜିଓ-ପଲିଟିକାଲ୍ ପ୍ରଭାବ ବିସ୍ତୃତ ଭାବରେ ଅଛି । ସେହି ମହିଳା ଜିଆନ୍‌ଙ୍କୁ ଏବେ ଆରେଷ୍ଟ କରାଯାଇଛି । ମିଚିଗାନ୍‌ର ଏକ ଫେଡେରାଲ କୋର୍ଟରେ ତାଙ୍କୁ ହାଜର ହେବାକୁ ପଡ଼ିବ । ତାଙ୍କ ବୟଫ୍ରେଣ୍ଡ ଲିଉ ଚୀନ୍‌କୁ ଚାଲି ଯାଇଥିବାର କୁହାଯାଉଛି । ଏହି ଆମେରିକା ଓ ଚୀନ୍ ମଧ୍ୟରେ ଏକ୍ସଟ୍ରାଡ୍ରିସନ୍ ଟ୍ରିଟି ନାହିଁ, ଅର୍ଥାତ୍ ତାଙ୍କ ବୟଫ୍ରେଣ୍ଡକୁ ଆମେରିକା ଚାହିଁଲେ ଆରେଷ୍ଟ କରି ଆଣି ବିଚାରାଳୟରେ ଠିଆ କରାଇ ପାରିବ ନାହିଁ । ଏହି ଫଙ୍ଗସ୍ ଶସ୍ୟକ୍ଷେତ୍ରରେ କ୍ଷତି ପହଞ୍ଚାଉ କି ନ ପହଞ୍ଚାଉ, କିନ୍ତୁ ଚୀନ୍ ଓ ଆମେରିକା ଭିତରେ ତିକ୍ତତା ସୃଷ୍ଟି କରିଛି । ଚୀନ୍ ବି ଆମେରିକାକୁ ଖାତିର କରେ ନାହିଁ, କାରଣ ସେ ରପ୍ତାନୀ କରୁଥିବା ସେମିକଣ୍ଡକ୍ଟର ମ୍ୟାଗ୍ନେଟ୍ ବିନା ଆମେରିକାର ଅନେକ ଗୁରୁତ୍ୱପୂର୍ଣ୍ଣ ଇଣ୍ଡଷ୍ଟ୍ରି ବନ୍ଦ ହୋଇଯିବ । ଚୀନ୍ ଏକମାତ୍ର ରାଷ୍ଟ୍ର ଯିଏକି ଏହି ମ୍ୟାଗ୍ନେଟ୍‌କୁ ସମଗ୍ର ବିଶ୍ୱକୁ ରପ୍ତାନୀ କରେ । ସମୟ ହିଁ କହିବ, ଏହି ଦୁଇ ଶକ୍ତିଶାଳୀ ରାଷ୍ଟ୍ର ମଧ୍ୟରେ ଏହି ତିକ୍ତତାର ଅନ୍ତ ଘଟିବ କି ବଢ଼ି ବଢ଼ି ଚାଲିବ ।

ଭିଆଇଏମ୍-୭୪୧,
ଶୈଳଶ୍ରୀ ବିହାର, ଭୁବନେଶ୍ୱର
ମୋ: ୯୪୩୭୩୦୭୪୮୬

# ନୂଆ ଯୁଦ୍ଧ: ଇସ୍ରାଏଲ-ଇରାନ


ଗତ ସପ୍ତାହରେ ଶୁକ୍ରବାର ଦିନ ସକାଳେ ଇସ୍ରାଏଲ ଇରାନ୍ ଉପରେ ଏହାର ସର୍ବବୃହତ୍ ଆକ୍ରମଣ ଆରମ୍ଭ କଲା- ଇରାନ୍‌ର ଆଣବିକ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତି ସ୍ଥଳୀ ଏବଂ ସାମରିକ ଘାଟୀ ଉପରେ, ଯେଉଁଥିରେ ପ୍ରାଣ ହରାଇଲେ ଇରାନ୍‌ର ତିନି ଜଣ ଶୀର୍ଷସ୍ଥାନୀୟ ସେନାଧକ୍ଷ ଏବଂ ଅନେକ ସଂଖ୍ୟକ ଆଣବିକ ବିଜ୍ଞାନୀ । ଏହି ଆକ୍ରମଣ ସମ୍ପୃକ୍ତ ଅଞ୍ଚଳ ଏବଂ ସମଗ୍ର ବିଶ୍ୱକୁ ଅନ୍ୟ ଏକ ବିଧ୍ୱଂସକାରୀ ନୂଆ ଯୁଦ୍ଧର ସୀମାକୁ ଘୋଷାଡ଼ି ନେଇ। । ଇରାନ୍ ଏବଂ ଇସ୍ରାଏଲ ମଧ୍ୟରେ ଉତ୍ତେଜନା ୧୯୭୯ରେ ଏହି ଇସଲାମୀୟ ସାଧାରଣତନ୍ତ୍ର ଗଠନ ହେବା ପରଠାରୁ ଆରମ୍ଭ ହୋଇଛି ଏବଂ ପ୍ରାୟ ଦେଢ଼ ବର୍ଷ ହେବ ଏହା ଦ୍ରୁତ ଗତିରେ ବୃଦ୍ଧି ପାଇ ଚାଲିଛି । ତଥାପି, ନିକଟ ଅତୀତର ସପ୍ତାହମାନଙ୍କରେ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା କୂଟନୀତିକ ପଦକ୍ଷେପ ନେବାକୁ ଉଦ୍ୟମ ସହିତ ଏଥି ପ୍ରତି ଇରାନ୍‌ର ଏକ ପ୍ରମୁଖ ସାମରିକ ପ୍ରତିକ୍ରିୟାର ନିଶ୍ଚିତତା ଏକ ସତର୍କତାମୂଳକ ଆଶାବାଦ ସୃଷ୍ଟି କରାଇ ଥିଲା ଯେ ଇସ୍ରାଏଲ ଇରାନ୍‌ର ଆଣବିକ କେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣ କରିବାକୁ ଏଡ଼ାଇ ଯାଇ ତେହେରାନ୍‌ର ଲୋହିତ ରେଖା ଅତିକ୍ରମ କରିବାରୁ ନିବୃତ ରହିବ । ପରନ୍ତୁ, ସେସବୁ ଆଶା ବର୍ତ୍ତମାନ ଚୁରମାର୍ ହୋଇ ଯାଇଛି । ଶ୍ରୀଯୁକ୍ତ ଟ୍ରମ୍ପ ଏବଂ ତାଙ୍କ ପ୍ରଶାସନ ଯଦିଓ ଦୃଢ଼ କଣ୍ଠରେ କହୁଛନ୍ତି ଯେ ସେମାନଙ୍କର ଏହା ପଛରେ ହାତ ନାହିଁ ଏବଂ ଇସ୍ରାଏଲ ସମ୍ପୂର୍ଣ୍ଣ ଭାବରେ ତା' ଇଚ୍ଛାରେ ଆକ୍ରମଣ ଚଳାଇଛି, ତେବେ ତେହେରାନ୍ ଏବେ କହିଛି ଯେ ଏହା ୱାଶିଂଟନ୍ ସହିତ ଓମାନ୍‌ଠାରେ ହେବାକୁ ଥିବା ପରବର୍ତ୍ତୀ ପର୍ଯ୍ୟାୟର ଆଣବିକ ଶକ୍ତିଜନିତ ଆଲୋଚନାରେ ଯୋଗ ଦେବନାହିଁ । ପ୍ରସଙ୍ଗକ୍ରମେ ସୂଚାଇ ଦିଆଯାଇପାରେ ଯେ ସମ୍ପ୍ରତି ପଶ୍ଚିମ ଏସିଆରେ କେବଳ ଇସ୍ରାଏଲ ନିକଟରେ ଆଣବିକ ଅସ୍ତ୍ରଶସ୍ତ୍ର ରହିଥିବା ବିଶ୍ୱାସ କରା ଯାଉଥିବା ବେଳେ ଆନ୍ତର୍ଜାତିକ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) କି ଆମେରିକାର ଜାତୀୟ ଗୁଇନ୍ଦା ବିଭାଗର ନିର୍ଦ୍ଦେଶକ- କେହି ହେଲେ ଇରାନ୍ ଏବେ ଆଣବିକ ଅସ୍ତ୍ରଶସ୍ତ୍ର ବା ବୋମା ପ୍ରସ୍ତୁତ କରୁଥିବା ସମ୍ବାଦ ଉପରେ କୌଣସି ସିଦ୍ଧାନ୍ତମୂଳକ କଥା କହି ନାହାନ୍ତି । ତେବେ ଜୁନ୍ ୧୨ ତାରିଖରେ ଆଇଏଇଏ ଇରାନ୍‌କୁ ତାଗିଦା କରିଥିଲା ଏହାର ଏକାଧିକ ସ୍ଥାନରେ ଆଣବିକ ସାମଗ୍ରୀଗୁଡ଼ିକ ରହିଥିବା ନେଇ ଯେଉଁ ଘୋଷଣା କରିବା କଥା, ସେ ସମ୍ପର୍କରେ ସୂଚନା ପ୍ରଦାନ କରି ନଥିବାରୁ ।

ନିକଟ ଅତୀତର ଦିନମାନଙ୍କରେ ଇରାନ୍ ଉପରେ ଇସ୍ରାଏଲ ଆକ୍ରମଣ କରିବା କଥା ସ୍ପଷ୍ଟ ଜଣା ପଡୁଥିଲା ଯେତେବେଳେ କି ଇସ୍ରାଏଲର ଘନିଷ୍ଠ ବନ୍ଧୁ ଆମେରିକା ଇରାନୀୟ ମିସାଇଲଗୁଡ଼ିକର ପରିସର ମଧ୍ୟରୁ ଏହାର ସେନାକୁ ଅପସାରିତ କରିବାକୁ ଆରମ୍ଭ କଲା ଏବଂ ଏହାର କୂଟନୀତିଜ୍ଞମାନଙ୍କୁ ସମ୍ପୃକ୍ତ ଅଞ୍ଚଳରେ ସାମୟିକ ଭାବରେ ଚଳପ୍ରଚଳ କରିବାର ପ୍ରସ୍ତାବ ଦେଲା । ଏହା ସତ୍ତ୍ୱେ ଇସ୍ରାଏଲୀ ଆକ୍ରମଣ ଭୟାବହତା ଦୃଷ୍ଟିରୁ ବିବେଚନା କଲେ ଜଣାପଡ଼େ ଯେ ଇସ୍ରାଏଲର ଆକ୍ରମଣ କେବଳ ଇରାନ୍‌କୁ ଲକ୍ଷ୍ୟ କରି ନୁହେଁ, ବରଂ କୌଣସି ନୂଆ ଯୁଦ୍ଧରୁ ଦୂରେଇ ରହିବା ପାଇଁ ଶ୍ରୀଯୁକ୍ତ ଟ୍ରମ୍ପ ଯେଉଁ ଉଦ୍ୟମ କରୁଛନ୍ତି, ତାକୁ ସଫଳ ନ କରାଇ ଦେବା ଇସ୍ରାଏଲ ଚାହୁଁଛି । ସ୍ପଷ୍ଟ ଭାବରେ କହିଲେ, ନିକଟ ଅତୀତର ବର୍ଷମାନଙ୍କରେ ଇରାନ୍ ଉଲ୍ଲେଖନୀୟ ଭାବରେ ଏହାର ୟୁରାନିୟମ୍ ଭଣ୍ଡାରକୁ ସମୃଦ୍ଧ କରି ଚାଲିଛି ; ସୋମବାର ଦିନ ଜାତିସଂଘର ଆଣବିକ ତଦାରଖକାରୀ ସଂସ୍ଥା ତେହେରାନ୍‌କୁ ଏହାର ବ୍ୟବସ୍ଥାଗୁଡ଼ିକର ସୁରକ୍ଷିତ ରଖିବା ନେଇ ଦେଇଥିବା ପ୍ରତିଶ୍ରୁତି ପାଳନ କରିବାରେ ବିଫଳତା ପାଇଁ ତାଗିଦ କରିଥିଲା । ଦୁଇ ଦଶନ୍ଧିରୁ ଅଧିକ ସମୟ ହେବ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଅଭିଯୋଗ ସତ୍ତ୍ୱେ ଇରାନ୍ ବାରମ୍ବାର ଦୃଢ଼ କଣ୍ଠରେ କହି ଆସିଛି ଯେ ଆଣବିକ ଅସ୍ତ୍ରଶସ୍ତ୍ର ତିଆରି କରିବା ନିମନ୍ତେ ଏହାର କୌଣସି ଯୋଜନା ନାହିଁ । ଚଳିତ ବର୍ଷ ପ୍ରଥମାର୍ଦ୍ଧରେ ଆମେରିକା ଗୁଇନ୍ଦା ସଂସ୍ଥାର ମୁଖ୍ୟ ତୁଲ୍‌ସୀ ଗାବାର୍ଡ ମଧ୍ୟ ଆଶ୍ୱସ୍ତ କରାଇ ଥିଲେ ଯେ ୱାଶିଂଟନ୍‌ର ଆକଳନ ଅନୁସାରେ ତେହେରାନ୍ ଅଣୁ ବୋମା ତିଆରି କରିବାର ପ୍ରୟାସ କରୁନାହିଁ ।

ଅନ୍ୟ ଭାବରେ କହିଲେ, ତେହେରାନ୍ ଆଣବିକ ଅସ୍ତ୍ରଶସ୍ତ୍ର ତିଆରି କରିବାର ଦ୍ୱାରଦେଶରେ ଉପନୀତ ହୋଇଥିବା ସମ୍ପର୍କରେ କୌଣସି ବଳିଷ୍ଠ ପ୍ରମାଣ ନାହିଁ ଏବଂ ସେଥିପାଇଁ କୌଣସି ଗୁରୁତର ଆଶଙ୍କା କରି ଇସ୍ରାଏଲ ଆକ୍ରମଣ କରିବାର ଯଥାର୍ଥତା ନାହିଁ । ତା' ପରିବର୍ତ୍ତେ ବରଂ ଏହି ଆକ୍ରମଣ ଯେଉଁ କାର୍ଯ୍ୟଟି କରିବାରେ ସକ୍ଷମ ହୋଇଛି, ତାହା ହେଉଛି- ଇରାନ୍ ଏବଂ ଆମେରିକା ମଧ୍ୟରେ ଆଣବିକ ଚୁକ୍ତିନାମା ସମ୍ପନ୍ନ ହେବାର ସମ୍ଭାବ୍ୟ ପଥକୁ ରୁଦ୍ଧ କରିବା । ଗାଜାରେ ଶ୍ରୀଯୁକ୍ତ ନେତାନ୍ୟାହୁଙ୍କ ନିରବଚ୍ଛିନ୍ନ ଭାବରେ ଯୁଦ୍ଧ କରିବା ସହିତ ଯୁଦ୍ଧ ପୀଡ଼ିତମାନଙ୍କୁ ଦିଆ ଯାଉଥିବା ଖାଦ୍ୟ ଓ ସାହାଯ୍ୟକାରୀ ଉପାଦାନଗୁଡ଼ିକୁ ଆୟୁଧ କରିବାର କାର୍ଯ୍ୟ ଇସ୍ରାଏଲର ସବୁଠୁ ବଡ଼ ମିତ୍ର ରାଷ୍ଟ୍ରମାନଙ୍କୁ ମଧ୍ୟ ଏହାର ବିରୋଧୀ କରି ସାରିଲାଣି । ତାଙ୍କ ସରକାରର ଦୁଇ ଜଣ ମନ୍ତ୍ରୀଙ୍କୁ ଏକାଧିକ ରାଷ୍ଟ୍ର ବରଖାସ୍ତ କରିବା ଭଳି ପଦକ୍ଷେପ ନେଇ ସାରିଲେଣି । ନିଜ ଦେଶ ଭିତରେ ମଧ୍ୟ ସେ ବର୍ଦ୍ଧିତ ଆଭ୍ୟନ୍ତରୀଣ ଚାପର ସମ୍ମୁଖୀନ । ନିକଟରେ ବିରୋଧୀମାନେ ଏକାଠି ହୋଇ ଇସ୍ରାଏଲର ସଂସଦ ଭଙ୍ଗ କରିବାର ଉଦ୍ୟମ କରିଥିଲେ । ଏକ ନୂଆ ଯୁଦ୍ଧର ଆଶଙ୍କା ହୁଏତ ଇସ୍ରାଏଲୀ ଜନସାଧାରଣଙ୍କୁ ତାଙ୍କ ସରକାରକୁ ସମର୍ଥନ କରିବାରେ ସହାୟକ ହୋଇପାରେ ଏବଂ ଗାଜାରେ ତାଙ୍କର କାର୍ଯ୍ୟକଳାପକୁ ନେଇ ତାଙ୍କର ପାଶ୍ଚାତ୍ୟ ମିତ୍ର ରାଷ୍ଟ୍ରମାନେ ଯେଉଁଭଳି ଭାବରେ ତାଙ୍କଠୁ ଦୂରେଇ ଯିବାକୁ ଆରମ୍ଭ କରିଛନ୍ତି, ସେଥିରେ ବିରାମ ଲଗାଇ ପାରେ । ପରନ୍ତୁ, ଇସ୍ରାଏଲ ଆକ୍ରମଣର ଦାୟିତ୍ୱହୀନତା ବାବଦରେ ସମଗ୍ର ବିଶ୍ୱର ନେତୃବୃନ୍ଦ ଏକାଠି ହୋଇ ଶ୍ରୀଯୁକ୍ତ ନେତାନ୍ୟାହୁଙ୍କୁ ଇରାନ୍ ବିରୁଦ୍ଧରେ ଏକ ଭୟାବହ ଯୁଦ୍ଧରୁ ନିବର୍ତ୍ତାଇବା ସହିତ ତାଙ୍କୁ ହୃଦୟଙ୍ଗମ କରାଇବା ଉଚିତ ଯେ ଢେର୍ ହୋଇଗଲା, ଏଣିକି ଯୁଦ୍ଧ ନୁହେଁ, ଶାନ୍ତିର ଆବାହନ କରାଯାଉ ।

# ଶ୍ରୀଜିଉମାନଙ୍କ ଅଣସର ସମୟରେ ପଟିଦିଅଁ ଉପାସନା

ଦେବସ୍ନାନ ପୂର୍ଣ୍ଣିମା ପର ଦିନଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ଜରରେ ପୀଡ଼ିତ ହୋଇ ପଡୁଥିବାରୁ ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି ନାହିଁ । ଏହି ସମୟକୁ ଅଣସର ବା ଅନବସର କୁହାଯାଏ । ଦେବସ୍ନାନ ପୂର୍ଣ୍ଣିମା ଦିନ ସ୍ନାନ ମଣ୍ଡପରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଉପରେ ସୁନା କୂଅର ଅଧିବାସ ହୋଇ ରହିଥିବା ୧୦୮ ଗରା ଶୁଦ୍ଧ ଜଳ ଢଳା ହୋଇ ସ୍ନାନ କରାଯାଏ । ଲଗାତର ୨୧ ଦିନ ଧରି ନରେନ୍ଦ୍ର ପୋଖରୀରେ ଚାପ ଖେଳିବା ପରେ ଶ୍ରୀଜିଉମାନେ ୧୦୮ ଗରା ଜଳରେ ସ୍ନାନ କରିବାରୁ ତାଙ୍କୁ ଜ୍ୱର ହୋଇଥାଏ ବୋଲି ବିଶ୍ୱାସ ରହିଛି । ଜ୍ୱର ହେବା ପରେ ଶ୍ରୀଜିଉମାନଙ୍କୁ ଉପଚାର କରିବା ନିମନ୍ତେ ଦଇତାପତି ସେବକ



ସନ୍ତୋଷ କୁମାର ଦାଶ

ଓ ଅନ୍ୟ ସେବକମାନେ ଠାକୁରମାନଙ୍କୁ ଅଣସର ଘରକୁ (ଜଗନ୍ନାଥ ମନ୍ଦିରର ଜଗମୋହନରେ ଚନ୍ଦନ ଅର୍ଗଳି ନିକଟରେ ଥିବା ଏକ ସ୍ଥାନ) ନିଅନ୍ତି । ଏହି ସମୟରେ ମହାପ୍ରଭୁଙ୍କ ଦେହରେ ଚୁଆ, କର୍ପୂର, କସ୍ତୁରୀ ଓ ଚନ୍ଦନ ଲେପନ କରାଯିବା ସହ ପାରମ୍ପରିକ ଉପାୟରେ ଉପଚାର କରାଯାଏ । ଅଣସର ଘରେ କେବଳ ଦଇତା ସେବକମାନେ, ଅର୍ଥାତ୍ ବିଶ୍ୱାବସୁଙ୍କ ବଂଶଧରମାନେ ସେବା କାର୍ଯ୍ୟ କରିଥାନ୍ତି । ବର୍ଷକ ବାର ମାସ ମଧ୍ୟରୁ ପତି ମହାପାତ୍ର ବା ବ୍ରାହ୍ମଣମାନଙ୍କ ସେବା ୧୧ ମାସ ଏବଂ ଦଇତାମାନଙ୍କ ସେବା ଏକ ମାସ ହୋଇଥାଏ । ଅଣସର ସେବା ଆଷାଢ଼ କୃଷ୍ଣ ପ୍ରତିପଦାରୁ ନିଳାଦ୍ରୀ ବିଜେ ଯାଏଁ ଚଉଦ ଦିନ ଧରି କରାଯାଏ । ଅଣସର ସମୟରେ ଗର୍ଭଗୃହରେ ଦାରୁ ମୂର୍ତ୍ତିମାନଙ୍କ ବଦଳରେ ପଟି ଦିଅଁମାନଙ୍କୁ ପୂଜା କରାଯାଇଥାଏ । ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ପଟିଦିଅଁ ଭାବେ ବାସୁଦେବ, ଦେବୀ ସୁଭଦ୍ରାଙ୍କ ପଟିଦିଅଁ ଭାବେ ଯାଜ୍ଞସେନୀ ବା ଭୁବନେଶ୍ୱରୀ ଓ ଶ୍ରୀଜଗନ୍ନାଥଙ୍କ ପଟିଦିଅଁ ଭାବେ ନାରାୟଣ ପୂଜା ପାଇଥାନ୍ତି । ତେବେ ଦାରୁ ଦେବତାମାନେ ରତ୍ନ ସିଂହାସନରେ ଯେଉଁ ରୂପରେ ପୂଜା ପାଆନ୍ତି, ପଟ୍ଟ ଚିତ୍ରଗୁଡ଼ିକ ସେହି ଆକୃତିର ନୁହେଁ । କାଷ୍ଠ ନିର୍ମିତ ସୁଦୃଶ୍ୟ ଆସରେ ବସିଥିବା ପରି ଅଙ୍କିତ ହୋଇଥିବା ଚିତ୍ରରେ ସମସ୍ତ ଦିଅଁ ଚତୁଃହସ୍ତ ଓ ଦୁଇପଦ ବିଶିଷ୍ଟ ହୋଇ ପଦ୍ମାସନରେ ବସି ଥାଆନ୍ତି । ବଳଭଦ୍ରଙ୍କ କଳେବର ଶ୍ୱେତବର୍ଣ୍ଣରେ ଚିତ୍ରିତ ହୋଇଥାଏ । ଚତୁଃହସ୍ତରେ ସେ ଧରି ଥାଆନ୍ତି ଶଙ୍ଖ, ଚକ୍ର, ଗଦା ଓ ହଳ । ହରିଦ୍ରବର୍ଣ୍ଣା ସୁଭଦ୍ରା ଦୁଇ ଊର୍ଦ୍ଧ୍ୱ ହସ୍ତରେ ପଦ୍ମ ଧରି ଥାଆନ୍ତି ଓ ନିମ୍ନ ହସ୍ତ ଦୁଇଟି ଥାଏ ବରଦା ମୁଦ୍ରାରେ । କଳା ରଙ୍ଗରେ ଚିତ୍ରିତ ଶ୍ରୀଜଗନ୍ନାଥ ଚାରି ହାତରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧରି ଥାଆନ୍ତି । ସମସ୍ତ ଦେବତାଙ୍କ ପୃଷ୍ଠପଟ ଗାଢ଼ ନାଲି ରଙ୍ଗ ହୋଇଥାଏ ।


ଅଣସର ପଟି ତିନୋଟିକୁ ବଂଶାନୁକ୍ରମେ କେତେକ ଚିତ୍ରକର ଖୁବ୍ ଭକ୍ତି ଓ ନିଷ୍ଠାର ସହିତ ପ୍ରସ୍ତୁତ କରି ଥାଆନ୍ତି । ଚିତ୍ର କରିବା ସମୟତକ ସେମାନେ ନିରାମିଷ ଭୋଜନ ଗ୍ରହଣ କରିଥାନ୍ତି । ପଟ୍ଟଚିତ୍ର କାମ ଚାଲିଥିବା କୋଠରିକୁ ସ୍ତ୍ରୀଲୋକଙ୍କ ପ୍ରବେଶ ନିଷେଧ ଥାଏ । ଚିତ୍ର ପାଇଁ ଆବଶ୍ୟକ ଧଳା ରଙ୍ଗ ଶଙ୍ଖରୁ ପ୍ରସ୍ତୁତ ହେଉଥିବା ବେଳେ କଳା ରଙ୍ଗ ନିମନ୍ତେ ପୋଲାଙ୍ଗ ତେଲ ଦୀପର କଳା, ହିଙ୍ଗୁଳରୁ ନାଲି, ହରିତାଳରୁ ହଳଦିଆ ଓ ଖଣ୍ଡ ନୀଳରୁ ନୀଳ ରଙ୍ଗ ପ୍ରସ୍ତୁତ କରାଯାଇଥାଏ । ସ୍ନାନ ପୂର୍ଣ୍ଣିମା ଦିନ ଗଭୀର ରାତିରେ ବାଇଦ ବାଜଣା ସହ ଚିତ୍ରକାରମାନେ ଅଣସର ପଟିଗୁଡ଼ିକୁ ମନ୍ଦିରକୁ ବିଜେ କରାଇଥାନ୍ତି । ଆଷାଢ଼ ପ୍ରତିପଦାରୁ ଅମାବାସ୍ୟା ଯାଏଁ ଏକ ପକ୍ଷ ବ୍ୟାପି ଏହି ପଟି ଦେବତାଙ୍କ ଆଗରେ ଭୋଗ ବଢ଼ାଯାଏ । ଅଣସର ଘରେ ଠାକୁରମାନଙ୍କୁ ପଣା ଓ ଚକଟା ଭୋଗ ଆଦି କରା ଯାଉଥିବା ବେଳେ ପଟିଦିଅଁଙ୍କୁ ଅନ୍ନଭୋଗ ଲାଗି କରା ଯାଇଥାଏ । ଗର୍ଭଗୃହ ସଂଲଗ୍ନ ଦକ୍ଷିଣ ଘରୁ ସେବାୟତମାନେ ସାତ ଗୋଟି ଚଳନ୍ତି ପ୍ରତିମା ଆଣି ଅଣସର ଘର ବାହାର ପଟେ ପକା ଯାଇଥିବା ଗୋଟିଏ ଖଟ ଉପରେ ରଖନ୍ତି । ବଳଭଦ୍ରଙ୍କ ଆସ୍ଥାନ ସମୀପରେ ରାମ, ନୃସିଂହ ଓ ଦୋଳଗୋବିନ୍ଦଙ୍କ ବିଗ୍ରହ ରହେ । ସୁଭଦ୍ରାଙ୍କ ସମୀପରେ ରହେ ଲକ୍ଷ୍ମୀ ଓ ସରସ୍ୱତୀଙ୍କ ପିତୁଳାଦ୍ୱୟ । ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ରହେ ମଦନମୋହନ ଓ କୃଷ୍ଣଙ୍କ ପ୍ରତିମୂର୍ତ୍ତି । ଏହି ସମୟରେ ଜଗନ୍ନାଥଙ୍କ ସ୍ଥାନରେ ଭକ୍ତମାନେ ବ୍ରହ୍ମଗିରିର ଅଲାରନାଥଙ୍କୁ ବିଷ୍ଣୁ ରୂପରେ ଦର୍ଶନ କରିଥାନ୍ତି । ଶ୍ରୀଅଲାରନାଥଙ୍କୁ ଅଣସର ସମୟରେ ଦର୍ଶନ କଲେ ଶ୍ରୀଜଗନ୍ନାଥଙ୍କ ଦର୍ଶନର ପୁଣ୍ୟ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି । ଜୟ ଜଗନ୍ନାଥ ସ୍ୱାମୀ ।

ତୁଳସୀପୁର, ପୁରୀ
ମୋ: ୯୪୩୯୩୬୧୮୮

# ନୈନିତାଲର ବାଟେଘାଟେ

ଭାରତୀୟ ସଂସ୍କୃତି ବିଷୟରେ ଯେତେ ଯେତେ ଭାବେ, ସେତେ ସେତେ କୃତଜ୍ଞତାରେ ଭାରି ହୋଇଯାଏ ହୃଦୟ, ମଥା ନଇଁଯାଏ ଏ ପବିତ୍ର ମାଟି ନିକଟରେ । ଆଜି ସିନା ଦେଶରେ ନାରୀ ବିଦ୍ୱେଷ, ନାରୀ ନିର୍ଯାତନା ବଢ଼ି ଚାଲିଛି, ହେଲେ ଦିନ ଥିଲା, ଯେବେ ଏ ଦେଶ ନାରୀକୁ ଶ୍ରଦ୍ଧାପୂର୍ବକ ସମ୍ମାନ ଜଣାଇବାରେ କରୁ ନଥିଲା କୃପଣତା । ଆଉ ନାରୀ ବି ନିଜ 'ଦୁହିତା' ସମ୍ବୋଧନ ପ୍ରତି ଥିଲା ଉତ୍ସର୍ଗୀକୃତା । ପିତା, ପତି, ପୁତ୍ର ତଥା ସାମଗ୍ରିକ ଭାବେ ସମଗ୍ର ଜଗତର ମଙ୍ଗଳ ପାଇଁ ସେ ଥିଲା ପ୍ରତିଶ୍ରୁତିବଦ୍ଧ । ଆମ ନିକଟରେ ଚମତ୍କାର ଦୁଇଟି ଉଦାହରଣ ଭାବେ ଅଛନ୍ତି ସତୀ ଓ ସାବିତ୍ରୀ । ଆଉ ସେଥିପାଇଁ ନିଜ ସ୍ୱାମୀ, ପରିବାର ଓ ସମାଜ ତାଙ୍କୁ ଦେବୀର ଆସନରେ ଅଧିଷ୍ଠିତ କରି ତାଙ୍କ ନିକଟରେ ହୋଇଛନ୍ତି ନତମସ୍ତକ ।

ପିତା ଯଜ୍ଞ କରୁଛନ୍ତି ଶୁଣି ଖୁବ୍ ଆନନ୍ଦ ଓ ଆଗ୍ରହର ସହିତ ପହଞ୍ଚି ଯାଇଛନ୍ତି ସତୀ । ମାତ୍ର ଝିଅର ଆଗମନକୁ ଅଗ୍ରାହ୍ୟ କରି ପିତା ଜାମାତାଙ୍କ ପ୍ରତି ବ୍ୟବହାର କରିଛନ୍ତି ଅନେକ କୁବାକ୍ୟ, ଯାହା ପୁତ୍ରୀଙ୍କୁ କରିଛି ଭୀଷଣ ବ୍ୟଥିତ । କୌଣସି ନାରୀ ନିଜ ସ୍ୱାମୀଙ୍କ ବିପକ୍ଷରେ ଶୁଣି ନ ପାରେ । ସେପରି ଶୁଣିବା ମୃତ୍ୟୁ ସହିତ ସମାନ ବୋଲି



ଛନ୍ଦା ମିଶ୍ର

ବିଚାର କରି ସତୀ ସେହି ଯଜ୍ଞକୁଣ୍ଡରେ ହିଁ ନିଜକୁ ବିସର୍ଜନ କରି ଦେଇଛନ୍ତି । ତାଙ୍କ ପଛେ ପଛେ ତାଙ୍କୁ ବିନା ନିମନ୍ତ୍ରଣରେ କୌଣସି ଆୟୋଜନରେ ଯୋଗ ଦେବା ଅନୁଚିତ୍ ବୋଲି ବୁଝାଇ ବୁଝାଇ ଆସୁଥିବା ତାଙ୍କ ସ୍ୱାମୀ ମହାଦେବ ପତ୍ନୀଙ୍କୁ ତ ବଞ୍ଚାଇ ପାରି ନାହାନ୍ତି, କିନ୍ତୁ ତାଙ୍କ ମୃତ ଶରୀର ଧରି ପ୍ରଚଣ୍ଡ କ୍ରୋଧ ଜର୍ଜରିତ ହୋଇ କରିଛନ୍ତି ତାଣ୍ଡବ । ସୃଷ୍ଟିରେ ଆସିଛି ପ୍ରଳୟ; ସମସ୍ତେ ଭୟଭୀତ ହୋଇ ବିଷ୍ଣୁଙ୍କୁ କରିଛନ୍ତି ପ୍ରାର୍ଥନା । ସେ ନିଜ ସୁଦର୍ଶନ ଦ୍ୱାରା ସେହି ମୃତ ଶରୀରକୁ ଖଣ୍ଡ ଖଣ୍ଡ କରି ଦେଇଛନ୍ତି । ସେହି ଖଣ୍ଡଗୁଡ଼ିକ ଯେଉଁଠି ପଡ଼ିଛି, ସେଠି ଗଢ଼ି ଉଠିଛି ଗୋଟିଏ ଗୋଟିଏ ଦିବ୍ୟ ଶକ୍ତିପୀଠ । ପରୋକ୍ଷରେ ଏହି ବାର୍ତ୍ତା ଦିଆଯାଇଛି ଯେ ନାରୀ ଶରୀରର ପ୍ରତିଟି ଅଙ୍ଗ ଦିବ୍ୟ, ମହତ ଓ ପୂଜନଯୋଗ୍ୟ । ସେହିପରି ମାତାଙ୍କ ନୟନ ପଡ଼ିଥିବା ସ୍ଥାନଟି ହେଉଛି ନୈନିତାଲ । ବିସ୍ମୟକର କଥା ହେଉଛି ଯେ ସେଠାରେ ଥିବା ବିଶାଳକାୟ ହ୍ରଦର ଆକାର ବି ଗୋଟିଏ ଆଖି ବା ନୟନ ପରି, ଯେଉଁଥିପାଇଁ ସ୍ଥାନର ନାମ ନୈନିତାଲ । ସେହି ହ୍ରଦ ନିକଟରେ ହିଁ ମାଆଙ୍କ ପୀଠ । ତେବେ ଆମେ ରହୁଥିବା ହୋଟେଲ ସମ୍ମୁଖରେ ହ୍ରଦଟି ଥିବାରୁ ଆଉ ମନ୍ଦିର ଏବେ ଖୋଲି ନଥିବ ଶୁଣି ଆମେ ପ୍ରଥମେ ହ୍ରଦରେ ବୋଟିଂ ସାରିଦେଇ ମନ୍ଦିର ଯିବୁ ବୋଲି ନିଷ୍ପତ୍ତି ନେଲୁ ।

ଚାରିପଟେ ପାହାଡ଼, ମଝିରେ ନୈନିତାଲ ବା ନୈନି ହ୍ରଦ । ଦି'ପହର ସମୟ ହୋଇଥିବାରୁ ପର୍ଯ୍ୟଟକଙ୍କ ଭିଡ଼ ଟିକେ କମ୍ ଥିଲା । ଆମେ ହ୍ରଦ ନିକଟରେ ପହଞ୍ଚିବା ମାତ୍ରେ ଆମକୁ ଚାରି ପାଞ୍ଚ ଜଣ ବୋଟ୍‌ବାଲା ଘେରିଯାଇ ତାଙ୍କ ସହିତ ବୋଟିଂରେ ଯିବା ପାଇଁ କହିଲେ । ଅପେକ୍ଷାକୃତ ନିରୀହ ଦିଶୁଥିବା ପିଲାଟିଏ ସହିତ ଆମେ ତଳକୁ ଓହ୍ଲାଇ ଗଲୁ । ସେ ଆମ ହାତ ଧରି ବୋଟ୍‌ରେ ବସାଇ ଲାଇଫ୍ ଜ୍ୟାକେଟ୍ ପିନ୍ଧାଇ ଦେଲେ । ବୋଟ୍ ଆଗକୁ ଚାଲିଲା । ଆମର ଏଠି ପ୍ରବଳ ଗରମ ବେଳେ ନୈନିତାଲରେ ଥଣ୍ଡା କୋହଲା ପାଗ ସାଙ୍ଗକୁ ଆକାଶରୁ ଟୋପେ ଟୋପେ ବର୍ଷା ଆମ ଦେହରେ ଶିହରଣ ଖେଳାଇ ଯାଉଥାଏ । ଚାରିପଟେ ପାହାଡ଼, ମଝିରେ ହ୍ରଦ, ଆକାଶରେ ପେଟ ଫୁଲାଇ ଥିବା ବାଦଲର ମେଳା... ! ଅଦ୍ଭୁତ ଅବର୍ଣ୍ଣନୀୟ ସେ ସମନ୍ୱୟ । ଦୂରରେ ଦିଶୁଥାଏ ପ୍ରସିଦ୍ଧ ନୈନା ଦେବୀ ମନ୍ଦିରଟି । ବୋଟ୍ ଚାଳକ ଯୁବକଟି ଆମକୁ ବୁଝାଇ ଦେଉଥାନ୍ତି, 'ଏଇ ପାହାଡ଼ମାନଙ୍କରୁ ପାଣି ଝରି ଆସି ଏଇ ହ୍ରଦଟିର ସୃଷ୍ଟି । ପୂରା ସହରକୁ ଏଇଠୁ ଜଳ ଯୋଗାଣ ହୁଏ । ତେଣୁ ଏଠାକୁ କୌଣସି ପ୍ରକାରର ମଇଳା ପାଣି ଛାଡ଼ିବା ବା ମଇଳା ପକାଇବା ପାଇଁ ନିଷିଦ୍ଧ କରାଯାଇଛି ।'

ପଚାରିଲି- ପାଣି ଏଠି କ'ଣ ବହୁତ ଗଭୀର ? ପିଲାଟି କହିଲେ, ହଁ ପ୍ରାୟ ଶହେ ଫୁଟ ଗଭୀର । ଭାରି ଭଲ ଲାଗୁଥିଲା ବୋଟ୍‌ରେ ବୁଲା । ଉପରେ ଆକାଶ ଓ ତଳେ ପାଣି । ଉଭୟର ଗୋଟିଏ ରଙ୍ଗ, କୌଣସି ଭିନ୍ନତା ନାହିଁ । ସତେ ଯେମିତି, ତଳେ ଆକାଶ ଆଉ ଉପରେ ପାଣି । ପରିଷ୍କାର ନିର୍ମଳ ଜଳରେ ନୌକା ବିହାର ଅନ୍ତର୍ମନରେ ଖେଳାଇ ଯାଉଥାଏ ଏକ ଅପୂର୍ବ ତରଙ୍ଗ ।

ବୋଟିଂ ସାରି ଆମେ ପିଲାଟିର ହାତ ଧରି ଆସିଲୁ ବାହାରକୁ । ଦି'ପହରର ଭୋଜନରେ ମନ ତ ସନ୍ତୁଷ୍ଟ ନଥାଏ, ତେଣୁ ପାଖରେ ବିକ୍ରି ହେଉଥିବା ପାମ୍ପଡ଼ ଦୁଇଟି ଧରି ନିକଟରେ ଥିବା ଖେଳ ପଡ଼ିଆରେ ଯାଇ ବସିଲୁ । ଛୋଟ ସହରଟିର ଷ୍ଟାଡିୟମ୍‌ରେ ଶିଶୁଙ୍କଠାରୁ ନେଇ ଯୁବକମାନେ ବିଭିନ୍ନ ପ୍ରକାରର ଖେଳରେ ମାତି ଥାଆନ୍ତି । କିଛି ବାଟ ଚାଲି ଚାଲି ଯାଇ ଆମେ ଉପରକୁ ଚଢ଼ି ଆଗେଇ ଗଲୁ ଛୋଟ ପାହାଡ଼ିଆ ରାସ୍ତାରେ । ରାସ୍ତାର ଦୁଇ ପଟେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଅନେକ ଆୟୋଜନ ରହିଛି । କେଉଁଠି ବନ୍ଧୁକରେ ଲକ୍ଷ୍ୟ କରି ଗୁଳି ମାରିବା ତ କେଉଁଠି ବା ଭିଡିଓ ଗେମ୍; କେଉଁଠି ଦୋଳି ତ ଆଉ କେଉଁଠି ପାଟି ସୁଆଦିଆ ଚିଜ ସବୁ । ସେସବୁକୁ ଆଡ଼େଇ ଆମେ ଆଗେଇ ଚାଲିଥିଲୁ ଉପରକୁ, ଯେଉଁଠି ଅଛି ସ୍ନୋ ପଏଣ୍ଟ ଭିଉ । ତେବେ ସେଠାରେ ପହଞ୍ଚିବା ପାଇଁ ପ୍ରଥମେ ଟିକେଟ କିଣି ରୋପ ୱେ ବା ଝୁଲା ଦୋଳିରେ ବସି ଉପରକୁ ଯିବାକୁ ହେଲା । ସେଠାରେ ପହଞ୍ଚି ଦେଖିଲୁ ସେଇ ଉପରେ ବି ବିଭିନ୍ନ ପ୍ରକାରର ମନୋରଞ୍ଜନର ସୁବ୍ୟବସ୍ଥା ରହିଛି । କେଉଁଠି ଡାଇନୋସର ପାଟି ଖୋଲି ଡରାଇ ଦେଉଛି, ଆଉ କେଉଁଠି ଦଉଡ଼ି ଉପରେ ସାଇକେଲ ଚଳାଇବା ପରି ବିପଦଜ୍ଜନକ ଖେଳ ଖେଳିବାର ରୋମାଞ୍ଚ । ହେଲେ ଆମେ ୧୧୦ ଫୁଟ ଉଚ୍ଚ ଟାୱାରରେ ଥିବା ୩୬୦ ଡିଗ୍ରୀ ଦୋଳି ଉପରେ ବସିବା ପାଇଁ ଟିକେଟ କାଟିଲୁ । ତାକୁ ଦେଖି ସେପରି କିଛି ଡର ଲାଗୁ ନଥିଲା, ତେବେ ଉପରକୁ ଉଠି ଖୁବ୍ ଭୟ ଲାଗିଲା । ଧୀରେ ଧୀରେ ବୁଲି ବୁଲି ଦୋଳିଟି ଉପରକୁ ଉଠୁଥାଏ ଓ ତା' ସହିତ ଚାରିପଟର ଦୃଶ୍ୟ ଖୁବ୍ ପରିଷ୍କାର ଭାବେ ଦେଖା



ଯାଉଥାଏ । ଡ୍ରୋନ୍ ମାଧ୍ୟମରେ ଫଟୋ ଓ ଭିଡିଓ ଉଠାଇବାର ସୁଯୋଗ ଦିଆ ଯାଉଥାଏ ପର୍ଯ୍ୟଟକଙ୍କୁ କିଛି ଟଙ୍କା ବିନିମୟରେ । ଯଦିଓ ଏଠାରୁ ହିମାଳୟ ପର୍ବତମାଳା ଦର୍ଶନ କରିହୁଏ, କିନ୍ତୁ ସେଦିନ ବାଦଲସବୁ ପାହାଡ଼ଗୁଡ଼ିକୁ ଘୋଡ଼େଇ ପକାଇ ଥିଲେ । ସେତେବେଳକୁ ଅଳ୍ପ ଅଳ୍ପ ବର୍ଷା ଆରମ୍ଭ ହେଉଥିଲା । ନୈନିତାଲର ହ୍ରଦରେ ପର୍ଯ୍ୟଟକ ସବୁ ଛତା ଧରି ବୋଟିଂର ମଜା ନେଉଥିଲେ । ଏତେ ଉପରୁ ସମଗ୍ର ନୈନିତାଲ ସହର ଦେଖି ରୋମାଞ୍ଚିତ ହୋଇ ଉଠୁଥିଲା ଦେହ ମନ । ସେଇ ନିକଟରେ ରହିଛି ହେରିଟେଜ୍ ହୋଟେଲଟିଏ, ଯାହା ପୂର୍ବରୁ ଗଭର୍ଣ୍ଣରଙ୍କ ବାସଗୃହ ଭାବେ ବ୍ୟବହାର ହେଉଥିଲା । ତାହାକୁ ବୁଲି ଦେଖିବା ପାଇଁ ଚାହିଁବାରୁ ତା'ର ପରିଚାଳକ ଆମକୁ ପୂର୍ବରୁ ଏଥିପାଇଁ ଅନୁମତି ଆବଶ୍ୟକ ବୋଲି ଜଣାଇ ଦେଲେ, ଯାହା ଆମ ପାଖରେ ନଥିଲା । ସେଠାରୁ ବାହାରି ଆମେ ଆସିଗଲୁ ସହରର ମୁଖ୍ୟ ରାସ୍ତାକୁ । ମନ୍ଦିର ଦର୍ଶନର ସମୟ ହୋଇ ଯାଇଥିଲା ।

ମନ୍ଦିର ସମ୍ମୁଖରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି- କୌଣସି ପ୍ରକାରର ଅଶାଳୀନ ବସ୍ତ୍ର ପରିଧାନ କରି ଆସନ୍ତୁ ନାହିଁ କହି । ତେଣୁ ସେପରି କିଛି ପିନ୍ଧିଥିବା ଜଣେ ମଧ୍ୟବୟସ୍କା ବାହାରେ ଛିଡ଼ା ହୋଇଥାନ୍ତି । ବେଶ୍ ଭିଡ଼ ଥାଏ ମନ୍ଦିରରେ । ଆମେ ଭିତରକୁ ଗଲୁ । ଖୁବ୍ ସୁନ୍ଦର ମନ୍ଦିରଟିଏ । ଯେପରି ପରିଷ୍କାର, ସେପରି ପବିତ୍ର । ହ୍ରଦର ଉତ୍ତର ଦିଗରେ ଅବସ୍ଥିତ ଏହି ମନ୍ଦିରଟିରେ ମା'ଙ୍କ ନୟନ ପୂଜା ପାଉଛନ୍ତି । ତେବେ ମନ୍ଦିରକୁ ପ୍ରବେଶ କଲା ବେଳକୁ ପ୍ରଥମେ ପୂଜା ପାଉଛନ୍ତି ସଙ୍କଟ ମୋଚନ ହନୁମାନ ଏବଂ ମନ୍ଦିର ବାରଣ୍ଡାରେ ଦେବ ଦେବ ମହାଦେବ । ଭିତରେ ମନ୍ଦିରର ଇତିହାସ ଲେଖା ଯାଇଛି, ଯେଉଁଥିରେ ଉଲ୍ଲେଖ ରହିଛି ଯେ ମନ୍ଦିରଟି ଖୁବ୍ ପ୍ରାଚୀନ ଓ ୧୮୮୦ରେ ଭୂମିକମ୍ପ ହୋଇ ଏହା ଖୁବ୍ କ୍ଷତିଗ୍ରସ୍ତ ହୋଇଥିଲା । ପରେ ନୂଆ ମନ୍ଦିରଟି ଗଢ଼ା ହୋଇଛି । ଏଠାରେ ମାଆଙ୍କୁ ନନ୍ଦା ଦେବୀ ଭାବେ ପୂଜା କରାଯାଏ । ଦୁଇ ପଟେ ଦୁଇଟି ପିତ୍ତଳର ସିଂହ ମୂର୍ତ୍ତି ମାଆଙ୍କ ଆଦେଶ ପାଳନ କରିବା ପାଇଁ ପ୍ରସ୍ତୁତ ହୋଇ ରହିଥିବା ପରି ଦଣ୍ଡାୟମାନ । ହ୍ରଦର ଗୋଟିଏ ପାଖରେ ଥିବା ଏହି ମନ୍ଦିରରେ ଶ୍ରଦ୍ଧାଳୁ ହ୍ରଦର ମାଛମାନଙ୍କୁ ଖାଦ୍ୟ ଦେଉଥିଲେ । ସେମାନେ ବି ନିର୍ଭୟରେ ଆସି ଖାଦ୍ୟ ଗ୍ରହଣ କରୁଥିଲେ । ହ୍ରଦରେ ମାଛ ମାରିବା ନିଷେଧ । ଏଠାରୁ ବାହାରି ଆମେ ନିକଟରେ ଥିବା ଗୁରୁଦ୍ୱାରାକୁ ଗଲୁ । ସେଠାରେ ମଧ୍ୟ ସ୍ପଷ୍ଟ ଭାବେ ଦେଖିବାକୁ ମିଳିଲା ଅଶାଳୀନ ପୋଷାକ ପରିଧାନ ଉପରେ କଟକଣାର ଚେତାବନୀ । ଆଶ୍ଚର୍ଯ୍ୟ ହେଉଥିଲି, ଆମମାନଙ୍କ ଦାୟିତ୍ୱହୀନତା ଦେଖି । ସତେ କ'ଣ ଲୋକେ ଏତେ ବିଚାରଶୂନ୍ୟ ଯେ ମନ୍ଦିରକୁ ବି ଏପରି ପିନ୍ଧି ଆସୁଛନ୍ତି ଯେ କର୍ତ୍ତୃପକ୍ଷଙ୍କୁ କଟକଣା ଲାଗୁ କରିବାକୁ ହେଉଛି ! ତେବେ ମନ୍ଦିର ଆସିବାର ଉଦ୍ଦେଶ୍ୟ କ'ଣ ! ବାହାରେ ବିଭିନ୍ନ ପ୍ରକାରର ସ୍ଥାନୀୟ ସାମଗ୍ରୀ ବିକ୍ରି ହେଉଥିଲା । ମୋଟା ମୋଟା ଧୂପକାଠିଠାରୁ ନେଇ ପାହାଡ଼ି ଟୋପି, ଶାଲ୍ ତଥା ପିଲାଙ୍କ ଖେଳନା ଆଦି ।

ସେଠାରୁ ବାହାରି ଆମେ ଆସିଗଲୁ ମାଲ୍ ରୋଡ୍‌କୁ । ଅନ୍ୟ ସବୁ ହିଲ୍ ଷ୍ଟେସନ୍ ପରି ଏଠି ବି ପର୍ଯ୍ୟଟକଙ୍କ ଭିଡ଼ ଥିଲା ପ୍ରବଳ । ସେଠି ଖୁବ୍ ଶସ୍ତାରେ ବିଭିନ୍ନ ପ୍ରକାରର ମହକରେ ମହକିତ ମହମବତି ସବୁ ମିଳେ । ଦୁଇ ତିନି ଜଣ ସୁନ୍ଦର ଗୀତ ଗାଇ ନିକଟରେ ଗୋଟିଏ ଲେଖା ପେଟିକା ରଖିଥାନ୍ତି । ଲୋକେ ତାଙ୍କ ଗୀତ ଶୁଣି ପଇସା ଦେବେ ବୋଲି । ଚାରିଆଡ଼େ ଭିଡ଼, ହର୍ଷ, ଉଲ୍ଲାସର ପରିବେଶ ଛୋଟ ସହରଟିକୁ କରୁଥିଲା ଚଳଚଞ୍ଚଳ । ଆଉ ବୁଲି ବାକୁ ଇଚ୍ଛା ଥିଲେ ବି ସକାଳୁ ସକାଳୁ ଦିଲ୍ଲୀ ଫେରିବୁ । ଫେରିବା ରାସ୍ତାରେ ଜିମ୍ କର୍ବେଟ୍ ଯିବୁ । ସାନ ବେଳୁ କୁମାୟୁନର ନର ଖାଦକ ପଢ଼ି ଥିବାରୁ ଭାରି ଉତ୍କଣ୍ଠା ଥିଲା ମନରେ । ତେଣୁ ସମୟକୁ ଜଗି ରାତ୍ରି ଭୋଜନ ସାରି ଶୋଇ ପଡ଼ିବାର ଚେଷ୍ଟା କଲି ସେଇ ଉତ୍କଣ୍ଠିତ ମନ ନେଇ ।

ମୋ: ୯୪୩୭୪ ୫୩୬୧୦

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

ନିତିଦିନ NITIDIN



# ୨୧ରୁ ମହିମା ଜ୍ୟୋତି ଯାତ୍ରା



**ଢେଙ୍କାନାଳ,୧୬।୬/ଏନ୍‌ଏନ୍‌ଏସ୍:** ଦ୍ୱାଦଶ ମହିମା ଜ୍ୟୋତି ଯାତ୍ରାର ଗତିପଥ ଚଳିତ ଜୁନ୍ ୨୧ ଓ ୨୨ ତାରିଖ ପାଇଁ ଦ୍ବୃତୀୟ ହୋଇଛି।୨୧ ଶନିବାର ସକାଳ ୮ଟାରେ ଶୁକ୍ରବାର ରାତ୍ରିରୁ କପିଳାସ ତପୋବନ ଅଖଣ୍ଡ ବଟୀ ମନ୍ଦିରରୁ ଜାଗତ ହୋଇଥିବା ମହିମା ଜ୍ୟୋତି ଯୋଗଦା ଗାଦିରୁ ବଳଦିଆବନ୍ଧ ପଞ୍ଚାୟତର ମହୁଲପଡା ଗ୍ରାମ ଅଭିମୁଖେ ଢେଙ୍କାନାଳ ସହର ଦେଇ ଯାତ୍ରା କରିବେ।ସେଠାରେ ଧର୍ମସଭା ଓ ଆମ୍ରସେବା ସାହି ପୁନର୍ବାର ଢେଙ୍କାନାଳ ସହର ଦେଇ ଭାପୁର ଯାତ୍ରା କରିବେ।ଆୟୋଜିତ ଧର୍ମସଭାରେ ଢେଙ୍କାନାଳ ଲୋକସଭା ସଦସ୍ୟ ରୁଦ୍ର ନାରାୟଣ ପାଣି ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଦୁଇଦିନିଆ ମହିମା ଜ୍ୟୋତି ଯାତ୍ରାର ଶୁଭାରମ୍ଭ କରିବେ। ଫେରିବା ବାଟରେ ଢେଙ୍କାନାଳ ସହରର ସରାଇକ୍ଲୁପା ମହାବିଦ୍ୟାଳୟ, ସୋମ୍ ଅଟୋ ଓ ଜଗନ୍ନାଥ ହସ୍ପିଟାଲ୍ ଦ୍ୱାରା ସମ୍ବର୍ଦ୍ଧନା ଦେବେ। ପୁରୁଣା କଟକ-ସମ୍ବଲପୁର ରାସ୍ତାରେ ଭାପୁର ଠାରୁ ଗାରସାକ ମହୁଲୁଣ୍ଡା ଛକ ଦେଇ ଲକିରିସିଂହା ଓ ଆଲୁଙ୍ଗ ଗ୍ରାମ ରାସ୍ତା ଦେଇ ହିନ୍ଦୋଳ ଟାଉନରେ ପହଞ୍ଚିବେ।ହିନ୍ଦୋଳ ଟାଉନର ୧୮୬୦ ଖ୍ରୀଷ୍ଟାବ୍ଦରେ ନିର୍ମିତ ହିନ୍ଦୋଳ ରାଜବାଟୀରେ ମହିମା ବ୍ରହ୍ମଜ୍ୟୋତି ଅବସ୍ଥାପନ ପୂର୍ବକ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ପ୍ରକାଶଥାଉକି, ଏକମାତ୍ର ରାଜା ଭାବେ ହିନ୍ଦୋଳ ରାଜା ଫକୀର ମୋହନ ସିଂହ ମର୍ଦ୍ଦରାଜ ଜଗଦ୍ଦେବ ମହିମା ଧର୍ମରେ ଦୀକ୍ଷିତ ହୋଇ ବ୍ରହ୍ମପୁରାଠାରେ ଶୂନ୍ୟ ମନ୍ଦିର ପ୍ରତିଷ୍ଠା କରାଇଥିଲେ। ଏବେ ମାତ୍ର ଦେଢବର୍ଷ ଗାଦ୍ଦିରେ ରହିବା ପରେ ରାଜାଙ୍କ ଅକାଳ ବିୟୋଗ ଘଟିଥିଲା ବୋଲି ରାଜା ଶୈଳେନ୍ଦ୍ର ନାରାୟଣ ସିଂହଦେଓ ସୂଚନା ଦେଇଛନ୍ତି। ଫକୀର ମୋହନ ସିଂହ ବର୍ତ୍ତମାନ ହିନ୍ଦୋଳ ରାଜାଙ୍କ ଜେଜେବାପାଙ୍କ ବଡବାପା ଥିଲେ। ହିନ୍ଦୋଳରେ ପ୍ରଶାସନ ସହଯୋଗରେ ଜ୍ୟୋତିଙ୍କୁ ସମ୍ବର୍ଦ୍ଧନା ଦିଆଯିବ ଓ ସାଧାରଣ ଦର୍ଶନ ହେବ। ଏନେଇ ହିନ୍ଦୋଳ ରାଜା ଶୈଳେନ୍ଦ୍ର ନାରାୟଣ ସିଂହଦେଓ ଓ ହିନ୍ଦୋଳ ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ବେଉରାଙ୍କ ସହ ଜ୍ୟୋତିଯାତ୍ରା ପରିଚାଳନା ପରିଷଦର ସଭାପତି ଶ୍ରୀମଦ୍ ରଘୁନାଥ ବାବା, ଉପସଭାପତି କରୁଣାକର ବାବା, ଜ୍ୟୋତିଯାତ୍ରାର ମୁଖ୍ୟ ସଂଯୋଜକ ପ୍ରଦ୍ୟୁମ୍ନ ରଥ ଓ ଆବାହକ ପ୍ରଶାନ୍ତ କୁମାର ମହାପାତ୍ର ପ୍ରମୁଖ ବିସ୍ତୃତ ଆଲୋଚନା କରିଥିଲେ।

# ହୋଟେଲ, ରେଷ୍ଟୁରାଣ୍ଟ ଦୁଇ ସପ୍ତାହ ବନ୍ଦ



**ଧର୍ମଶାଳା,୧୬।୬/ଏନ୍‌ଏନ୍‌ଏସ୍:** ଧର୍ମଶାଳା ବ୍ଲକରେ ଡାଇରିଆ ରୋଗରେ ରୋଗୀ ଲାଗୁନଥିବା ବେଳେ ଏହାର ମୂଳ କାରଣ ଜଣାପଡୁନଥିବା ଯୋଗୁଁ ପ୍ରଶାସନ ପକ୍ଷରୁ ବିଭିନ୍ନ ଜଳ ଉତ୍ସ,କୂଅ,ପୋଖରୀରୁ ବ୍ଲିଚିଂ କରାଯାଇ ବିଶୋଧନ କରାଯାଉଛି। ଏଥିସହିତ ପାଣିରେ ହାଲୋଜିନ ବଟିକା ମିଶାଇ ପିଇବା ସହିତ ବାସିଖାଦ୍ୟ ନଖାଇବାକୁ ବାରଣ କରାଯାଉଛି। ଏଭଳି ଅବସ୍ଥା ଲାଗି ରହିଥିବା ବେଳେ ଆଜି ପୂର୍ବାହ୍ନରେ ଯାଜପୁର ଏଡିଏମ୍ ଶିବାନନ୍ଦ ସ୍ୱାଇଁ ଧର୍ମଶାଳା ବ୍ଲକରେ ପହଞ୍ଚି ସ୍କୁଲର ଶିକ୍ଷକ, ତହସିଲଦାର ଓ ବିଡିଓଙ୍କୁ ନେଇ ଏକ ସମିକ୍ଷା ବୈଠକ କରିଛନ୍ତି। ଝାଡାବାନ୍ତି ରୋଗର ପ୍ରକୃତ କାରଣ ଜଣାପଡୁନଥିବା ବେଳେ ପ୍ରଶାସନ ପକ୍ଷରୁ ବ୍ୟାପକଭାବେ ବିଶୋଧନ କାର୍ଯ୍ୟ ଓ ଲୋକମାନଙ୍କୁ ଔଷଧ ବଣ୍ଟନ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ମେଡିକାଲ ଟିମ୍, ଆରୋଗ୍ୟକୁ ଏସ୍,ଶିକ୍ଷକ, ଆଶା ଓ ଅଙ୍ଗନବାଡିକର୍ମୀମାନେ ଗାଁକୁ ଗାଁ ବୁଲି ବିଶୋଧନ କାର୍ଯ୍ୟରେ ସହାୟତା କରିବା ସହିତ ଘରକୁ ଘର ଲୋକମାନଙ୍କୁ ଔଷଧ ବଣ୍ଟନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି। ଅନ୍ୟପଟେ ଆଜି ଅପରାହ୍ଣରେ ଧର୍ମଶାଳା ତହସିଲ ପକ୍ଷରୁ ସାଧାରଣ ଲୋକମାନଙ୍କ ଅବଗତି ନିମନ୍ତେ ଏକ ନୋଟିସ ଜାରି କରାଯାଇଛି। ଯୋଉଁଥିରେ ଉଲ୍ଲେଖ ରହିଛି ଧର୍ମଶାଳା ତହସିଲ ଅଞ୍ଚଳରେ ରହିଥିବା ସମସ୍ତ ଫାଷ୍ଟଫୁଡ,ଚାଟ, ଗୁପଚୁପ,ଖାଇବା ହୋଟେଲ, ଜଳଖିଆ ଦୋକାନ,ମାଛ, ଚିକେନ ଦୋକାନ,ଆଇସକ୍ରିମ କାରଖାନା, ପାଣି ପାଉଚ ତିଆରି କାରଖାନା ୨ ସପ୍ତାହ ଲାଗି ବନ୍ଦ କରିବାକୁ କୁହାଯାଇଛି। ପ୍ରଶାସନର ବିନ ଅନୁମତିରେ ପରୋକ୍ତ ଦୋକାନ ଖୋଲ ରହିଲେ ଆଇନ ଅନୁଯାୟୀ ଦଣ୍ଡ ବିଧାନ କରାଯିବ ବୋଲି କୁହାଯାଇଛି।

# ଆଇଲର୍ଣ୍ଣ ଶିକ୍ଷାନୁଷ୍ଠାନକୁ ଶ୍ରେଷ୍ଠ ସମ୍ମାନ



**ତାଳଚେର,୧୬।୬/ଏନ୍‌ଏନ୍‌ଏସ୍:** ରାଜ୍ୟରେ ଶିକ୍ଷା ବିକାଶ ପାଇଁ ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ନେଉଛନ୍ତି। ଏଥିପାଇଁ କୋଟି କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଉଛି। କିନ୍ତୁ ଅନେକ କ୍ଷେତ୍ରରେ ଏହାର ସୁଫଳ ମିଳି ପାରୁନାହିଁ, ସେଥିପାଇଁ ମାଳ ମାଳ ଘରୋଇ ଶିକ୍ଷାନୁଷ୍ଠାନ ଗୁଡ଼ିକ ଏବେ ମୁଣ୍ଡ ଟେକୁଛି। ଏହି ସବୁ ଶିକ୍ଷାନୁଷ୍ଠାନ ପାଇଁ ଅନେକ ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେଉଛି। ତେବେ ତାଳଚେରର ଆଇଲର୍ଣ୍ଣ ଶିକ୍ଷାନୁଷ୍ଠାନ ରାଜ୍ୟର ବଡ଼ ବଡ଼ ଘରୋଇ ଶିକ୍ଷାନୁଷ୍ଠାନ ଗୁଡ଼ିକ ମଧ୍ୟରେ ନିଜକୁ ପ୍ରତିଷ୍ଠିତ କରାଇବା ପାଇଁ ଉଦ୍ୟମ ଜାରି ରଖି ସଫଳତା ହାସଲ କରିପାରିଛି। ଏହି ଶିକ୍ଷାନୁଷ୍ଠାନ ଲଗାତର ୧୪ବର୍ଷ ଧରି ପାସହାର ଶତପ୍ରତିଶତ ହେବା ସହ ଛାତ୍ର ଛାତ୍ରୀ ମାନେ ଅଧିକ ନମ୍ବର ରଖି ସମସ୍ତଙ୍କୁ ଚକିତ କରିବା ସହିତ ଅନୁଷ୍ଠାନ କୁ ଗୌରବାନ୍ୱିତ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ନେଇ ଫୋକସ୍ ଓଡ଼ିଶା ପକ୍ଷରୁ ସର୍ଭେ କରାଯାଇଥିଲା ଏଥିରେ ଆଇଲୋର୍ଣ୍ଣ ଶିକ୍ଷାନୁଷ୍ଠାନ ର ସଫଳତା କୁ ବିଶେଷ ଭାବରେ ପ୍ରତିଫଳିତ ହୋଇଛି ବୋଲି ଅନୁଭବ କରି ଫୋକସ୍ ଓଡ଼ିଶା ପକ୍ଷରୁ ଏହି ଅନୁଷ୍ଠାନକୁ ରାଜ୍ୟର ଶ୍ରେଷ୍ଠ ଅନୁଷ୍ଠାନ ବୋଲି ବିବେଚନା କରାଯାଇ ଗତ ଦିନ 'ଆମ ଗାଁ ରଙ୍ଗ'ର ସ୍ୱତନ୍ତ୍ର ଉତ୍ସବରେ ଅନୁଷ୍ଠାନ କୁ ଶ୍ରେଷ୍ଠ ଅନୁଷ୍ଠାନର ମାନ୍ୟତାପୂର୍ବକ ଆଇଲର୍ଣ୍ଣ ଶିକ୍ଷାନୁଷ୍ଠାନର ଏମଡି ଚିରଞ୍ଜୀବ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ମାନପତ୍ର ପ୍ରଦାନ କରାଯାଇଥିଲା। ତାଳଚେରର ଏହି ଅଗ୍ରଣୀ ଶିକ୍ଷାନୁଷ୍ଠାନର ସଫଳତା ଓ ରାଜ୍ୟ ସ୍ତରରେ ମାନ୍ୟତା ପାଇବା ପରେ ଏହି ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଖୁସି ଓ ଉତ୍ସାହ ପରିଲକ୍ଷିତ ହୋଇଛି ଏବଂ ଅଭିଭାବକ ମହଲରେ ମଧ ଆନନ୍ଦ ପ୍ରକାଶ ପାଇବା ସହ ସାଧାରଣରେ ମଧ ଅନୁଷ୍ଠାନ ର ଏହି ସଫଳତା ପାଇଁ ଆନନ୍ଦ ପ୍ରକାଶ ପାଇଛି।

# ଶ୍ରୀବନ୍ତପୁରରେ ରାମ ରାଜା ପୂଜା



**କୁଆଖିଆ,୧୬।୬/ଏନ୍‌ଏନ୍‌ଏସ୍:** ରସୁଲପୁର ବ୍ଲକ୍ ଅନ୍ତର୍ଗତ ଶ୍ରୀବନ୍ତପୁରରେ ୱାର୍ଡ଼ନଂ ୩ରେ ବହୁ ପ୍ରାଚୀନ ରାମ ରାଜା ପୂଜା ପାଳିତ ହେଉଅଛି। କୋଲ୍ଲିଆ ପ୍ରାଥମିକ ମଧ୍ୟବିତ୍ତି ସମବାୟ ସମିତି ଓ ୱାର୍ଡ ନଂ ୩ ସହଯୋଗରେ ଏହି ପୂଜା ୭୫ ବର୍ଷ ହେବ ପାଳିତ ହେଉଛି।ସକାଳଠୁ ବି ମୂର୍ତ୍ତି ସମ୍ପାଦକ ବି ଶ୍ରୀନିବାସ ରାଓ, କର୍ମକର୍ତ୍ତା ସୁକଦେବ ରାଉତ, ଏଲ ପାଲୁ, ଶତ୍ରୁଘ୍ନ ବିଶ୍ୱାଳ, ବି କ୍ରିଷ୍ଣ ରାଓ, ନିର୍ମଳ ରାଉତ, ଓ ଗ୍ରାମବାସୀ ପୂଜା ପାଳନ କରୁଛନ୍ତି। ସେହିପରି ରାଉତ ସାହିରେ ଶହେବର୍ଷ ହେବ ରାମ ରାଜା ପୂଜା ପାଳନ ହେଉଛି। ଅକ୍ଷୟ ଜେନା ଓ ଗ୍ରାମବାସୀ ମିଶି ରାମ ରାଜା ପୂଜା ବେଶ ଜାକଜମକରେ ପାଳୁଛନ୍ତି। କଚେରୀ ସାହିରେ ରାମ ଚନ୍ଦ୍ର ସାହୁ, ହରେକୃଷ୍ଣ ପ୍ରତିହାରୀ, କୈଳାଶ ରାଉତ, ଗଜେନ୍ଦ୍ର ସାହୁ, ଘନଶ୍ୟାମ ଦାଶ, ସତ୍ୟାନନ୍ଦ ରାଉତ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଭଗତ ଭଗବାନ ଭଣ୍ଡାରୀପଡାରେ ୩୦ବର୍ଷ ହେବ ଏହି ପୂଜା ପାଳିତ ହେଉଛି।

# ରସୁଲପୁରରେ ହୋଟେଲ, ଜଳଖିଆ ଦୋକାନ ବନ୍ଦ

**ରସୁଲପୁର,୧୬।୬/ଏନ୍‌ଏନ୍‌ଏସ୍:** ରସୁଲପୁର ବ୍ଲକରେ ଡାଇରିଆ ଝାଡାବାନ୍ତି ଅଣାୟତ ହେବା ସହ ପରିସ୍ଥିତି ଜଟିଳ ଆଡକୁ ଯାଉଥିବାରୁ ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ରସୁଲପୁର ତହସିଲ ଅନ୍ତର୍ଗତ ସମସ୍ତ ଅଞ୍ଚଳରେ ରସୁଲପୁର ତହସିଲଦାରଙ୍କ ସର୍ବସାଧାରଣରେ ନୋଟିସ ଦେଇ ସମସ୍ତ ଢ଼ାବା, ହୋଟେଲ, ଜଳଖିଆ, ମିଠା, ଫାଷ୍ଟ ଫୁଡ, ଗୁପୁଚୁପ, ଆଇସ୍କ୍ରିମ୍ କାରଖାନା, ପାଣି ପାଉଚ୍, ବୋତଲ କାରଖାନା, ମାଛ, ଚିକେନ, ମଟନ, ଦୋକାନ ଆଜିଠାରୁ ୧୫ଦିନ ପାଇଁ ବନ୍ଦ ନିର୍ଦ୍ଦେଶ ଦେଇଛନ୍ତି। ବିବାହ, ବ୍ରତ ଘର, ସାମୂହିକ ଭୋଜିକୁ ବର୍ଜନ ପାଇଁ ସର୍ବସାଧାରଣରେ ନୋଟିସ୍ କରାଯାଇଛି। ଆଇନ ଖିଲାପ କଲେ ପ୍ରଶାସନ ପକ୍ଷରୁ କଠୋର ପଦକ୍ଷେପ ଗ୍ରହଣ କରାଯିବାକୁ ନିର୍ଦ୍ଦେଶ ରହିଛି। ଏହି ମର୍ମରେ ଆଜି କୁଆଖିଆ, ହରିପୁର, ମଧୁବନ, ଗୋପାଳପୁର ଆଦି ବିଭିନ୍ନ ଛକ ମାନଙ୍କରେ ରସୁଲପୁର ତହସିଲଦାର ସିଦ୍ଧାର୍ଥ ବେହେରା, ବିଡିଓ ସତ୍ୟାନନ୍ଦ ଦାସ, ଆଡିସିନାଲ ତହସିଲଦାର ନିରଞ୍ଜନ ଗୁରୁ, ଫୁଡ ବିଭାଗ ଓ ସ୍ଥାନୀୟ କୁଆଖିଆ ପୁଲିସ ପକ୍ଷରୁ ସଚେତନ କରାଯାଇ ଏହି ସବୁ ଦୋକାନକୁ ବନ୍ଦ କରାଯାଇଛ।

# ବଡ଼ଚଣା ପାଇଁ ଗୌରବ ଆଣିଲେ ଅଭିଷେକ



**ବଡଚଣା,୧୬।୬/ଏନ୍‌ଏନ୍‌ଏସ୍:** ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଦ୍ୱାରା ପରିଚାଳିତ ଚଳିତ ବର୍ଷର ନିଟ୍-ୟୁଜି ପରୀକ୍ଷାରେ ସର୍ବଭାରତୀୟସ୍ତରରେ ୨୧୯ ରାଙ୍କ୍ ରଖି ଏବେ ଦେଶର ଯେକୌଣସି ସରକାରୀ ମେଡ଼ିକାଲ କଲେଜରେ ଡାକ୍ତରୀ ପଢ଼ିବାକୁ ନିଜର ଯୋଗ୍ୟତା ହାସଲ କରିବାରେ ସକ୍ଷମ ହୋଇଛନ୍ତି ବଡ଼ଚଣା ବ୍ଲକ ଅନ୍ତର୍ଗତ ଦର୍ପଣଗଡ଼ ଗ୍ରାମର ୨୦ ବର୍ଷୀୟ ଅଭିଷେକ ପଣ୍ଡା। ଗୃହିଣୀ ଭାନୁ ପ୍ରଜ୍ଞା ପଣ୍ଡା ଏବଂ ମହାବିନାୟକ ମନ୍ଦିରର ପୂଜକ ରତ୍ନାକର ପଣ୍ଡାଙ୍କ ଏକମାତ୍ର ପୁତ୍ର ଅଭିଷେକ। ନିଜର ତୃତୀୟ ଉଦ୍ୟମରେ ହିଁ ଏହି ସଫଳତା ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ପିଲାଟି ଦିନରୁ ଜଣେ ମେଧାବୀ ଛାତ୍ର ରହି ଆସିଥିବା ବେଳେ ସେ ଏହି ପରୀକ୍ଷାରେ ମୋଟ ୭୨୦ ନମ୍ବରରୁ ୬୩୧ ନମ୍ବର ରଖି କୃତକାର୍ଯ୍ୟ ହୋଇପାରିଛନ୍ତି। ଅଭିଷେକଙ୍କ ଏହି ସଫଳତା ଅଞ୍ଚଳବାସୀଙ୍କ ପାଇଁ ବେଶ ଗୌରବ ଆଣିଥିବାରୁ ଏବେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

# ବିଜେଡିର ନୂତନ କର୍ମକର୍ତ୍ତା ମନୋନୀତ

**ବଡଚଣା,୧୬।୬/ଏନ୍‌ଏନ୍‌ଏସ୍:** ବଡଚଣା ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳ ତାର ତୃଣମୂଳସ୍ତରରୁ ସଂଗଠନକୁ ସୁଦୃଢ଼ ଓ ଶୃଙ୍ଖଳିତ କରିବା ପାଇଁ ଆଜି ଚଣ୍ଡିଖୋଲ ସ୍ଥିତ ରାଜୀବ ମେମୋରିଆଲ କାର୍ଯ୍ୟଳୟ ଠାରେ କ୍ୟାପ୍ଟେନ୍ ରାଜ୍ ନାରାୟଣ ମହାପାତ୍ର ଓ ଦଳର ନବ ନିଯୁକ୍ତ ସଭାପତି ତାପସ ଚନ୍ଦ୍ର ରାୟଙ୍କ ଉପସ୍ଥିତିରେ ବଡଚଣା ବ୍ଲକ୍ ୧୯ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭାପତି ଭାବେ କାର୍ତ୍ତିକ ମହାନ୍ତି, ସଧାରଣ ସମ୍ପାଦକ ଭାବରେ ତପନ କୁମାର ରାଉତରାୟ ଓ ସମ୍ପାଦକ ଭାବରେ ରଞ୍ଜିତ ସାମଲଙ୍କୁ ମନୋନୀତ କରାଯାଇଛି ।

# କଣିହାଁ ପାଇଁ ଗୌରବ ଆଣିଲେ ବିକାଶ ଓ ସୁଶ୍ରୀ

**କଣିହାଁ,୧୬।୬/ଏନ୍‌ଏନ୍‌ଏସ୍:** ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ୍‌ରେ ସର୍ବଭାରତୀୟସ୍ତରରେ ନିଟ୍ ପରୀକ୍ଷାରେ ଜରଡ଼ା ପଞ୍ଚାୟତ ଅଦୈତପ୍ରସାଦ ଗ୍ରାମର ବସନ୍ତ ସାମଲଙ୍କ ସୁପୁତ୍ରୀ ସୁଶ୍ରୀ ସ୍ମୃତି ସାମଲ





୧୨୮୮୦ସ୍ଥାନରେ ଓ କଣିହାଁ ବ୍ଲକ୍ କମରେଇ ପଞ୍ଚାୟତ ଦଣ୍ଡସିଂହା ଗ୍ରାମର ଛାତ୍ର ବିକାଶ ରଞ୍ଜନ ପରିଡା। ରାଜ୍ୟରେ ୫୯୮ ନମ୍ବର ଓ ସର୍ବଭାରତୀୟ ସ୍ତରରେ ୧୪୮୫ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କଣିହାଁ ଥାନା ଦଣ୍ଡସିଂହା ଗ୍ରାମର ବାନମ୍ବର ପରିଡା ଓ ସୁନିତା ମାଳିନୀ ଭୁତିଆଙ୍କ ପୁତ୍ର ହେଉଛନ୍ତି ବିକାଶ। ଭୁବନେଶ୍ୱର ଡିଏଭି ଶିକ୍ଷାନୁଷ୍ଠାନରେ ଯୁକ୍ତଦୁଇ ପାଠ ପଢୁଥିବା ବେଳେ ଦୈନିକ ୧୦ରୁ ୧୨ଘଣ୍ଟା ପରିଶ୍ରମ କରିଥିଲେ। ସଫଳତା ପଛରେ ଅଭିଭାବକ, ଶିକ୍ଷାନୁଷ୍ଠାନ ଅଧ୍ୟାପକମାନଙ୍କୁ ଶ୍ରେୟ ଦେଇଛନ୍ତି ବିକାଶ। ତାଙ୍କ ସଫଳତା ନେଇ କଣିହାଁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଏନେଇ ଉତ୍କଳ ଗୋପାଳ ସମାଜ ପକ୍ଷରୁ କୃତଜ୍ଞତା ଜଣାଇବା ସହିତ ବିକାଶର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଫାଷ୍ଟ୍‌ଫୁଡ୍ ଦୋକାନରେ ଚଢ଼ଉ



**ବଡ଼ଚଣା,ଚଣ୍ଡିଖୋଲ,୧୬।୬/ଏନ୍‌ଏନ୍‌ଏସ୍:** ବଡଚଣା ବ୍ଲକରେ ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଏହାକୁ ପ୍ରତିରୋଧ କରିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରତିଦିନ ଝାଡ଼ାବାନ୍ତି ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଦୂଷିତ ପାଣି, ଖାଦ୍ୟ, ବାସୀ ଖାଦ୍ୟ, ଭୋଜି ଭାତ ଓ ଖୋଲା ମେଲାରେ ବିକ୍ରି ହେଉଥିବା ଜଳଖିଆ, ଖାଇବା ଯୋଗୁ ଏହି ରୋଗ ବ୍ୟାପୁଛି ବୋଲି ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କୁହାଯାଇଛି। ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗତକାଲି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଗସ୍ତ ଓ ଆଜି ସ୍ୱାସ୍ଥ୍ୟ ସଚିବଙ୍କ ଗସ୍ତ ଯୋଗୁ ପ୍ରଶାସନ ତତ୍ପର ହୋଇଉଠିଛି। ଆଜି ଦର୍ପଣ ତହସିଲଦାରଙ୍କ ନେତୃତ୍ୱରେ ଚଣ୍ଡିଖୋଲ ଛକରେ ଥିବା ଉଠା ଜଳଖିଆ ଦୋକାନ, ଗୁପ୍‌ଚୁପ୍ ଦହିବରା, ଫାଷ୍ଟଫୁଡ୍ ଦୋକାନ, ମାଛ, ମାଂସ ଦୋକାନ ଉପରେ ଚଢ଼ଉ କରାଯାଇ ଖାଦ୍ୟର ମାନ ଯାଞ୍ଚ କରାଯାଇଛି। ବର୍ତ୍ତମାନ ରଜପର୍ବ ପାଳନ ଚାଲୁଥିବାରୁ ପିଲାମାନଙ୍କ ଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତିମାନେ ବିଭିନ୍ନ ସ୍ଥାନରେ ବୁଲା ବୁଲି କରିବା ସହିତ ବାହାରେ ବିକ୍ରି ହେଉଥିବା ଖାଦ୍ୟ ଖାଇ ଝାଡ଼ା ବାନ୍ତି ରୋଗ ଆକ୍ରାନ୍ତ ହେଉଛନ୍ତି। ତୁରନ୍ତ ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେବା ସହିତ ଖୋଲା ମେଲାରେ ବିକ୍ରି ହେଉଥିବା ଜଳଖିଆ ଦୋକାନ ଓ ଫାଷ୍ଟଫୁଡ୍ ଦୋକାନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ବ୍ଲକ୍ ସମ୍ମିଳନୀ କକ୍ଷରେ ମିଳିତ ଜନଶୁଣାଣି



**ମାର୍ଶାଘାଇ,୧୬।୬/ଏନ୍‌ଏନ୍‌ଏସ୍:** ମାର୍ଶାଘାଇ ବ୍ଲକ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷିକଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତରେ ଜିଲ୍ଲା ଆରକ୍ଷୀ ଅଧିକ୍ଷୀକ ସିଦ୍ଧାର୍ଥ କାଟେରିଆ,ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି,ଉପଜିଲ୍ଲାପାଳ ଅରୁଣ ନାୟକ, ବ୍ଲକ ଅଧକ୍ଷା ମୁଧୁସ୍ମିତା ସାମଲ,ସହକାରୀ ଜିଲ୍ଲାପାଳ ତୃପ୍ତି ମହାନ୍ତି, ତହସିଲଦାର ଶ୍ରୀକାନ୍ତ ପରିଜା, ବିଡ଼ିଓ ପଞ୍ଚାନନ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ। ଏହି ଜନଶୁଣାଣୀ ଶିବିରରେ ମୋଟ ୫୪ ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା। ଏହି ଅଭିଯୋଗ ମଧ୍ୟରୁ ୧୨ ଗୋଟି ସାମୁହିକ ଅଭିଯୋଗ ରହିଥିଲା।ତାଳସଙ୍ଗା ପଞ୍ଚାୟତର ତାଳସଙ୍ଗା ବୃହତ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ରହିଥିବା ବେଳେ ଏହି ପଞ୍ଚାୟତ ଅଧିନ ଶାସନୀପଡା, ଭୂଷରଙ୍ଗ, ମାଣିକପୁର ଓ ଖମଗାଁ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ସାମାଜିକ କର୍ମୀ ଶୁଭେନ୍ଦୁ ପ୍ରସାଦ ଚୌଧୁରୀ ଏବଂ ଖମଗାଁ ଗ୍ରାମବାସୀ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ପରକୁଳା ପଞ୍ଚାୟତ ନାରାୟଣପୁର ଗ୍ରାମରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ସମିତି ସଭ୍ୟ ସଞ୍ଜୟ ପାତ୍ର ଦାବୀ ରଖିଥିଲେ।ମାର୍ଶାଘାଇ ବଜାର ଓ ସତସଂଲଗ୍ନ ଗ୍ରାମରେ ଅଘୋଷିତ ବିଦ୍ୟୁତ୍ କାଟ ଓ ତୁଳସୀପୁର ରାସ୍ତାରେ ରହିଥିବା ଷ୍ଟ୍ରିଟ ଲାଇଟ ଜଳୁ ନଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ହତିଆ ପାଟନାଳୀ ସଫେଇ, ହିନ୍ଦୁଳିଆ ପଞ୍ଚାୟତ ପାଇଁ ନୂତନ କାର୍ଯ୍ୟାଳୟ ନିର୍ମାଣ, ପୋଦନା ଛକ ଠାରୁ ନରସିଂହପୁର ପର୍ଯ୍ୟନ୍ତ ପକ୍କା ସଡ଼କ ନିର୍ମାଣ ପାଇଁ ଗ୍ରାମବାସୀମାନଙ୍କ ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଆବାସ ଯୋଜନା,ଅନ୍ତର୍ଦୋଦୟ ଯୋଜନାରେ ଗୃହ ଯୋଜନା, ଭତ୍ତା, ରାସନ କାର୍ଡ, ଚିକିତ୍ସା ଖର୍ଚ୍ଚ ପାଇଁ ଅଭିଯୋଗର ଶୁଣାଣୀ କରାଯାଇଥିଲା। ଏହି ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ ବସନ୍ତ ନାୟକ, ଜିଲ୍ଲା ବେସାମାରିକ ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ମନୋଜ ପଟ୍ଟନାୟକ, ମାର୍ଶାଘାଇ କୃଷି ଜିଲ୍ଲା ଅଧିକାରୀ ହେମନ୍ତ ସାମଲ, ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଯାଜପୁର ପାଇଁ ଗୌରବ ଆଣିଲେ ଅଭିଜିତ୍



**ଯାଜପୁର,୧୬।୬/ଏନ୍‌ଏନ୍‌ଏସ୍:** ସର୍ବ ଭାରତୀୟସ୍ତରରେ ନିଟ୍ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହି ନିଟ୍ ୟୁଜ ପ୍ରବେଶିକା ପରୀକ୍ଷାରେ ଯାଜପୁର ଜିଲ୍ଲାର ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ର ଅଭିଜିତ ଏସ୍ ଧଳ ୫୮୨ ନମ୍ବର ରଖି ସର୍ବ ଭାରତୀୟସ୍ତରରେ ୩୧୭୭ ରାଙ୍କ ରଖି ପରୀକ୍ଷାରେ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇ ଯାଜପୁରର ଗୌରବ ଅର୍ଜନ କରିଛନ୍ତି। ଏହି ସଫଳତାର ଶ୍ରେୟ ଶ୍ରୀ ଅଭିଜିତ ଏସ ଧଳ ପ୍ରଥମେ ତାଙ୍କର ପ୍ରୟାସ କ୍ଲାସେସର ପ୍ରତିଷ୍ଠାତା ନିହାର ରଞ୍ଜନ ଦାସ, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ , ଶିକ୍ଷା କର୍ମଚାରୀ ଓ ନିଜର ପରିବାରବର୍ଗଙ୍କୁ ତାଙ୍କର ସଫଳତାର ଶ୍ରେୟ ଦେଇଛନ୍ତି। ସେ ଯାଜପୁର ସହର ସ୍ଥିତ ବେଲାରପୁର ଗ୍ରାମର ପିତା ଜଯାତିକେଶରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସତ୍ୟବ୍ରତ ଧଳ ମହାପାତ୍ର ଓ ମାତା ବିରଜା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ରାଉତ ରାୟଙ୍କର ସୁପୁତ୍ର। ତାଙ୍କର ଜେଜେବାପା ତଥା ମହତାବ ଉଚ୍ଚ ବିଦ୍ୟାଳୟ ମଙ୍ଗଳପୁରର ପୂର୍ବତନ ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ଧଳ, ଓ ଜେଜେ ମା ତଥା ବିରଜା ଉଚ୍ଚ ବିଦ୍ୟାଳୟ ଯାଜପୁରର ପୂର୍ବତନ ଶିକ୍ଷୟିତ୍ରୀ ପ୍ରେମଲତା ବେହୁରିଆଙ୍କ ନାତି, ଓ ସାନ ବାପା ଡାକ୍ତର ଶିବବ୍ରତ ଧଳ ମହାପାତ୍ର, ଇ.ଦେବବ୍ରତ ଧଳ ମହାପାତ୍ର ଓ ସାନ ମା ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନା ରାଣୀ ପହ ସମସ୍ତେ ଅଭିଜିତଙ୍କୁ ଆର୍ଶୀବାଦ ପ୍ରଦାନ କରିବା ସହିତ ତାଙ୍କର ଭବିଷ୍ୟତର ଉଜ୍ଜ୍ୱଳ କାମନା କରିଛନ୍ତି।

# ପଞ୍ଚାୟତ ଲୋକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ



**ପରଜଙ୍ଗ,୧୬।୬/ଏନ୍‌ଏନ୍‌ଏସ୍:** ଗତକାଲି ଅପରାହ୍ନରେ ଡମୋଳ ଗ୍ରାମ ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନୀ ସମାରୋହ ପାଳିତ ହୋଇଯାଇଛି। କିନ୍ତୁ ସବୁ ଉଦ୍‌ଘାଟନ ସମାରୋହ ଠାରୁ ଏ ଉଦ୍‌ଘାଟନ ସମାରୋହ ସମ୍ପୂର୍ଣ୍ଣ ନିରାଡମ୍ବର ଥିଲା। ସବୁ ପ୍ରକଳ୍ପ ଗୁଡିକର ଉଦ୍‌ଘାଟନ କୌଣସି ନେତା ବା ମନ୍ତ୍ରୀ ଦ୍ୱାରା କରାନଯାଇ ନିଜ ପଞ୍ଚାୟତର ଲୋକମାନଙ୍କ ଦ୍ୱାରା କରାଯାଇଛି। ଯେଉଁଥିପାଇଁ କି ଲୋକମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଯାଇଥିଲା। ଫଳରେ ପ୍ରବଳ ବର୍ଷା ସତ୍ତ୍ୱେ ଶହଶହ ସଂଖ୍ୟାରେ ମହିଳା ଓ ପୁରୁଷମାନେ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ।ଉଦଘାଟନ ସମାରୋହର ନାମ 'ଆମ ଜନତା ଆମର ନେତା' ରେ ନାମିତ କରାଯାଇଥିଲା। ପଞ୍ଚାୟତରେ ଏ ଉଦ୍‌ଘାଟନ ଉତ୍ସବ ପରିଚାଳନା ଦାୟିତ୍ୱ ପଞ୍ଚାୟତର ଉଦୀୟମାନ ଯୁବକମାନେ ନିଜ ଆଡୁ ଆଗ୍ରହର ସହ ନେଇଥିଲେ। ଏଭଳି ନିଆରା ଢଙ୍ଗରେ ଉଦଘାଟନ ସମାରୋହ ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିବା ସହ ଓ ଲୋକମାନେ ସରପଞ୍ଚଙ୍କ ଏହି ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଛନ୍ତ। ଗତକାଲି ଡମୋଳ ପଞ୍ଚାୟତରେ ଗୋଟିଏ ପାଠାଗାରର ଉଦଘାଟନ ହୋଇଥିଲା ଯେଉଁଥିରେ ବେଦ, ଉପନିଷଦ, ଗୀତା, ଭାଗବତ, ରାମାୟଣ ମହାଭାରତ ଭଳି ଧାର୍ମିକ ପୁସ୍ତକ ସହିତ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ପୁସ୍ତକ, ବିଭିନ୍ନ ମହାପୁରୁଷଙ୍କ ଜୀବନୀ ବହି ,ପିଲାମାନଙ୍କ ଗଳ୍ପ ବହି ଇତ୍ୟାଦି ରଖାଯାଇଛି । ସେହିପରି ସୁନ୍ଦର ସ୍ୱାସ୍ଥ୍ୟ ନିମନ୍ତେ ଏକ ଖୋଲା ଜିମ, କମ୍ପ୍ୟୁଟର ଶିକ୍ଷା ପାଇଁ ଇଚ୍ଛୁକ ଥିବା ମା, ଭଉଣୀ,ଯୁବକ ଯୁବତୀ ମାନଙ୍କ ପାଇଁ ମାଗଣା କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର, ଥଣ୍ଡା ପାନୀୟଜଳ, ବସ ରହଣୀ ଓ ପଞ୍ଚାୟତ ପ୍ରବେଶ ଫାଟକର ଉଦଘାଟନ ହୋଇଯାଇଛି। ପ୍ରବଳ ବର୍ଷା ସତ୍ତ୍ୱେ ପ୍ରକଳ୍ପ ଗୁଡିକୁ ଲୋକମାନେ ବୁଲି ବୁଲି ଦେଖିଥିଲେ ଏବଂ ସମସ୍ତେ ନିଜ ପଞ୍ଚାୟତକୁ ନେଇ ଉତ୍ସାହିତ ଓ ଗର୍ବିତ ହେଉଥିବା ଦୃଶ୍ୟମାନ ହେଉଥିଲା।

# 'ଦୂଷିତ ଖାଦ୍ୟ ଓ ପାଣିରୁ ଦୂରେଇ ରୁହନ୍ତୁ'



**କେନ୍ଦ୍ରାପଡ଼ା,୧୬।୬/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲାରେ ଡାଇରିଆର ଭୀଷଣ ପରିସ୍ଥିତି ପରେ ପଡୋଶୀ କେନ୍ଦ୍ରାପଡ଼ା ଜିଲ୍ଲାକୁ ବ୍ୟାପିବା ସମ୍ଭାବନା ଥିବାରୁ ଆଜି ଜିଲ୍ଲା ପ୍ରଶାସନ ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନ୍‌ଲାଇନ ମାଧ୍ୟମରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି,ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା,ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡ଼ିଓ, ତହସିଲଦାର, ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ବୈଠକରେ ଦୂଷିତ ପାଣି ଓ ଖାଦ୍ୟଠାରୁ ଦୁରେଇ ରହିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଏହା ସହିତ ଡାଇରିଆ ନିରାକରଣ ନିମନ୍ତେ ସ୍ୱଚ୍ଛତାକୁ ଗୁରୁତ୍ୱ ଦେବାକୁ କୁହାଯାଇଛି। ଯାଜପୁର ଜିଲ୍ଲା ପାର୍ଶ୍ୱବର୍ତ୍ତୀ ବ୍ଲକ ସହିତ ସମସ୍ତ ବ୍ଲକ, ସହରାଞ୍ଚଳ ଗୁଡିକରେ ଲୋକଙ୍କୁ ସଚେତନ କରିବା ସହିତ ଦୂଷିତ ଖାଦ୍ୟ ଓ ପାଣିରେ ବିକ୍ରି କରୁଥିବା ଅସାଧୁ ଦୋକାନକୁ ଚଢାଉ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।ଏହା ସହିତ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ କୁହାଯାଇଛି । ଡାଇରିଆ ମାତ ଦେବା ନିମନ୍ତେ ସମସ୍ତ ପ୍ରତିଷେଧକ ବ୍ୟବସ୍ଥା କରିବାକୁ କୁହାଯାଇଛି ।

# ବିଜେପିରେ ଯୋଗଦେଲେ ବିଜେଡି ଓ କଂଗ୍ରେସ କର୍ମୀ



**ରାଜନଗର,୧୬।୬/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ୍ ସାନବଡଗୋପାଳପୁର ସ୍ଥିତ ବିଜେପି କାର୍ଯ୍ୟାଳୟରେ ବିଜେପିର ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ବିକ୍ରମ ବାରିକଙ୍କ ସଂଯୋଜନା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ବିଜେପି ନେତା ଲଳିତକୁମାର ବେହେରା, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଶ୍ରୀଧର ପ୍ରଧାନ ଯୋଗଦେଇ ବିଜେଡି ଓ କଂଗ୍ରେସ ଦଳ ତ୍ୟାଗକରି ବିଜେପିରେ ଯୋଗଦେଇଥିବା ନେତା ଓ କର୍ମୀମାନଙ୍କୁ ଟୋପି ଓ ଉତରୀୟ ଦେଇ ସ୍ୱାଗତ କରିଥିଲେ। ଏହି ମିଶ୍ରଣପର୍ବରେ ପ୍ରାକ୍ତନ ସମିତି ସଭ୍ୟ ସୁକଦେବ ଭଦ୍ର, ପୂର୍ବତନ ନାଏବ ସରପଞ୍ଚ ଗୁରୁଚରଣ ପରିଡା, ୱାର୍ଡସଭ୍ୟ ସୁକଦେବ ବାରିକ, ମାନଗୋବିନ୍ଦ ସ୍ୱାଇଁ, ଅନାଦୀ ରାଉତ, ବିଶ୍ୱନାଥ ଦାସ, ଅଜାମ୍ବର ଜେନା, ଅଭିମନ୍ୟୁ ନାୟକ, ରବିନ୍ଦ୍ର ରାଉତ, ଜୟରାମ ସ୍ୱାଇଁ,ପ୍ରମୋଦ ରାଉତ,ସମୀର ସାମଲ,ମଳୟ ରାଉତ,ଦୈତାରୀ ପାତ୍ର,ଅଜାମ୍ବର ମହାନ୍ତି, ସୁବାଷ ଜେନା, ଗୟାଧର ଦାସ, ଅଦୈତ ରଣା,ବିଜୟ ସାହୁ ପ୍ରମୁଖ ପ୍ରାୟ ୪୫ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ନେତୃମଣ୍ଡଳୀ ଦଳରେ ସାମିଲ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପି ନେତା ମିଟୁମନୋଜ ନାୟକ,ଅମର ରାଉତ,ଅଜୟ ଲେଙ୍କା,ନିମାଇଁ ରାଉତ ବୁଦ୍ଧଦେବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାକ୍ତନ ମଣ୍ଡଳ ସଭାପତି ଧିରେନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବକାରୀ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



**କେନ୍ଦ୍ରାପଡ଼ା,୧୬।୬/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ବାଲକାଟି ପଞ୍ଚାୟତ ସମିତି ସଭା ଗୃହରେ 'ଆମ ସଂକଳ୍ପ ନିଶା ନୁହେଁ ଜୀବନ'ଶୀର୍ଷକ ଏକ ସଚେତନତା କାର୍ମଶାଳା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ତରଫରୁ ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ତତ୍ତ୍ୱାବଧନରେ ଅନୁଷ୍ଠିତ ହୋଇଯାଇଛି।ଆୟୋଜିତ କର୍ମଶାଳାରେ କେନ୍ଦ୍ରାପଡ଼ା ଅବକାରୀ ଥାନାର ଭରପ୍ରାପ୍ତ ନିରିକ୍ଷକ ପଦ୍ମଲୋଚାନ ନାୟକ ଯୋଗଦେଇ ନିଶା ଯୋଗୁ ସମାଜରେ ବହୁବିଧ ସମସ୍ୟା ଓ ବିଶୃଙ୍ଖଳା ଉପୁଜିବା ସହ ସୁନାର ସଂସାର ଛାରଖାର ହୋଇ ସାମାଜିକ ବ୍ୟବସ୍ଥା ବିଶୃଙ୍ଖଳା ଉପୁଜୁଛି ଏବଂ ସମାଜରେ ବହୁ ପ୍ରକାର ନିଶା ଅଛି। ସବୁ ନିଶା ଅପେକ୍ଷା ମଦ, ଗଞ୍ଜେଇ, ସିଗାରେଟେ, ବିଡି ନିଶାରୁ ମୁକ୍ତ ପାଇବା ଲାଗି ପରିବାରରୁ ଶିକ୍ଷାନୁଷ୍ଠାନ ପର୍ଯ୍ୟନ୍ତ କାଉସିଲିଂ ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମ ମେ ୩୧ ଠାରୁ ଆରମ୍ଭ ହୋଇ ଆସୁଅଛି। ସଭାରେ ସରପଞ୍ଚ ଝୁନାରାଣୀ ବିଶ୍ୱାଳ, ଧେନଶ୍ୱର ରାଉତ, ଲକ୍ଷ୍ମୀପ୍ରିୟା ଜେନା, ଶ୍ରୀକାନ୍ତ ବରଜ, ହରିଶ୍ଚନ୍ଦ୍ର ବେହେରା ଓ ଅନ୍ୟକମିଟି, ଅବକାରୀ ଉପନିରିକ୍ଷକ ଧର୍ମପଦ ଦାସ ଏବଂ ଅନ୍ୟକର୍ମଚାରୀ ସାମିଲ ଥିଲେ।

# ନିଟ୍ ପରୀକ୍ଷାରେ ସୌମ୍ୟଶ୍ରୀଙ୍କ ସଫଳତା



**ଜଗତ୍‌ସିଂହପୁର,୧୬।୬/ଏନ୍‌ଏନ୍‌ଏସ୍:** ଜଗତସିଂଜପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଭଟଣା ଗ୍ରାମର ଛାତ୍ରୀ ସୌମ୍ୟଶ୍ରୀ ପ୍ରିୟଦର୍ଶିନୀ ସର୍ବଭାରତୀୟ ନିଟ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି। ସେ ପରୀକ୍ଷାରେ ୫୪୦୩ ର୍ୟାଙ୍କରେ ଉତିର୍ଣ୍ଣ ହୋଇ ପରିବାର ଓ ଅଞ୍ଚଳରେ ପ୍ରସଂଶାର ପାତ୍ର ହୋଇ ପାରିଛନ୍ତି। ସେ ପିତା ବିକ୍ରମ କୁମାର ବିଶ୍ୱାଳ ଓ ମାତା ଅଳିଭା ବିଶ୍ୱାଳଙ୍କ ସୁପୁତ୍ରୀ। ସୌମ୍ୟଶ୍ରୀ ଏହି ସଫଳତା ହାସଲ କରିବା ପରେ ପରିବାର ତଥା ଆଖ ପାଖ ଅଞ୍ଚଳରେ ଖୁସିର ଲହରୀ ଖେଳି ଯିବା ସହିତ ଶୁଭେଚ୍ଛାର ବାର୍ତ୍ତା ସୁଅ ଛୁଟୁଛି।

# ଡେରାବିଶରେ ପ୍ରଥମ ଆକ୍ରାନ୍ତଙ୍କ ମୃତ୍ୟୁ

**କେନ୍ଦ୍ରାପଡ଼ାକୁ ଡେଇଁଲା ଡାଇରିଆ**

**ଚାନ୍ଦୋଲ,୧୬/୬/ଏନ୍‌ଏନ୍‌ଏସ୍:** ଯାଜପୁର, କଟକ, ଢେଙ୍କାନାଳ ପରେ ଡାଇରିଆ ଏବେ କେନ୍ଦ୍ରାପଡ଼ା ଜିଲ୍ଲାକୁ ଡେଇଁଛି।ଗତ କଲାକ ପଦ୍ଧତୀ ଏବେ କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ଡେରାବିଶ ବ୍ଲକରେ ଦେଖିବାକୁ ମିଳିଛି। ଶନିବାର ସକାଳୁ ଡାଇରିଆରେ ଆକ୍ରାନ୍ତ ଜଣେ ମହିଳାଙ୍କ ମୃତ୍ୟୁ କେନ୍ଦ୍ରାପଡ଼ା ଜିଲ୍ଲାରେ ଡାଇରିଆର ପ୍ରବେଶକୁ ପ୍ରମାଣ ଦେଇଛି। ଏଥିସହିତ ୬ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ କେନ୍ଦ୍ରାପଡ଼ା ଓ କଟକ ମେଡ଼ିକାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ପ୍ରକାଶ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ୍ ଅନ୍ତର୍ଗତ ଏକର ପଞ୍ଚାୟତର ଶ୍ୟାମସୁନ୍ଦରପୁର ଗ୍ରାମର ସଜନୀ ମଲିକ (୬୧) ଶୁକ୍ରବାର ଡାଇରିଆରେ ଆକ୍ରାନ୍ତ ହୋଇ ପ୍ରଥମେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଅବସ୍ଥା ଗୁରୁତର ହେବାରୁ କଟକ ମେଡ଼ିକାଲକୁ ସ୍ଥାନାନ୍ତରିତ ହୋଇଥିଲେ। ହେଲେ ସେଠାରେ ଶନିବାର ଚିକିତ୍ସାଧୀନ ଅବସ୍ଥାରେ ସଜନୀଙ୍କର ମୃତ୍ୟୁ ହୋଇଯାଇଥିଲା। ସଜନୀଙ୍କ ପୁଅ ଭାଗିରଥୀ (୪୩), ନିରଞ୍ଜନ (୩୦) ମଧ୍ୟ ଡାଇରିଆରେ ଆକ୍ରାନ୍ତ ହୋଇ କଟକ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ସେହିପରି ଗ୍ରାମର ରଙ୍ଗଲତା ମଲିକ (୪୫), ତପନ ମଲିକ (୪୭), କୁଞ୍ଜବିହାରୀ ମଲିକ (୭୫), ରଶ୍ମିତା ମଲିକ (୪୭) ମଧ୍ୟ ଆକ୍ରାନ୍ତ ହୋଇ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ତେବେ ଡାଇରିଆରେ ଡେରାବିଶରେ ମହିଳାଙ୍କ ମୃତ୍ୟୁ ଖବର ବ୍ୟାପିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି। ଘଟଣା ସ୍ଥଳରେ କେନ୍ଦ୍ରାପଡ଼ା ଜିଲ୍ଲା ପବ୍ଲିକ ହେଲ୍‌ଥ ଅଫିସର ଡାକ୍ତର ନିରୁପମା ଶତପଥୀ ଓ ଡେରାବିଶର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଚିତ୍ତରଞ୍ଜନ ବେହେରାଙ୍କ ନେତୃତ୍ୱରେ ଡକ୍ଟରୀ ଟିମ୍ ପହଞ୍ଚିଛନ୍ତି। ଏହିସହିତ ସ୍ଥାନୀୟ ଆଶା, ଅଙ୍ଗନବାଡ଼ି କର୍ମୀମାନେ ପହଞ୍ଚିଥିଲେ।ସ୍ୱାସ୍ଥ୍ୟ ବିଭାଗ ଟିମ୍ ଆକ୍ରାନ୍ତଙ୍କର ଘରକୁ ଯାଇ ରୋଗ ଉତ୍ପତ୍ତିର କାରଣ ଖୋଜିଥିଲେ। ସ୍ୱାସ୍ଥ୍ୟ ବିଭାଗ ଟିମ୍ ସହ ଏକର ସରପଞ୍ଚ ଦୁର୍ଯ୍ୟୋଧନ ମଲିକ ଓ ସମାଜସେବୀ ମହେନ୍ଦ୍ର ମଲିକ ଉପସ୍ଥିତ ରହି ଗ୍ରାମର ସମସ୍ତ ଘରକୁ ଯାଇ ଲୋକମାନଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ ଏବଂ ଲୋକମାନଙ୍କୁ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ଘଟଣା ସ୍ଥଳରେ ରାଜ୍ୟ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ା ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜ୍ଞାପନ କରିବା ସହିତ ଆକ୍ରାନ୍ତମାନଙ୍କ ଘରକୁ ଯାଇ ସରକାରୀସ୍ତରରେ ସେମାନଙ୍କ ସମସ୍ତ ଉନ୍ନତ ଚିକିତ୍ସା କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।


**OFFICE OF THE MUNICIPAL COUNCIL : GUNUPUR**

C-530

**e-Procurement Notice**

Tender Reference No. GUN-MUN-73/2025-26

No. 1063 Dt. 12.06.2025

| | | | |
|---|---|---|---|
| 01. | Total Nos. of works | : | One (01) nos. of Civil Works |
| 02. | Approximate Estimated cost | : | Rs.47,85,527/- |
| 03. | Period of Completion | : | Six (06) months |
| 04. | Date & time of availability of bid document in the portal | : | 11.00 Hrs. of dt.16.06.2025 to 17.00 Hrs. of dtd. 04.07.2025 for Online Bidding |
| 05. | Last date/time for receipt of bids in the portal | : | 17.00 Hrs. of dtd.04.07.2025 |
| 06. | Name and address of the Officer inviting bids | : | Executive Officer, Gunupur Municipality |
| 07. | Date of opening of Bids | : | 11.00 Hrs. of dtd. 05.07.2025 |
| 08. | Further details can be seen from the e-procurement portal | : | www.tendersodisha.gov.in |
| 09. | Further Addendum / Corrigendum if any will be hosted in the above website. | | |

Sd/- Executive Officer
Gunupur Municipality

OIPR-13104/11/0017/2526


## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଚାନ୍ଦୋଲ,୧୬/୬/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ବସପୁର ପଞ୍ଚାୟତର ଭାଣ୍ଡିଲୋ ଗ୍ରାମର ଜଣେ ଯୁବକର ସନ୍ଦେହ ଜନକ ମୃତ୍ୟୁ ହୋଇଥିବା ନେଇ ମୃତକର ପିତା ସଦର ଥାନାରେ ଅଭିଯୋଗ କରିଛନ୍ତି। ଏହି ହତ୍ୟାରେ ସେହି ଗ୍ରାମର ଯୁବକଙ୍କର ଜଣେ ସାଙ୍ଗ ସମ୍ପୃକ୍ତି ଥିବା ନେଇ ଅଭିଯୋଗ କରିଛନ୍ତି ।ଅଭିଯୋଗ ପାଇବା ପରେ ପୁଲିସ ଅଭିଯୁକ୍ତକୁ ନିଜ ହେବାଜତକୁ ନେଇ ତଦନ୍ତ ଆରମ୍ଭ କରିଛି । ହେଲେ ଅଭିଯୁକ୍ତର ବୟାନ ଏକ ଚୋରୀ ର୍ୟାକେଟ୍‌ର ପର୍ଦ୍ଦାଫାସ୍ କରିଥିବା ଜଣାଯାଇଛି। ପ୍ରକାଶ ଭାଣ୍ଡିଲୋ ଗ୍ରାମର ଯୁବକ ଶୁଭଶ୍ରୀ ସ୍ମୃତି ଆକାଶ ବିଶ୍ୱାଳ (ସିପୁନ) ଗତ ୧୩ ତାରିଖ ଦିନ ସନ୍ଧ୍ୟାରେ ଘରୁ କେଉଁଆଡ଼େ ଯାଇ ଆଉ ଫେରିନଥିଲା।୧୪ ତାରିଖ ପୂର୍ବାହ୍ନରେ କଟକ ବଡ଼ ମେଡ଼ିକାଲରେ ସିପୁନର ମୃତ ହୋଇଥିବା ଜାଣି ତାଙ୍କର ବାପା ସେଠାରେ ପହଞ୍ଚି ପୁଅର ଶବ ବ୍ୟବଚ୍ଛେଦ କରାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ଆଜି ସକାଳେ ସିପୁନର ବାପା ତାର ସାଙ୍ଗ ସେହି ଗ୍ରାମର ଜଣେ ଯୁବକ ସିପୁନର ହତ୍ୟାରେ ସମ୍ପୃକ୍ତି ଥିବାନେଇ ଥାନାରେ ଅଭିଯୋଗ କରିଥିଲେ। ସଦର ଥାନା ପୁଲିସ ଅଭିଯୁକ୍ତ ଯୁବକଙ୍କୁ ନିଜ ହେପାଜତକୁ ନେଇ ପଚରା ଉଚୁରା ଜାରି ରଖିଛି।

# ବାପାଙ୍କୁ ବେଘର କଲା ପୁଅ

**ଜଗତ୍‌ସିଂହପୁର,୧୬/୬/ଏନ୍‌ଏନ୍‌ଏସ୍:** ଅନେକ ପରିବାରରେ ବାପା ଓ ମାଆ ନିଜ ସନ୍ତାନ ମାନଙ୍କୁ ସ୍ନେହ ଶ୍ରଦ୍ଧାରେ ଲାଳନ ପାଳନ କରିବା ସହିତ ହାତଧରି ଚାଲି ଶିଖାଇବା ଓ ରୋଜଗାରର ବାଟ ଦେଖାଇ ହାତକୁ ଦୁଇ ହାର କରିବା ପରେ ସେମାନେ ବୃଦ୍ଧ ପିତାମାତାଙ୍କ ପାଇଁ ଅଲୋଡା ହୋଇଯାଉଛନ୍ତି। ବିଶେଷ କରି ପୈତୃକ ସମ୍ପତିର ଲୋଭର ବସବର୍ତି ହୋଇ ବୃଦ୍ଧ ପିତାମାତାଙ୍କୁ ପରିଣତି ବୟଷରେ ଅଣଦେଖା କରି ଆସୁଥିବା ବହୁ ଅଭିଯୋଗ ହୋଇଛି। ଏପରି ଏକ ଅଭିଯୋଗ ଆସିଛି, ଖୋଦ୍ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗହ୍ଣାପୁର ଗ୍ରାମରୁ। ଗ୍ରାମର କେଶବ ଷଢଙ୍ଗୀ(୭୫) ତାଙ୍କର ତିନି ପୁଅଙ୍କୁ ଛୋଟରୁ ବଡ କରି ହାତକୁ ଦୁଇ ହାତ କରି ରହିବା ପାଇଁ ସୁବନ୍ଦୋବସ୍ତ କରିବା ପରେ, ଏକ ପୁଅ ବୃଦ୍ଧ ପିତା ରହୁଥିବା ଘରଟିକୁ ଛଡାଇ ନେବା ନେଇ ବୃଦ୍ଧ କେଶବ ବେଘର ହୋଇ ପଡିଛନ୍ତି। ତେବେ ଏ ସମ୍ପର୍କରେ ବୃଦ୍ଧ କେଶବ ଗତ ତା ୧୩.୦୫.୨୦୨୫ ତାରିଖରେ ନ୍ୟାୟ ପାଇଁ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ନ୍ୟାୟ ନମିଳିବା ନେଇ ପୁନର୍ବାର ଆଜି ସୋମବାର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି। ପୁଅ ମାଡି ବସିଥିବା ତାଙ୍କର ଘରକୁ ଉଦ୍ଧାର କରିବା ସହିତ ତାଙ୍କର ଭରଣ ପୋଷଣ ପାଇଁ ଦାବି ଜଣାଇଛନ୍ତି। ପ୍ରକାଶ, ରେଢୁଆ ଗହ୍ଣାପୁର ଗ୍ରାମର ବ୍ରାହ୍ମଣ ପରିବାରର କେଶବ ଷଢଙ୍ଗୀ(୭୫), କୌଳିକ ବୃତି କରି ତାଙ୍କର ୩ପୁଅ ନବକିଶୋର, ଅଶୋକ ଓ ଦିଲ୍ଲୀପଙ୍କ ସହିତ ଏକ ଝିଅକୁ ପାଠ ପଢାଇ ବିବାହ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ କରିଛନ୍ତି। ଏଥି ସହିତ ୩ପୁଅଙ୍କ ପରିବାର ଅଲଗା ହୋଇ ଶାନ୍ତିରେ ରହିବା ପାଇଁ ବ୍ୟବସ୍ଥା କରିବା ସହିତ ନିଜେ ମଧ୍ୟ ଏକ ଘରେ ରହି ଆଶୁଥିଲେ। ବୃଦ୍ଧ କେଶବଙ୍କ ଖାଇବା ପିଇବା ଦାୟୀତ୍ୱ ବଡ ପୁଅ ନବଘନ ବୁଝି ଆଶୁଥିଲା। ମାତ୍ର ଅନ୍ୟ ୨ପୁଅ ଏ ସମ୍ପର୍କରେ କୌଣସି ସହଯୋଗ କରୁ ନଥିଲେ। ତାଙ୍କର ମଝିଆ ପୁଅ ଅଶୋକ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବା ପରେ, ରହୁଥିବା ଛପର ଘରକୁ ଭାଙ୍ଗିଥିଲା। ଘର ଭାଙ୍ଗିବା ପରେ ମଝିଆ ପୁଅର ଦୁଃଖ ବୃଦ୍ଧ ପିତା ସହି ନପାରି, ଘର ନିର୍ମାଣ ଶେଷ ହେବା ପର୍ଯ୍ୟନ୍ତ ନିଜ ଘରେ ରହିବା ପାଇଁ ଅନୁମତି ଦେଇଥିଲେ। ହେଲେ ଅଶୋକଙ୍କ ଘର ନିର୍ମାଣ କାର୍ଯ୍ୟ ସରି ଯାଇଥିଲେ ମଧ୍ୟ ବୃଦ୍ଧ ପିତାଙ୍କର ଘର ଛାଡିଲେ ନାହିଁ କି ତାଙ୍କର ଭରଣ ପୋଷଣ ଦାୟୀତ୍ୱ ନେଲେ ନାହିଁ। ଯାହାଫଳରେ ଗତ ମାସ ୧୩ ତାରିଖରେ ବୃଦ୍ଧ କେଶବ ଉପଜିଲ୍ଲାପାଳଙ୍କ ନିକଟରେ ଏହି ଅଭିଯୋଗ କରିଥିଲେ। ଉପଜିଲ୍ଲାପାଳ, ରଘୁନାଥପୁର ତହସିଲଦାରଙ୍କୁ ଏହାର ସଠିକ୍ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ଅଭିଯୋଗର ୭ଦିନ ପର ଠାରୁ ଆଜି ପର୍ଯ୍ୟନ୍ତ ଉପଜିଲ୍ଲାପାଳଙ୍କ ନିକଟରେ ତଦନ୍ତ ରିପୋର୍ଟ ନଆସିବା ନେଇ ବୃଦ୍ଧ କେଶକ ନିଜକୁ ନିରାଷ ମନେକରି ଆଜି ପୁନର୍ବାର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି।

# କଳାବ୍ୟାଜ୍ ପିନ୍ଧି ବନକର୍ମଚାରୀଙ୍କ ପ୍ରତିବାଦ



**ରାଜନଗର,୧୬/୬/ଏନ୍‌ଏନ୍‌ଏସ୍:** ଓଡିଶା ଅଣଗେଜେଟେଡ ବନସେବା ସଂଘର ଆନ୍ଦୋଳନ ଡାକରାରେ ବନକର୍ମଚାରୀମାନେ ସାମିଲ ହୋଇ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିଛନ୍ତି । ଯେଉଁଥିରେ ଡେପୁଟି ରେଞ୍ଜର, ଫରେଷ୍ଟର, ଫରେଷ୍ଟ ଗାର୍ଡମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ବନଆୟୋଗ ଗଢିବା ଦାବିକରି ଏହି ଆନ୍ଦୋଳନ ତେଜିବାରେ ଲାଗିଛି। ଆସନ୍ତା ୨୨ତାରିଖରୁ ସମୂହ ଛୁଟିରେ ଯିବେ ବୋଲି ଚେତାବନି ଦେଇଛନ୍ତି। ଚଳିତ ମାସ ୧୫ତାରିଖଠାରୁ ଆରମ୍ଭ ହୋଇଥିବା ଏହି ପ୍ରତିବାଦରେ ରାଜନଗର ବନଖଣ୍ଡ ଅନ୍ତର୍ଗତ ରାଜନଗର, କନିକା, ଗହୀରମଥା, ମହାକାଳପଡା ଓ କୁଜଙ୍ଗ ରେଞ୍ଜରେ ୫୭ଜଣ ବନକର୍ମଚାରୀ ସାମିଲ ହୋଇଛନ୍ତି। ଯାହାଫଳରେ ବନ୍ୟଜୀବଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।ଏହି ସମୟରେ ଶିକାରୀ ଓ କାଠମାଫିଆମାନେ ସକ୍ରିୟ ହେବାର ସମ୍ଭାବନା ଦେଖାଦେଇଛି ।ପ୍ରକାଶ, ଚଳିତବର୍ଷ ମେ ମାସ ୨୪ତାରିଖରେ ହିନ୍ଦୋଳ ରେଞ୍ଜର ଫରେଷ୍ଟଗାର୍ଡ ପ୍ରହଲ୍ଲାଦ ପ୍ରଧାନଙ୍କୁ ଶିକାରୀ ହତ୍ୟା କରିବା ପ୍ରତିବାଦରେ ସରକାର ତୁରନ୍ତ ପଦକ୍ଷେପ ନେବାକୁ ବନକର୍ମଚାରୀମାନେ ଦାବି କରିଥିଲେ। ଏଯାବତ୍ ସରକାର କୌଣସି ଠୋସ ପଦକ୍ଷେପ ଗ୍ରହଣ ନକରିବାରୁ ଏହି କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି।


**ଦକ୍ଷିଣ ପୂର୍ବ ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଓ ପାଇଁ କାର୍ଯ୍ୟ କରୁଥିବା Divisional Railway Manager /Engg./, ଚକ୍ରଧରପୁର, ଦକ୍ଷିଣପୂର୍ବ ରେଳପଥ, ଚକ୍ରଧରପୁର, ନିମ୍ନଲିଖିତ କାର୍ଯ୍ୟ ପାଇଁ ଓପନ୍ ଟେଣ୍ଡର ବିଧାନରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। [illegible] **କ୍ରମିକ ନଂ ୧- ଟେଣ୍ଡର ନଂ: CKP-WEST-25-26-04, dated 13.06.2025,** **କାର୍ଯ୍ୟ ବିବରଣୀ:** [illegible] **ଟେଣ୍ଡର ମୂଲ୍ୟ:** ୫୧,୪୯,୬୩,୯୪୪ /-, **ବଇନାଡି(ସର୍ବାଧିକ ଜମା ରାଶି):** ଟ. ୨୭,୨୪,୯୦୦/-, **କ୍ରମିକ ନଂ ୨- ଟେଣ୍ଡର ନଂ: CKP-CENTRAL-25-26-14, dated 13.06.2025,** **କାର୍ଯ୍ୟ ବିବରଣୀ:** [illegible] **ଟେଣ୍ଡର ମୂଲ୍ୟ:** ୬୮,୧୦,୯୦୨.୬୮ /-, **ବଇନାଡି(ସର୍ବାଧିକ ଜମା ରାଶି):** ଟ. ୧,୫୬,୨୦୦/-, **କ୍ରମିକ ନଂ ୩- ଟେଣ୍ଡର ନଂ: CKP-CENTRAL-25-26-15, dated 13.06.2025,** **କାର୍ଯ୍ୟ ବିବରଣୀ:** [illegible] **ଟେଣ୍ଡର ମୂଲ୍ୟ:** ୨,୦୦,୯୧,୯୧୪/-, **ବଇନାଡି(ସର୍ବାଧିକ ଜମା ରାଶି):** ଟ. ୨,୫୦,୫୦୦/-, **କ୍ରମିକ ନଂ ୪- ଟେଣ୍ଡର ନଂ: CKP-CENTRAL-25-26-16, dated 13.06.2025,** **କାର୍ଯ୍ୟ ବିବରଣୀ:** [illegible] **ଟେଣ୍ଡର ମୂଲ୍ୟ:** ୬୪,୨୨,୯୦୬.୪୦/-, **ବଇନାଡି(ସର୍ବାଧିକ ଜମା ରାଶି):** ଟ. ୧,୨୮,୫୦୦/-, **ଟେଣ୍ଡର ମୂଲ୍ୟ :** ୦ [illegible], **ଟେଣ୍ଡର ଖୋଲିବା ତାରିଖ:** ୧୪.୦୭.୨୦୨୫ (କ୍ରମିକ ନଂ ୧ ଓ ୩ ପାଇଁ) ଏବଂ ୦୮.୦୭.୨୦୨୫ (କ୍ରମିକ ନଂ ୨ ଓ ୪ ପାଇଁ), [illegible] http://www.ireps.gov.in [illegible] IREPS [illegible] 2020/CE-I/CT/3E/GCC/Policy dtd. 16.07.2020).

(PR-276)



**S.C.S. COLLEGE (AUTONOMOUS), PURI**

**ADMISSION NOTICE FOR 2025-26**

Applications are invited for admission into the following Self-Financing Courses offered under Utkal University for the session 2025-26 (PPP).

| Course | Annual Fee | Eligibility |
|---|---|---|
| 2-Yr. MBA Master in Business Administration | ₹45,000/- | ODISHA JEE 2025 Qualified (Admn as per OJEE counselling schedule) |
| 2-Yr. M.Com (Finance & Control) | ₹30,000/- | Minimum 40% in +3 or equivalent in any stream |
| 3-Yr. BBA Bachelor in Business Administration | ₹15,000/- | Minimum 40% in +2 or equivalent in any stream |

**Scholarship : Available for eligible SC, ST, OBC & Minority Category**

The Application Form for 2 Yr. M.Com (F&C) can be obtained from the college on all working days between 11 AM - 3 PM on payment of Rs.100/- and the form duly filled in all respect should reach the Principal on or before 04.07.2025 for M.Com (F&C) & for BBA 25.06.2025. **PRINCIPAL**

**7873692880, 9439616026, 9776242247, 8917663919**



B-218

**OFFICE OF THE SUPERINTENDING ENGINEER CUTTACK (R&B) DIVISION NO.I: CUTTACK**

Email I.D : eepwdcuttack@gmail.com
Tel./fax No. (0671) - 2304128

**GOVERNMENT OF ODISHA**
**( 'e' PROCUREMENT NOTICE)**
**Bid Identification No. S.E. CTC (R&B) - 13 of 2025-26**

1. The Superintending Engineer, Cuttack (R&B) Division No.I, Cuttack on behalf of Governor of Odisha invites on percentage rate basis bid in Double cover system in ONLINE MODE from eligible contractor for Road work as mentioned below:
2. No. of work : 1 No.
3. Nature of work : Road work
4. Class of contractor : "B" Class
5. Tender paper cost : Rs.10000/- (online)
6. Available of bid documents : From 19.06.2025 to 5PM of 03.07.2025 in the website
7. Date of opening of bid : 11AM of 04.07.2025
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd/- Superintending Engineer,
Cuttack (R&B) Division No.I, Cuttack

OIPR-34091/11/0080/2526


# ଷ୍ଟପ୍ ଡାଇରିଆ କ୍ୟାମ୍ପେନ୍ ଉଦ୍‌ଘାଟିତ



**କେନ୍ଦ୍ରାପଡ଼ା,୧୬/୬/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓଆରଏସ୍ କର୍ଣ୍ଣର ଠାରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରଶନ ନାୟକ 'ଷ୍ଟପ୍ ଡାଇରିଆ' କ୍ୟାମ୍ପେନ ୨୦୨୫କୁ ଶୁଭ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ୩୧ଜୁଲାଇ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରମୋଦ କୁମାର ପ୍ରହରାଜ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ନୃପେନ୍ଦ୍ର କୁମାର ଶତପଥି, ଏଡିଏମ୍‌ଓ ମେଡିକାଲ ଡାକ୍ତର କିଶୋର ଚନ୍ଦ୍ର ମିଶ୍ର, ଡେପୁଟି ମ୍ୟାନେଜର, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ସୁକାନ୍ତ କୁମାର ପ୍ରଧାନ, ହସ୍ପିଟାଲ ମ୍ୟାନେଜର ପ୍ରଭାତ କୁମାର ନାୟକ, ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶୁଭକାନ୍ତ ନାୟକ, ଜିଲ୍ଲା ଡାଟା ମ୍ୟାନେଜର ଜ୍ୟୋତି ରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।ଉଦ୍‌ଘାଟନୀ ସମୟରେ ବିଧାୟକ ଷ୍ଟପ ଡାଇରିଆ କ୍ୟାମ୍ପେନର ସମସ୍ତ କାର୍ଯ୍ୟକ୍ରମ ବିଷୟରେ ବୁଝିଥିଲେ। ଏହି ଷ୍ଟପ୍ ଡାଇରିଆ କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳରେ ଆଶାକର୍ମୀମାନେ ଘରକୁ ଘର ଯାଇ ଓଆର୍‌ଏସ୍ ଏବଂ ଜିଙ୍କ୍ ବଟିକା ପ୍ରଦାନ କରିବେ। ସେହିପରି ମହିଳା ସ୍ୱାସ୍ଥ୍ୟକର୍ମୀ ଓ କମ୍ୟୁନିଟି ହେଲଥ ଅଫିସର୍‌ମାନେ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଡାଇରିଆ କେସକୁ ପରିଚାଳନା କରିବେ। ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟ, ସବ ଡିଭିଜନାଲ ହସ୍ପିଟାଲ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାକେନ୍ଦ୍ରରେ ଡାଇରିଆର ପରିଚାଳନା କରିବେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ଏବଂ ଜିଲ୍ଲାସ୍ତରରୁ ତଦାରଖ କରାଯିବ।


O-299

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE : RAYAGADA**

Letter No. 1163 Email ID : ccerwcrayagada@gmail.com Dt. 13.06.2025

**NATIONAL COMPETITIVE BIDDING THROUGH GEPNIC**
**e-Procurement Notice**

1. Name of the work : Construction of Building works for the year 2024-25 (6 Nos.)
2. Class of contractor : "B" & "A" of (Odisha PWD) or relevant class of other licensing authority
3. Estimated cost : Varies from Rs.103.41 Lakhs to Rs.241.37 Lakhs
4. Details projects as per Annexure attached :

| Procurement Officer | Bid Identification No. | Availability of Tender on-line for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Rayagada | NCB-11/ RWCRGDA/ 2025-26 | Dt.20.06.25 at 11.00 AM | Dt.11.07.25 upto 5.00 PM | Dt.10.07.25 upto 5.00 PM | Dt.14.07.25 at 11.00 AM | Will be intimated later |

5. The details of works can be seen from the website https://www.tendersorissa.gov.in
6. Any Corrigendum / Addendum will be displayed in the above e-tender website.

Sd/- Chief Construction Engineer
Rural Works Circle, Rayagada

OIPR-25196/11/0018/2526



O-290

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER RURAL WORKS DIVISION, BHUBANESWAR**

Ph. No.- 0674-2301787, Fax No.- 0674-2300965,
E-mail Id: eerw_bbsr@yahoo.co.in

**No:- Tender-Online-BBSR Divn.-04 Date: 11.06.2025**

**"e" Procurement Notice**

1. Name of the work : Bridge work
2. Total No. of Road : 2 Nos.
3. Class of contractor
(As per works Deptt. Office memorandum no. 12586 dt.09.09.2022)
a) Above Rs.20 lakh and up to 3 crore : 'B' Class (of Odisha PWD) or equivalent class of other licensing authorities.
b) Up to Rs. 40.00 lakh : 'C' Class (of Odisha PWD) or equivalent class of other licensing authorities.
c) Up to Rs.20.00 lakh : 'D' Class (of Odisha PWD) or equivalent class of other licensing authorities.
4. Estimate cost of Individual project : Rs.53.00 lakh to 67.00 lakh
5. Time for completion : 4 (Four) calendar months
6. Other details

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of Tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | |
| Additional Chief Engineer, Rural Works Division, Bhubaneswar | Tender Online-BBSR Divn.-04 | 18.06.2025 at 11.00 AM | 25.06.2025 up to 5.00 PM | 26.06.2025 at 11.00 AM | 02.07.25 at 11.00 AM |

7. Further details can be seen from the website www.tendersorissa.gov.in
8. Corrigendum if any / shall be published in the above website.

Sd/- Additional Chief Engineer
Rural Works Division, BBSR

OIPR-25066/11/0002/2526


# ଖଣି ସୁରକ୍ଷା ପକ୍ଷ ଉଦ୍‌ଯାପିତ

**ତାଳଚେର,୧୬/୬/ଏନ୍‌ଏନ୍‌ଏସ୍:** ଖଣି ସୁରକ୍ଷା ପକ୍ଷ ୨୦୨୪/୨୫ ଉଦ୍‌ଯାପିତ ହୋଇଯାଇଛି। ମହାନଦୀ କୋଇଲା କମ୍ପାନୀ ଲିଙ୍ଗରାଜ କୋଇଲା କ୍ଷେତ୍ର ପକ୍ଷରୁ ଲିଙ୍ଗରାଜ କଲୋନୀ ଦୁର୍ଗାମଣ୍ଡପ ପଡ଼ିଆରେ ଆୟୋଜିତ ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଡ଼ାଇରେକ୍ଟର ଧନବାଦ ମାଇନ୍ସ ସେଫ୍ଟି ଉଜ୍ୱଳ ଟକ୍ ଯୋଗଦେଇଥିବା ବେଳେ ସମ୍ମାନୀୟ ଅତିଥିଭାବେ ଡ଼େପୁଟି ଡ଼ାଇରେକ୍ଟର ମାଇନ୍ସସେଫ୍ଟି ଏସଏସ ପ୍ରସାଦ, ମହାନଦୀ କୋଇଲା କମ୍ପାନୀ ଅଧକ୍ଷ ଉଦୟ ଅନନ୍ତ କାଓଲ, ମୁଖ୍ୟ ସତର୍କତା ଅଧିକାରୀ ପିକେ ପଟ୍ଟନାୟକ, ବୈଷୟିକ ନିର୍ଦ୍ଦେଶକ ଟେକନିକାଲ ଅପରେଟର୍ ଜେକେ ଭୋରା, ବୈଷୟିକ ନିର୍ଦ୍ଦେଶକ ପ୍ରକଳ୍ପ ଏସକେ ଝା, ନିର୍ଦ୍ଦେଶକ ଅର୍ଥ ଏକେ ବେହୁରିଆ ଓ ନିର୍ଦ୍ଦେଶକ କାର୍ମିକ କେଶବ ରାଓଙ୍କ ସମେତ ବିଭିନ୍ନ ଶ୍ରମିକ ସଂଗଠନ ନେତୃବୃନ୍ଦ ସିଆଇଏସଟିଏ, ସିଏମଓଆଇଏ, କର୍ପୋରେଟ ଜେସିସି ସୁରକ୍ଷା ସଦସ୍ୟ ଓ ବିଭିନ୍ନ କ୍ଷେତ୍ରର ମହାପ୍ରବନ୍ଧକମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ସୁରକ୍ଷା ପତାକା ଉତୋଳନ, ଅତିଥି ପରିଚୟ, ଅତିଥିଙ୍କୁ ସମ୍ମାନୀତ, ଲିଙ୍ଗରାଜ ଜିଏମ ପକ୍ଷରୁ କରାଯାଇଥିଲା ଓ ପରେ କର୍ପୋରେଟ୍ ସଙ୍ଗୀତ ଗାନ କରାଯାଇ ସୁରକ୍ଷାପାଠ ଶପଥ କରାଯାଇଥିଲା। ଏହି ଅବସରରେ ଖଣିରେ କାର୍ଯ୍ୟ କରୁଥିବା ଅବସ୍ଥାରେ ମୃତ୍ୟୁବରଣ କରୁଥିବା ଶ୍ରମିକଙ୍କ ପାଇଁ ଏକ ମିନଟ୍ ନିରୋବ ପ୍ରର୍ଥନା କରାଯାଇଥିଲା। ଅତିଥିମାନେ ଖଣି ସୁରକ୍ଷାନେଇ ବିଭିନ୍ନ ଷ୍ଟଲକୁ ବୁଲି ପରିଦର୍ଶନ କରିଥିବା ବେଳେ ଖଣି ସୁରକ୍ଷା ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀତକ ଖୁସି ବ୍ୟକ୍ତି ହେବା ସହିତ ଶ୍ରମିକଙ୍କ ପାଇଁ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ଶ୍ରମିକମାନେ ସଚେତନ ହୋଇ କାର୍ଯ୍ୟକଲେ ବିପଦ ସହଜରେ ଟାଳି ହୋଇଯିବ ଓ କିଭଳି ସୁରକ୍ଷିତ ଭାବେ ଖଣି ଗୁଡ଼ିକରୁ କୋଇଲା ଉତୋଳନ ଓ ପରିବହନ ହୋଇପାରି ସେଥିନେଇ ବକ୍ତବ୍ୟ ମାଧ୍ୟମରେ ସେ ପ୍ରକାଶ କରିଥିଲେ।


O-278

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION-II,SUNDARGARH**
**TENDER CALL NOTICE**
**BID IDENTIFICATION NO. ONLINE-EERKL-01 of 2025-26**
**E.Mail – rw_rourkela@yahoo.co.in**

1. Name of the Work :- Building Works
2. Total No. of works :- 03 (Three) Nos.
3. Estimated cost :- Rs .69.74 to 81.32 Lakhs
4. Class of contractor :- "B" Class
5. Period of completion :- 09(Nine) Months
6. Type of Tender :- Double Cover
7. Other details

| Procurement Officer | Bid Identification No. | Availability of Tender On-line for bidding | | Last Date & Time of seeking tender clarification | Date & Time of Opening of Tender | Financial Bid |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 7 | 8 |
| Superintending Engineer, Rural Works Division-II, Sundargarh | Online - SERKL-01 of 2025-26 | 20.06.2025 from 10.00 AM | 30.06.2025 upto 05.00 PM | 29.06.2025 upto 1.00 PM | 02.07.2025 at 11.00 AM | Will be intimated separately |

Further details can be seen from the website www.tendersorissa.gov.in & for more information please visit the office.

Executive Engineer
RW Division-II,Sundargarh

OIPR-25193/11/0070/2526



O-289

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE : CUTTACK**

No. Tender Online RWC-10/2025 Letter No.-2099 Date: 12.06.2025

**e-Procurement Notice**

1. Name of the work : Construction of Bridge works
2. Class of contractor
(c) Estimated cost more than : Rs.6.00 Crore & upto Rs.50.00 Crore : Special Class (of Odisha PWD) & relevant class of other licensing authorities.
(d) Estimated cost more than : Rs.1.00 Crore & upto to 20.00 Crore : A Class (of Odisha PWD) & relevant class of other licensing authorities.
(c) Estimated cost more than : Rs.20.00 Lakh & upto Rs.3.00 Crore : B Class (of Odisha PWD) & relevant class of other licensing authorities.
3. Time for Completion : As specified in the Column-7 of the Annexure
4. Detail projects : As per Annexure attached
5. Other details

| Procurement Officer | Bid Identification No. | Availability of Tender on-line for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Cuttack | Tender Online RWC-10/2025 | 19.06.2025 at 11.30 AM | 09.07.2025 to 05.00 PM | 08.07.2025 up to 02.00 PM | 10.07.2025 at 11.30 AM | Will be intimated later |

Further details can be seen from the website www.tendersorissa.gov.in

Sd/- Chief Construction Engineer
Rural Works Circle, Cuttack

OIPR-25097/11/0022/2526


## ଜନ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ

**ତାଳଚେର,୧୬/୬/ଏନ୍‌ଏନ୍‌ଏସ୍:** ତାଳଚେର ସରକାରୀ ମେଡିକାଲ୍ କଲେଜ୍ ରେ ଶିକ୍ଷାଦାନ ସହ ରୋଗୀ ଚିକିତ୍ସା କାର୍ଯ୍ୟ ଆରମ୍ଭ କରିବା ଉଦ୍ଦେଶ୍ୟରେ ଆସନ୍ତା ଜନ ଆନ୍ଦୋଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନିଷ୍ପତି ଅନୁଯାୟୀ ଆସନ୍ତା ତା୧୭/୬/୨୦୨୫ ରିଖ ଦିନ ୯ ଘଟିକା ସମୟରେ ଗୋପାଳପ୍ରସାଦ ସ୍ଥିତ ମା ହିଙ୍ଗୁଳା ମନ୍ଦିରରେ ପୂର୍ଣ୍ଣାଙ୍ଗ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ କାର୍ଯ୍ୟ ପନ୍ଥା ସ୍ଥିର କରାଯିବ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହାଯାଇଛି। ଏହି ବୈଠକରେ ତାଳଚେରର ସମସ୍ତ ଜ୍ଞାନୀ, ଗୁଣି, ବୁଦ୍ଧିଜୀବୀ, ସାମ୍ବାଦିକ ବନ୍ଧୁଗଣ, ସମସ୍ତ ରାଜନୈତିକ ବ୍ୟକ୍ତି ବିଶେଷ, ବିଭିନ୍ନ ପ୍ରତିଷ୍ଠାନର ଉଦ୍ୟୋକ୍ତା, ଶିକ୍ଷାବିତ୍ ବନ୍ଧୁଗଣ, ଗ୍ରାମ କମିଟି ସଭାପତି ଓ ସଦସ୍ୟ ସଦସ୍ୟା, ପଂଚାୟତ ସମିତି ଅଧକ୍ଷ, ଉପାଧକ୍ଷ, ୱାର୍ଡ ସଦସ୍ୟ ସଦସ୍ୟା, ଜିଲ୍ଲା ପରିଷଦ ମେମ୍ବର, ନଗରପାଳ, ଉପନଗରପାଳ, ସମସ୍ତ କାଉନସିଲର ସର୍ବୋପରି ସମସ୍ତ ତାଳଚେର ଅଧିବାସୀ ମାନଙ୍କୁ ଯୋଗଦେବା ପାଇଁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନୁରୋଧ କରାଯାଇଛି। ଆଜିର ଏହି ବୈଠକରେ କମିଟିର ପଦ୍ମ ଚରଣ ସାମଲ, ଚୈତନ୍ୟ ପ୍ରଧାନ, ବିଜୟ ପ୍ରଧାନ, ଦିଗାମ୍ବର ଗଡନାୟକ, ସୁରେଶ ଚନ୍ଦ୍ର ପଟ୍ଟନାୟକ, ଭୁପେନ୍ ଥମ୍ବଙ୍କ ସମେତ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଦମ୍ପତି ଗୁରୁତର

**ବଇଣ୍ଡା,୧୬/୬/ଏନ୍‌ଏନ୍‌ଏସ୍:** ହଣ୍ଡପା ଥାନା ଅନ୍ତର୍ଗତ ୫୫ ନମ୍ବର ରପାର୍ବତୀ ପୁର୍ ଛକ ଠାରେ ଏକ ବୁଲେଟ କତଦା ଠାରୁ ଆସୁଥିବାବେଳେ ରାସ୍ତାରେ ପାଣି ଜମି ଥିବାରୁ ଟ୍ରକ୍‌କୁ ଅତିକ୍ରମ କଲାବେଳେ ଭାରସାମ୍ୟ ହରାଇ ଖସି ପଡିବାରୁ ଦମ୍ପତି ଗୁରୁତର ଆହତ ହୋଇଛନ୍ତି। ଦମ୍ପତ୍ତି ହେଲେ ପାପସରା ଗ୍ରାମର ମନୋରଞ୍ଜନ ମାଝୀ ଓ ପତ୍ନୀ ଜୁଲି ମାଝୀ ।


A-301

**OFFICE OF THE SUPERINTENDING ENGINEER KHURDA IRRIGATION DIVISION, KHURDA**

e-mail : eekhurdairrigationdivision@gmail.com

*****

**1st Corrigendum to the Procurement Notice No-(KHD)-01 of 2025-26**

Due to typographical error regarding RD of the work and Clause No.08 is hereby modified as follows:

| Procurement Officer | Name of work | Name of the work modified as | Availability of tender on line for bidding | Clause No.8 |
|---|---|---|---|---|
| Superintending Engineer Khurda Irrigation Division, Khurda | Improvement of Malaguni right embankment from RD 12800 m to RD 12872 m near village- Raktapata. (Sl.No.-12) | Improvement of Malaguni right embankment from RD 12757 m to RD 12829m near village- Raktapata. (Sl. No.12) | 11.30 hours of 12.06.2025 to 17.30 hours 21.06.2025 | Mentioned in revised NIT (attached) |

All other terms & conditions as stipulated in the original tender call notice stand un-altered.
Encl-Revised NIT

Sd/- Superintending Engineer
Khurda Irrigation Division, Khurda

OIPR-32078/11/0010/2526

ତୃତୀୟ ପୃଷ୍ଠାରୁ

## ମୋଦୀଙ୍କୁ ସାଇପ୍ରସ୍‌ର ସର୍ବୋଚ୍ଚ ...

କହିଛନ୍ତି ଯେ 'ମୁଁ ଏହି ସମ୍ମାନ ଭାରତ ଓ ସାଇପ୍ରସ୍ ମଧ୍ୟରେ ମିତ୍ରତାପୂର୍ଣ୍ଣ ସମ୍ପର୍କ ଓ ମୂଲ୍ୟବୋଧକୁ ସମର୍ପିତ କରୁଛି। ଏହି ପୁରସ୍କାର ଶାନ୍ତି, ସୁରକ୍ଷା, ସାର୍ବଭୌମତ୍ୱ ଓ ଆଞ୍ଚଳିକ ଅଖଣ୍ଡତା ତଥା ଆମ ଲୋକଙ୍କ ସମୃଦ୍ଧି ପ୍ରତି ଅତୁଟ ପ୍ରତିଶ୍ରୁତିବଦ୍ଧର ପ୍ରତୀକ ଅଟେ।' ଏହାଜ ମୋଦୀ କହିଛନ୍ତି, ତାଙ୍କୁ ବିଶ୍ୱାସ ରହିଛି ଯେ ଭାରତ ଓ ସାଇପ୍ରସ୍‌ର ସକ୍ରିୟ ମେଣ୍ଟ ଆଗାମୀ ଦିନରେ ନୂଆ ଶିଖର ଛୁଇଁବ। ଆମେ ନା କେବଳ ନିଜ ଦେଶର ମିଳିତ ପ୍ରଗତିକୁ ମଜବୁତ କରିବୁ ବରଂ ଏକ ଶାନ୍ତି ଓ ସୁରକ୍ଷିତ ବିଶ୍ୱ ଗଠନରେ ତିଆରି କରିବା ପାଇଁ ମିଶିକି କାମ କରିବୁ।

## ମହିଳାଙ୍କୁ ଟାଣିନେଲା କୁମ୍ଭୀର ...

ଲୋକଙ୍କୁ ସାହାଯ୍ୟ ପାଇଁ ଡାକିଥିଲେ, କିନ୍ତୁ ତାଙ୍କୁ ରକ୍ଷା କରାଯାଇ ପାରି ନଥିଲା। ଗାଁ ଲୋକେ ମହିଳାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନଥିଲା। ପରେ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଖୋଜିବା ପାଇଁ ଏକ ସନ୍ଧାନ ଅଭିଯାନ ଆରମ୍ଭ କରିଥିଲେ। କିନ୍ତୁ ଖବର ଲେଖା ସୁଦ୍ଧା ତାଙ୍କର କୌଣସି ପତ୍ତା ମିଳିନାହିଁ।

## ମିଳିଲା ଦ୍ୱିତୀୟ ବ୍ଲାକବକ୍ସ ...

ଏବେ କକପିଟ୍ ଭଏସ ରେକର୍ଡରର ଜବତ ହୋଇଛି। ଉଭୟ ବ୍ଲାକ ବକ୍ସ ଯଥା ଏଫଡିଆର ଏବଂ ସିଭିଆରକୁ ଠାବ କରିବା ସହ ସୁରକ୍ଷିତ ରଖାଯାଇଛି।

## ରାଜ୍ୟର ବିକାଶ ରଥର ...

ବିପୁଳ ନିଯୁକ୍ତି ସୁଯୋଗ। ଉତ୍କର୍ଷ ଓଡ଼ିଶା ୨୦୨୫ ରାଜ୍ୟରେ ୧୬ଟି କ୍ଷେତ୍ରରେ ୧୭ ଲକ୍ଷର ପୁଞ୍ଜିନିବେଶ ସହ ୧୨.୨୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ଉତ୍କର୍ଷ ଓଡ଼ିଶା ଆୟୋଜନର ୫ ମାସ ମଧ୍ୟରେ ୫୬ଟି ଶିଳ୍ପପ୍ରକଳ୍ପର ଉଦଯାପନ ଓ ଭିତ୍ତିପ୍ରସ୍ତର ଦିଆଯାଇଛି। ଏହା ମାଧ୍ୟମରେ ୧.୧୦ ଲକ୍ଷ ନିଯୁକ୍ତି ନିଶ୍ଚିତ ହୋଇଛି। ସେ ପୁଣି କହିଥିଲେ, ନିଯୁକ୍ତି ପ୍ରକ୍ରିୟାକୁ ସ୍ୱଚ୍ଛ, ପାରଦର୍ଶୀ ଓ ଦୁର୍ନୀତିମୁକ୍ତ କରିବା ପାଇଁ କଡ଼ା ଆଇନ ପ୍ରଣୟନ କରାଯାଇଛି। ଶେଷରେ ମୁଖ୍ୟମନ୍ତ୍ରୀ ନବ ନିଯୁକ୍ତଙ୍କୁ ସମାଜ ଓ ରାଜ୍ୟର ବିକାଶ ପାଇଁ ସମସ୍ତେ ଦୁର୍ନୀତିରୁ ଊର୍ଦ୍ଧ୍ୱରେ ରହି ସରକାରଙ୍କ ସମସ୍ତ ଜନକଲ୍ୟାଣକାରୀ କାର୍ଯ୍ୟର ସଫଳ ରୂପାୟନ ପାଇଁ ଦୃଢ ପ୍ରତିବଦ୍ଧ ହେବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ଯୋଗଦେଇ ନବ ନିଯୁକ୍ତଙ୍କୁ ଉଦ୍ବୋଧନରେ ଉଦବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗର ନବ ନିଯୁକ୍ତ ଶିକ୍ଷାଳି କିଶନ, ଜଳ ସମ୍ପଦ ବିଭାଗର ଅନୁସୂୟା ମହାନ୍ତି, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଡ. ପ୍ରଦୋଷ ରଞ୍ଜନ ପାତ୍ର ଓ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଚଣ୍ଡୀପ୍ରସାଦ ମିଶ୍ର ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଆଦ୍ୟାଶ ସିଂ ନିଯୁକ୍ତି ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ସମୟାନୁକ୍ରମିକ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିବାବେଳେ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଧନ୍ୟବାଦ ଦେଇଥିଲେ।

## ୮ ମେଗା ଶିଳ୍ପ ପ୍ରକଳ୍ପକୁ ...

୬୦,୨୦୦ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆକଳନ କରାଯାଇଛି। ଆଲୁମିନିୟମ କ୍ଷେତ୍ରରେ ବେଦାନ୍ତ ଲିମିଟେଡ୍ ଢେଙ୍କାନାଳରେ ୧.୨୮ଲକ୍ଷ କୋଟିର ଏକ ବଡ଼ ନିବେଶ ସହିତ ୩ ଏମ୍‌ଟିପିଏ ଆଲୁମିନିୟମ ସ୍ମେଲ୍ଟର ଏବଂ ୪୯୦୦ ମେଗାୱାଟ୍ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ (ସିପିପି) ସ୍ଥାପନ କରିବାକୁ ଆଗ୍ରହୀ। ଏହି ଏକକ ମେଗା ପ୍ରକଳ୍ପ ୩୦ହଜାର ନିଯୁକ୍ତି ସୃଷ୍ଟି କରିବ। ଫଳରେ ଓଡ଼ିଶା ହେବ ବିଶ୍ୱ ଆଲୁମିନିୟମର ଏକ ହବ୍। ରାସାୟନିକ କ୍ଷେତ୍ରରେ ମଧ୍ୟ ଏସଆରଏଫ୍ ଲିମିଟେଡ୍ ଦ୍ୱାରା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ରହିଛି। ଗଞ୍ଜାମରେ ୧୦ହଜାର କୋଟି ନିବେଶ କରିବା ସହିତ ବାର୍ଷିକ ୨ ଲକ୍ଷ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଏକ ସ୍ୱତନ୍ତ୍ର ରାସାୟନିକ ଏବଂ ରେଫ୍ରିଜରେଣ୍ଟ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏହା ଦ୍ୱାରା ୨୦,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଇସ୍ପାତ ଓ ଡାଉନଷ୍ଟ୍ରିମ୍ ଶିଳ୍ପ କ୍ଷେତ୍ରରେ ଜିନ୍ଦଲ ଇଣ୍ଡିଆ ଷ୍ଟିଲ୍ ଟେକ୍ ଲିମିଟେଡ୍ ଢେଙ୍କାନାଳରେ ୩,୬୦୦ କୋଟି ନିବେଶ କରି ୧.୨୬ ଏମ୍‌ଟିପିଏ ସ୍ପେଶାଲିଟି ଷ୍ଟିଲ୍ ପ୍ରକ୍ରିୟାକରଣ ସୁବିଧା ସ୍ଥାପନ କରିବ। ତାହା ୩,୬୦୦ କୋଟି ନିବେଶ ସହିତ ୨ହଜାର ନିଯୁକ୍ତି ସୃଷ୍ଟି କରିବ। ଏହା ବ୍ୟତୀତ ଶ୍ୟାମ ଷ୍ଟିଲ୍ ମାନୁଫାକ୍ଚରିଂ ଲିମିଟେଡ୍ କେନ୍ଦୁଝରରେ ୨,୪୯୦ କୋଟିରେ ୦.୫୩ ଏମ୍‌ଟିପିଏ ସମନ୍ୱିତ ଇସ୍ପାତ ପ୍ଲାଣ୍ଟ, ଡିଆଇ ପାଇପ୍ ୟୁନିଟ୍ ଓ ୪୬ ମେଗାୱାଟ ବିଦ୍ୟୁତ ଉତ୍ପାଦନ କରିବ। ଏହାଦ୍ୱାରା ୨,୩୭୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଲିଣ୍ଡେ ଇଣ୍ଡିଆ ଲିମିଟେଡ୍ ଯାଜପୁରରେ ଏକ ଏୟାର ସେପାରେଶନ୍ ୟୁନିଟ୍ ପ୍ରତିଷ୍ଠା ପାଇଁ ୧,୩୦୩.୫୦ କୋଟି ନିବେଶ କରିବ। ଏହି ଉଚ୍ଚମାନର ଶିଳ୍ପ ଗ୍ୟାସ୍ ପ୍ରଦାନ କରିବ ଓ ୧୦୦ ଜଣଙ୍କୁ ନିଯୁକ୍ତି ଦେବ। ଷ୍ଟାର ମେଟାଲ୍ ୱାର୍କ୍ସ ପ୍ରାଇଭେଟ୍ ଲିମିଟେଡ୍ ସମ୍ବଲପୁରରେ ଏକ ନ୍ୟାରୋ ହଟ୍ ଷ୍ଟ୍ରିପ୍ ମିଲ୍, କୋଲ୍ଡ ରୋଲିଂ ଓ ପ୍ଲେଟ୍ କମ୍ ଷ୍ଟେକଲ୍ ମିଲ୍ ସ୍ଥାପନ ପାଇଁ ୨,୨୯୧ କୋଟି ନିବେଶ କରିବ। ଏହି ପ୍ରକଳ୍ପ ଦ୍ୱାରା ୨୫୦ ନିଯୁକ୍ତି ସୃଷ୍ଟି ହେବ। ସୁପ୍ରିମ ମେଟାଲ୍ସ ଏକ୍ସପୋର୍ଟ ପ୍ରାଇଭେଟ୍ ଲିମିଟେଡ୍ କେଉଁଝରରେ ଟିଏମ୍‌ଟି ବାର୍ ଏବଂ ତାର ରଡ୍ ପାଇଁ ୧.୨ ଏମ୍‌ଟିପିଏ ରୋଲିଂ ମିଲ୍ ଯୋଜନା କରିଛି। ମୋଟ୍ ୧୫୦୦ କୋଟି ଟଙ୍କା ବିନିଯୋଗ କରିବ। ଏହାଦ୍ୱାରା ୬୮୦ ନିଯୁକ୍ତି ସୃଷ୍ଟି ହେବ। ସେହିପରି ସ୍ପୋର୍ଟକିଙ୍ଗ୍ ଇଣ୍ଡିଆ ଲିମିଟେଡ୍ ଖୋର୍ଦ୍ଧାରେ ୨୦୫୫ କୋଟି ନିବେଶ କରି ବାର୍ଷିକ ୬୨ହଜାର ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଏକ କପା ଓ ମିଶ୍ରିତ ସୂତା ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିବ। ଏହାଦ୍ୱାରା ୪,୮୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଜଣାପଡ଼ିଛି।

## ଜନଗଣନା ପାଇଁ ପ୍ରକାଶ ...

କରାଯିବ। ୨୦୧୧ରେ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ କ୍ଷମତାରେ ଥିବା ବେଳେ ଜନଗଣନା ହୋଇଥିଲା। ସେତେବେଳେ ମଧ୍ୟ ଦୁଇଟି ପର୍ଯ୍ୟାୟରେ ଦେଶରେ ଜନଗଣନା କରାଯାଇଥିଲା। ପ୍ରଥମେ ୨୦୧୦ ଏପ୍ରିଲରୁ ସେପ୍ଟେମ୍ବର ଯାଏ ଗଣନା ଚାଲିଥିଲା। ଏହାପରେ ୨୦୧୧ ଫେବୃଆରୀରୁ ବଳକା ଥିବା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଜନଗଣନା କରାଯାଇଥିଲା।

ଅନ୍ୟପକ୍ଷରେ ଓଡ଼ିଶାରେ ଜନଗଣନାର ସଫଳ ପରିଚାଳନା ପାଇଁ ଯୋଜନା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଜନଗଣନା ପରିଚାଳନା ନିର୍ଦ୍ଦେଶକ ନିଖିଲ ପଵନ କଲ୍ୟାଣ କହିଛନ୍ତି ଯେ ୨୦୨୭ ମସିହାରେ ଦେଶବ୍ୟାପୀ ଗଣନା ପୂର୍ବରୁ ଆସନ୍ତା ଛଅ ମାସ ମଧ୍ୟରେ ରାଜ୍ୟରେ ଜନଗଣନା ପ୍ରକ୍ରିୟା ଆରମ୍ଭ ହେବ। ଆଗାମୀ କାର୍ଯ୍ୟରେ ଉନ୍ନତ ପ୍ରଯୁକ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ସେ କହିଛନ୍ତି ଯେ ଜନଗଣନା ପ୍ରକ୍ରିୟାର ଦକ୍ଷତା ବୃଦ୍ଧି କରିବା ପାଇଁ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)କୁ ବହୁଳ ଭାବରେ ବ୍ୟବହାର କରାଯିବ। ଗଣନା ଡିଜିଟାଲ୍ ଏବଂ ଏକ ଉନ୍ନତ ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ କରାଯିବ, ଯାହା ଖୁବ୍ ଶୀଘ୍ର ଆରମ୍ଭ ହେବାର ଆଶା କରାଯାଉଛି। ଜନଗଣନା କାର୍ଯ୍ୟ ପାଇଁ ଅତିରିକ୍ତ ମାନବସମ୍ବଳ ନିୟୋଜିତ କରାଯିବ ବୋଲି ସେ କହିଛନ୍ତି। ଜନଗଣନାର ସୁଗମ ପରିଚାଳନା ସୁନିଶ୍ଚିତ କରିବା ପାଇଁ ସେମାନେ ଏକ ସଂରଚିତ ତାଲିମ କାର୍ଯ୍ୟକ୍ରମ ଗ୍ରହଣ କରିବେ, ଯେଉଁଥିରେ ଘର ଘର ବୁଲି ସିଧାସଳଖ ପରିବାରରୁ ତଥ୍ୟ ସଂଗ୍ରହ କରିବା କାର୍ଯ୍ୟ ଅନ୍ତର୍ଭୁକ୍ତ ହେବ। ଜନଗଣନା ପ୍ରକ୍ରିୟା ସମୟରେ ସଠିକ୍ ବିବରଣୀ ପ୍ରଦାନ କରିବାକୁ କର୍ତ୍ତୃପକ୍ଷ ନାଗରିକମାନଙ୍କୁ ସେମାନଙ୍କର ଡକ୍ୟୁମେଣ୍ଟ ଏବଂ ସୂଚନା ପ୍ରସ୍ତୁତ ରଖିବାକୁ ସେ ଅନୁରୋଧ କରିଛନ୍ତି।

## ୧୮ ନୁହେଁ, ୨୦ରେ ଖୋଲିବ ...

ଅନୁସରଣ କରାଯାଉନାହିଁ। ଅନେକ ସମୟରେ ଖରାପ ମାନର ଖାଦ୍ୟ ଛାତ୍ରଛାତ୍ରୀଙ୍କୁ ଦିଆଯାଉଥିବା ଅଭିଯୋଗ ମଧ୍ୟ ହେଉଛି। ଯାହାକୁ ନେଇ ସ୍କୁଲ ପିଲାଙ୍କୁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନର ଗୁଣାତ୍ମକମାନ ବୃଦ୍ଧି ପାଇଁ ଅଣ୍ଟା ଭିଡ଼ିଛି ଗଣଶିକ୍ଷା ବିଭାଗ। ସ୍କୁଲ ଖୋଲିବାର ପ୍ରଥମ ଦିନରେ ଯେପରି କୌଣସି ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟିଦେବାକୁ କୁହାଯାଇଛି। ପରିଷ୍କାର ପରିଚ୍ଛନ୍ନତା ଉପରେ ଅଧିକ ଧ୍ୟାନ ଦେବାକୁ ତାଗିଦ୍ କରିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ରୋଷେଇ ପୂର୍ବରୁ ସହାୟିକା, ପାଚିକାଙ୍କୁ ରନ୍ଧନ ସାମଗ୍ରୀ ହସ୍ତାନ୍ତର କରାଯିବ। ଏହା ପୂର୍ବରୁ ସମସ୍ତ ସାମଗ୍ରୀର ଯାଞ୍ଚ କରାଯିବ। ସ୍କୁଲ ପରିଚାଳନା କମିଟି, ସିସିଏଚ୍, ପ୍ରଧାନଶିକ୍ଷକଙ୍କ ଉପସ୍ଥିତିରେ ସମସ୍ତ ଖାଦ୍ୟର ମାନ ବା ରୋଷେଇ ଜିନିଷ ମସଲା ଆଦି ଯାଞ୍ଚ କରାଯିବ। ସ୍କୁଲ ଖୋଲିବାର ଦିନକ ପୂର୍ବରୁ ରୋଷେଇ ସ୍ଥାନକୁ ପରିଷ୍କାର କରାଯିବ। ପାନୀୟ ଜଳର ବ୍ୟବସ୍ଥାକୁ ମଧ୍ୟ ନିଶ୍ଚିତ କରାଯିବ । ଜିଲ୍ଲା ଶିକ୍ଷା ଅଧିକରୀ, ବ୍ଲକ ଶିକ୍ଷା ଅଧିକାରୀ ଓ ସିଆରସିସିମାନେ ସ୍କୁଲ ବୁଲି ମଧ୍ୟାହ୍ନ ଭୋଜର ମାନ ପରଖିବେ। ସ୍କୁଲରେମାନ ପରୀକ୍ଷଣ ରେଜିଷ୍ଟର ରହିବ। ଏଥିରେ ଅଭିଭାବକ, ସ୍କୁଲ ଶିକ୍ଷକ, ସ୍କୁଲ ପରିଚାଳନା କମିଟି ସଦସ୍ୟ ମଧ୍ୟ ନିୟମିତ ଭାବେ ଖାଦ୍ୟ ଖାଇ ମାନ ପରଖିବେ। ଏନେଇ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପିଏମ୍ ପୋଷଣ ରାଜ୍ୟ ପ୍ରକଳ୍ପ ପରିଚାଳନା ୟୁନିଟ୍ ପକ୍ଷରୁ ଚିଠି କରାଯାଇଛି।

# ତିନି ଭୂଇଁରେ ପଡ଼ିଲା କଇଞ୍ଚି ଓ ଅନ୍ଧାରୀ ତାଗ

**ପୁରୀ,୧୬|୬/ଏନ୍‌ଏନ୍‌ଏସ୍:** ଆଜି ରଥ ନିର୍ମାଣର ୪୭ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ସକାଳ ୮ଘଟିକା ପୂର୍ବରୁ ରଥଖଳାଠାରେ ଉପସ୍ଥିତ ପୂର୍ବକ ଉପସ୍ଥାନ ଦେଇ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଏଥିସହ ଆଜି ମୁଖ୍ୟ ଚିତ୍ରକାର ସେବକ ଦେବରାଜ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ୩୪ଜଣ ଚିତ୍ରକାର ସେବକ ତିନିରଥ ବାହ୍ୟ ଅଂଶ ତଥା ରଥ ଦେବଦେବୀ ଇତ୍ୟାଦିର ରଙ୍ଗ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଗତକାଲି ସୁଦ୍ଧା ତିନି ରଥର ମୂଳ କାଇଞ୍ଚି ଚାରି ନାହାକା ଭିତର ପାର୍ଶ୍ୱ ଉଭୟ ପଟରେ ପଡ଼ିବା ସହ ତିନିରଥର ପାରାଭାଡ଼ି ସମେତ ପୋଟଳ ନିର୍ମାଣ କାର୍ଯ୍ୟ ଜାରୀ ରହିଥିଲା। ତେବେ ସାମଗ୍ରିକ ଭାବେ ତିନିରଥ ର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଆଜି ତିନିରଥ ର ମହାରଣା ସେବକ ଏବଂ ଭୋଇ ସେବକଙ୍କ ମିଳିତ ସହଯୋଗରେ ତିନିରଥ ର ପ୍ରଥମ ଭୂଇଁ ଉଭୟ ପଟରେ କଇଞ୍ଚି ପଡ଼ିବା ସହ ଦ୍ୱିତୀୟ ଭୂଇଁ ଉଭୟ ପାର୍ଶ୍ୱରେ ଅନ୍ଧାରୀ ତାଗ ବାଡିଆ ଯାଇ, ଅଗ ଭୂଇଁ ବା ତୃତୀୟ ଭୂଇଁ ରେ କଇଞ୍ଚି ସହ ଅନ୍ଧାରୀ ତାଗ ବାଡ଼ିଆ ଶେଷ ହୋଇଛି। ଭୂଇଁ ଫ୍ରେମ୍‌ଗୁଡ଼ିକୁ ମଜବୁତ୍ କରି ଗଢି ତୋଳିବା ପାଇଁ ଭୂଇଁ ଫ୍ରେମ୍‌ର ଉଭୟ ପାର୍ଶ୍ୱରେ କଇଁଚି ସଦୃଶ କ୍ରସ୍ କରି କାଠ ବଟନ୍ ବାଡିଆ ଯିବା ସହ ମଝି ଭୂଇଁ ଏବଂ ଅଗ ଭୂଇଁ ର ଉଭୟ ପଟରେ ଦୁଇଟି ୧୬ ଫୁଟିଆ ବଟନ୍ ପଟାର ଉଭୟ ପଟ ମାପ କରାଯାଇ ଭୂଇଁ ଫ୍ରେମ ଗୁଡ଼ିକର ସୁରକ୍ଷା ଦୃଷ୍ଟିରୁ ବାନ୍ଧେଣୀ କରାଯାଇଛି। ଏଥିସହ ଆଜି ତିନିରଥ ର ଚାରି କୋଣ ଗୁଡ଼ିକୁ ଛାଡି ତିନିରଥ ଉପର ତାଗ ଗାଡ଼ିଆ ଶେଷ ହୋଇଛି। ଗତକାଲି ତିନିରଥ ର ତୃତୀୟ ଭୂଇଁ ଉପରେ ସେଟିଂ ହୋଇଥିବା ଏକ ନମ୍ବର ପୋଟଳ ବା ବଡଥଳ ପୋଟଳ କୁ ଟେକି ଧରି ରଖିବା ପାଇଁ ତୃତୀୟ ଭୂଇଁ ଉପରେ ୪ ଟି ଲେଖାଏଁ ପୋଟଳ ଖମ୍ବି ଏବଂ ଦୁଇଟି ଲେଖାଏଁ ଶେଣି ସେଟିଂ କରାଯାଇଛି। ଏଥିସହ ତିନିରଥ ର ପୋଟଳ ସମେତ ପାରା ଭାଡ଼ି ଏବଂ ଖପୁରୀର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ତିନିରଥ ର ୪ଟି ଲେଖାଏଁ ଚନ୍ଦ୍ର ଶାଳୀ ନିର୍ମାଣ ଶେଷ ହୋଇଛି। ଆଜି ତିନିରଥ ର କଳସ ରେ ସିଲଭର ଚଦର ଫିଟିଙ୍ଗ କାର୍ଯ୍ୟ ଶେଷ ହୋଇଛି। ଚିତ୍ରକାର ସେବକ ମାନେ ତିନିରଥ ର ବାକି ୧୬ ଗୋଟି ନାଟ ଗୋଡ଼ରେ ରାହୁରୂପ ଖୋଦେଇ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିସହ ରୂପକାର ସେବକ ମାନେ ତିନି ରଥର ପଟା ଗୁଜଗୁଡ଼ିକରେ ନର ବିରାଳ, ଗଜ ବିରାଳ ରୂପ ଖୋଦେଇ ଆରମ୍ଭ କରିଛନ୍ତି। ଚିତ୍ରକାର ସେବକମାନେ ରଥ ପାର୍ଶ୍ୱ ଦେବ ଦେବୀ ମାନଙ୍କ ମୂର୍ତ୍ତି ରେ ରଙ୍ଗ କାର୍ଯ୍ୟ ସହ, ତିନିରଥ ବାହ୍ୟ ଅଂଶ କୋଣ ଗୁଜ, ପଟାଗୁଜ, ଚକ ଇତ୍ୟାଦିରେ ଧଳା ପ୍ରାଇମର୍ ଦେବାପରେ ରଙ୍ଗ କାର୍ଯ୍ୟ ଆରମ୍ଭ କରିଛନ୍ତି। ସେପଟେ ଦରଜୀ ସେବକ ମାନେ ତିନିରଥ କନା କଟିଂ ପରେ ବଡା କନାରେ ବିଳାସ ପଟୀ ସହ ଲେସ ପକା କାର୍ଯ୍ୟ ଜାରି ରଖିଛନ୍ତି। ଅନ୍ୟପଟେ ଦୋଳବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା ସେବକ ମାନେ ପୋଟଳ ପାଇଁ ଗୋଡ଼ି ଛାଲ କଣ୍ଟା ନିର୍ମାଣ ଶେଷ କରି ପୋଟକ ପାଇଁ ଜଂଘା କଣ୍ଟା, ଶୁଆ ଫିଟିଙ୍ଗ ପାଇଁ ନାରଜ କଣ୍ଟା ଏବଂ ଏଲ କ୍ଲାମ୍ପ, ଇଉ କ୍ଲାମ୍ପ ନିର୍ମାଣ ଜାରୀ ରଖିଛନ୍ତି।





## ମହାପ୍ରଭୁଙ୍କୁ ଲାଗିହେଲା ଫୁଲୁରୀ ତେଲ



**ପୁରୀ,୧୬|୬/ଏନ୍‌ଏନ୍‌ଏସ୍:** ସ୍ନାନଯାତ୍ରାରେ ଅତ୍ୟଧିକ ସ୍ନାନ କରିଥିବାରୁ ଏବେ ଅସୁସ୍ଥ ଭୋଗ କରୁଛନ୍ତି ଚତୁର୍ଦ୍ଧା ବିଗ୍ରହ। ଜ୍ୱରାକ୍ରାନ୍ତ ମହାପ୍ରଭୁଙ୍କ ପୀଡ଼ା ଲାଘବ ପାଇଁ ଆଜି ବଡ଼ ଓଡ଼ିଆ ମଠ ପକ୍ଷରୁ ପ୍ରଦତ୍ତ ଫୁଲୁରୀ ତେଲକୁ ଦଇତାପତି ସେବାୟତ ମାନେ ମହାପ୍ରଭୁଙ୍କୁ ଲାଗି କରିଛନ୍ତି। ଏହି ସୁବାସିତ ତେଲ ଲାଗିଲେ ମହାପ୍ରଭୁମାନଙ୍କର ଜ୍ୱର ଜନିତ ପୀଡ଼ା ଲାଘବ ହେବାର ବିଶ୍ୱାସ ରହିଛି। ଏପଟେ ଜ୍ୱରରେ ପୀଡିତ ଥିବା ମହାପ୍ରଭୁଙ୍କ ଉପଶମ ପାଇଁ ଦଇତାପତିମାନେ ଅଣସର ପଣା ପ୍ରସ୍ତୁତ କରି ମହାପ୍ରଭୁଙ୍କ ପାଖରେ ଲାଗି କରୁଛନ୍ତି। ସ୍ନାନ ପୂର୍ଣ୍ଣିମାରେ ଅତ୍ୟଧିକ ସ୍ନାନ କରି ଜ୍ୱରରେ ପୀଡ଼ିତ ମହାପ୍ରଭୁଙ୍କର ଏବେ ଅଣସର ଘରେ ଚାଲିଛି ଅସୁସ୍ଥତାର ଗୁପ୍ତ ଉପଚାର। ଆଜି ଏହି ଫୁଲିରି ତେଲ ଶ୍ରୀ ବିଗ୍ରହଙ୍କ ପାଦରେ ଘସାଯାଇଛି। ଆଷାଢ଼ କୃଷ୍ଣ ପଞ୍ଚମୀ ବା "ଅଣସର ପଞ୍ଚମୀ' ଦିନ ରୁ ଆଷାଢ଼ କୃଷ୍ଣ ସପ୍ତମୀ ମଧ୍ୟରେ ଏହି ନୀତି ହୋଇଥାଏ। ଆଜି ମହାପ୍ରଭୁଙ୍କୁ ଫୁଲୁରୀ ତେଲ ଲାଗି ହୋଇଥିଲା।ଓଡ଼ିଆ ଭାଗବତକାର ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ବଡ଼ଓଡ଼ିଆ ମଠ ଏହା ଯୋଗାଇ ଥାଆନ୍ତି। ବଡ଼ଓଡ଼ିଆ ମଠ ଏହି ତେଲକୁ ପ୍ରସ୍ତୁତ କରିଥିବାବେଳେ ପ୍ରଥମେ ଶୋଭାଯାତ୍ରା ସହକାରେ ଶ୍ରୀମନ୍ଦିରକୁ ଫୁଲୁରୀ ତେଲକୁ ବିଜେ କରାଯାଇଥିଲା। ପରେ ଦଇତାପତି ସେବାୟତ ମାନେ ଏହାକୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି କରିଛନ୍ତି। ଗୋଟିଏ ପଟେ ଅସୁସ୍ଥ ଥିବା ମହାପ୍ରଭୁଙ୍କ ସୁସ୍ଥତା ପାଇଁ ଦଇତାପତି ସେବକମାନେ ସମସ୍ତ ପ୍ରକାର ଚେଷ୍ଟା ଚଳାଇଥିବା ବେଳେ ଅନ୍ୟପଟେ ଶ୍ରୀମନ୍ଦିର ଦର୍ଶନରେ ଆସୁଥିବା ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ବଦଳରେ ପଟିଦିଅଁଙ୍କୁ ଦର୍ଶନ କରୁଛନ୍ତି।

## ଡାକ୍ତରଙ୍କ ବିନା ଅନୁମତିରେ ...

କରିଥିଲେ। ପ୍ରଥମେ ସ୍ୱାସ୍ଥ୍ୟସଚିବ ଧର୍ମଶାଳା ମେଡିକାଲ ପରିଦର୍ଶନ କରିବା ପରେ ଜିଲ୍ଲାର ସ୍ଥିତି ସମ୍ପର୍କରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସମୀକ୍ଷା ବୈଠକରେ ଯୋଗ ଦେଇ ସ୍ଥିତିର ସମୀକ୍ଷା କରିଛନ୍ତି । ସମୀକ୍ଷା କରିବା ପରେ ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ଆଶ୍ୱଥି ଏସ୍ କହିଥିଲେ ବର୍ତ୍ତମାନ ସୁଦ୍ଧା ୨୪୦ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। କାଲି ଏବଂ ଆଜି ମଧ୍ୟ ନୂଆ ରୋଗୀ ଆଡମିଶନ ହୋଇଛନ୍ତି। ଏହି ଅବସରରେ ଡାକ୍ତରଙ୍କ ବିନା ଅନୁମତିରେ କୌଣସି ରୋଗୀ ଡାକ୍ତରଖାନା ନ ଛାଡ଼ିବା ପାଇଁ ସମସ୍ତଙ୍କୁ ସେ ପରାମର୍ଶ ଦେଇଥିଲେ। ଡାକ୍ତରଙ୍କ ବିନା ଅନୁମତିରେ ଡିସଚାର୍ଜ ହୋଇ ଯିବା ଦ୍ୱାରା ସଂକ୍ରମଣ ବ୍ୟାପିବାର ସମ୍ଭାବନା ରହିବା ସହିତ ରୋଗୀର ପରିସ୍ଥିତି ଆହୁରି ଖରାପ ହେବାର ସମ୍ଭାବନା ମଧ୍ୟ ରହୁଛି ବୋଲି ଅବଗତ କରାଇଥିଲେ। ପ୍ରଥମ ପର୍ଯ୍ୟାୟରେ କେତେ ବିଶୋଧନ କରାଯାଇଛି ଏହାର ମଧ୍ୟ ଆଜି ସମୀକ୍ଷା କରାଯାଇଛି। ନୂଆ ସଂକ୍ରମିତ ଚିହ୍ନଟର କାରଣ କ'ଣ ରହୁଛି ଏହା ଜାଣିବା ପାଇଁ କେନ୍ଦ୍ରୀୟ ଟିମ, ମେଡିକାଲ କଲେଜ୍ ତରଫରୁ କମ୍ୟୁନିଟି ମେଡିକାଲ ଟିମ୍, ରାଜ୍ୟସ୍ତରୀୟ ଆର.ବି.ଏସ. କେ ଟିମ୍ ଅଞ୍ଚଳ ପରିଦର୍ଶନ କରି ତଦାରଖ କରିବା ସହିତ ବିଶୋଧନ ସମ୍ବନ୍ଧରେ ମଧ୍ୟ ତଦାରଖ କରୁଛନ୍ତି। ସମଗ୍ର ୩୦ ଟି ଜିଲ୍ଲାରେ ଆଜି ଠାରୁ 'ଷ୍ଟପ ଡାଇରିଆ' ଅଭିଯାନ ମଧ୍ୟ ଆରମ୍ଭ କରାଯାଇଛି। ଏହି ଅଭିଯାନ ମାଧ୍ୟମରେ ଲୋକଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ଦିଆଯିବା ସହିତ ଜନସଚେତନତା ସୃଷ୍ଟି କରାଯିବ। ଆଜି ସନ୍ଧ୍ୟା ୬ଟା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ କାଲି ରାତି ୧୧ ଟା ସୁଦ୍ଧା ୨୪୪ ଜଣ ଚିକିତ୍ସିତ ହେଉଥିଲେ। ନୂତନ ଭାବେ ଆଜି ୨୨୧ ଜଣ ଆଡମିଟ ହୋଇଥିବା ବେଳେ ୧୮ ଜଣଙ୍କୁ ରେଫର କରାଯାଇଛି। ସେହିପରି ୧୮୫ ଜଣଙ୍କୁ ଡିସଚାର୍ଜ କରାଯାଇଛି। ବର୍ତ୍ତମାନ ୨୫୬ ଜଣ ବିଭିନ୍ନ ଡାକ୍ତରଖାନା ଓ ମୁଖ୍ୟ ଚିକିତ୍ସାଳୟ ରେ ଚିକିତ୍ସିତ ହେଉଛନ୍ତି।ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଭେଷଜ ମହାବିଦ୍ୟାଳୟ ର ଡିନ ତଥା ଅଧ୍ୟକ୍ଷ, ମେଡିକାଲ କଲେଜ ସୁପରିଣ୍ଟେଡେଣ୍ଟ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଧର୍ମଶାଳା ବ୍ଲକରେ ଡାଇରିଆ ଧିରେ ଧିରେ କମୁଥିବା ବେଳେ ଏବବେ ସ୍ଥିତି ଉଦ୍‌ବେଗଜନକ ରହିଛି। ଅବଶ୍ୟ ପୂର୍ବପେକ୍ଷା ରୋଗୀ ସଂଖ୍ୟା କମିଛି। ହେଲେ ରୋଗର ପ୍ରକୃତ କାରଣ ଅଧ୍ୟାବଧି ଚିହ୍ନଟ ନହୋଇବା ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଇଛି। ସ୍ଥିତିରେ ସେଭଳି ସୁଧାର ନଆସିବା ଏବଂ ରୋଗର ମୂଳ କାରଣ ଜଣା ନପଡିବା ନେଇ ସ୍ୱାସ୍ଥ୍ୟ ବିଭାଗ ଆଡୁଆ ପରିସ୍ଥିତିରେ ପଡିଯାଇଛି। ସ୍ଥିତିର ଅନୁଧ୍ୟାନ କରିବାକୁ ଆଜି ପୁଣି ଥରେ

ପୂର୍ବରୁ ସ୍ୱାସ୍ଥ୍ୟ ବିଭାଗ ସଚିବ ଅଶ୍ୱଥୀ ଏସ ଅଚାନକ ଭାବେ ଧର୍ମଶାଳା ମେଡିକାଲରେ ପହଞ୍ଚି ସ୍ଥିତି ପରଖିବା ସହ ରୋଗୀ ସେବାରେ ତୃଟି ପରିଲିକ୍ଷିତ ହେଉଥିବା ଅନୁଭବ କରି ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କୁ ତାଗିତ କରିଥିଲେ। ଝାଡ଼ାବାନ୍ତିର ନିଦାନ ପାଇଁ ମେଡିକାଲ ଟିମ, ବ୍ଲକ ପ୍ରଶାସନ ଓ ଆରଡବ୍ଲ୍ୟୁଏସ୍‌ଏସ ଡିଭିଜନ ପକ୍ଷରୁ ଗାଁକୁ ଗାଁ ବୁଲି ଲୋକମାନଙ୍କୁ ସଚେତନ କରାଯିବା ସହ ନଳକୂପ, କୁଅ ଓ ପୋଖରୀ ଗୁଡିକୁ ବ୍ଲିଚିଂ କରାଯାଇ ବିଶୋଧନ କରାଯାଉଛି । ଧର୍ମଶାଳା ଡାକ୍ତରଖାନାରେ ଅଦ୍ୟାବଧି ୪୦୯ ଜଣ ଝାଡ଼ାବାନ୍ତି ରୋଗୀ ଚିକିତ୍ସିତ ହୋଇଥିବା ବେଳେ ଏବେବି ଡାକ୍ତରଖାନାରେ ୪୧ ଜଣ ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି। ଯାଜପୁରରେ ବ୍ୟାପୁଥିବା ଝାଡ଼ାବାନ୍ତି ଏବେ ବଡ଼ ଚିନ୍ତାର କାରଣ ପାଲଟିଛି। ଏଥିରେ ଏକାଧିକ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ଶତାଧିକ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହାରି ମଧ୍ୟରେ କେନ୍ଦ୍ରୀୟ ଟିମ୍ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରି ଫେରିଛି। ସ୍ୱାସ୍ଥ୍ୟବିଭାଗ ସହ ୧୪ଜଣିଆ କେନ୍ଦ୍ରୀୟ ଟିମ ଆଲୋଚନା କରିବା ସହ ଯାଜପୁରରେ କଲେରା ବ୍ୟାପିଥିବା ସ୍ପଷ୍ଟ କରିଛି। କେନ୍ଦ୍ରୀୟ ଟିମ୍ ପକ୍ଷରୁ କୁହାଯାଇଛି ଯେ ଯାଜପୁରରେ କଲେରା ବ୍ୟାପିଛି। ଏହା ସହ କିଛି ଡାଇରିଆ ମାମଲା ବି ଅଛି। ଭିବ୍ରିଓ କଲେରା ବ୍ୟାକ୍ଟେରିଆ ଓ ଅନ୍ୟ କିଛି କାରଣରୁ ବ୍ୟାପୁଛି। ପାଣ୍ଡେମିକ ନୁହେଁ, ଏହା ଏବେ ଏଣ୍ଡେମିକ ଷ୍ଟେଜରେ ଅଛି। ଟିକେ ଅଧିକ ବ୍ୟାପିଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ଟିମ୍ ଭାବେ ରାଜ୍ୟ ସରକାରଙ୍କୁ ଅନେକ ପ୍ରତିକାରମୂଳକ ପଦକ୍ଷେପ ନେବାକୁ କୁହାଯାଇଛି। ପାନୀୟ ଓ ଖାଦ୍ୟ ନିରାପତ୍ତା ସହ ବ୍ୟକ୍ତିଗତ ସ୍ୱଚ୍ଛତା ନେଇ ପରାମର୍ଶ ଦିଆଯାଇଛି। ଯାଜପୁର ପରେ ଅନ୍ୟ କେଉଁ ଜିଲ୍ଲା ଯିବ, ତାହା ଖୁବ ଶୀଘ୍ର ସ୍ଥିର ହେବ ବୋଲି କେନ୍ଦ୍ରୀୟ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି।

## 'ଅତିଥି ଭବନ' ନିର୍ମାଣକୁ ...

ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ ରାଜ୍ୟ ସରକାର ସହରକୁ ଆସୁଥିବା ଲୋକମାନଙ୍କ ରହିବା ପାଇଁ ଭୁବନେଶ୍ୱରରେ ପ୍ରାୟ ୩୦ଟି ଅତିଥି ଗୃହ ନିର୍ମାଣ କରିବେ। କିନ୍ତୁ ବର୍ତ୍ତମାନ୍ ସରକାର ସମସ୍ତ ୩୦ଟି ଜିଲ୍ଲାର ଲୋକଙ୍କ ପାଇଁ ପୃଥକ ଭାବରେ ଅତିଥି ଗୃହ ସ୍ଥାପନ କରିବାର ଯୋଜନା କରୁଥିବା ଜଣାପଡିଛି। ସ୍ୱାସ୍ଥ୍ୟସେବା ପାଇବା ପାଇଁ ହେଉ କିମ୍ବା ଅନ୍ୟ କୌଣସି ଉଦ୍ଦେଶ୍ୟରେ ଆସୁଥିବା ଲୋକ ମାନଙ୍କ ପାଇଁ ପ୍ରତ୍ୟେକ ଅତିଥି ଭବନରେ ୧୦୦ଟି କୋଠରୀ ରହିବ ବୋଲି କୁହାଯାଇଛି।

## ଗାଈକୁ ଧକ୍କାଦେଇ ସ୍କୁଟି ଚାଳକଙ୍କ ମୃତ୍ୟୁ

**ମୁଣ୍ଡମୁହାଣ,୧୬|୬/ଏନ୍‌ଏନ୍‌ଏସ୍:** ଗତକାଲି ରାତିରେ ୧୬ନମ୍ବର ଜାତୀୟ ରାଜପଥ ଗଙ୍ଗପଡା ନିକଟରେ ଏକ ଗାଇକୁ ଧକ୍କା ଦେଇ ଜଣେ ସ୍କୁଟି ଚାଳକ ଗୁରୁତର ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ କିଛି ସ୍ଥାନୀୟ ଲୋକ ତାଙ୍କୁ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିଲେ। ଆଜି ଚିକିତ୍ସାଧୀନ ଅବସ୍ଥାରେ ଗୁରୁତର ଆହତ ବ୍ୟକ୍ତି ଜଣକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ଜଣାପଡି ନାହିଁ। ମିଳିଥିବା ସୂଚନା ଅନୁସାରେ ଗତକାଲି ରାତି ପ୍ରାୟ ଆଠଟା ବେଳେ ଜଣେ ବ୍ୟକ୍ତି ସ୍କୁଟି ଯୋଗେ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ରାଜପଥରେ ଶୋଇଥିବା ଏକ ଗାଇକୁ ଧକ୍କା ଦେଇ ସ୍କୁଟି ଚାଳକ ଜଣକ ପଡ଼ି ଗୁରୁତର ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ କିଛି ସ୍ଥାନୀୟ ଲୋକ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଆଜି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। କିନ୍ତୁ ଏ ନେଇ ଇନଫୋଭ୍ୟାଲି ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାପଡ଼ିଛି।

## କୂଅରେ ପଡ଼ି ମହିଳାଙ୍କ ମୃତ୍ୟୁ

**କଣ୍ଟିଲୋ,୧୬|୬/ଏନ୍‌ଏନ୍‌ଏସ୍:** ରବିବାର ରଜ ସଂକ୍ରାନ୍ତି ରାତ୍ରରେ କଳଟାଙ୍ଗୀ ଗ୍ରାମରେ ଏକ ଅଘଟଣ ଘଟିଯାଇଛି। ଜଣେ ମହିଳା ଏକ କୂଅକୁ ଖସିପଡ଼ିବାରୁ ତାଙ୍କର ଅକାଳ ମୃତ୍ୟୁ ଘଟିଥିବା ଖବର ହସ୍ତଗତ ହୋଇଛି। ସୂଚନା ଅନୁସାରେ ଜଣାପଡିଛି ଯେ, ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଧାନଚାଙ୍ଗଡ଼ା ଗ୍ରାମ ପଞ୍ଚାୟତ ଅଧୀନସ୍ଥ କଳଟାଙ୍ଗୀ ଗ୍ରାମ ତଳସାହି ବାସିନ୍ଦା କୁମୁଦ ମୁକୁଟ(୫୦) ରବିବାର ରଜ ସଂକ୍ରାନ୍ତି ରାତ୍ରିରେ ବାହାରକୁ ଆସିଥିବା ବେଳେ ଭୁଲ୍‌ବଶତଃ କୂଅରେ ପଡ଼ିଯାଇଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଭାପୁର ଅଗ୍ନିଶମ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ମୃତ କୁମୁଦ ମୁକୁଟଙ୍କୁ ଉଦ୍ଧାର କରିବା ପରେ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଖବର ମିଳିଛି। ଏହି ଘଟଣାରେ ଧାନଚାଙ୍ଗଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ ଗଭୀର ଦୁଃଖପ୍ରକାଶ କରିଛନ୍ତି।

## ସଫା ପଞ୍ଚାୟତରେ ହଇଜା
## ୧୫ ଆକ୍ରାନ୍ତ, ଜଣେ ମୃତ

**ଟାଙ୍ଗୀ,୧୬|୬/ଏନ୍‌ଏନ୍‌ଏସ୍:** ଝାଡ଼ାବାନ୍ତି ସହିତ ହଇଜା ସ୍ୱାସ୍ଥ୍ୟ ବିଭାଗର ନିଦ ହଜାଇ ଦେଇଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ସଫା ପଞ୍ଚାୟତ ସୁଆଁରି ଗ୍ରାମରେ ୧୫ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବା ସହିତ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଉର୍ମିଳା ବଳ। ଆଉ କିଛି ପୀଡିତ କଟକ ବଡ଼ ଡାକ୍ତରଖାନାରେ ଓ କିଛି ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ନିର୍ମଳ ଗଉଡ଼ ନାମକ ଜଣେ ୬୨ବର୍ଷୀୟ ବୃଦ୍ଧଙ୍କ ଅବସ୍ଥା ଗୁରୁତର ହୋଇଥିବା ସୂଚନା ମିଳିଛି। ଖବର ପାଇ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଟ ଡା. ମଧୁସ୍ମିତା ନାୟକ, ବ୍ଲକସ୍ୱାସ୍ଥ୍ୟ ଅଫିସର ଡାକ୍ତର ଜ୍ୟୋତି ପ୍ରକାଶ ସାହୁ ଅତିରିକ୍ତ ବିଡିଓ ଶାଶ୍ୱତ କୁମାର ଜେନା ଓ ଆର୍‌ଡବ୍ଲୁଏସ୍‌ଏସ୍ ଜେଇ ସ୍ୱର୍ଣ୍ଣମୟୀ ସାହୁ ପ୍ରମୁଖ ଗ୍ରାମ ପରିଦର୍ଶନ ପୂର୍ବକ ଜଳଉତ୍ସ ଗୁଡିକର ସ୍ଥିତି ଯାଞ୍ଚ କରିଛନ୍ତି। ତାହା ସହ ସରପଞ୍ଚ ନିବାସ ଚନ୍ଦ୍ର ପାଣ୍ଡବଙ୍କ ସମେତ ସ୍ଥାନୀୟ ଆଶା ଏବଂ ଅଙ୍ଗନବାଡ଼ି କର୍ମୀ ସ୍ଥାନୀୟ ବାସିନ୍ଦାଙ୍କୁ ସ୍ୱାସ୍ଥ୍ୟ ସଂକ୍ରାନ୍ତରେ ସଚେତନତା କରୁଥିବା ବେଳେ ପାଣି ଜନିତ ଏହି ରୋଗ ବ୍ୟାପୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏନେଇ ବ୍ଲକ ପକ୍ଷରୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ କରାଯାଉଥିବା ଦେଖିବାକୁ ମିଳିଛି। ଏହା କିପରି ଆଗକୁ ଅନ୍ୟ ଗାଁକୁ ନ ବ୍ୟାପିବ ଏନେଇ ପ୍ରଶାସନ ସଜାଗ ଥିବା ଅତିରିକ୍ତ ବିଡ଼ିଓ ଶାଶ୍ୱତ କୁମାର ଜେନା କହିଛନ୍ତି।

## ଓଲଟିଲା କବାଡ଼ିଆ ବୋଝେଇ ଟ୍ରକ୍: ଡ୍ରାଇଭର ଆହତ

**ଦଶପଲ୍ଲା,୧୬|୬/ଏନ୍‌ଏନ୍‌ଏସ୍:** ସୋମବାର ଅପରାହ୍ନରେ ଦଶପଲ୍ଲା ଥାନା ମହୁଲିଆ ଛକ ନିକଟରେ ଏକ କାବଡ଼ିଆ ଲୁହାସାମଗ୍ରୀ ବୋଝେଇ ଟ୍ରକ୍ ଓଲଟି ପଡିବାରୁ ଟ୍ରକ ଡ୍ରାଇଭର ଆହତ ହୋଇଛନ୍ତି। ଆହତ ଡ୍ରାଇଭରଙ୍କ ନାମ ରବୀନ୍ଦ୍ର ନାଥ ପ୍ରଧାନ ଓ ତାଙ୍କ ଘର ଗଞ୍ଜାମ ଜିଲ୍ଲା ବୁଗୁଡା ଥାନା ପାଣିକେଶ୍ୱର ଗ୍ରାମରେ ବୋଲି ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଆହତ ଡ୍ରାଇଭରଙ୍କୁ ଅଗ୍ନିଶମ ବିଭାଗ କର୍ମଚାରୀ ଉଦ୍ଧାର କରି ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ସୂଚନାଯୋଗ୍ୟ ଯେ, ଏକ କବାଡ଼ିଆ ଲୁହା ବୋଝେଇ ଟ୍ରକ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ବାଟରେ ଖରାପ ହୋଇପଡ଼ିଥିଲା। ଡ୍ରାଇଭର ମେକାନିକ ଡାକି ଟ୍ରକ୍‌କୁ ମରାମତି କରି ଆସୁଥିବା ବେଳେ ଟ୍ରକ୍‌ଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏହି ଘଟଣାରେ ପୁଲିସ ଏକ ମାମଲା ରୁଜୁକରି ଟ୍ରକ୍‌କୁ ଜବତ କରିଥିବା ବେଳେ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

## ଗରୁଡ଼ଗାଁ ଓ କହ୍ନେଇପୁରରେ ଆତଙ୍କ: ହାତୀ ଆକ୍ରମଣରେ ଜଣେ ଗୁରୁତର

**ଟାଙ୍ଗୀ,୧୬|୬/ଏନ୍‌ଏନ୍‌ଏସ୍:** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଗରୁଡଗାଁ ଓ କହ୍ନେଇପୁର ପଞ୍ଚାୟତରେ ହାତୀ ଆକ୍ରମଣ କରୁଥିବା ଦେଖିବାକୁ ମିଳୁଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ବରପଦା ନିକଟରେ ଥିବା ବିୟର କମ୍ପାନୀର ନିଶାଯୁକ୍ତ ବର୍ଜ୍ୟଜଳ ଚାଷ ଜମି ଛଡ଼ା ଯାଉଥିବା ବେଳେ ସେହି ପାଣିକୁ ପିଇ ହାତୀ ଆତଙ୍କ ଖେଳାଉଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କହ୍ନେଇପୁର ଗ୍ରାମ ପଞ୍ଚାୟତ ବଡ଼ପୋଖରୀ ଗ୍ରାମରେ। ଉକ୍ତ ଗ୍ରାମର ଲକ୍ଷ୍ମୀଧର ବାନରା ରାତି ପ୍ରାୟ ୧୦ଟାରେ ଘରୁ ବାହାରକୁ ଆସିଥିବା ବେଳେ ଘର ପାଖରେ ଛିଡ଼ା ହୋଇଥିବା ଏକ ଗୋଟିକିଆ ହାତୀ ହଠାତ ତାକୁ ଶୁଣ୍ଢରେ ପେଲି କଚାଡ଼ି ଦେଇଥିଲା। ଲକ୍ଷ୍ମୀଧର କୌଶଳକ୍ରମେ ଖସି ଆସି ଚିତ୍କାର କରିବାରୁ ଗ୍ରାମବାସୀ ଦୌଡି ଆସି ହାତୀକୁ ନିଆଁ ହୁଳା ଦେଖାଇବାରୁ ହାତୀଟି ସେଠାରୁ ଚାଲିଯାଇଥିଲା। ଖବର ପାଇଁ ଭଗତପୁର ବନ ବିଭାଗ ପହଞ୍ଚି ଲକ୍ଷ୍ମୀଧରକୁ ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ପ୍ରାଥମିକ ଚିକିତ୍ସାରୁ ଲକ୍ଷ୍ମୀଧରଙ୍କ ପିଞ୍ଜରା ଓ ଗୋଡରେ ଗଭୀର ଆଘାତ ଲାଗିଥିବା ଜଣାପଡ଼ିଛି। ତାଙ୍କର ଅବସ୍ଥା ଅଧିକ ଗୁରୁତର ହେବାରୁ ଉତ୍ତମ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ଚପାଇ ଦେବାକୁ ବନବିଭାଗର ଜୋର୍‌ଦାର୍ ପ୍ରୟାସ ଚାଲିଛି। ଏ ନେଇ ବୈରୀ ରେଞ୍ଜରଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଉକ୍ତ ନିଶାଯୁକ୍ତ ବର୍ଜ୍ୟଜଳକୁ ବନ୍ୟଜନ୍ତୁ ପିଇ ନିଶାଗ୍ରସ୍ତ ଅବସ୍ଥାରେ ମଣିଷର ଧନଜୀବନ ଯାଉଥିବା ବେଳେ କେତେବେଳେ ବନ୍ୟଜନ୍ତୁଙ୍କ ଜୀବନ ଯାଉଥିବା ଦେଖିବାକୁ ମିଳୁଛି ବୋଲି ସ୍ଥାନୀୟ ଅଞ୍ଚଳର ଚାଷୀ ଅମିତ ସାଙ୍କୁ ଓ ମଳୟ କୁମାର ସାହୁ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଆସୁଛନ୍ତି। କିନ୍ତୁ ପ୍ରଶାସନ କେବଳ ଉଚ୍ଚ ସ୍ତରୀୟ ତଦନ୍ତ କରି ବିନା କାର୍ଯ୍ୟାନୁଷ୍ଠାନରେ ଚୁପ୍ ବସି ପଡ଼ିବା ଫଳରେ ଏଭଳି ଅଘଟଣ ହୋଉଥିବା ଉଭୟ ଚାଷୀ କହିଛନ୍ତି। ପ୍ରଶାସନ ତୁରନ୍ତ ଏହା ଉପରେ ଦୃଷ୍ଟିଦେବାକୁ ସେମାନେ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଶତାଧିକ ଚାଷୀ ଓ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।



## ଆଜିର ଇତିହାସ

- ୧୬୭୪-ରାଜମାତା ଜୀଜାବାଈଙ୍କର ନିଧନ ହୋଇଥିଲା।
- ୧୮୫୮-ଝାନ୍ସି ରାଣୀ ଲକ୍ଷ୍ମୀବାଈ ଏହି ଦିନ ସହିଦ ହୋଇଥିଲେ।
- ୧୮୬୨-ଭାରତର ପ୍ରଥମ ଭାଇସ୍‌ରାୟ ଓ କୁଶଳ ରାଜନୀତିଜ୍ଞ ଲର୍ଡ କ୍ୟାନିଂଙ୍କର ନିଧନ ହୋଇଥିଲା। ୧୯୧୭-ମହାତ୍ମା ଗାନ୍ଧୀ ସାବରମତୀ ଆଶ୍ରମରେ ହୃଦୟ କୁଞ୍ଜରେ ନିଜର ନିବାସ ତିଆରି
- କରିଥିଲେ। ୧୯୭୩-ଭାରତର ସର୍ବଶ୍ରେଷ୍ଠ ଟେନିସ୍ ଖେଳାଳି
- ଲିଆଣ୍ଡର ପେସ୍‌ଙ୍କ ଆଜି ଜନ୍ମଦିନ।
- ୨୦୧୨-ସାୟନା ନେହୱାଲ୍ ତୃତୀୟ ଥର ଇଣ୍ଡୋନେସିଆ ଓପନ୍ ଚାମ୍ପିଅନ୍ ହୋଇଥିଲେ।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା,ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** - କିଛି ଲମ୍ବା କାର୍ଯ୍ୟକୁ ନେଇ ବ୍ୟସ୍ତ ରହିବେ। କାର୍ଯ୍ୟକ୍ଷେତ୍ରରେ ଏକାଧିକ ସ୍ଥାନରୁ ଧନ ପ୍ରାପ୍ତି ହେବ। ଅନାବଶ୍ୟକ ଚିନ୍ତା ଯୋଗୁ ଧ୍ୟାନ ଏପଟ ସେପଟ ହୋଇପାରେ। ଘର ଠାରୁ ଦୂରକୁ ଯାଇପାରନ୍ତି।

**ବୃଷ** - କୌଣସି ଅଜଣା ବ୍ୟକ୍ତିଙ୍କ ସହିତ ସାକ୍ଷାତ ହେବ। ପ୍ରେମୀମାନେ ପାର୍ଟନରଙ୍କ ପାଇଁ ନୂଆ କାମ ଆରମ୍ଭ କରିବେ। ବରିଷ୍ଠ ସଦସ୍ୟଙ୍କ ସହଯୋଗ ପାଇବେ। ସନ୍ଧ୍ୟା ସମୟ ପରିବାରର ସଦସ୍ୟଙ୍କ ସହିତ ଅତିବାହିତ କରିବେ।

**ମିଥୁନ** - ସମ୍ପତ୍ତି ସମ୍ବନ୍ଧୀୟ ବିବାଦ ଉପରେ ବିଜୟୀ ହେବେ। ପରିବାରର ସଦସ୍ୟଙ୍କୁ ସାହାଯ୍ୟ କରିବେ। ସାଙ୍ଗମାନଙ୍କ ସହଯୋଗରେ କାମ ପୂରା ହେବ। ଜୀବନସାଥିଙ୍କ ସହିତ ମତଭେଦ ଆଜି ଶେଷ ହେବ।

**କର୍କଟ** - ଅଚାନକ ସ୍ୱାସ୍ଥ୍ୟ ହାନି ହେବ। ଚାକିରି ପେସା ଓ ବ୍ୟାପାରୀମାନଙ୍କ ପାଇଁ ଦିନଟି ସାମାନ୍ୟ। କିଛି ନୂଆ ସୋର୍ସରୁ ଧନ ଫେରିପାଇବେ। ନୂଆ ଯୋଜନା ଆରମ୍ଭ କରିପାରନ୍ତି।

**ସିଂହ** - କ୍ୟାରିୟରରେ ଖୁବ୍ ଭଲ ଉନ୍ନତି ହେବ। ପ୍ରମୋଶନର ସୂଚନା ପାଇବେ। ବିଦେଶ ସହିତ କାରବାରରେ ନୂଆ ଡିଲ୍ ଫାଇନାଲ୍ କରିବେ। ଛାତ୍ରଛାତ୍ରୀଙ୍କ ଏକାଗ୍ରତା ବୃଦ୍ଧି ହେବ। ଭାଇ-ଭଉଣୀଙ୍କ ସାହାଯ୍ୟ ମିଳିଯିବ।

**କନ୍ୟା** - କିଛି ଅନାବଶ୍ୟକ ଖର୍ଚ୍ଚ ସମସ୍ୟାରେ ପକାଇପାରେ। କିଛି ଶତ୍ରୁଙ୍କ ଚାଲ୍‌କୁ ପରାସ୍ତ କରିବେ। ଆର୍ଥିକ ସ୍ଥିତି ପୂର୍ବାପେକ୍ଷା ଭଲ ରହିବ। କୌଣସି ଯୋଜନାରେ ନିବେଶ ଲାଭଦାୟକ ହେବ।

**ତୁଳା** - ପ୍ରମୋଶନ ଯୋଗ ରହିଛି। ଧନ ପ୍ରାପ୍ତିର ଅନ୍ୟ ମାର୍ଗ ମିଳିବ। ବରିଷ୍ଠମାନଙ୍କୁ ପ୍ରସନ୍ନ କରିବେ। କେହି ଜଣେ ଶୁଭ ଖବର ଦେବ। ଆପଣଙ୍କ ସାକ୍ଷାତ କିଛି ପ୍ରଭାବଶାଳୀ ଲୋକଙ୍କ ସହିତ ହୋଇପାରେ।

**ବିଛା** - ଅଟକିଥିବା କାମ ପୂରା ହେବ। ପରିଜନଙ୍କ ସହିତ ଦୁଃଖ ସେୟାର୍ କରିବେ। କାମରେ ଅବହେଳା ସମସ୍ୟାରେ ପକାଇବ। କୌଣସି ବିଷୟ ଉପରେ ଜୀବନସାଥିଙ୍କ ସହିତ ଯୁକ୍ତିତର୍କ ହେବ।


**ଧନୁ** - ଖର୍ଚ୍ଚ ବଢ଼ିବ। ଆମଦାନୀ ଖୁବ୍ ଭଲ ରହିବ। ଚାପମୁକ୍ତ ହେବେ। କୌଣସି ମାଙ୍ଗଳିକ କାମରେ ଚର୍ଚ୍ଚା କରିପାରନ୍ତି। ଭାଇ-ଭଉଣୀଙ୍କ ସହିତ ସମ୍ପର୍କରେ ଚାଲିଥିବା ବିବାଦ ଦୂର ହେବ।

**ମକର** - ଆଜି ନିଜର ଓ ଅନ୍ୟମାନଙ୍କର ମଙ୍ଗଳ କରିବେ। ଖୁବ୍ ଭଲ ନାମ କମେଇବେ। କୌଣସି ବାହାର ବ୍ୟକ୍ତିଙ୍କ ସହିତ ଝଗଡ଼ା ହୋଇପାରେ। କାହାକୁ ପ୍ରମିସ୍ କରନ୍ତୁ ନାହିଁ। ସନ୍ଧ୍ୟାବେଳେ ଦେବଦର୍ଶନ ଯୋଗ ରହିଛି।

**କୁମ୍ଭ** - ସାଙ୍ଗସାଥିଙ୍କ ଠାରୁ ଭଲ ଖବର ପାଇବେ। ଧାର୍ମିକ କାମରେ ମନ ଲାଗିବ। ଧନର କିଛି ଭାଗ ଧର୍ମାର୍ଥ କାମରେ ଲଗେଇବେ। ଅଟକିଥିବା ଧନ ପ୍ରାପ୍ତି ହେବ। ନିବେଶରେ ଖୁବ୍ ଭଲ ଲାଭ ମିଳିବ।

**ମୀନ** - ବ୍ୟାପାରୀମାନେ ମାନସିକ ଚାପ ଦେଇ ଗତି କରିବେ। ବାହନ ସାବଧାନ ହୋଇ ଚଲାନ୍ତୁ। ଅଫିସ୍‌ରେ ବିବାଦ ଠାରୁ ଦୂରରେ ରହିବେ। ସନ୍ତାନ ପକ୍ଷରୁ ଶୁଭ ସମାଚାର ଶୁଣିବାକୁ ମିଳିପାରେ।

## ଶ୍ରୀମଦ୍ ଭଗବଦ୍‌ଗୀତା



**ବକ୍ତୁମର୍ହସ୍ୟଶେଷେଣ ଦିବ୍ୟା ହ୍ୟାତ୍ମବିଭୂତୟଃ।
ଯାଭିର୍ବିଭୂତିଭିର୍ଲୋକାନିମାଂସ୍ତ୍ୱଂ ବ୍ୟାପ୍ୟ ତିଷ୍ଠସି। (୧୦/୧୬)**

ଯେଉଁ ସବୁ ବିଭୂତି ଦ୍ୱାରା ତୁମେ ସ୍ୱର୍ଗ ଆଦି ଲୋକରେ ବ୍ୟାପୀ ରହିଛ, ସେହିସବୁ ଦିବ୍ୟ ବିଭୂତି ତୁମେ ବିସ୍ତୃତ ଭାବରେ କୃପା କରି ବର୍ଣ୍ଣନ କର। ଐଶୀଶକ୍ତି ସଂସାରରେ ସର୍ବତ୍ର ବିଦ୍ୟମାନ, କିନ୍ତୁ ଯେଉଁଠାରେ ସେହି ଶକ୍ତି ବିଶେଷ ଭାବରେ ପରିସ୍ଫୁଟ ଓ ଅନୁଭବଯୋଗ୍ୟ ସେମାନଙ୍କୁ ଈଶ୍ୱରଙ୍କର ବିଭୂତି ବୋଲି କୁହାଯାଏ। ଶ୍ରୀ ରାମକୃଷ୍ଣଙ୍କ ଭାଷାରେ- ଈଶ୍ୱରଙ୍କର ଅଭିବ୍ୟକ୍ତି ତାଙ୍କର କରୁଣା ଯୋଗୁ ଆସିଥାଏ। ସେ ହେଉଛନ୍ତି ଜ୍ଞାନ ସୂର୍ଯ୍ୟ। ତାଙ୍କର ଗୋଟିଏ ମାତ୍ର କିରଣ ସମଗ୍ର ବିଶ୍ୱକୁ ଜ୍ଞାନାଲୋକିତ କରିପାରେ। ତେଣୁ ଆମେ ଗୋଟିଏ ପରେ ଗୋଟିଏ ଜ୍ଞାନ ତାଙ୍କର ସମସ୍ତ ରୂପରେ ବୁଝିବାକୁ ସକ୍ଷମ ହୁଅନ୍ତି। ଏହା ଠାରୁ ବେଶୀ ବି ଆମେ ବୁଝିପାରିବା ଯଦି ତାଙ୍କର କରୁଣା ହୁଏ।

# ବସୁମତୀ ସ୍ନାନ



ଆଷାଢ଼ ମାସର ପ୍ରଥମ ବର୍ଷାରେ ମେଘ ଓ ମାଟିର ହୁଏ ମିଳନ। ମାଟି ମା' ହୁଏ ରଜସ୍ୱଳା। କୃଷିପ୍ରଧାନ ଦେଶ ଭାବରେ ପରିଚିତ ଆମ ଦେଶ ଭାରତରେ ମାଟି ମା' ଅଜାଡ଼ିଦିଏ ବିଭିନ୍ନ କିସମର ଫସଲ। ଯେମିତି ପ୍ରଜନନ ପୂର୍ବରୁ ମା'କୁ ବିଶ୍ରାମ ଆବଶ୍ୟକ ହୁଏ ସେହିପରି ପ୍ରଜନନକ୍ଷମ ହେବାକୁ ଯାଉଥିବା ମାଟିମା'କୁ ରଜ ତିନି ଦିନ ବିଶ୍ରାମ ଦିଆଯାଏ। ପହିଲି ରଜରୁ ଆରମ୍ଭ ହୋଇଥାଏ ପ୍ରସ୍ତୁତି ପର୍ବ। ତିନିଦିନ ଧରି ଧରଣୀମାତାଙ୍କୁ ଦିଆଯାଏ ବିଶ୍ରାମ। ଏ ସମୟରେ ଭୂମି ଖନନ କରିବା ପାଇଁ ବାରଣ କରାଯାଇଥାଏ। ରଜର ଦିନିଦିନ ଧରି କୁମାରୀମାନଙ୍କ ମଧ୍ୟରେ ଦେଖିବାକୁ ମିଳେ ଉତ୍ସାହ, ଉନ୍ମାଦନା ଓ ନୂତନ ଶକ୍ତି। ପରମ୍ପରା ଅନୁସାରେ ଏହି ଦିନଗୁଡ଼ିକରେ ଭୂମି ଉପରେ ଖାଲିପାଦରେ ଚାଲିବାକୁ ମନା କରାଯାଇଥାଏ। ସେଥିପାଇଁ ଅଧିକାଂଶ ସମୟ ଝିଅମାନେ ଦୋଳିରେ ଝୁଲି ବିତେଇବାର ପରମ୍ପରା ରହିଆସିଛି। ବସୁମତୀ ସ୍ନାନ ହେଉଛି ରଜପର୍ବର ଶେଷ ଦିନ ଯେଉଁଦିନ ବସୁଧାମାତାଙ୍କୁ ଶୁଦ୍ଧସ୍ନାନ କରାଇବା ପାଇଁ ସକାଳୁ ଶିଳପୁଆରେ ହଳଦୀକନା ଗୁଡ଼ାଇ ସିନ୍ଦୁର, କଜଳ ଦେଇ ମାତାଙ୍କ ରୂପ ଦିଆଯାଏ। ପିଢ଼ା ଉପରେ ତାଙ୍କୁ ସ୍ଥାପନା କରି କଳସ, ଆମ୍ବଡ଼ାଳ ରଖି କ୍ଷୀର ଦ୍ୱାରା ସ୍ନାନ କରାଯାଏ। ମାସିକଧର୍ମର ବିଧି ଆନୁଯାୟୀ ଧରଣୀମାତା ସ୍ନାନ କରି ଶୁଦ୍ଧ ପବିତ୍ର ହୋଇଥାନ୍ତି। ମାର୍ଗଶିର ମାସର ଶେଷ ଗୁରୁବାର ଦିନ ବନ୍ଦ ହୋଇଥିବା ମହାଲକ୍ଷ୍ମୀ ପେଡ଼ି ଏଦିଦିନ ଖୋଲାଯାଏ।

# ଉତ୍କଳମଣି ଗୋପବନ୍ଧୁ ଦାସ



ଦୀନ ଦରିଦ୍ରଙ୍କ ପାଇଁ ଯାହାଙ୍କ ହୃଦୟ କାନ୍ଦି ଉଠୁଥିଲା ସେ ହେଲେ ଉତ୍କଳମଣି ଗୋପବନ୍ଧୁ ଦାସ। ଉତ୍କଳରତ୍ନ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ୯ ଅକ୍ଟୋବର, ୧୮୭୭ରେ ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ନିକଟ ସୁଆଣ୍ଡୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେ ଥିଲେ ନିଃସ୍ୱାର୍ଥ ସେବାର ମୂର୍ତ୍ତିମନ୍ତ ବିଗ୍ରହ। ଚାଟଶାଳୀ ଓ ପ୍ରାଥମିକ ଶିକ୍ଷା ସହିତ ପ୍ରତିଦିନ ଭାଗବତ ପଢ଼ାରେ ନିଜର ମୂଲ୍ୟବାନ ସମୟକୁ ବିତାଉଥିଲେ ଗୋପବନ୍ଧୁ ଦାସ। ସମାଜ ପାଇଁ ଓ ଓଡ଼ିଆ ଜାତିର ଉନ୍ନତି ପାଇଁ ତାଙ୍କର ଅବଦାନ ଥିଲା ଅତୁଳନୀୟ। ତାଙ୍କର ବ୍ୟକ୍ତିଗତ ଜୀବନରେ ଥିଲା ଅନେକ ସମସ୍ୟା। କିନ୍ତୁ ଏସବୁ ସତ୍ତ୍ୱେ ସେ ରେଭେନ୍ସା କଲେଜରେ ପଢ଼ିବା ବେଳେ ଅବକାଶ ଚିନ୍ତା, ଗୋ-ମାହାତ୍ମ୍ୟ, ନଚିକେତା ଉପାଖ୍ୟାନ, କାରାକବିତା, ଧର୍ମପଦ ଏବଂ ବନ୍ଦୀର ଆତ୍ମକଥା ଭଳି କବିତା ରଚନା କରିଥିଲେ। ପୁରୀରେ ହଇଜା ରୋଗରେ ପୀଡ଼ିତ ଲୋକମାନଙ୍କର ସେବା ପାଇଁ ପୁରୀ ସେବା ସମିତି ପ୍ରତିଷ୍ଠା କରି ସଂଗଠନର ସାଙ୍ଗସାଥିମାନଙ୍କ ସହ ସେ ରୋଗୀସେବା, ପରିବେଶ ପରିଚ୍ଛନ୍ନ ଓ ଶବସଂସ୍କାର ଆଦି କାମ କରିଥିଲେ। କୁଶଭଦ୍ରା ନଦୀବନ୍ଧ ଭାଙ୍ଗିଯାଇ ପ୍ରବଳ ବେଗରେ ସୁଅ ଛୁଟୁଥିବା ସମୟରେ ଗୋପବନ୍ଧୁଙ୍କ ଏକମାତ୍ର ପୁଅ ଜ୍ୱରରେ ଆକ୍ରାନ୍ତ ହୋଇ ଅସହ୍ୟ ଯନ୍ତ୍ରଣା ଭୋଗୁଥିଲା। କିନ୍ତୁ ଅସୁସ୍ଥ ପୁଅକୁ ଛାଡ଼ି ସେ ବନ୍ୟା ପ୍ରପୀଡ଼ିତ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଯାଇଥିଲେ। ଲୋକଙ୍କୁ ତ ସେ ସାହାଯ୍ୟ କରିଥିଲେ କିନ୍ତୁ ଘରକୁ ଫେରିବା ବେଳକୁ ପୁଅକୁ ଆଉ ପାଇଲେ ନାହିଁ। ଜଣେ ସମାଜସେବୀ ବ୍ୟତୀତ ସେ ଥିଲେ ଆଧୁନିକ ଯୁଗର ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ। ସେମାନେ ମିଶି ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା କୁଞ୍ଜ ତଳେ ୧୯୦୯ରେ କୁମାର ପୂର୍ଣ୍ଣମା ତିଥିରେ ପ୍ରତିଷ୍ଠା କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟ। ୧୯୧୮-୨୦ ମଧ୍ୟରେ ହୋଇଥିବା ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା। ଏହାପରେ ୧୯୧୯ରେ ସେ ଆରମ୍ଭ କରିଥିଲେ ସାପ୍ତାହିକ 'ସମାଜ' ଖବରକାଗଜ। ପରେ ୧୯୩୦ରୁ ଏହା ଦୈନିକ ଖବରକାଗଜ ଭାବରେ ପ୍ରକାଶିତ ହୋଇଥିଲା। ଏହି ବହୁମୁଖୀ ପ୍ରତିଭା, ଆଧୁନିକ ଓଡିଶାର ନିର୍ମାତା ୧୯୨୮ ମସିହା ଆଜିର ଦିନରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

## 'ସର୍ଦ୍ଦାରଜୀ-୩' ଟିଜର୍ ରିଲିଜ

# ନଜର ଆସିବେ ଦିଲଜିତ୍-ନୀରୁ ଯୋଡ଼ି

ଏ ସମୟରେ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରିରେ ହରର୍-କମେଡିର ଟ୍ରେଣ୍ଡ୍ ଜୋର୍‌ସୋର୍‌ରେ ଚାଲିଛି। ସବୁଆଡ଼େ ଏହି ଟ୍ରେଣ୍ଡ୍ ଉପରେ ଫିଲ୍ମର ନିର୍ମାଣ କରାଯାଉଛି। ଏବେ ପଞ୍ଜାବୀ ସିଙ୍ଗର-ଆକ୍ଟର ଦିଲଜିତ୍ ଦୋସାଂଝ ଓ ଅଭିନେତ୍ରୀ ନୀରୁ ବାଜୱା ଏକ ହରର୍-କମେଡି ଫିଲ୍ମ ଦର୍ଶକମାନଙ୍କ ପାଇଁ ନେଇ ଆସୁଛନ୍ତି। ଫିଲ୍ମ 'ସର୍ଦ୍ଦାରଜୀ-୩' ରିଲିଜ ହେବ ଯାହାର ଟିଜର ସେୟାର୍ କରାଯାଇଛି। ଏହା ଦେଖିବାକୁ ଖୁବ୍ ମଜାଦାର। ଦିଲଜିତ୍ ଦୋସାଂଝ ତାଙ୍କର ହିଟ୍ କମିକ୍ ଅବତାର ଜଗିକୁ ନେଇ ପୁଣି ଥରେ ଫେରୁଛନ୍ତି। ପ୍ରତି ଥର ପରି ଏଥର ମଧ୍ୟ ଫିଲ୍ମରେ ଭୂତ-ପ୍ରେତମାନଙ୍କୁ ସାମ୍ନା କରିବେ ଦିଲ୍‌ଜିତ। ଏଥିରେ ଏବେ କିଛି ପୁରୁଣା-ନୂଆ କଳାକାରଙ୍କ ଏଣ୍ଟ୍ରି ହେଉଛି। 'ସର୍ଦ୍ଦାରଜୀ' ଫ୍ରାଞ୍ଚାଇଜର ଫିଲ୍ମଗୁଡ଼ିକ ପରି ଏହି ଫିଲ୍ମରେ ପଞ୍ଜାବୀ ସେନ୍ସେସନ୍ ନୀରୁ ବାଜୱା ସାମିଲ ଅଛନ୍ତି ଯିଏ ଦିଲ୍‌ଜିତଙ୍କ ସହିତ ରୋମାନ୍ସ କରିବାର ନଜର ଆସିବେ। ଫିଲ୍ମର ଟିଜର୍‌ରେ ଅଭିନେତା ମାନବ ବୀଜ୍ ମଧ୍ୟ ନଜର ଆସିଛନ୍ତି ଯିଏ ମୁଖ୍ୟ ଭିଲେନ୍ ଚରିତ୍ରରେ ଅଭିନୟ କରୁଛନ୍ତି। ଟିଜର୍‌ରେ ୟୁକେର ଏକ ବଡ଼ ଆଲିଶାନ ବଙ୍ଗଳା ଦେଖିବାକୁ ମିଳିଛି ଯେଉଁଠାରେ ଭୂତ-ପ୍ରେତମାନେ ରହୁଛନ୍ତି। ତା' ଭିତରକୁ ଯଦି କେହି ଯାଏ ତେବେ ସେ ଫେରେନାହିଁ। ଏପରିସ୍ଥଳେ ଭୂତ-ପ୍ରେତକୁ ଭଗେଇବା ପାଇଁ ଜଗି ଅର୍ଥାତ ଦିଲ୍‌ଜିତଙ୍କ ଏଣ୍ଟ୍ରି ହେଉଛି। ଏହାପରେ ନୀରୁ ବାଜୱାଙ୍କ ସମେତ ଅନେତ ଭୂତୁଣୀଙ୍କ ସହିତ ସେ କଥାବାର୍ତ୍ତା କରୁଛନ୍ତି। ଟିଜର୍‌ର ଶେଷ ପର୍ଯ୍ୟନ୍ତ କମେଡିର ଡୋଜ୍ ଜାରି ରହୁଛି। ତେବେ ସେ ବଙ୍ଗଳା ଭିତରୁ ଭୂତକୁ ଭଗେଇବାର ଦୃଶ୍ୟ ଦେଖିବାକୁ ବେଶ୍ ମଜାଦାର ହେବ। ଏଥିରେ ଗୁଲଶନ ଗ୍ରୋଭର ଓ ପାକିସ୍ତାନ ଅଭିନେତ୍ରୀ ହାନିୟା ଅମିରଙ୍କୁ ମଧ୍ୟ ଦେଖିପାରିବେ। ୨୭ ତାରିଖରେ ଫିଲ୍ମଟି ଥିଏଟର୍ସରେ ରିଲିଜ ହେବ।





# ସ୍ୱାଦ ଓ ସାତ୍ତ୍ୱିକତାର ମିଳନ

ସାତ୍ତ୍ୱିକତାର ଶୁଦ୍ଧ ପରମ୍ପରାକୁ ଆଧୁନିକ ସ୍ୱାଦ ସହିତ ଯୋଡ଼ିଥାଏ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଆୟୋଜିତ ହେଉଥିବା ଜୈନ ଫୁଡ୍ ଫେଷ୍ଟିଭାଲ୍। ଏ ସମୟରେ ଏହି ଫେଷ୍ଟିଭାଲ୍‌ର ଚର୍ଚ୍ଚା ଖୁବ୍ ହେଉଛି। ଏହି ଫୁଡ୍ ଫେଷ୍ଟିଭାଲ୍‌ର ଥିମ୍ ସମ୍ପୂର୍ଣ୍ଣ ଭାବରେ ଜୈନ ଧର୍ମର ଜୀବନଶୈଳୀ ଓ ଖାଦ୍ୟପେୟର ମାନ୍ୟତାଗୁଡ଼ିକ ଉପରେ ଆଧାରିତ। ୨୨ ଜୁନ୍ ପର୍ଯ୍ୟନ୍ତ ଏହି ଫେଷ୍ଟିଭାଲ୍ ଚାଲିବ। ଏହି ଫୁଡ୍ ଫେଷ୍ଟିଭାଲ୍‌ରେ ଜୈନ ଧର୍ମାବଲମ୍ବୀମାନେ ଭୂମିତଳେ ଉତ୍ପନ୍ନ ହେଉଥିବା ଖାଦ୍ୟସାମଗ୍ରୀ ଯଥା-ଆଳୁ, ପିଆଜ, ରସୁଣର ସେବନ କରନ୍ତି ନାହିଁ। ଏଥିପାଇଁ ଏହି ଜିନିଷଗୁଡ଼ିକ ବିନା ଖାଦ୍ୟ ପ୍ରସ୍ତୁତ କରିବା ଆୟୋଜକମାନଙ୍କ ପାଇଁ କୌଣସି ଆହ୍ୱାନ ଠାରୁ କମ୍ ହୋଇନଥାଏ। କିନ୍ତୁ ସେମାନେ ୫୫ରୁ ଅଧିକ ସାତ୍ତ୍ୱିକ ବ୍ୟଞ୍ଜନ ପ୍ରସ୍ତୁତ କରି ସେଗୁଡ଼ିକୁ ସ୍ୱାଦିଷ୍ଟ ବ୍ୟଞ୍ଜନରେ ପରିବର୍ତ୍ତିତ କରିଦେଇଥାନ୍ତି। ଷ୍ଟ୍ରିଟ୍ ଫୁଡ୍‌ରେ ଆଳୁ ପରିବର୍ତ୍ତେ କଞ୍ଚା କଦଳୀରେ ତିଆରି ଟିକ୍କି ପରଷା ଯାଉଛି। ପାଣିପୁରିରେ ଆଳୁ ପରିବର୍ତ୍ତେ ଚଣା ଓ ସପୁରି-ନାରଙ୍ଗୀ ଫ୍ଲେଭର ଥିବା ପାଣିର ବ୍ୟବହାର କରାଯାଉଛି। ଦକ୍ଷିଣ ଏସିଆର ସ୍ୱାଦପ୍ରେମୀମାନଙ୍କ ପାଇଁ କଞ୍ଚା ଅମୃତଭଣ୍ଡା କଡ଼ି, ନଡ଼ିଆରସ ଲେମନଗ୍ରାସ୍‌ର ବାସ୍ନା ସହିତ ଜାସ୍ମିନ୍ ରାଇସ୍ ପରଷା ଯାଉଛି। ଏହା ବ୍ୟତୀତ ବିନ୍ସ ଓ କାଜୁ ଗ୍ରେଭିରେ ତିଆରି ଟୋଫୁ ସ୍ୱାଦପ୍ରେମୀମାନଙ୍କୁ ବିଶେଷ ଆନନ୍ଦ ଦେଉଛି। ସେଠାରେ ମ୍ୟାକ୍ସିକନ୍, ଇଟାଲିଆନ୍ ଓ ପିଲାମାନଙ୍କର ପ୍ରିୟଖାଦ୍ୟଗୁଡ଼ିକୁ ମଧ୍ୟ ସାତ୍ତ୍ୱିକତାର ସ୍ପର୍ଶ ଦିଆଯାଉଛି। ତେବେ ଜୈନ ଧର୍ମରେ ସୂର୍ଯ୍ୟାସ୍ତ ପରେ ଭୋଜନ ଗ୍ରହଣ କରିବା ବର୍ଜିତ ହୋଇଥିବାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖାଦ୍ୟଗ୍ରହଣ ସମୟ ରଖାଯାଇଛି। ଗାଜିଆବାଦ ଠାରେ ହୋଟେଲ୍ କଣ୍ଟ୍ରିରେ ଆୟୋଜିତ ଏହି ଫେଷ୍ଟିଭାଲ୍‌ରେ ପାରମ୍ପରିକ ଓ ଅନ୍ତଃରାଷ୍ଟ୍ରୀୟ ସ୍ୱାଦର ସଙ୍ଗମ ଦେଖିବାକୁ ମିଳୁଛି।




**ଦେଶରେ ଲଗାତର ଓରାଲ୍ କ୍ୟାନ୍ସର୍‌ର ମାମଲାରେ ବୃଦ୍ଧି ହେବାର ଦେଖିବାକୁ ମିଳୁଛି। ଏହାର ପ୍ରମୁଖ କାରଣ ତମାଖୁ ସେବନ। କିନ୍ତୁ ଏହା ଏକମାତ୍ର କାରଣ ନୁହେଁ। ଏହି ବିପଦଜନକ ରୋଗର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକୁ ଅନେକ ଲୋକ ଅଣଦେଖା କରିଦିଅନ୍ତି। ଏହାପରେ ପରିସ୍ଥିତି ବିଗିଡ଼ିଯାଏ ଓ ରୋକଥାମ ପାଇଁ ସବୁ ପ୍ରକାରର ଚେଷ୍ଟା ଆରମ୍ଭ ହୋଇଯାଏ। ତେବେ ଓରାଲ୍ କ୍ୟାନ୍ସରର ରହିଛି ଅନେକଗୁଡ଼ିଏ କାରଣ।**

# ଚିକ୍ ବାଇଟିଂ ଓ ଓରାଲ୍ କ୍ୟାନ୍ସର୍

**ମଦ୍ୟ ଓ ତମାଖୁ-**ମଦ୍ୟପାନ, ସିଗାରେଟ୍, ବିଡ଼ି, ସିଗାର ଓ ତମାଖୁ ଆଦିର ସେବନ ଯୋଗୁ ଶରୀରରେ ଓରାଲ୍ କ୍ୟାନ୍ସର ହେବାର ଆଶଙ୍କା ବୃଦ୍ଧି ପାଏ।

**ଡାଏଟ୍-**ଡାଏଟ୍‌ରେ ଯଦି ଫଳ ଓ ପନିପରିବା ଆଦି ଖାଉନାହାନ୍ତି ତେବେ ଏହାର ପ୍ରଭାବରୁ ଓରାଲ୍ ସମସ୍ୟା ଦେଖାଦେଇପାରେ। ଏହାପରେ ଏହି ସମସ୍ୟା କ୍ୟାନ୍ସର୍‌ର ରୂପରେ ପରିବର୍ତ୍ତିତ ହୋଇଯାଏ।

**ଖରା-**କୌଣସି ବ୍ୟକ୍ତି ଯଦି ଅଧିକ ସମୟ ଖରାରେ ରହୁଥିବେ ତେବେ ସେମାନଙ୍କ



ଭିତରେ କ୍ୟାନ୍ସର୍‌ର ବିପଦ ସୃଷ୍ଟି ହୋଇପାରେ। ଏହାଦ୍ୱାରା ବିଶେଷ କରି ଲିପ୍ ବା ଓଠରେ କ୍ୟାନ୍ସର ହେବାର ଭୟ ଥାଏ।

**ଏଚ୍‌ପିବି-**ହ୍ୟୁମ୍ୟାନ୍ ପାପିଲୋମାଭାଇରସ୍ ଓରାଲ୍ କ୍ୟାନ୍ସର୍‌ର ଏକ ବଡ଼ କାରଣ ହୋଇପାରେ। ଏହାଦ୍ୱାରା ଏଚ୍‌ପିବି-୧୬ ଜିଭ ଓ ଟନ୍‌ସିଲ୍ କ୍ୟାନ୍ସର୍‌ର ବିପଦ ସୃଷ୍ଟି କରିଥାଏ।

**ଜେନେଟିକ୍-**ପାରିବାରିକ ଇତିହାସ ମଧ୍ୟ ଓରାଲ୍ କ୍ୟାନ୍ସର୍ ସୃଷ୍ଟି କରାଇପାରେ।

**ଇମ୍ୟୁନିଟି-** ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ଶରୀରରେ କେତେ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। କିନ୍ତୁ ଓରାଲ୍ କ୍ୟାନ୍ସର୍‌ର ବିପଦର ଆଶଙ୍କାକୁ ମଧ୍ୟ ଏହା ବୃଦ୍ଧି କରିପାରେ।

**ଲକ୍ଷଣ-**ମୁହଁରେ ଘା' ବା ଅଲ୍ସର ହେଲେ ୨-୩ ସପ୍ତାହ ମଧ୍ୟରେ ଯଦି ଠିକ୍ ହୁଏ ନାହିଁ। ମାଢ଼ି, ଜିଭ ବା ମୁହଁର ପୃଷ୍ଠଭାଗରେ ଧଳା ଓ ଲାଲ୍ ଧଳା ଦାଗ ଦେଖିବାକୁ ମିଳୁଥିଲେ। ଗାଲ ମୋଟା ହୋଇ ସେଥିରେ ଲମ୍ପ ପଡ଼ିଲେ, ଗଳାରେ ଲଗାତର ବ୍ୟଥା ବା ଗିଳିବାକୁ ଅସୁବିଧା ହେଉଥିଲେ। ଗଳାରେ କିଛି ଫସି ରହିବା ପରି ମନେହେଲେ। ସ୍ୱରରେ ପରିବର୍ତ୍ତନ ହେଲେ। କୌଣସି କାରଣ ନଥାଇ ଓଜନ କମ୍ ହେଲେ। ବେକରେ ମାଂସ ଜମାଟ ବାନ୍ଧିବା ବା ସ୍ୱେଲିଂ ହେଲେ।

ଅନେକ ଥର ମୁହଁର ଭିତର ଭାଗର ଗାଲକୁ ଆମେମାନେ ଭୁଲ୍‌ରେ କାମୁଡ଼ି ଦିଅନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ଅନୁସାରେ ଏହା ସାମାନ୍ୟ ଅଭ୍ୟାସ। ଚାପ କିମ୍ବା ଚିନ୍ତା ପରି ସ୍ଥିତିରେ ଏପରି ହୋଇଥାଏ। କିନ୍ତୁ ଚିକ୍ ବାଇଟିଂ ଯୋଗୁ ଓରାଲ୍ କ୍ୟାନ୍ସର ହୋଇଥାଏ ବୋଲି କୌଣସି ବୈଜ୍ଞାନିକ ପ୍ରମାଣ ନାହିଁ।



# ଚକର ପ୍ରଥମ ମଡେଲ୍

ଖ୍ରୀ.ପୂ ୩୯୦୦ରେ ଘଟଣା। ଦକ୍ଷିଣ-ପୂର୍ବ ୟୁରୋପର ଶ୍ରମିକମାନେ ପ୍ରତିଦିନ ଅନ୍ଧାର, ସଂକୀର୍ଣ୍ଣ ଓ ଗରମ ଥିବା ସୁଡ଼ଙ୍ଗରୁ ତମ୍ବା ଖଣ୍ଡଗୁଡ଼ିକୁ ବାହାର କରନ୍ତି। ଏହି କାମ ବେଶ୍ କ୍ଳାନ୍ତି ଆଣିଦିଏ। ଏହି କାର୍ଯ୍ୟକୁ ଧୀମା ଗତିରେ ମଧ୍ୟ କରାଯାଏ। କିନ୍ତୁ ଦିନେ ଜଣେ ସାଥି ଶ୍ରମିକ କିଛି ଅଲଗା କାମ କରୁଥିବାର ନଜର ଆସିଥିଲେ। ସେ ମାଟିରେ ନିର୍ମିତ କୌଣସି ଅଜବ ଉପକରଣ ସାହାଯ୍ୟରେ ଏକା ସହିତ ତିନିଗୁଣରୁ ଅଧିକ ଓଜନ ଟାଣି ନେଉଥିଲେ। ଏହି ଠାରୁ ଚକ ଇତିହାସର କ୍ରାନ୍ତିକାରୀ ଟେକ୍‌ନିକ୍‌ର କାହାଣୀ ଆରମ୍ଭ ହୋଇଥିଲା। ତେବେ ଗାଡ଼ିଗୁଡ଼ିକରେ ଲଗାଯାଉଥିବା ଚକର ଆବିଷ୍କାର କେବେ ହୋଇଥିଲା ତାହାର କୌଣସି ସଠିକ୍ ପ୍ରମାଣ ନାହିଁ। ୨୦୧୫ରେ ଏକ ରୋଚକପୂର୍ଣ୍ଣ ସିଦ୍ଧାନ୍ତ ସର୍ବସମ୍ମୁଖକୁ ଆସିଥିଲା ଯେଉଁଥିରେ କୁହାଯାଇଥିଲା ଯେ ବର୍ତ୍ତମାନ ହଙ୍ଗେରୀର କାର୍ପାଥିଆନ୍ ପର୍ବତଗୁଡ଼ିକରେ ଥିବା ତମ୍ବା ଖଣିରୁ ପାଖାପାଖି ୬୦୦୦ ବର୍ଷ ପୂର୍ବରୁ ପ୍ରଥମେ ଏକ ଚକବାଲା ଢ଼ାଞ୍ଚାର ଆବିଷ୍କାର କରାଯାଇଥିଲା। ପୁରାତତ୍ତ୍ୱବିତ୍‌ମାନେ ଯେତେବେଳେ ୧୫୦ରୁ ଅଧିକ ମିନିଏଚର କ୍ଲେ ଭେଗନ୍ ପାଇଥିଲେ ସେ ସମୟରେ ଏହି ଥିଓରୀକୁ ମଜଭୁତି ମିଳିଥିଲା। ଏହାକୁ କାର୍ବନ ଡେଟିଂ କରିବା ପରେ ଏହି ମଡେଲ୍ସ ଚକ ଦ୍ୱାରା ଯାତାୟାତର ପ୍ରଥମ ଚିତ୍ରକାରୀ ବୋଲି କୁହାଯାଉଥିଲା। ୧୯୬୦ରେ ଅନେକ ଅଧ୍ୟୟନକାରୀ ଦାବି କରିଥିଲେ ଯେ ରୋଲର୍ସ ଚକର ପୂର୍ବବର୍ତ୍ତୀ ରୂପ ନୁହେଁ। ଇନୋଭେସନ୍ ପାଇଁ ଚକର ବିକାଶରେ ଦୁଇଟି ଟେକ୍‌ନିକ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ଏହା ମଧ୍ୟ ସତ ଯେ ଚକ ହେଉଛି ଏପରି ଏକ ଆବିଷ୍କାର ଯେଉଁଥିରେ ଚାଷବାସ, ଯାତାୟାତ, ବ୍ୟାପାର ଓ ଯୁଦ୍ଧ ପରି ଘଟଣାଗୁଡ଼ିକରେ ପରିବର୍ତ୍ତନ ଆଣିଛି। ଆଜି ଚକ୍କିରୁ ଆରମ୍ଭ କରି ବିମାନ ପର୍ଯ୍ୟନ୍ତ ଚକର ବିକାଶ ଜାରି ରହିଛି। ଏହାକୁ ଦେଖିବା ପରେ ଏକ ତମ୍ବା ଖଣିରୁ ଚକର ଆରମ୍ଭ ହୋଇଥିବା ବିଷୟ ଆଶ୍ଚର୍ଯ୍ୟ ପରି ମନେହୁଏ।

# ‘ଅଦିନିଆ ରଥଯାତ୍ରା କଲେ ଆଇନଗତ ପଦକ୍ଷେପ’



**ଭୁବନେଶ୍ୱର,୧୬।୬/ଏନ୍‌ଏନ୍‌ଏସ୍:** ଅଦିନିଆ ସ୍ନାନଯାତ୍ରା ଓ ରଥଯାତ୍ରା ଆୟୋଜନ ନେଇ ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କଡ଼ା ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ ନୂଆପଡ଼ାରେ ଏହିପରି ଆୟୋଜନ ହେଉଥିବା ଜଣାପଡ଼ିବା ପରେ ଆମେ ତାହାକୁ ବନ୍ଦ କରି ସାରିଛୁ। ଅନ୍ୟ କୌଣସି ସ୍ଥାନରେ ଏହା ବନ୍ଦ ନହେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସାରା ବିଶ୍ୱରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ତଥା ରଥଯାତ୍ରା ଶାସ୍ତ୍ର ଅନୁମୋଦିତ ତିଥିରେ ପାଳନ ସମ୍ପର୍କରେ ପଦକ୍ଷେପ ନେବାକୁ ଇସ୍କନ ଗର୍ଭର୍ଣ୍ଣିଂ ବଡି କମିଶନର ଅଧ୍ୟକ୍ଷଙ୍କୁ ଗତକାଲି ପତ୍ର ଲେଖିଛନ୍ତି ଗଜପତି ମହାରାଜା । ସମଗ୍ର ବିଶ୍ୱରେ କୌଣସି ଇସ୍କନ କେନ୍ଦ୍ର କିମ୍ବା ମନ୍ଦିରରେ ଶାସ୍ତ୍ର ସମ୍ମତ ତିଥି/ତାରିଖ ବ୍ୟତୀତ ଅନ୍ୟ ଦିନ ସ୍ନାନଯାତ୍ରା କିମ୍ବା ରଥଯାତ୍ରା ଯେପରି ପାଳିତ ନ ହୁଏ, ତାହା ନିଶ୍ଚିତ କରିବାକୁ ଇସ୍କନକୁ କହିଛନ୍ତି ଗଜପତି ମହାରାଜା । ଗଜପତି ମହାରାଜା ନିଜ ପତ୍ର ( ଇମେଲ୍ ମଧ୍ୟମରେ) ଅତି ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି ଯେ, ଭାରତ ବାହାରେ ବିଭିନ୍ନ ଦେଶର ଇସ୍କନ କେନ୍ଦ୍ର ତଥା ମନ୍ଦିରଗୁଡ଼ିକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ଏବଂ ରଥଯାତ୍ରା ଶାସ୍ତ୍ରରେ ଅନୁମୋଦିତ ନ ଥିବା ତିଥିରେ ପାଳନ କରୁଥିବା ନଜରକୁ ଆସିଅଛି । ଏହା ସମ୍ପୂର୍ଣ୍ଣ ରୂପେ ଶାସ୍ତ୍ର ବିରୋଧୀ କାର୍ଯ୍ୟ ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଷଷ୍ଠ ରାଜ୍ୟ ଅର୍ଥ କମିଶନ୍‌ର ଅଧ୍ୟକ୍ଷ

# ଜନସାଧାରଣଙ୍କ ମତାମତ ସଂଗ୍ରହ ଉପରେ ଫୋକସ୍

### ଆର୍ଥିକ ସ୍ଥିତି ଉପରେ ବିସ୍ତୃତ ଆଲୋଚନା

### ଉନ୍ମୋଚନ ହେଲା ନୂଆ ୱେବ୍‌ସାଇଟ୍



**ଭୁବନେଶ୍ୱର,୧୬।୬/ଏନ୍‌ଏନ୍‌ଏସ୍:** ଷଷ୍ଠ ରାଜ୍ୟ ଅର୍ଥ କମିଶନ୍‌ର ଅଧ୍ୟକ୍ଷ ଡ. ଅରୁଣ କୁମାର ପଣ୍ଡା ଓ କମିଶନର ଅନ୍ୟ ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।ଏହି ଅବସରରେ ମୁଖ୍ୟମନ୍ତ୍ରୀ କମିଶନର ସହ ରାଜ୍ୟର ଆର୍ଥିକ ସ୍ଥିତି ଉପରେ ବିସ୍ତୃତ ଆଲୋଚନା କରିଥିବା ଜଣାପଡ଼ିଛି। ବିଶେଷକରି ଜନସାଧାରଣଙ୍କ ମତାମତ ସଂଗ୍ରହ ଉପରେ ଫୋକସ କରାଯାଇଛି।ଏନେଇ ରାଜ୍ୟର ସ୍ଥାନୀୟ ନିକାୟ ସଂସ୍ଥାଗୁଡ଼ିକୁ ସଶକ୍ତ କରିବା ପାଇଁ କମିଶନ ମୁଖ୍ୟମନ୍ତ୍ରୀଙ୍କର ବହୁମୂଲ୍ୟ ପରାମର୍ଶ ଲୋଡ଼ିଛନ୍ତି।

ଷଷ୍ଠ ରାଜ୍ୟ ଅର୍ଥ କମିଶନ ରାଜ୍ୟପାଳ, ଭାରତୀୟ ସମ୍ବିଧାନର ଧାରା ୨୪୩-ଆଇ ଏବଂ ଧାରା ୨୪୩-ୱାଇ ଅନୁଯାୟୀ, ଡକ୍ଟର ଅରୁଣ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଷଷ୍ଠ ରାଜ୍ୟ ଅର୍ଥ କମିଶନ ଗଠନ କରିଛନ୍ତି। ତାହା ୧ ଏପ୍ରିଲ, ୨୦୨୬ ଠାରୁ ୫ ବର୍ଷ ପାଇଁ ରାଜ୍ୟ ସରକାରଙ୍କ ଠାରୁ ସ୍ଥାନୀୟ ନିକାୟ ସଂସ୍ଥା (ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି, ଜିଲ୍ଲା ପରିଷଦ, ନଗର ନିଗମ, ପୌରପାଳିକା, ବିଜ୍ଞାପିତ ଅଞ୍ଚଳ ପରିଷଦ)ଗୁଡ଼ିକୁ ସମ୍ବଳ ହସ୍ତାନ୍ତର ପାଇଁ ସୁପାରିଶ କରିବେ।

ସୋମବାର ସନ୍ଧ୍ୟାରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ନୂଆ ୱେବ୍‌ସାଇଟ୍ ନିର୍ବାଚିତ ପ୍ରତିନିଧି, ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି, ଜିଲ୍ଲା ପରିଷଦ, ନଗର ନିଗମ, ପୌରପାଳିକା, ବିଜ୍ଞାପିତ ଅଞ୍ଚଳ ପରିଷଦ, ବୁଦ୍ଧିଜୀବୀ, ବିଶ୍ୱବିଦ୍ୟାଳୟ ଓ ଗବେଷଣା ସଂଗଠନ, ସାମାଜିକ ସଂଗଠନ ଏବଂ ବ୍ୟକ୍ତିବିଶେଷଙ୍କଠାରୁ ପରାମର୍ଶ , ମତାମତ ଆହ୍ୱାନ କରିବା ପାଇଁ ବିକଶିତ କରାଯାଇଛି। ଏହି ୱେବ୍‌ସାଇଟ୍‌ରେ ଜନସାଧାରଣଙ୍କ ସୂଚନା ପାଇଁ ପୂର୍ବ ଏବଂ ବର୍ତ୍ତମାନର ରାଜ୍ୟ ଅର୍ଥ କମିଶନ, ଅଧ୍ୟୟନ ରିପୋର୍ଟ, ପୂର୍ବ ରାଜ୍ୟ ଅର୍ଥ କମିଶନର ରିପୋର୍ଟ ଇତ୍ୟାଦିର ବିବରଣୀ ମଧ୍ୟ ରହିଛି।

ଉକ୍ତ ବୈଠକରେ, ଷଷ୍ଠ ରାଜ୍ୟ ଅର୍ଥ କମିଶନର ଅଧ୍ୟକ୍ଷ ଡକ୍ଟର ଅରୁଣ କୁମାର ପଣ୍ଡା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ, ଷଷ୍ଠ ରାଜ୍ୟ ଅର୍ଥ କମିଶନର ସଦସ୍ୟ ପ୍ରଫେସର ଅସିତ ରଞ୍ଜନ ମହାନ୍ତି, ପ୍ରଫେସର ଅମରେଶ ସାମନ୍ତରାୟ ଏବଂ ଡକ୍ଟର ବିଭୁ ପ୍ରସାଦ ନାୟକ, କମିଶନର ସଦସ୍ୟ ସଚିବ ଡକ୍ଟର ସତ୍ୟ ପ୍ରିୟ ରଥ ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖନୀୟ ଯେ, ଓଡ଼ିଶା ସରକାରଙ୍କ ପଞ୍ଚମ ଅର୍ଥ ଆୟୋଗଙ୍କ କାର୍ଯ୍ୟ ଜୁଲାଇରେ ଶେଷ ହେବାକୁ ଯାଉଛି। ଏହି ପଞ୍ଚବାର୍ଷିକ ଯୋଜନା ୨୦୨୧-୨୨ରୁ ଆରମ୍ଭ ହୋଇ ଏହି ଯୋଜନା ୨୦୨୫-୨୬ ଜୁଲାଇରେ ଶେଷ ହେବାକୁ ଯାଉଛି। ଭାରତ ସରକାରଙ୍କ ପଞ୍ଚଦଶ ଅର୍ଥ ଆୟୋଗ ସହ ମିଳିତ ହୋଇ ପଞ୍ଚମ ଅର୍ଥ ଆୟୋଗ ରାଜ୍ୟରେ ଆର୍ଥିକ ସ୍ଥିତିକୁ ମଜ୍‌ଭୁତ କରିବା ସହ ଭିତ୍ତିଭୂମି ବିକାଶ, ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟ କରାଯାଇଛି। ୬୦ ପ୍ରତିଶତ ଅର୍ଥ ପାନୀୟ ଜଳ ଓ ପରିମଳ ବାବଦକୁ ବ୍ୟୟ ହେଉଥିବାବେଳେ ୪୦ ପ୍ରତିଶତ ଅର୍ଥ ପ୍ରାଥମିକ ସ୍କୁଲ, ଅଙ୍ଗନବାଡି କେନ୍ଦ୍ର, ରାସ୍ତା, କଲଭର୍ଟ, ଖେଳ ପଡ଼ିଆ, ହାଟ ଓ ପାର୍କ ବାବଦରେ ଖର୍ଚ୍ଚ ହୋଇଛି।ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ ସୁପାରିଶ ଭିତ୍ତିରେ ଗାଁର ସାମିଗ୍ରିକ ବିକଶା ପାଇଁ ଆଲୋକୀକରଣ, ପାନୀୟ ଜଳ, ବର୍ଯ୍ୟବସ୍ତୁ ପରିଚାଳନା, ବ୍ୟାଙ୍କ୍ ବିହୀନ ପଞ୍ଚାୟତରେ ଆମ ବ୍ୟାଙ୍କ୍ ସେବା, କଲ୍ୟାଣ ମଣ୍ଡପ, ଦୋକାନ ଗୃହ, ପୋଖରୀ ପୁନଃରୁଦ୍ଧାର, ଜଳ ଅମଳ ପରିଚାଳନା ପ୍ରକଳ୍ପ, ବନ ସୁରକ୍ଷା ସମିତି ଗୃହ, ସ୍ୱାସ୍ଥ୍ୟ ଉପକେନ୍ଦ୍ର ଓ ପଶୁ ସମ୍ପଦ ବିକାଶ କାର୍ଯ୍ୟରେ ଅର୍ଥ ବିନିଯୋଗ କରାଯାଇଛି।

# ସାରା ରାଜ୍ୟରେ ଆରମ୍ଭ ହେଲା ‘ଷ୍ଟପ୍-ଡାଇରିଆ’ ଅଭିଯାନ



**ଭୁବନେଶ୍ୱର,୧୬।୬/ଏନ୍‌ଏନ୍‌ଏସ୍:** ବର୍ଷା ଋତୁରେ ଜଳବାହିତ ରୋଗ ଡାଇରିଆର ନିରାକରଣ ନିମନ୍ତେ ସାରା ରାଜ୍ୟରେ ‘ଷ୍ଟପ୍ ଡାଇରିଆ’ ଅଭିଯାନ ଆରମ୍ଭ କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ଢେଙ୍କାନାଳ ଜିଲ୍ଲା ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଆଜି ଏହି ଅଭିଯାନର ଶୁଭ ଉଦଘାଟନ୍ କରି କହିଥିଲେ ଯେ ଲୋକଙ୍କର ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି । ଡାଇରିଆ ଏକ ବର୍ଷା ଋତୁକାଳୀନ ଜଳ ବାହିତ ରୋଗ। ଡାଇରିଆ ସ୍ଥିତି ଉପରେ ନଜର ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ତତ୍ତ୍ୱାବଧାନରେ ରାଜ୍ୟ ସରକାର ନିରାକରଣ ଓ ପ୍ରତିଷେଧ ନିମନ୍ତେ ସମସ୍ତ ପ୍ରକାର ପଦକ୍ଷେପ ନେଉଛନ୍ତି। ଉନ୍ନତ ସ୍ୱାସ୍ଥ୍ୟସେବା, ଆନୁସଙ୍ଗିକ ଉପକରଣ, ଔଷଧ, ଭିତ୍ତିଭୂମି ସହ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ଏହି ଅଭିଯାନ ଆଜି ଠାରୁ ୩୧ ଜୁଲାଇ ପର୍ଯ୍ୟନ୍ତ ଚାଲିବ ।

ଡାଇରିଆ ନିରାକରଣ ପାଇଁ ବ୍ୟାପକ ସ୍ୱାସ୍ଥ୍ୟ ସଚେତନତା ସହ ସମ୍ମିଳିତ ଉଦ୍ୟମ କରାଯାଉଛି । ହାତ ଧୋଇବା, ପରିଚ୍ଛନ୍ନତା ନିୟମ ପାଳନ କରିବା, ସୁଷମ ଖାଦ୍ୟ ଖାଇବା, ନିରାପଦ ପାଣି ପିଇବା, ଜଳ ଉତ୍ସକୁ ବିଶୋଧିତ ରଖିବା ବାହାରେ ମଳତ୍ୟାଗ ନ କରିବା ଆଦି ଅଭ୍ୟାସ ଦ୍ୱାରା ଆମେ ବହୁଭାବରେ ଡାଇରିଆ ରୋଗର ପ୍ରତିରୋଧକରିପାରିବା। ସଚେତନତା ଓ ସାବଧାନତା ମାଧ୍ୟମରେ ନିଜେ ସୁସ୍ଥ ରହିବା ସହ ଆମ ପରିବାର ଏବଂ ପଡୋଶୀ ମାନଙ୍କୁ ସୁରକ୍ଷିତ ରଖିପାରିବା ।

ଏହି ଅଭିଯାନ ମାଧ୍ୟମରେ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ସ୍ୱାସ୍ଥ୍ୟ ଉପକେନ୍ଦ୍ର, କମ୍ୟୁନିଟି ସେଣ୍ଟର ଓ ଆରୋଗ୍ୟ ମନ୍ଦିରମାନଙ୍କରେ ପର୍ଯ୍ୟାପ୍ତ ପରିମାଣରେ ଓ.ଆର.ଏସ ପ୍ୟାକେଟ, ଜିଙ୍କ ଟାବଲେଟ୍ ଓ ଔଷଧ ମହଜୁଦ ରଖାଯାଇଛି। ଗ୍ରାମ ଓ ସହରାଞ୍ଚଳରେ କାର୍ଯ୍ୟରତ ସମସ୍ତ କ୍ଷେତ୍ର ସ୍ତରୀୟ ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡ଼ି କର୍ମୀ, ଏ.ଏନ.ଏମ, ବହୁମୁଖି ସ୍ୱାସ୍ଥ୍ୟକର୍ମୀ ମାନଙ୍କୁ ପ୍ରାରମ୍ଭିକ ଅବସ୍ଥାରୁ ଡାଇରିଆ ରୋଗର ଚିହ୍ନଟ ଓ ପରିଚାଳନା ବିଷୟରେ ତାଲିମ ଦିଆଯାଇଛି।

ପ୍ରତି ସ୍ୱାସ୍ଥ୍ୟ କର୍ମୀମାନେ ଘରକୁ ଘର ବୁଲି ସଚେତନତା ବାର୍ତ୍ତା ସମ୍ବନ୍ଧିତ ସୂଚନାପତ୍ର ଓ.ଆର.ଏସ, ଜିଙ୍କ ଟାବଲେଟ୍ ଓ ଔଷଧ ବଣ୍ଟନ କରିବାକୁ ମନ୍ତ୍ରୀ ଡଃ ମହାଲିଙ୍ଗ ନିର୍ଦ୍ଦେଶ ଦେଇଥିଲେ । ସ୍ୱାସ୍ଥ୍ୟକର୍ମୀ ଏବଂ ଡାକ୍ତରମାନଙ୍କ ପରାମର୍ଶକୁ ଦୈନନ୍ଦିନ ଜୀବନରେ ଅନୁପାଳନ କରିବା ସହ ଡାଇରିଆ ଲକ୍ଷଣ ଦେଖାଯିବା ମାତ୍ରେ ସ୍ୱାସ୍ଥ୍ୟକେନ୍ଦ୍ରଯାଇ ଡାକ୍ତରୀ ଚିକିତ୍ସା କରିବାକୁ ସେ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ।ଏହି ଅବସରରେ ମନ୍ତ୍ରୀ ମହୋଦୟ ଡାଇରିଆ ନିରାକରଣ ନିମନ୍ତେ ସମବେତ ମା’ମାନଙ୍କୁ ଓ.ଆର.ଏସ୍ ଏବଂ ଜିଙ୍କ ଟାବଲେଟ ପ୍ୟାକେଟ ବଣ୍ଟନ କରିଥିଲେ ।

**୩୧ ଜୁଲାଇ ପର୍ଯ୍ୟନ୍ତ ଚାଲିବ**

ଉଦଘାଟନୀ ଉତ୍ସବରେ ଢ଼େଙ୍କାନାଳର ସାଂସଦ ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୂତି ପ୍ରଧାନ, ହିନ୍ଦୋଳ ବିଧାୟକ ସିମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଭୁବନ ଏନ.ଏ.ସି ଅଧ୍ୟକ୍ଷ ଶୁଭେନ୍ଦୁ ସାହୁ, ଢେଙ୍କାନାଳ ଜିଲ୍ଲାପାଳ ସୋମେଶ କୁମାର ଉପଧ୍ୟାୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଭୁବନ କାର୍ଯ୍ୟକ୍ରମ ପରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ଃ ମହାଲିଙ୍ଗ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ଯାଇ ସ୍ଥାନୀୟ ଜନ ପ୍ରତିନିଧିଙ୍କ ଉପସ୍ଥିତିରେ ଡାଇରିଆ ସ୍ଥିତିର ସମୀକ୍ଷା କରିଥିଲେ । ସମ୍ଭାବ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ଥିତି ନିୟନ୍ତ୍ରଣ, ରୋଗୀମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ପ୍ରଦାନ, ସଚେତନତାକୁ ଗୁରୁତ୍ୱ ଦେବା ପାଇଁ ସେ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି ।

ଏହି ଅଭିଯାନ ଉପଲକ୍ଷେ ରାଜ୍ୟ ମିଳିତ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟଠାରେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଡାକ୍ତର ଜିତେନ୍ଦ୍ର ବେବର୍ତ୍ତା, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର, ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ସଂଯୁକ୍ତା ସାହୁଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଡାଇରିଆ ସଚେତନତା ଏବଂ ଶିଶୁ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧିତ ସୂଚନା, ଶିକ୍ଷା ଓ ଜନ ଯୋଗାଯୋଗ (ଆଇ.ଇ.ସି) ପତ୍ରିକା ଓ ସୂଚନା ପତ୍ର ଗୁଡ଼ିକୁ ଉନ୍ମୋଚନ କରିଥିଲେ। ଏକ ଭିଡିଓ କନଫେରେନସିଂ ମାଧ୍ୟମରେ ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ଚିକିତ୍ସା ଅଧିକାରୀ, ଜିଲ୍ଲା ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ ପ୍ରମୁଖଙ୍କୁ ଷ୍ଟପ୍-ଡାଇରିଆ ଅଭିଯାନର ଲକ୍ଷ୍ୟ ଓ ପରିଚାଳନା ବିଷୟରେ ତଥ୍ୟ ସମ୍ବଳିତ ଅନୁପ୍ରେରଣା ଦିଆଯାଇଥିଲା । ୦ ରୁ ୫ ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କ ଡାଇରିଆ କ୍ଷେତ୍ରରେ କେଉଁ ପର୍ଯ୍ୟାୟରେ କେତେ ପରିମାଣର ଓ.ଆର.ଏସ, ତରଳ ପଦାର୍ଥ ଏବଂ ଜିଙ୍କ ଦିଆଯିବା ଆବଶ୍ୟକ ସେ ବିଷୟରେ ବିସ୍ତୃତ ସୂଚନା ସହ ବିଭିନ୍ନ ସ୍ୱାସ୍ଥ୍ୟ ସେବା କେନ୍ଦ୍ରମାନଙ୍କରେ ଓ.ଆର.ଏସ ଏବଂ ଜିଙ୍କ କର୍ଣ୍ଣର ଖୋଲିବା ପାଇଁ ମଧ୍ୟ ପରାମର୍ଶଦିଆଯାଇଥିଲା।

# ଇଣ୍ଡିଆନ୍ କାଉନସିଲ୍ ଅଫ୍ ଫିଲୋସୋଫିକାଲ୍ ରିସର୍ଚ୍ଚର ନୂଆ ଲୋଗୋ ଉନ୍ମୋଚିତ



**ନୂଆଦିଲ୍ଲୀ,ଭୁବନେଶ୍ୱର,୧୬।୬/ଏନ୍‌ଏନ୍‌ଏସ୍ :** ଭାରତୀୟ ଜ୍ଞାନ ପରମ୍ପରାର ଐତିହ୍ୟ ବହୁତ ପୁରୁଣା। ଆମେ ଏହାକୁ କେବଳ ପୂଜା ଏବଂ ଗର୍ବ ରୂପରେ ଦେଖିବା ଉଚିତ୍ ନୁହେଁ, ବରଂ ଆମକୁ ବର୍ତ୍ତମାନର ଚ୍ୟାଲେଞ୍ଜ ଏବଂ ଭବିଷ୍ୟତର ପ୍ରବାହ ଅନୁସାରେ ବିଶ୍ଲେଷଣ ସହ ଏଆଇ ମଡେଲିଂ କରିବାକୁ ପଡ଼ିବ ବୋଲି ସୋମବାର ନୂଆଦିଲ୍ଲୀ ଠାରେ ଇଣ୍ଡିଆନ କାଉନସିଲ୍ ଅଫ୍ ଫିଲୋସୋଫିକାଲ ରିସର୍ଚ୍ଚ(ଆଇସିପିଆର)ର ନୂଆ ଲୋଗୋ ଉନ୍ମୋଚନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।ଶ୍ରୀ ପ୍ରଧାନ ଆଇସିପିଆରର ଗବେଷଣା ପୁସ୍ତକର ଉନ୍ମୋଚନ କରିବା ସହ ଆଇସିପିଆର ଦ୍ୱାରା ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାର ବିଜେତାଙ୍କୁ ସମ୍ମାନିତ କରିଥିଲେ। ଶ୍ରୀ ପ୍ରଧାନ ଆଇସିପିଆର ସହକର୍ମୀମାନଙ୍କୁ ଧନ୍ୟବାଦ ଜଣାଇବା ସହ କହିଛନ୍ତି ଯେ ଆଇସିପିଆର ବିଗତ ୫ ଦଶକ ଧରି ଭାରତୀୟ ଜ୍ଞାନ ପ୍ରବାହକୁ ସମୃଦ୍ଧ କରିବା ଦିଗରେ ଲେଖନୀ ଚାଳନା ମାଧ୍ୟମରେ ବହୁତ ଯୋଗଦାନ ଦେଇଛି। ଆଜି ଯେତେବେଳେ ବିଶ୍ୱର ପୁରାତନ ସଭ୍ୟତାଗୁଡ଼ିକ ଧ୍ୱଂସାବଶେଷ କିମ୍ବା ପର୍ଯ୍ୟଟନ ସ୍ଥଳୀ ହୋଇସାରିଛି, ଭାରତରେ ଆଜି ବି ଅନେକ ଏପରି ଅନେକ ସ୍ଥାନ ଅଛି, ଯାହା ୩ରୁ ୪ ହଜାର ବର୍ଷ ଧରି ବାସସ୍ଥାନ ଭାବରେ ରହିଆସିଛି। ଆମ ଦେଶରେ ମାନବ ସଭ୍ୟତାର ଇତିହାସ ରକ୍ ଆର୍ଟ୍ ରୂପରେ ମଧ୍ୟ ଦେଖାଯାଉଛି, ଯାହା ପ୍ରତ୍ନତତ୍ତ୍ୱ ବିଭାଗ ଅନୁସାରେ ୨୦ରୁ ୨୫ ହଜାର ବର୍ଷ ପୁରୁଣା ଇତିହାସକୁ ଦର୍ଶାଉଛି । ସେହି ଆଦିମାନବ କାଳରୁ ଏଆଇ ଯୁଗ ପର୍ଯ୍ୟନ୍ତ, ଆମର ଚିନ୍ତାଧାରା, ସାମାଜିକ ବ୍ୟବସ୍ଥା ଏବଂ ପଦ୍ଧତିଗୁଡ଼ିକର କେନ୍ଦ୍ରରେ ମନୁଷ୍ୟ ରହିଛି । ଏହି ସମସ୍ତ ବ୍ୟବସ୍ଥାର ମୂଳରେ ବିଜ୍ଞାନ ଏବଂ ଦର୍ଶନ ରହିଛି। ଶ୍ରୀ ପ୍ରଧାନ କହିଛନ୍ତି ଯେ, ଆମ ସାମ୍ନାରେ ଆଗାମୀ ଦଶନ୍ଧି ପାଇଁ ଏଜେଣ୍ଡା ପ୍ରସ୍ତୁତ ଅଛି। ଆଜି ଭାରତ ବିଶ୍ୱର ଚତୁର୍ଥ ଅର୍ଥନୀତି ଏବଂ ସବୁଠାରୁ ଯୁବସଂଖ୍ୟକ ଦେଶ। ଆମ ଦର୍ଶନରେ, ଆମେ ବସୁଧୈବ କୁଟୁମ୍ବକମକୁ ମୂଳମନ୍ତ୍ର କରିଛୁ। ଆଚାର୍ଯ୍ୟ ଆର୍ଯ୍ୟଭଟ୍ଟ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ପରି ଆମର ମହାପୁରୁଷମାନେ ବିଶ୍ୱକୁ କେବଳ ବୈଜ୍ଞାନିକ ମୂଲ୍ୟବୋଧ ନୁହେଁ ବରଂ ସେମାନଙ୍କର ଜ୍ଞାନ ସହିତ ଏକ ସମାବେଶୀ ଜୀବନଶୈଳୀ ମଧ୍ୟ ଦେଇଛନ୍ତି। ଏହା ଭାରତୀୟ ଦର୍ଶନ। ଏହି ଦର୍ଶନକୁ ଆଗକୁ ନେଇ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଯୁଦ୍ଧ ଏକ ସମାଧାନ ନୁହେଁ । ଜାତୀୟ ଶିକ୍ଷା ନୀତିର କାର୍ଯ୍ୟାନ୍ୱୟନରେ ଏହି ମୌଳିକ ଦର୍ଶନକୁ ଆଧାର କରି ଆମର ମହାପୁରୁଷଙ୍କ ଜ୍ଞାନ ଭଣ୍ଡାରକୁ ଆଜିର ସମୟ ସହିତ ସମନ୍ୱୟ କରି ଭବିଷ୍ୟତର ପ୍ରବାହରେ ଯୁବପିଢ଼ି ଏବଂ ସମାଜକୁ ପ୍ରଭାବିତ କରିବା ଦାର୍ଶନିକମାନଙ୍କର କାମ ।ଯେତେବେଳେ ଆମର ଆଜିର ଦାର୍ଶନିକ ସମୂହ ଏକବିଂଶ ଶତାବ୍ଦୀରେ ଭାରତୀୟ ଜ୍ଞାନ ପରମ୍ପରା ଉପରେ ଆଧାରିତ ବସୁଧୈବ କୁଟୁମ୍ବକମର ଭାବନାକୁ ଆଜିର ପ୍ରସଙ୍ଗ କରିବ, ସେତେବେଳେ ହିଁ ନୂଆ ଜାତୀୟ ଶିକ୍ଷା ନୀତିର ଗୁରୁତ୍ୱ ପ୍ରମାଣିତ ହେବ । ଆଇସିପିଆର ଭାରତୀୟ ଦର୍ଶନକୁ ଆଜିର ଆଧାରରେ ସମୟ ଅନୁସାରେ ଭବିଷ୍ୟତର ମାର୍ଗ ପ୍ରସ୍ତୁତ କରିବା ସହ ଏହି ଜ୍ଞାନ ମନ୍ଥନର ଅମୃତ ଦ୍ୱାରା ଦେଶକୁ ସମୃଦ୍ଧ କରିବା ପାଇଁ ପରାମର୍ଶ ଦେଇଛନ୍ତି।

# ପରଲୋକରେ ପୁରୀ ଥାଟରାଜା

**ମୁଖ୍ୟମନ୍ତ୍ରୀଙ୍କ ଶୋକ**

**ପୁରୀ,୧୬।୬/ଏନ୍‌ଏନ୍‌ଏସ୍:** ପରଲୋକରେ ପୁରୀ ଥାଟରାଜା। ପୁରୀ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ସାନଭାଇ ତଥା ‘ଥାଟରାଜା’ ରଣାର୍ଣ୍ଣବ ଦେବଙ୍କ ଦେହାନ୍ତ ଘଟିଛି। ୬୭ ବର୍ଷ ବୟସରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଅସୁସ୍ଥତା ଯୋଗୁ ରବିବାର ବିଳମ୍ବିତ ରାତିରେ ତାଙ୍କର ପରଲୋକ ଘଟିଛି। ସ୍ୱର୍ଗଦ୍ୱାର ଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଅନ୍ୟପକ୍ଷରେ ଥାଟରାଜାଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି।

ସୋମବାର ସାମାଜିକ ଗଣମାଧ୍ୟମ ‘ଏକ୍ସ’ ଜରିଆରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ସାନ ଭାଇ ରଣାର୍ଣ୍ଣବ ଦେବଙ୍କ ବିୟୋଗରେ ମୁଁ ଗଭୀର ଦୁଃଖିତ। ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା। ଏହି ଦୁଃଖର ମୁହୂର୍ତ୍ତରେ ମହାପ୍ରଭୁ ଶ୍ରୀଜଗନ୍ନାଥ ସେମାନଙ୍କୁ ଧର୍ଯ୍ୟ ଓ ଶକ୍ତି ପ୍ରଦାନ କରନ୍ତୁ। ସ୍ୱର୍ଗତ ଆତ୍ମାଙ୍କର ଶାନ୍ତି ଓ ସଦ୍‌ଗତି ପାଇଁ ମୁଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦତଳେ ପ୍ରାର୍ଥନା କରୁଛି।

## ଲିଙ୍ଗଭିତ୍ତିକ ହିଂସା ଏବଂ ପୀଡ଼ିତାମାନଙ୍କ ମାନସିକ ଆଘାତ ଯତ୍ନ କର୍ମଶାଳା

# ମହିଳା ହିଂସା ପ୍ରତି ଶୂନ୍ୟ ସହନଶୀଳତା ସରକାରଙ୍କ ପ୍ରତିବଦ୍ଧତା

**ଭୁବନେଶ୍ୱର,୧୬।୬/ଏନ୍‌ଏନ୍‌ଏସ୍:** ଆଜି ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ସଭା ଗୃହରେ ଲିଙ୍ଗଭିତ୍ତିକ ହିଂସା ଏବଂ ପୀଡ଼ିତାମାନଙ୍କ ମାନସିକ ଆଘାତ ଯତ୍ନ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଲିଙ୍ଗଭିତ୍ତିକ ହିଂସା ପ୍ରତି ସରକାର ଶୂନ୍ୟ ସହନଶୀଳତା ନୀତି ଆପଣେଇଛନ୍ତି ବୋଲି ଦୃଢ ମତ ରଖିଥିଲେ। ସଖୀ-ୱାନ ଷ୍ଟପ ସେଣ୍ଟର ଭଳି କେନ୍ଦ୍ରମାନଙ୍କରେ ରହୁଥିବା ପୀଡ଼ିତାମାନଙ୍କ ଦକ୍ଷତା ବିକାଶ ଉପରେ ଧ୍ୟାନ ଦେଇ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ସହ ସେମାନଙ୍କ ଆତ୍ମବିଶ୍ୱାସକୁ ପୁନର୍ଜିବିତ କରି ବଞ୍ଚିବାର ରାହା ପ୍ରଦାନ କରିବାକୁ ସେ ମତ ପ୍ରକାଶ କରିଥିଲେ। ଲିଙ୍ଗଭିତ୍ତିକ ହିଂସା ସହ ଜଡ଼ିତ କେସଗୁଡିକୁ ସମ୍ବେଦନଶୀଳ ଭାବେ ସମାଧାନ କରିବା ପାଇଁ ସେ ପୋଲିସ କାର୍ଯ୍ୟକର୍ତ୍ତାମାନଙ୍କୁ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ଶୁଭା ଶର୍ମା, ପ୍ରମୁଖ ଶାସନ ସଚିବ, ମହିଳା ଶିଶୁ ବିକାଶ ବିଭାଗ ତଥା ଅଧ୍ୟକ୍ଷ, ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଲିଙ୍ଗଭିତ୍ତିକ ହିଂସାକୁ ରୋକିବା ନିମନ୍ତେ ରାଜ୍ୟସରକାରଙ୍କ ସମସ୍ତ ବିଭାଗକୁ ସମନ୍ୱୟରେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ସେ ଉଲ୍ଲେଖ କରିଥିଲେ। କେବଳ ସହାନୁଭୂତି ନୁହେଁ ପୀଡ଼ିତାମାନଙ୍କ ମନକୁ ବୁଝି ସେମାନଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ଏହି କର୍ମଶାଳାର ମୂଳ ଲକ୍ଷ୍ୟ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିରୋଧୀ ଅପରାଧ ଶାଖା, ପୋଲିସ ମହାନିରୀକ୍ଷକ, ସାଇନି ଏସ. ନିଜ ପରିବାର ସଦସ୍ୟଙ୍କ ଦ୍ୱାରା ମହିଳାମାନଙ୍କ ପ୍ରତି ବଢୁଥିବା ହିଂସାକୁ ନେଇ ଚିନ୍ତାବ୍ୟକ୍ତ କରିଥିଲେ। ଏଥିପାଇଁ ସମାଜର ମନୋଭାବରେ ପରିବର୍ତ୍ତନର ଆବଶ୍ୟକତା ଅଛି ବୋଲି ସେ ଦୃଢ଼ ମତ ରଖିଥିଲେ। ୟୁଏନଏଫପିଏ ଇଣ୍ଡିଆ ରିପ୍ରେଜେଣ୍ଟେଟିଭ ଓ କଣ୍ଟ୍ରି ଡିରେକ୍ଟର, ଭୁଟାନ, ମିସ ଆନ୍ଦ୍ରିୟା ଏମ. ୱଜନର ଓଡ଼ିଶାରେ ମହିଳା ସଶକ୍ତିକରଣ ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଲିଙ୍ଗଭିତ୍ତିକ ହିଂସା ଲୋପ କରିବା ନିମନ୍ତେ ସେ ସାମୁହିକ କର୍ତ୍ତବ୍ୟ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏହି କର୍ମଶାଳାରେ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ସମାଜସେବୀ ତଥା ହାଇଦ୍ରାବାଦସ୍ଥିତ ପ୍ରଜ୍ୱଳା ସାମାଜିକ ଅନୁଷ୍ଠାନର ପ୍ରତିଷ୍ଠାତା ସୁନିତା କ୍ରୀଷ୍ଣନ କାର୍ଯ୍ୟକ୍ରମରେ ସମ୍ବଳ ବ୍ୟକ୍ତି ଭାବେ ଯୋଗଦାନ କରି ବିଶେଷ ଉପସ୍ଥାପନା ସହ ଅଂଶଗ୍ରହଣକାରୀମାନଙ୍କୁ ଏହି ପ୍ରସଙ୍ଗରେ ସୂଚନା ପ୍ରଦାନ କରିବା ସହ ବିଶଦ ଆଲୋଚନା କରିଥିଲେ। ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ପ୍ରମୁଖ ବ୍ୟକ୍ତିବିଶେଷ, ଅନୁଷ୍ଠାନର କର୍ମକର୍ତ୍ତା, ନୀତି ପ୍ରସ୍ତୁତକାରୀ, ଆଇନଜୀବୀ, ପରାମର୍ଶ ସେବା ପ୍ରଦାନକାରୀ, ସ୍ୱାସ୍ଥ୍ୟସେବା ପ୍ରଦାନକାରୀ, ଜିଲ୍ଲା ସୁରକ୍ଷା ଅଧିକାରୀ, ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ, ସଖୀ-ୱାନ ଷ୍ଟପ ସେଣ୍ଟର ଓ ଶକ୍ତି ସଦନର କର୍ମକର୍ତ୍ତା, ନାଗରିକ ସମାଜ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି, ମହିଳା ଓ ଶିଶୁ ବିକାଶ ବିଭାଗର ଅଧିକାରୀବୃନ୍ଦ, ଓଡ଼ିଶା ରାଜ୍ୟ ମହିଳା ଆୟୋଗର ଅଧିକାରୀବୃନ୍ଦ ଆଦି ଉପସ୍ଥିତ ଥିଲେ।

# କୋଏଲ ନଦୀରେ ବୁଡ଼ି ଯୁବକ ମୃତ

**ରାଉରକେଲା,୧୬।୬/ଏନ୍‌ଏନ୍‌ଏସ୍:** କୋଏଲ ନଦୀରେ ବୁଡ଼ି ପୁଣି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତ ଯୁବକ ଓ ତାଙ୍କର ଅନ୍ୟ ଦୁଇ ବନ୍ଧୁ କୋଏଲ ନଦୀରେ ଗାଧୋଇବାକୁ ଯାଇଥିଲେ। ତେବେ ଏହି ଅଘଟଣରୁ ଦୁଇ ବନ୍ଧୁ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ମୃତ ଯୁବକଙ୍କ ନାମ ଆକାଶ ଦତ୍ତ। ଅନ୍ୟ ଦୁଇ ବନ୍ଧୁ ହେଲେ ଶେଖର ଭୋଇ ଓ ଚିରଞ୍ଜିବି ମହାପାତ୍ର। ବିଶ୍ରା ପୁଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପ୍ରକାଶ ଯେ ତିନି ବନ୍ଧୁ ଆଇଟିଆଇ ପାସ୍ ପରେ ରାଉରକେଲା ଇସ୍ପାତ କାରଖାନାରେ ଶିକ୍ଷା ନବୀଷ ଭାବେ କାମ କରୁଥିଲେ। ଛୁଟି ଥିବାରୁ ତିନି ବନ୍ଧୁ ଗୋଟିଏ ବାଇକ୍‌ରେ ବିଶ୍ରାସ୍ଥିତ କୋଏଲ ନଦୀର ତେତେରକେଲା ଘାଟକୁ ଗାଧୋଇବାକୁ ଯାଇଥିଲେ। ଆକାଶ ପ୍ରଥମେ ନଦୀରେ ପଶିଥିଲେ। ପରେ ଶେଖର ଓ ଚିରଞ୍ଜିବି ନଦୀ ଭିତରକୁ ଯାଇଥିଲେ। ତିନି ବନ୍ଧୁ ଗାଧୋଉଥିବା ବେଳେ ଆକାଶ ଏକ ବାଉଁଶରେ ପାଣିର ଗଭୀରତା ମାପୁଥିଲେ। ହଠାତ୍ ତାଙ୍କ ଗୋଡ ଖସିଯିବାରୁ ସେ ନଦୀରେ ବୁଡ଼ି ଯାଇଥିଲେ। ଆକାଶ ବୁଡ଼ି ଯାଉଥିବା ଦେଖି ଅନ୍ୟ ଦୁଇ ବନ୍ଧୁ ପାଟି କରିଥିଲେ। ଉଭୟଙ୍କ ପାଟିଶୁଣି ସ୍ଥାନୀୟ ଲୋକେ ସେଠାରେ ପହଞ୍ଚିଲା ବେଳକୁ ଆକାଶ ନଦୀରେ ବୁଡ଼ି ଯାଇଥିଲେ। ବହୁ ଖୋଜାଖୋଜି କରି ନପାଇବାରୁ ଅଗ୍ନିଶମ ବିଭାଗ ଓ ବିଶ୍ରା ପୁଲିସ୍‌କୁ ଖବର ଦିଆଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ଓ ପୁଲିସ୍ ସେଠାରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଏକ ଘଣ୍ଟା ଖୋଜାଖୋଜି ପରେ ଆକାଶଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଗତ ଏକମାସ ମଧ୍ୟରେ କୋଏଲ ନଦୀରେ ବୁଡ଼ି ୪ରୁ ଅଧିକ ଜୀବନ ଗଲାଣି। କେବଳ କୋଏଲ ନଦୀ ନୁହେଁ ବ୍ରାହ୍ମଣୀ ନଦୀରେ ବହୁ ଅସୁରକ୍ଷିତ ଘାଟରେ ଗାଧୋଉଥିବା ବେଳେ ଛାତ୍ର ଓ ଯୁବକଙ୍କ ଜୀବନ ଚାଲିଯାଉଛି । ବାରମ୍ବାର ଏଭଳି ଅଘଟଣର ପୁନରାବୃତ୍ତି ହେଉଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଭାରତୀୟ ଦଳରେ ପ୍ୟାରୀ ଓ ମନୀଷା





**କଟକ,୧୬/୬/ଏନ୍ଏନ୍ଏସ୍:** ଥାଇଲାଣ୍ଡରେ ଆୟୋଜିତ ହେବାକୁ ଥିବା ଆଗାମୀ ଏଏଫ୍ସି ମହିଳା ଏସିଆ କପ୍ ଅଷ୍ଟ୍ରେଲିଆ ୨୦୨୬ ପାଇଁ ଅଖିଳ ଭାରତୀୟ ଫୁଟ୍ବଲ୍ ମହାସଂଘ (ଏଆଇଏଫ୍ଏଫ୍) ପକ୍ଷରୁ ୨୪ ଜଣିଆ ଭାରତୀୟ ସିନିୟର୍ ମହିଳା ଦଳ ଘୋଷଣା କରାଯାଇଛି। ଏହି ଦଳରେ ଓଡ଼ିଶାର ଦୁଇଜଣ ପ୍ରତିଭାସମ୍ପନ୍ନ ଫରୱାର୍ଡ ଖେଳାଳି ପ୍ୟାରୀ ଖାକା ଓ ମନୀଷା ପାନ୍ନାଙ୍କୁ ସାମିଲ କରାଯାଇଛି। ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ପ୍ୟାରୀ ଓ ମନୀଷାଙ୍କୁ ଓଡ଼ିଶା ଫୁଟ୍ବଲ୍ ସଂଘ (ଫାଓ) ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ଅଧିକାରୀ ଅଭିନନ୍ଦନ ଜଣାଇବା ସହିତ ଟୁର୍ଣ୍ଣାମେଣ୍ଟରେ ସେମାନଙ୍କ ଉନ୍ନତ ପ୍ରଦର୍ଶନ କାମନା କରିଛନ୍ତି। ଟୁର୍ଣ୍ଣାମେଣ୍ଟରେ ଭାରତ ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ବେଳେ ଜୁନ୍ ୨୩ରେ ମଙ୍ଗୋଲିଆ ବିପକ୍ଷରୁ ନିଜର ଅଭିଯାନ ଆରମ୍ଭ କରିବ। ଏହାପରେ ଭାରତୀୟ ଦଳ ଜୁନ୍ ୨୯ରେ ତିମୋର ଲେଷ୍ଟେ ଏବଂ ଜୁଲାଇ ୫ରେ ଥାଇଲାଣ୍ଡକୁ ଭେଟିବ। ସମସ୍ତ ମ୍ୟାଚ୍ ଥାଇଲାଣ୍ଡର ଚିଆଙ୍ଗ୍ ମାଇ ୭୦୦ତମ ବାର୍ଷିକ ଷ୍ଟାଡିୟମ୍ରେ ସନ୍ଧ୍ୟା ସାଢ଼େ ୪ଟା ବେଳେ ଖେଳାଯିବ।

## ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍

# ଆଜିଠାରୁ ନକ୍ଆଉଟ୍ ପର୍ଯ୍ୟାୟ, ୨୦ରେ ଫାଇନାଲ୍

**କଟକ,୧୬/୬/ଏନ୍ଏନ୍ଏସ୍:** ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ) ପକ୍ଷରୁ ସୋମବାର ୧୯ ବର୍ଷରୁ କମ୍ ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ନକ୍ଆଉଟ୍ ପର୍ଯ୍ୟାୟ କାର୍ଯ୍ୟସୂଚୀ ଜାରି କରାଯାଇଛି। ଏହି ଅନୁସାରେ ଜୁନ୍ ୧୭ ତାରିଖରେ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍, ଜୁନ୍ ୧୮ରେ ସେମିଫାଇନାଲ୍ ଏବଂ ୨୦ ତାରିଖରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ। ଲିଗ୍ ପପର୍ଯ୍ୟାୟ ଜୁନ୍ ୧୩ ତାରିଖରେ ଶେଷ ହୋଇଥିବା ବେଳେ ଗ୍ରୁପ୍-ଏ'ରୁ ଝାରସୁଗୁଡ଼ା, ଗ୍ରୁପ୍-ବି'ରୁ ଭୁବନେଶ୍ୱର-ବି, ଗ୍ରୁପ୍-ସି'ରୁ କଟକ-ଏ, ଗ୍ରୁପ୍-ଡି'ରୁ ଭୁବନେଶ୍ୱର-ଏ, ଗ୍ରୁପ୍-ଇ'ରୁ ସୁନ୍ଦରଗଡ଼ ଏବଂ ଗ୍ରୁପ୍-ଏ'ରୁ କଟକ-ବି' ବିଜୟୀ ହୋଇ କ୍ୱାର୍ଟର୍ ଫାଇନାଲ୍ରେ ପ୍ରବେଶ କରିଛନ୍ତି। ଏହା ବ୍ୟତୀତ ଓଭରଅଲ୍ ଶୀର୍ଷ ଦୁଇଟି ଟିମ୍ ଖୋର୍ଦ୍ଧା ଓ କେନ୍ଦ୍ରାପଡ଼ା ମଧ୍ୟ ଏହି ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି।

**କାର୍ଯ୍ୟସୂଚୀ**

କ୍ୱାର୍ଟର୍ ଫାଇନାଲ୍ (ଜୁନ୍ ୧୭)
ଝାରସୁଗୁଡ଼ା ବନାମ ଭୁବନେଶ୍ୱର-ଏ' (ରେଭେନ୍ସା-୨ ପଡ଼ିଆ)
ଭୁବନେଶ୍ୱର-ବି ବନାମ କଟକ-ବି (ବିଡ଼ାନାସୀ ପଡ଼ିଆ)
କଟକ-ଏ ବନାମ ଖୋର୍ଦ୍ଧା (ନିମପୁର ପଡ଼ିଆ)
ସୁନ୍ଦରଗଡ଼ ବନାମ କେନ୍ଦ୍ରାପଡ଼ା (ଖୋର୍ଦ୍ଧା ପଡ଼ିଆ)
ସେମିଫାଇନାଲ୍ (ଜୁନ୍ ୧୮)
୧ମ ମ୍ୟାଚ୍ର ବିଜେତା ବନାମ ୪ର୍ଥ ମ୍ୟାଚ୍ର ବିଜେତା (ନିମପୁର)
୨ୟ ମ୍ୟାଚ୍ର ବିଜେତା ବନାମ ୩ୟ ମ୍ୟାଚ୍ର ବିଜେତା (ରେଭେନ୍ସା-୨)
ଫାଇନାଲ୍ (ଜୁନ୍ ୨୦)

**ମହିଳା ବିଶ୍ୱକପ୍ କାର୍ଯ୍ୟସୂଚୀ ଜାରି**

# ଅକ୍ଟୋବର ୫ରେ ଭାରତ-ପାକିସ୍ତାନ ମ୍ୟାଚ୍




## ସେପ୍ଟେମ୍ବର ୩୦ରୁ ଆରମ୍ଭ, ନଭେମ୍ବର ୨ରେ ଫାଇନାଲ୍

## ୧୨ ବର୍ଷ ପରେ ଆୟୋଜନ କରିବ ଭାରତ

**ଦୁବାଇ,୧୬/୬/ଏଜେନ୍ସି:** ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ସୋମବାର ୨୦୨୫ ମହିଳା ବିଶ୍ୱକପ୍ର କାର୍ଯ୍ୟସୂଚୀ ଜାରି କରିଛି। ଏହି ଅନୁସାରେ ଭାରତ ଓ ପାକିସ୍ତାନ ଟିମ୍ ଅକ୍ଟୋବର ୫ ତାରିଖରେ ମୁହାଁମୁହିଁ ହେବେ। ଏହି ମ୍ୟାଚ୍ କଲମ୍ବୋର ଆର୍. ପ୍ରେମଦାସା ଷ୍ଟାଡିୟମ୍ରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୩୦ରୁ ଆରମ୍ଭ ହେବ ଏବଂ ଫାଇନାଲ୍ ମ୍ୟାଚ୍ ନଭେମ୍ବର ୨ ତାରିଖରେ ଖେଳାଯିବ। ଭାରତ ୧୨ ବର୍ଷ ପରେ ଟୁର୍ଣ୍ଣାମେଣ୍ଟ ଆୟୋଜନ କରୁଥିବା ବେଳେ ପହଲଗାମ ଆତଙ୍କୀ ଆକ୍ରମଣ ପରେ ଭାରତ ପକ୍ଷରୁ ଜାରି ଅପରେସନ୍ ସିନ୍ଦୂର କାରଣରୁ ପାକିସ୍ତାନ ଟିମ୍ର ଭାରତ ଆସିବା କଷ୍ଟକର। ଏପରି ସ୍ଥିତିରେ ଏହି ମ୍ୟାଚ୍ କଲମ୍ବୋ ଆୟୋଜନ ପାଇଁ ନିଷ୍ପତ୍ତି ହୋଇଛି। ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ବିସିସିଆଇ ଓ ପିସିବି ନ୍ୟୁଟ୍ରାଲ୍ ଭେନ୍ୟୁରେ ଖେଳିବାକୁ ସହମତି ଜଣାଇଥିଲେ। ଟୁର୍ଣ୍ଣାମେଣ୍ଟରେ ୨୮ ଲିଗ୍ ମ୍ୟାଚ୍ ଏବଂ ତିନି ନକ୍ଆଉଟ୍ ମ୍ୟାଚ୍ ପାଞ୍ଚଟି ଭେନ୍ୟୁ ବେଙ୍ଗାଲୁରୁ, ଇନ୍ଦୋର, ଗୁଆହାଟୀ, ବିଶାଖାପାଟଣା ଏବଂ କଲମ୍ବୋରେ ଖେଳାଯିବ। ପ୍ରଥମ ସେମିଫାଇନାଲ୍ ଅକ୍ଟୋବର ୨୯ରେ ଗୁଆହାଟୀ କିମ୍ବା କଲମ୍ବୋରେ (ପାକିସ୍ତାନ ଯୋଗ୍ୟତା ଅର୍ଜନ କଲେ) ଏବଂ ଦ୍ୱିତୀୟ ସେମିଫାଇନାଲ୍ ଅକ୍ଟୋବର ୩୦ରେ ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍ରେ ଖେଳାଯିବ। ନଭେମ୍ବର ୨ରେ ଫାଇନାଲ୍ ମ୍ୟାଚ୍ ବେଙ୍ଗାଲୁରୁ କିମ୍ବା କଲମ୍ବୋରେ ଅନୁଷ୍ଠିତ ହେବ।

ଶ୍ରୀଲଙ୍କା ବିପକ୍ଷରୁ ଭାରତ ସେପ୍ଟେମ୍ବର ୩୦ରେ ଉଦ୍ଘାଟିନୀ ମ୍ୟାଚ୍ରୁ ନିଜର ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ୍ ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍ରେ ଖେଳାଯିବ। ଏହାପରେ ଭାରତ ଅକ୍ଟୋବର ୯ରେ ସାଉଥ୍ ଆଫ୍ରିକା (ବିଶାଖାପାଟଣା), ଅକ୍ଟୋବର ୧୨ରେ ଅଷ୍ଟ୍ରେଲିଆ (ବିଶାଖାପାଟଣା), ଅକ୍ଟୋବର ୧୯ରେ ଇଂଲଣ୍ଡ (ଇନ୍ଦୋର), ଅକ୍ଟୋବର ୨୩ରେ ନ୍ୟୁଜିଲାଣ୍ଡ (ଗୁଆହାଟୀ) ଏବଂ ଅକ୍ଟୋବର ୨୬ରେ ବାଂଲାଦେଶ (ବେଙ୍ଗାଲୁରୁ) ବିପକ୍ଷରେ ମ୍ୟାଚ୍ ଖେଳିବ। ପାକିସ୍ତାନର ସମସ୍ତ ମ୍ୟାଚ୍ ହାଇବ୍ରିଡ୍ ମଡେଲ୍ରେ ଶ୍ରୀଲଙ୍କାରେ ଆୟୋଜିତ ହେବ। ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ଓ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ମଧ୍ୟରେ ହୋଇଥିବା ସହମତି ଅନୁସାରେ ପାକିସ୍ତାନ ଟିମ୍ ନିଜର ସମସ୍ତ ମ୍ୟାଚ୍ ନ୍ୟୁଟ୍ରାଲ୍ ଭେନ୍ୟୁ କଲମ୍ବୋରେ ଖେଳିବ। ଏଥିରେ ବାଂଲାଦେଶ (ଅକ୍ଟୋବର ୨), ଇଂଲଣ୍ଡ (ଅକ୍ଟୋବର ୧୫), ନ୍ୟୁଜିଲାଣ୍ଡ (ଅକ୍ଟୋବର ୧୮), ସାଉଥ୍ ଆଫ୍ରିକା (ଅକ୍ଟୋବର ୨୧) ଏବଂ ଶ୍ରୀଲଙ୍କା (ଅକ୍ଟୋବର ୨୪) ବିପକ୍ଷ ମ୍ୟାଚ୍ ସାମିଲ। ଡିଫେଣ୍ଡିଂ ଚାମ୍ପିଅନ୍ ଅଷ୍ଟ୍ରେଲିଆ ଅକ୍ଟୋବର ୧ ତାରିଖରେ ଇନ୍ଦୋର ହୋଲକର ଷ୍ଟାଡିୟମ୍ରେ ନ୍ୟୁଜିଲାଣ୍ଡ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ଏହାପରେ ଅକ୍ଟୋବର ୮ରେ ପାକିସ୍ତାନକୁ କଲମ୍ବୋରେ ଭେଟିବ। ସେହିପରି ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ମ୍ୟାଚ୍ ଅକ୍ଟୋବର ୨୨ରେ ଇନ୍ଦୋରରେ ଖେଳାଯିବ।

ଚଳିତ ଟୁର୍ଣ୍ଣାମେଣ୍ଟର ଫର୍ମାଟ୍ ୨୦୨୨ ବିଶ୍ୱକପ୍ ପରି ହେବ, ଯେଉଁଥିରେ ଆଠ ଟିମ୍ ରାଉଣ୍ଡ୍-ରବିନ୍ ଫର୍ମାଟ୍ରେ ପ୍ରତ୍ୟେକ ଟିମ୍ ପରସ୍ପର ସହିତ ଖେଳିବେ ଏବଂ ଶୀର୍ଷ ଚାରି ଟିମ୍ ସେମିଫାଇନାଲ୍ରେ ପ୍ରବେଶ କରିବେ। ଆୟୋଜକ ଭାରତ ବ୍ୟତୀତ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ସାଉଥ୍ ଆଫ୍ରିକା ଏବଂ ଶ୍ରୀଲଙ୍କା ସିଧା ଯୋଗ୍ୟତା ଅର୍ଜନ କରିଛନ୍ତି। ଅନ୍ତିମ ଦୁଇଟି ସ୍ଥାନ ପାକିସ୍ତାନ ଓ ବାଂଲାଦେଶ ଚଳିତ ବର୍ଷ ପ୍ରାରମ୍ଭରେ ଲାହୋରରେ ଆୟୋଜିତ କ୍ୱାଲିଫାୟର୍ରୁ ହାସଲ କରିଛନ୍ତି। ଓ୍ୱେଷ୍ଟଇଣ୍ଡିଜ୍ କ୍ୱାଲିଫାୟର୍ରେ ବାଂଲାଦେଶଠାରୁ ନେଟ୍ ରନ୍ରେଟ୍ ଆଧାରରେ ପଛରେ ରହି ଚଳିତ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛି। ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ଭାରତୀୟ ସମୟାନୁସାରେ ଅପରାହ୍ନ ୩ଟାରୁ ଆରମ୍ଭ ହେବ।

# ଯୋଗ- ସ୍ୱାସ୍ଥ୍ୟ, ସଂସ୍କୃତି ଓ ସମର୍ପଣର ଏକ ବିପ୍ଳବ: ସାଧ୍ୱୀ ଦେବୀପ୍ରିୟା



## 'ସମସ୍ତଙ୍କୁ ଯୋଗର ଏକ ସୁସ୍ଥ, ଆୟୁର୍ବେଦିକ ଜୀବନଶୈଳୀ ଏବଂ ଦେଶ ସେବାର ପ୍ରତିଜ୍ଞା ସହିତ ଯୋଡ଼ିବାର ପ୍ରତିଜ୍ଞା'

## ପ୍ରଚାର ଦାୟିତ୍ୱରେ ହରିଦ୍ୱାର ପତଞ୍ଜଳି ଯୋଗପୀଠ ସହିତ ଜଡ଼ିତ ୧୦୦ରୁ ଊର୍ଦ୍ଧ୍ୱ ସନ୍ନ୍ୟାସୀ ଓ ସାଧ୍ୱୀ

## ଯୋଗ ପ୍ରତିଷ୍ଠା ପାଇଁ ପତଞ୍ଜଳି କର୍ମୀମାନଙ୍କ ଗାଁରୁ ଗାଁ, ଘରକୁ ଘର ଭ୍ରମଣ

**କୁରୁକ୍ଷେତ୍ର,୧୬/୬/ଏଜେନ୍ସି:** ଏକାଦଶ ଅନ୍ତର୍ଜାତୀୟ ଯୋଗ ଦିବସର ପ୍ରସ୍ତୁତି ଏବଂ ପ୍ରଚାର କ୍ରମରେ ରବିବାର ମହିଳା ପତଞ୍ଜଳି ଯୋଗ ସମିତିର ମୁଖ୍ୟ କେନ୍ଦ୍ରୀୟ ପ୍ରଭାରୀ ସାଧ୍ୱୀ ଦେବପ୍ରିୟା ଜୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ କେନ୍ଦ୍ରୀୟ ପ୍ରଭାରୀ ଭାଇ ରାକେଶ କୁମାର 'ଭାରତ', ସ୍ୱାମୀ ପରମାର୍ଥଦେବ ଏବଂ ଯୋଗ କମିଶନ୍ର ଅଧ୍ୟକ୍ଷ ଡକ୍ଟର ଜୟଦୀପ ଆର୍ଯ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ସାଧ୍ୱୀ ଦେବପ୍ରିଆ ଜୀ କହିଥିଲେ ଯେ ଏହା କେବଳ ଯୋଗ ନୁହେଁ, ବରଂ ସ୍ୱାସ୍ଥ୍ୟ, ସଂସ୍କୃତି ଏବଂ ସମର୍ପଣର ଏକ ବିପ୍ଳବ। ଏହି ପବିତ୍ର ଉଦ୍ୟମରେ ଅଂଶଗ୍ରହଣ ପାଇଁ ଜୁନ୍ ୨୧ ତାରିଖରେ ବ୍ରହ୍ମସରୋବରରେ ସମବେତ ହେବା ପାଇଁ ଯଥାସମ୍ଭବ ଲୋକଙ୍କୁ ପ୍ରେରିତ କରିବା ପାଇଁ ସେ ଆହ୍ୱାନ ଦେଇଛି।

ଜୁନ୍ ୨୧ରେ କୁରୁକ୍ଷେତ୍ରର ବ୍ରହ୍ମସରୋବରରେ ଆୟୋଜିତ ହେବାକୁ ଥିବା ଅନ୍ତର୍ଜାତୀୟ ଯୋଗ ଦିବସର ମହାନ୍ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପତଞ୍ଜଳି ଯୋଗପୀଠ ସହିତ ଜନିତ ୧୦୦ରୁ ଅଧିକ ସନ୍ନ୍ୟାସୀ ଓ ସାଧ୍ୱୀ ଗାଁକୁ ଗାଁ ଏବଂ ଘରକୁ ଘର ଯାଇ ଯୋଗ ପ୍ରଚାର କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ସନ୍ନ୍ୟାସୀ ଏବଂ ସାଧ୍ୱୀମାନେ କେବଳ ଯୋଗ ଅଭ୍ୟାସ କରିବେ ନାହିଁ, ବରଂ ଲୋକଙ୍କୁ ସୁସ୍ଥ ଜୀବନଶୈଳୀ, ଆୟୁର୍ବେଦିକ ଜୀବନଶୈଳୀ ଏବଂ ରାଷ୍ଟ୍ର ସେବା ସଂକଳ୍ପ ସହିତ ମଧ୍ୟ ଯୋଡ଼ିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଏହା ସହିତ ପତଞ୍ଜଳିର କର୍ମୀମାନେ ପ୍ରତ୍ୟେକ ଗାଁ ଏବଂ ଘରେ ଯୋଗର ପ୍ରତିଷ୍ଠା ଏବଂ ପ୍ରଚାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି। ପତଞ୍ଜଳି ଯୋଗ ସମିତିର ମୁଖ୍ୟ କେନ୍ଦ୍ରୀୟ ପ୍ରଭାରୀ ଭାଇ ରାକେଶ କୁମାର 'ଭାରତ'ଙ୍କ ମାର୍ଗଦର୍ଶନରେ ପତଞ୍ଜଳି ଯୋଗ ସମିତିର ପ୍ରଭାରୀ, ଯୋଗ ଶିକ୍ଷକ ଏବଂ କର୍ମୀଙ୍କ ଦଳ କୁରୁକ୍ଷେତ୍ରର ଆଖପାଖ ଗ୍ରାମଗୁଡ଼ିକୁ ଯାଇ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ ଏବଂ ଯୋଗକୁ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ କରିବାର ବାର୍ତ୍ତା ଦେଇଥିଲେ।


ରାଜ୍ୟ ପ୍ରଭାରୀ ରାଜେଶ ଭାଟି ଜୀଙ୍କ ନେତୃତ୍ୱରେ ଜିଲ୍ଲା ପତଞ୍ଜଳି କିଷାନ ସେବା ସମିତିର ସଭାପତି ରାଧେଶ୍ୟାମ ଗୁପ୍ତା ଜୀ ପେହୋୱାର ଗ୍ରାମ ମୋହନପୁର ବାକ୍ରି ଏବଂ ଇସାକରେ ଯୋଗ ଆରୋଗ୍ୟ ସଭା ସହିତ ଘର ଘର ପ୍ରଚାର କରିଥିଲେ। ଏହା ସହିତ କୁରୁକ୍ଷେତ୍ର ଜିଲ୍ଲାର ପୋହେୱା ତହସିଲ ଅଧୀନ କାଲମାରେ ଯୋଗ୍ୟ ଅଭ୍ୟାସ ମଧ୍ୟ କରାଯାଇଥିଲା।

ମହିଳା ପତଞ୍ଜଳି ଯୋଗ ସମିତିର କର୍ମୀମାନେ ଲାଡୱା ବ୍ଲକ୍ର ରାମ କୁଣ୍ଡି ଧର୍ମଶାଳାରେ ଏକ ସମୀକ୍ଷା ବୈଠକ କରିଥିଲେ। ଗୁରୁଗ୍ରାମର ମାନେଶ୍ୱରରେ ନିରନ୍ତର ସେବା ପ୍ରଦାନ କରିଆସୁଥିବା ସୁରଜ ଭାନ ଜୀ ପ୍ରଚାର କାର୍ଯ୍ୟ ସମାପ୍ତ ପରେ ଗ୍ରାମ ସେନସାରେ ଯୋଗ ଅଭ୍ୟାସ କରାଇଥିଲେ। ସୁରଜ ଭାନ ଜୀ ତହସିଲ ପେହୋୱାରେ ସେବା କାର୍ଯ୍ୟ କରୁଛନ୍ତି। ଲାଡୱାରେ, ପତଞ୍ଜଳି ଯୋଗ ସମିତିର ଦଳ ଆର୍ଯ୍ୟ ସମାଜରେ ଚାଲିଥିବା ନିରନ୍ତର ଯୋଗ ଶ୍ରେଣୀରେ ଯୋଗ ଅଭ୍ୟାସ କରିଥିଲେ ଏବଂ ସମସ୍ତ ସ୍ଥାନୀୟ ଅଧିକାରୀ ଏବଂ କର୍ମୀଙ୍କୁ ନିମନ୍ତ୍ରଣ କରିଥିଲେ। ଏହି ଅବସରରେ ଜିଲ୍ଲା ପ୍ରଭାରୀ ମୁକେଶ ଜୀ ଏବଂ ତହସିଲ ପ୍ରଭାରୀ ଅଜୟ ପୋପଲି ଜୀ, ବିନୟ ମାଲହୋତ୍ରା ଜୀ, ସୀମା ମାଲହୋତ୍ରା ଜୀ, ଓମ୍ ପ୍ରକାଶ ମାଲହୋତ୍ରା ଜୀ, ଅଶୋକ ସେନ ଜୀ ଏବଂ ତିଲକ ରାଜ କକ୍କର ପ୍ରମୁଖ ଉପସ୍ଥିତ ଥିଲେ।

ସ୍ୱାମୀ ବିଶ୍ୱଦେବ ଜୀ, ଭାଇ ବିନୟ ଜୀ ପେହୋୱା ତହସିଲର ଭାଟେଡି ଗ୍ରାମରେ ଆରୋଗ୍ୟ ସଭାରେ ଗ୍ରାମର ମୁଖ୍ୟ ଲୋକଙ୍କ ସହିତ ଆଲୋଚନା କରିଥିଲେ ଏବଂ ଯୋଗ ଦିବସକୁ ଅର୍ଥପୂର୍ଣ୍ଣ କରିବା ପାଇଁ ଗ୍ରାମବାସୀଙ୍କୁ ନିମନ୍ତ୍ରଣ କରିଥିଲେ। ସାଇନିପୁରା ଗ୍ରାମରେ ଜୟପାଳ ଶାସ୍ତ୍ରୀ ଜୀ, ଫରିଦାବାଦର ଜୁଡୋ ପ୍ରଶିକ୍ଷକ ବିଜୟ ପାଲ ଜୀ, ଗୁରୁଗ୍ରାମର ଈଶ୍ୱର ସିଂହ ଜୀ ଏବଂ ଦୟାଚନ୍ଦ ଜୀଙ୍କ ସମର୍ଥନରେ ଦଳ ଯୋଗାଭ୍ୟାସ କରିଥିଲେ ଏବଂ ଯୋଗ ଦିବସ ପାଇଁ ନିମନ୍ତ୍ରଣ କରିଥିଲେ। ପତଞ୍ଜଳି ଯୁବ ସମିତିର ଜିଲ୍ଲା ପ୍ରଭାରୀ ଅଶ୍ୱିନୀ କୁମାର ଏବଂ ମିଡିଆ ପ୍ରଭାରୀ ବିକାଶ ଭଟନାଗର, ପତଞ୍ଜଳି ଯୋଗ ସମିତିର ଯୁବ ପ୍ରଭାରୀ ଅନିଲ କୁମାର ଗୁପ୍ତା ଏବଂ ନଗର ପ୍ରଭାରୀ ଅନିଲ ରାଣା ବାବାଇନରେ ସରପଞ୍ଚ ସଂଜୀବ ସିଙ୍ଗଲା ଜୀ (ଗୋଲଡି) ଏବଂ ଅଧ୍ୟକ୍ଷ ବଳଦେବ ଜୀଙ୍କୁ ୨୧ ଜୁନ୍ କୁରୁକ୍ଷେତ୍ର ଅନ୍ତର୍ଜାତୀୟ ଯୋଗ ଦିବସ ପାଇଁ ନିମନ୍ତ୍ରଣ କରିଥିଲେ।

ପି.ୱାଇ.ସମିତିର କର୍ମୀମାନେ ଶାହାବାଦର ପାଞ୍ଚଟି ଗ୍ରାମରେ ପ୍ରଚାର କରିଥିଲେ ଏବଂ ପାଲୱାଲ ଜିଲ୍ଲା ଟିକୋନା ପାର୍କରେ ୨୧ ଜୁନ୍ ଆନ୍ତର୍ଜାତୀୟ ଯୋଗ ଦିବସ ପାଇଁ ପ୍ରୋଟୋକଲ୍ ଅଭ୍ୟାସ କରିଥିଲେ। ସାଧ୍ୱୀ ଦେବଭାନୀ ଜୀ, ସାଧ୍ୱୀ ଦେବଗରିମା ଜୀ, ହରିୟାଣା ମହିଳା ପତଞ୍ଜଳି ଯୋଗ ସମିତି ରାଜ୍ୟ ଇନ୍ଚାର୍ଜ ଅମର ରବିଶ ଜୀ, ରାଜ୍ୟ ସୋସିଆଲ୍ ମିଡିଆ ଇନ୍ଚାର୍ଜ ପ୍ରଫେସର ନିରୁପମା ଭଟ୍ଟୀ, କୁରୁକ୍ଷେତ୍ର ଜିଲ୍ଲାର ଭଉଣୀ ମଞ୍ଜୁ ନରୱାଲ, ହରିୟାଣା ରାଜ୍ୟ ଯୋଗାଯୋଗ ଦାୟିତ୍ୱରେ ଥିବା ଭଉଣୀ ପ୍ରେମଲତା ଛକରା ମିଥୋଲେଶ, କୁସୁମ ଲତା, ଉର୍ମିଳା, ପେହୋଆ ଭଉଣୀ କିରଣ, ରେନୁ, ମନୋରାମା, କୃଷ୍ଣ, ପତଞ୍ଜଳି ଯୋଗ ସମିତିର ଯୁବ ଦାୟିତ୍ୱରେ ଥିବା ଅନୀଲ ଗୁପ୍ତା, ମିଡିଆ ଦାୟିତ୍ୱରେ ଥିବା ବିକାଶ ଭଟନଗର, ସହରୀ ଦାୟିତ୍ୱରେ ଥିବା ଅନିଲ ରାଣା, ତହସିଲ ଦାୟିତ୍ୱରେ ଥିବା ଅଜୟ ପପଲି, ଜଙ୍ଗର ଦଲୀମ ଯୋଗାଭ୍ୟାସ ସହିତ ଏହାକୁ ପ୍ରୋତ୍ସାହିତ କରିଥିଲେ।

# ଦ୍ୱାଦଶ ଥର ପାଇଁ ପୋଲ୍ଭଲ୍ଟ ବିଶ୍ୱ ରେକର୍ଡ ଭାଙ୍ଗିଲେ ଆର୍ମାଣ୍ଡ ଡୁପ୍ଲାଣ୍ଟିସ୍



**ଷ୍ଟକ୍ହୋମ୍,୧୬/୬/ଏଜେନ୍ସି:** ସ୍ୱିଡେନର ଆର୍ମାଣ୍ଡ ଡୁପ୍ଲାଣ୍ଟିସ୍ ରବିବାର ଷ୍ଟକ୍ହୋମ୍ ଡାଇମଣ୍ଡ ଲିଗ୍ ଇଭେଣ୍ଟରେ ୬.୨୮ ମିଟର ଲମ୍ଫ ପ୍ରଦାନ କରି ଦ୍ୱାଦଶ ଥର ପାଇଁ ବିଶ୍ୱ ପୋଲ୍ଭଲ୍ଟ ରେକର୍ଡ ଭଙ୍ଗ କରିଛନ୍ତି। ଆମେରିକା ଜନ୍ମିତ ଡବଲ୍ ଅଲିମ୍ପିକ୍ ଚାମ୍ପିଅନ୍ ଘରୋଇ ଦର୍ଶକଙ୍କ ସମ୍ମୁଖରେ ପ୍ରଥମ ପ୍ରୟାସରେ ଚଳିତ ବର୍ଷ ଫେବୃଆରୀରେ ସ୍ଥାପନ କରିଥିବା ନିଜ ପୂର୍ବ ରେକର୍ଡରେ ଏକ ସେଣ୍ଟିମିଟର ସୁଧାର କରିଛନ୍ତି।

ପ୍ରତିଯୋଗିତା ପୂର୍ବରୁ ପ୍ରଶଂସକମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ରେକର୍ଡ ଭାଙ୍ଗିବାକୁ ଚେଷ୍ଟା କରିବେ, ଡୁପ୍ଲାଣ୍ଟିସ୍ ୧୯୧୨ କ୍ରୀଡା ପାଇଁ ନିର୍ମିତ ସ୍ୱିଡିସ୍ ରାଜଧାନୀର ଅଲିମ୍ପିକ୍ ଷ୍ଟାଡିୟମରେ ତାଙ୍କ ନାମ ଘୋଷଣା ହେବା ମୁହୂର୍ତ୍ତରୁ ଦର୍ଶକଙ୍କୁ ତାଙ୍କ ପଛରେ ରହିବାକୁ ଉତ୍ସାହିତ କରିଥିଲେ, ଏବଂ ସେମାନେ ପ୍ରତିଯୋଗିତା ମଧ୍ୟରେ କ୍ରୁଜ୍ କରିବା ସମୟରେ ତାଙ୍କ ପ୍ରତ୍ୟେକ ପ୍ରୟାସକୁ ପ୍ରବଳ ତାଳି ମାରି ଏବଂ ଉତ୍ସାହିତ କରି ପ୍ରତିକ୍ରିୟା ଦେଇଥିଲେ।

କୁର୍ଟିସ୍ ମାର୍ଶାଲ୍ ତିନିଟି ବିଫଳ ପ୍ରୟାସ ପରେ ୫.୯୦ ମିଟରର ସର୍ବଶ୍ରେଷ୍ଠ ଉଚ୍ଚତାକୁ ଲମ୍ଫ ପ୍ରଦାନ କରିଥିଲେ। ଏହା ୨୫ ବର୍ଷୀୟ ଡୁପ୍ଲାଣ୍ଟିସ୍ଙ୍କ ପାଇଁ ସୁଯୋଗ ସୃଷ୍ଟି କରିଥିଲା ଏବଂ ସେ ୬.୨୮ ମିଟରର ଲମ୍ଫ ସହ ଆଉ ଏକ ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ।

ମହିଳା ୪୦୦ ମିଟର ବାଧା ଦୌଡ଼ (ହର୍ଡଲ୍ସ)ରେ ଡଚ୍ ଆଥଲେଟ୍ ଫେମ୍କେ ବୋଲ୍ ଶେଷ ୧୦୦ ମିଟରରେ ଚମତ୍କାର ପ୍ରଦର୍ଶନ କରି ୫୨.୧୧ ସେକେଣ୍ଡର ସିଜନ୍ ସର୍ବଶ୍ରେଷ୍ଠ ସମୟ ସହିତ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଆମେରିକାର ଡାଲିଲା ମହମ୍ମଦ ଏକ ସେକେଣ୍ଡର ଆଠ-ଦଶମାଂଶ ପଛରେ ଦ୍ୱିତୀୟ ସ୍ଥାନରେ ରହିଥିଲେ।






# ଏମ୍ସିଏଲ୍ ପକ୍ଷରୁ 'ସ୍ୱଚ୍ଛତା ପକ୍ଷ'ର ଶୁଭାରମ୍ଭ




**ସମ୍ବଲପୁର,୧୬/୬/ଏନ୍ଏନ୍ଏସ୍:** ଭାରତ ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ଅଧୀନରେ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍ସିଏଲ୍) ଜୁନ୍ ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷ ପାଳନ କରୁଛି। ଏହି ଅବସରରେ ସୋମବାର ଏମ୍ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ କମ୍ପାନୀର ମୁଖ୍ୟ କାର୍ଯ୍ୟାଳୟରେ ନିର୍ଦ୍ଦେଶକ (ମାନବ ସମ୍ବଳ)କେଶବ ରାଓ, ମୁଖ୍ୟ ସତର୍କତା ଅଧିକାରୀ (ସିଭିଓ) ପି.କେ. ପଟେଲ, ନିର୍ଦ୍ଦେଶକ (କାର୍ଯ୍ୟକଳାପ/ଅପରେସନ୍)ଜେ.କେ. ବୋରା, ନିର୍ଦ୍ଦେଶକ (ଅର୍ଥ) ଏ.କେ. ବେହୁରା ଏବଂ ନିର୍ଦ୍ଦେଶକ (କାର୍ଯ୍ୟକଳାପ-କାର୍ଯ୍ୟକଳାପ/ଯୋଜନା ଏବଂ ପ୍ରକଳ୍ପ) ସଞ୍ଜୟ କୁମାର ଝାଙ୍କ ଉପସ୍ଥିତିରେ କର୍ମଚାରୀମାନଙ୍କୁ ସୁରକ୍ଷା ଶପଥ କରାଇ ଅଭିଯାନର ଶୁଭାରମ୍ଭ କରିଛନ୍ତି।

ଭାରତ ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟ ଅଧୀନରେ ବିଭିନ୍ନ କ୍ଷେତ୍ରରେ ସ୍ୱଚ୍ଛତା, ପରିଷ୍କାର ପରିଚ୍ଛନ୍ନତା ଏବଂ ପରିବେଶ ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଅଭିଯାନ ଆୟୋଜନ କରାଯାଉଛି। ଏହାର ଲକ୍ଷ୍ୟ କାର୍ଯ୍ୟସ୍ଥଳ, ସାର୍ବଜନୀନ ସ୍ଥାନ ଏବଂ ସମ୍ପ୍ରଦାୟ ମଧ୍ୟରେ ସ୍ୱଚ୍ଛତା ବିଷୟରେ ସଚେତନତା ସୃଷ୍ଟି କରିବା। ଏହାର ଲକ୍ଷ୍ୟ ହେଉଛି ସଫାସୁତୁରା ବଜାୟ ରଖିବା ପ୍ରତି ସାମୂହିକ ଦାୟିତ୍ୱବୋଧ ସୃଷ୍ଟି କରିବା। ଏମ୍ସିଏଲ୍ ମୁଖ୍ୟାଳୟ ସମେତ କାର୍ଯ୍ୟକ୍ଷମ କ୍ଷେତ୍ରର ୨,୦୦୦ ରୁ ଅଧିକ କର୍ମଚାରୀ ସ୍ୱଚ୍ଛତା ଏବଂ ପରିମଳ ପ୍ରତି ଏକ ଦୃଢ଼ ସାମୂହିକ ପ୍ରତିବଦ୍ଧତାକୁ ଚିହ୍ନିତ କରି ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଜୁନ୍ ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଥିବା ଏହି ପକ୍ଷ ଏମ୍ସିଏଲ୍ର ସମସ୍ତ କାର୍ଯ୍ୟକ୍ଷମ କ୍ଷେତ୍ରରେ ପାଳନ କରାଯିବ। ଏହି ଅବସରରେ ସଚେତନତା ଅଭିଯାନ,ଝୋଟ ବ୍ୟାଗ୍ ବଣ୍ଟନ, ପଥପ୍ରାନ୍ତ ନାଟକ, ସାର୍ବଜନୀନ ସ୍ଥାନରେ ସ୍ୱଚ୍ଛତା କାର୍ଯ୍ୟକଳାପ, ସ୍କୁଲ ପ୍ରତିଯୋଗିତା, ସଫେଇ କର୍ମଚାରୀଙ୍କୁ ସମ୍ମାନିତ କରିବା ଏବଂ 'ଏକ ଗଛ ଗ୍ରହଣ କରନ୍ତୁ' ପଦକ୍ଷେପ ଅଧୀନରେ ଗଛ ଲଗାଇବା ମଧ୍ୟ ଅନ୍ତର୍ଭୁକ୍ତ। ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ କମ୍ପାନୀ ମୁଖ୍ୟାଳୟ ଏବଂ ପ୍ରକଳ୍ପ କ୍ଷେତ୍ରରେ ମଧ୍ୟ ଅନେକ ପ୍ରକାରର କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra